

# ଉତ୍କଳ ପ୍ରସଙ୍ଗ

## ବନ୍ୟପ୍ରାଣୀ ସଂରକ୍ଷଣ ବିଶେଷାଙ୍କ, ୧୯୭୭





୧୯୭୭ ସେପ୍‌ଟେମ୍ବର ୨୩ ତାରିଖ ଦିନ ଭୁବନେଶ୍ୱରଠାରେ ଓଡ଼ିଶାର ରାଜ୍ୟପାଳ ରୂପେ
ଶ୍ରୀ ଭଗବତ ଦୟାଲ ଶର୍ମାଙ୍କ ଶପଥ ଗ୍ରହଣ ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏବଂ ଅନ୍ୟାନ୍ୟ ମନ୍ତ୍ରୀମାନେ ୧୯୭୭
ସେପ୍‌ଟେମ୍ବର ୧ ତାରିଖ ଦିନ ଭୁବନେଶ୍ୱର ବିମାନଘାଟିଠାରେ କେନ୍ଦ୍ର ଇସ୍ପାତ ଓ ଖଣି
ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

୧୯୬୭ ଅକ୍ଟୋବର : ଆଶ୍ୱିନ
୧୮୮୯ ଶକାବ୍ଦ
୩୪ ଖଣ୍ଡ . ତୃତୀୟ ସଂଖ୍ୟା



ଶ୍ରୀ ଅଉଧ ନାରାୟଣ ତିୱାରୀ
ଆଇ. ଏ. ଏସ୍.
ମୁଖ୍ୟ ସମ୍ପାଦକ

ମହାପାତ୍ର ନୀଳମଣି ସାହୁ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜି
ପ୍ରଚ୍ଛଦପଟ



ଓଡ଼ିଶା ସରକାରୀ ମୁଦ୍ରଣାଳୟ,
କଟକ

ବାର୍ଷିକ ଦେୟ—ଟ ୧୦·୦୦
ପ୍ରତିଖଣ୍ଡ—ଟ ୧·୦୦


*  *  *

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟରୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ୍ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଜନ ସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ଆବଶ୍ୟକରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

## ସୂଚୀପତ୍ର

ପ୍ରସଙ୍ଗ କ୍ରମେ


ଅରକ୍ଷ ପ୍ରାଣୀକୁ ରକ୍ଷା ..... ୧
ବନ୍ୟସଂପଦର ସୁଷମ ପରିଚାଳନାରେ ବନ ବିଭାଗ ଅଫିସରଙ୍କ ଭୂମିକା । ୭
ବନ୍ୟଜନ୍ତୁ ସଂରକ୍ଷଣ କାହିଁକି ? ..... ୧୧
ଆମ ସଂସ୍କୃତିରେ କିଛି ପ୍ରାଣୀଙ୍କ ନାମ ମାହାତ୍ମ୍ୟ ..... ୧୪
ଗାଁ ପାଖର କୃଷ୍ଣସାର ..... ୨୩
ଭାରତୀୟ ବଣ୍ୟା ..... ୨୬
ଜାତୀୟ ପଶୁ—ମହାବଳ ବାଘ ..... ୨୯
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ..... ୩୩
କୃଷ୍ଣସାର ମୃଗ—ଏକ ଗ୍ରାମ ପାଳିତ ପ୍ରାଣୀ ..... ୩୭
ଫୁଲ ଫୁଲ ଅଜୁରି ଫୁଲ ..... ୪୧
ବେକାର ସମସ୍ୟା ସମାଧାନରେ ବନଲକ୍ଷ୍ମୀଙ୍କ ଭୂମିକା ..... ୪୭
ରେଶମ କୀଟ ପାଳନ ଏକ ଲାଭଜନକ ବୃତ୍ତି ..... ୪୯
ବନ୍ୟଜନ୍ତୁ ସଂରକ୍ଷଣର ଆଭିମୁଖ୍ୟ ..... ୫୧
ଶସ୍ୟଦେବୀ ଦୁର୍ଗା ..... ୫୫
ଜନଜୀବନରେ ଗାନ୍ଧୀ ଦର୍ଶନ ... ୬୧
ଗପ ନୁହେଁ ସତ ..... ୬୪
ଶୁଷ୍କାଞ୍ଚଳ କ୍ଷେତ୍ରରେ ଚିତଲି ଗ୍ରାମର ସାଫଲ୍ୟ ..... ୬୭
ଆଲୁମିନିୟମ୍ ଶିଳ୍ପ ଏବଂ ଓଡ଼ିଶା ... ୬୯
ବ୍ୟାଙ୍କ କାର୍ଯ୍ୟକ୍ରମର ଗ୍ରାମ୍ୟ ଆଭିମୁଖ୍ୟ ... ୭୩
ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଉପଲକ୍ଷେ ବନ ବିଭାଗ ମନ୍ତ୍ରୀଙ୍କ ବେତାର ଭାଷଣ ୭୭
ଓଡ଼ିଶାର ନୂତନ ଉତ୍ପାଦ ... ୭୯

## ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ

# ବାର୍ତ୍ତା



ଆମ ରାଜ୍ୟ ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ । ନାନାବିଧ ବନ୍ୟ ସଂପଦ ତଥା ବିଭିନ୍ନ ଜାତିର ବନ୍ୟପ୍ରାଣୀ ଆମର ନୈତିକ ଓ ଅର୍ଥନୈତିକ ବିକାଶରେ ସହାୟକ ହୋଇ ଆସିଛନ୍ତି । ମାତ୍ର ଅତ୍ୟନ୍ତ ପରିତାପର ବିଷୟ ଯେ ବହୁସଂଖ୍ୟକ ଏହି ନିରୀହ ଜୀବଜନ୍ତୁ ଏବେ ଅବିଶ୍ୱସିତ ଭାବରେ ଧ୍ୱଂସ ପାଇ ଯାଉଛନ୍ତି । ଏମାନଙ୍କର ସୁରକ୍ଷା ଦିଗରେ ଉପଯୁକ୍ତ ଧ୍ୟାନ ଦିଆ ନଗଲେ ପ୍ରକୃତିର ଏହି ମହନୀୟ ଅବଦାନକୁ ଚିରଦିନ ପାଇଁ ଆମେ ହରାଇ ବସିବା ।

'ଅହିଂସା' ଓ 'ଜୀବେଦୟା' ନୀତିର ପୀଠସ୍ଥଳୀ ଭାରତବର୍ଷରେ ଏପରି ବର୍ବରତାର ସ୍ଥାନ ନାହିଁ । ଅହିଂସାର ବୋଧା ଗାନ୍ଧିଜୀଙ୍କର ପବିତ୍ର ଜନ୍ମମାସରେ ପାଳିତ ହେଉଥିବା ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହରେ ଏହି ଜାତୀୟ ସଂପଦର ସୁରକ୍ଷା ଦିଗରେ ଲୋକମତ ଉଦ୍‌ବୁଦ୍ଧ ହେବବୋଲି ମୋର ବିଶ୍ୱାସ ।

ନୀଳମଣି ରାଉତରାୟ



# ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଉପଲକ୍ଷେ
## ବନ ବିଭାଗ ମନ୍ତ୍ରୀଙ୍କ
# ବାର୍ତ୍ତା

ଚଳିତ ବର୍ଷ ଅକ୍ଟୋବର ୧ ତାରିଖଠାରୁ ସପ୍ତାହବ୍ୟାପୀ ସମସ୍ତ ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେବାକୁ ଯାଉଛି । ଅକ୍ଟୋବର ଦୁଇ ତାରିଖ ହେଉଛି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି । ଗାନ୍ଧିଜୀ ଥିଲେ ଅହିଂସାର ପ୍ରତୀକ । ତେଣୁ, ତାଙ୍କର ଏହି ପବିତ୍ର ଜନ୍ମସପ୍ତାହରେ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ହେଲା— 'ଜୀବେଦୟା' ନୀତିକୁ ହୃଦୟରେ ସଂସ୍ଥାପନ କରି ଅରଣ୍ୟବାସୀ ବନ୍ୟପ୍ରାଣୀଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ଓ ସେମାନଙ୍କର ସୁସ୍ଥ ସ୍ୱଚ୍ଛନ୍ଦ ଜୀବନଯାପନରେ ଅଧିକ ସୁଯୋଗ ସୃଷ୍ଟି କରିବା ।

ବଣ ଜଙ୍ଗଲରେ ବସବାସ କରୁଥିବା ବିଭିନ୍ନ ଜାତିର ପଶୁପକ୍ଷୀ ଆମ ଦେଶର ଅମୂଲ୍ୟ ସଂପଦ । ଆମର ସାମାଜିକ, ଅର୍ଥନୈତିକ ତଥା ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ଏମାନଙ୍କର ଅବଦାନ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । କିନ୍ତୁ ଅନିୟନ୍ତ୍ରିତ ଭାବରେ ଏହି ବନ୍ୟ ପଶୁପକ୍ଷୀଙ୍କୁ ଧ୍ୱଂସ କରାଯିବା ଫଳରେ ସେମାନେ କ୍ରମଶଃ ନିଶ୍ଚିହ୍ନ ହୋଇ ଯାଉଛନ୍ତି । ଯଦି ଆମେ ଏମାନଙ୍କର ଉପକାରିତାକୁ ସୁସ୍ଥ ମାନସିକ ଭିତ୍ତିରେ ବିଚାରକୁ ନିଅନ୍ତେ, ତେବେ ଏହି ନିର୍ମମ ଧ୍ୱଂସଲୀଳାର ଅବସାନ ଘଟିବା ସଙ୍ଗେ ସଙ୍ଗେ ଆମର ପ୍ରଭୂତ ଉପକାର ହୁଅନ୍ତା ।

ତେଣୁ, ଅହିଂସାର ପ୍ରତୀକ ଗାନ୍ଧିଜୀଙ୍କ ପୁଣ୍ୟ ଜନ୍ମମାସରେ ପାଳିତ ହେବାକୁ ଯାଉଥିବା ବନ୍ୟପ୍ରାଣୀ ସପ୍ତାହ ଅବସରରେ ରାଜ୍ୟବାସୀଙ୍କୁ ମୋର ଏକାନ୍ତ ନିବେଦନ ଯେ ସେମାନେ ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ଓ ମନୁଷ୍ୟେତର ଅସହାୟପ୍ରାଣୀ ସେହି ନିରୀହ ମୂକ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ଦିଗରେ ଅଧିକ ସଚେତନ ହେବେ ।

ନଟବର ପ୍ରଧାନ




# ଅରଣ୍ୟ ପ୍ରାଣୀଙ୍କୁ ରକ୍ଷ

ମହାପାତ୍ର ନୀଳମଣି ସାହୁ

## ଆଦିକବିଙ୍କର ଆଦିଶ୍ଲୋକ

ହଜାର ହଜାର ବର୍ଷ ତଳେ । ଦିନକର କଥା । ସେତେବେଳକୁ ଦସ୍ୟୁ ରତ୍ନାକର ବହୁ କଠିନ ତପସ୍ୟାରେ ମହର୍ଷି ବାଲ୍ମୀକିରେ ରୂପାନ୍ତରିତ ହୋଇ ସାରିଥିଲେ । ମାତ୍ର ତାଙ୍କ ଭିତରେ ମହାକବି ବା ଆଦିକବି ବାଲ୍ମୀକିଙ୍କର ଆବିର୍ଭାବ ଓ ସ୍ଫୁରଣ ତତ୍‌ସବଧି ଘଟି ନ ଥିଲା । ମହାମତି ବାଲ୍ମୀକି ସେଦିନ ନିଘଞ୍ଚ ଅରଣ୍ୟ ଭିତରେ ଏକୁଟିଆ ବୁଲୁଥିଲେ । ସେତେବେଳକୁ ମନୁଷ୍ୟର ତଥାକଥିତ ପାରିବାରିକ ଜୀବନ ଉପରେ ତାଙ୍କର ସ୍ୱପ୍ନ ଭଙ୍ଗ ହୋଇସାରି-ଥିଲା । ସାମାଜିକ ଜୀବନ ଉପରେ ମଧ୍ୟ ମୋହଭଙ୍ଗ ଘଟି ସାରିଥିଲା । ପ୍ରଚଳିତ ମାନବ ପରିବାର ଭିତରେ ସମସ୍ତେ ଅନ୍ୟଙ୍କର ସଂପର୍କ ଓ ସାହାଯ୍ୟ ଉପରେ ନିର୍ଭର କରି ବଞ୍ଚୁଛନ୍ତି, ଅଥଚ କେହି କାହାର କୃତ କର୍ମର ଶେଷ ପରିଣତି ପାଇଁ ଦାୟୀ ନୁହନ୍ତି—ଏହି ସ୍ୱୀକାରୋକ୍ତିଟି ଆପଣା ପରିବାରର ସମସ୍ତ ସଂପର୍କୀୟଙ୍କ ମୁଖରୁ ଶୁଣିବା ପରେ ତାଙ୍କର ମନ ସାଂସାରିକ ସମସ୍ତ ସମ୍ବନ୍ଧ ଉପରେ ତିକ୍ତ ହୋଇ ଯାଇଥିଲା । ବହୁ ପୂର୍ବରୁ ତାଙ୍କର ମନୁଷ୍ୟର ପ୍ରକୃତି ଓ ପ୍ରବୃତ୍ତି ଉପରେ ବିଶ୍ୱାସଭଙ୍ଗ ହୋଇ ସାରିଥିଲା । ସେ ଖୋଜି ବୁଲୁଥିଲେ ସେହି ହୃଦୟବତ୍ତା, ସେହି ପ୍ରେମ, ସେହି ଅନୁକମ୍ପା-ବିଗଳିତ ସଂପର୍କଟିଏ, ଯାହାକି ସଂପର୍କିତ ବ୍ୟକ୍ତିର ସମସ୍ତ ସୁଖଦୁଃଖ, ପାପପୁଣ୍ୟ ଓ ମିଳନ ବିଚ୍ଛେଦର ଦାୟିତ୍ୱ ବହନ କରୁଥିବ । ତା' ନ ହେଲେ ଏ ସଂସାର, ଏ ସମାଜ, ଏ ପରିବାର ଓ ତଜ୍ଜନିତ ସମ୍ବନ୍ଧ କୋଳାହଳ ସବୁ ବୃଥା ଆଉ ବ୍ୟର୍ଥ କିମ୍ବା ସବୁ ସଂପର୍କ ଏଠାରେ ସ୍ୱାର୍ଥକେନ୍ଦ୍ରିକ ଓ ଯାନ୍ତ୍ରିକ ।

ସେ ଯାବତ୍ ବାଲ୍ମୀକି ପାଇ ନ ଥିଲେ ତାର ସନ୍ଧାନ । ହୃଦୟ ତାଙ୍କର ନିଃସଙ୍ଗତାଜନିତ ହତାଶାରେ ଭାରି ହୋଇ ରହିଥିଲା । କିନ୍ତୁ ସେ ଦିନ ପଶୁପକ୍ଷୀବେଷ୍ଟିତ ନିବିଡ଼ ଅରଣ୍ୟରେ ବୁଲୁ ବୁଲୁ ତାଙ୍କର ଦୃଷ୍ଟିରେ ପଡ଼ିଯାଇଥିଲା ଅକସ୍ମାତ୍ ସେହି ଦୃଶ୍ୟଟି । ମୁଗ୍ଧ ଦୃଷ୍ଟିରେ ସେ ଊର୍ଦ୍ଧ୍ୱକୁ ଚାହିଁ ରହିଥିଲେ । ଗୋଟିଏ ବୃକ୍ଷ ଶାଖାରେ

ପରସ୍ପର ଦେହ ସଂଲଗ୍ନ କରି କାମମୋହିତ ଗୋଟିଏ ଶୁଭ୍ରପକ୍ଷ ସାରସ ଯୁଗଳଙ୍କର ଦାଂପତ୍ୟ ଲୀଳାବିଳାସ ଆଡ଼େ । ସେମାନେ ସେମାନଙ୍କର ଶୁଭ୍ର ବିସ୍ତାରିତ ଡେଣା ହଲାଇ ପରସ୍ପରକୁ ଆଲିଙ୍ଗନ କରୁଥିଲେ । ଲମ୍ବମାନ ଗ୍ରୀବା ଦ୍ୱାରା ପରସ୍ପରକୁ ବେଷ୍ଟନ କରୁଥିଲେ । ଏବଂ ଚଞ୍ଚୁଦ୍ୱାରା ଉଭୟ ଉଭୟକୁ ଚୁମ୍ବନାଘାତ କରୁଥିଲେ । ବିମୁଗ୍ଧ ଚିତ୍ତରେ ଭାବିଲେ ବାଲ୍ମୀକି—ଏହି ପକ୍ଷୀ ଜଗତ ତେବେ ମନୁଷ୍ୟ ଭଳି ଏତେ ନିଃସଙ୍ଗ ନୁହେଁ ! ସମଗ୍ର ପ୍ରାଣୀ ଜଗତର ପ୍ରବୃତ୍ତି ଗୁଡ଼ିକ ତେବେ କେବଳ ଯାନ୍ତ୍ରିକ ବ୍ୟାପାର ନୁହେଁ । ଜାଗତିକ ପ୍ରାଣ ଲୀଳା ମାତ୍ରେକ ତେବେ କ'ଣ ଏତେ ଆନନ୍ଦମୟ ? ......କିନ୍ତୁ ଏ କ'ଣ ହେଲା ?

ହଠାତ୍ ବଣବୁଦାର ଗୋପନ ଆଢୁଆଳରୁ ନିର୍ମମ ଏକ ବ୍ୟାଧର ତୀକ୍ଷଣ ଶର ପ୍ରହାରରେ ସାରସ ଯୁଗଳ ମଧ୍ୟରୁ ଗୋଟିକର ଭୂପତନ ହେଲା ଏବଂ ବିକଳ ସ୍ୱରରେ ଆର୍ତ୍ତ ଚିତ୍କାର କରୁ କରୁ ତାର ପ୍ରାଣବାୟୁ ଉଡ଼ିଗଲା । ଏବଂ ଆହୁରି ଆଶ୍ଚର୍ଯ୍ୟ—ଅନ୍ୟ ସାରସଟି ତାର ଭୂପତିତ ମୃତ ସାଥୀଟି ପାଖକୁ ଉଡ଼ି ଆସି ହୃଦୟ ବିଦୀର୍ଣ୍ଣକାରୀ ସ୍ୱରରେ ବିଳାପ କରିବାକୁ ଲାଗିଲା । ମହାନ୍ ସହୃଦୟ ମହର୍ଷି ବାଲ୍ମୀକିଙ୍କର ଶୋକ ସମୁଦ୍ର ଉଚ୍ଛୁଳି ଉଠିଲା । ତାଙ୍କର ବୈରାଗ୍ୟଦୀପ୍ତ ଚକ୍ଷୁ ଯୁଗଳରୁ ଧାର ଧାର ହୋଇ ଅଶ୍ରୁ ଗଡ଼ିଲା । ଏହି ସମୟରେ ଧନୁର୍ବାଣଧାରୀ ଯମ ସଦୃଶ ବିକଟାଳ ହିଂସ୍ରମନା ସେହି ପକ୍ଷୀଘାତକ ବ୍ୟାଧ ବୁଦା ଆଢୁଆଳରୁ ବାହାରି ଆସି ମୃତ ପକ୍ଷୀଟିକୁ ନେବାଲାଗି ବସନ୍ତେ—ପ୍ରାଣୀ-ଦୁଃଖ-କାତର ଶୋକାର୍ତ୍ତ ବାଲ୍ମୀକି ବ୍ୟାଧ ଉଦ୍ଦେଶ୍ୟରେ ଏହି ଅଭିଶାପ ବାଣୀ ଉଚ୍ଚାରଣ କଲେ—

"ହେ ନୃଶଂସ ବ୍ୟାଧ ! କାମ-ମୋହିତ ହୋଇ ଆନନ୍ଦ ଉପଭୋଗ କରୁଥିବା ସାରସ ଯୁଗଳଙ୍କ ଭିତରୁ ଅତର୍କିତ ଭାବେ ଜଣକୁ ହତ୍ୟା କରି ଅନ୍ୟଟିକୁ ଏହି ଭାବେ ଶୋକଗ୍ରସ୍ତ କରାଇଲୁ । ମୋର ଅଭିଶାପ, ଏହି ନୃଶଂସ କର୍ମ ଲାଗି ଜଗତରେ ତୋତେ ଆଦୌ ପ୍ରତିଷ୍ଠା ମିଳିବ ନାହିଁ" । ବାଲ୍ମୀକିଙ୍କର ଏହି ଶୋକ ବାଣୀ ହଠାତ୍ ଏକ ଆବେଗ ଉଚ୍ଛ୍ୱାସପୂର୍ଣ୍ଣ କବିତା ବା ଶ୍ଳୋକ ଆକାରରେ ପ୍ରକାଶ ପାଇଲା ଏବଂ କଥିତ ଅଛି, ଏହାହିଁ ମାନବର ସଂସ୍କୃତି ଇତିହାସରେ ପ୍ରଥମ ରସାତ୍ମକ ବାକ୍ୟ ।

ସେହି ଦିନୁ ବନର ପଶୁପକ୍ଷୀଙ୍କୁ ନିର୍ବିଘ୍ନରେ ମାରି ଜୀବିକା ଅର୍ଜନ କରୁଥିବା ମନୁଷ୍ୟମାନଙ୍କୁ ଚଣ୍ଡାଳ ବୋଲି ଚିହ୍ନିତ କରା ଯାଇଛି । ଏବଂ ସେମାନଙ୍କୁ ଗ୍ରାମଠାରୁ ଦୂରରେ ବାସ କରିବାକୁ ସମାଜ ବ୍ୟବସ୍ଥା କରିଛି । ଏବଂ ଆଜି ପକ୍ଷୀତତ୍ତ୍ୱବିତ୍‌ମାନେ ଏଭଳି ତଥ୍ୟ ପାଇଛନ୍ତି ଯେ ସାରସ ଦଂପତିଙ୍କ ଭିତରୁ ଜଣକର ଅକସ୍ମାତ୍ ମୃତ୍ୟୁ ହେଲେ ଅନ୍ୟଟି ଆଉ ଦ୍ୱିତୀୟ ସାଥୀ ଗ୍ରହଣ କରେ ନାହିଁ । ଜୀବନ ସାରା ସେ ମୃତ ସାଥୀଟି ଲାଗି ବିଳାପ କରେ ।

## ପକ୍ଷୀହତ୍ୟାର ବାସ୍ତବ ଉଲ୍ଲାସ

କିନ୍ତୁ ଆଜି ? ପକ୍ଷୀ ଶୀକାର ସଂଭ୍ରାନ୍ତ ବ୍ୟକ୍ତିମାନଙ୍କର ଏକ ଅଭିଜାତ ସୌଖୀନ ବିଳାସ । ତାହା ପୁଣି କେବଳ ମାଂସ ଲୋଭରେ ନୁହେଁ । ଉଡ଼ନ୍ତା ଅଥବା ନିଶ୍ଚିନ୍ତରେ ବୃକ୍ଷଶାଖା ଉପରେ ବସିଥିବା ଅଥବା ଜଳ ମଧ୍ୟରେ ଆନନ୍ଦରେ ସନ୍ତରଣ କରୁଥିବା ପକ୍ଷୀକୁ ଅତର୍କିତେ ଗୁଳିବିଦ୍ଧ କରି ତାର ମୃତ୍ୟୁକାଳୀନ ଛଟପଟ ଦୃଶ୍ୟକୁ ଉପଭୋଗ କରିବାର ଏକ ନାରକୀୟ ବିକୃତି ଗର୍ହିତ ଉଲ୍ଲାସବୋଧର ଅପପ୍ରେରଣାରେ ।

ଆମର ବଣ ଜଙ୍ଗଲରେ ଓ ହ୍ରଦ ତଡ଼ାଗମାନଙ୍କରେ ଯେତେ ସଂଖ୍ୟକ ଓ ଯେତେ ପ୍ରକାର ପକ୍ଷୀ ପୂର୍ବେ ଥିଲେ, ବର୍ତ୍ତମାନ ସେମାନଙ୍କର ସେ ସଂଖ୍ୟା ନୈରାଶ୍ୟଜନକ ଭାବେ କମିଯାଇଛି । ଏପରିକି ଗାଁ ଗଣ୍ଡାରେ ମଧ୍ୟ ଆମର ଅତି ପରିଚିତ କୁଆ, କୋଇଲି, କଜଳପାତି, ଭଦଭଦଳିଆ, ଚଢ଼େଇ, ଗୋବରା, ପାଣିକୁଆ, ବଗ, କୁଣ୍ଡାଖିଆ, ବଣି, ଘୁକାଳିକା, ଧୋବଣୀ, ମାଛରଙ୍କା, ଶଂଖଚିଲ, ପେଚା, କାଠହଣା, କପୋତ, ପୁରୁଚିଆ, ବାଇଆ, ଝୁଅଁମୁନିଆ, ଟେଣ୍ଟେଇ ଓ ଅସଂଖ୍ୟ ଅଜଣା ପକ୍ଷୀ, ସେମାନଙ୍କର ମଧୁର କଳକୂଜନରେ ଗ୍ରାମ ଛାଡ଼ି କଣର ଗଛବୃଛ, ବଣବୁଦାକୁ ଆଉ ସଂଗୀତ ମୁଖରିତ କରୁ ନାହାନ୍ତି । ତାର କାରଣ ସ୍ୱରୂପ କୁହାଯାଉଛି ଯେ କେବଳ ଯେ ବନାଞ୍ଚଳରୁ ଗଛବୃଛମାନ ବହୁଳ ଭାବେ କାଟି ଦିଆଯାଇଛି, ତା ନୁହେଁ—ଗାଁ ଗହଳିରେ ବି ବହୁ ପ୍ରାଚୀନ ବୃକ୍ଷ (ବଟ, ଅଶ୍ୱତ୍ଥ, ଆମ୍ବ, ପଣସ, ଶିମିଳି, ତାଳ, ଫାସି ଆଦି) ଓ ବଣ ବୁଦା ମାନ ନିର୍ବିଚାରରେ କଟା ହୋଇ ଗାଁ ଗଣ୍ଡା ବୃକ୍ଷ ପାଲଟି ଗଲଣି । ଏପରିକି ରାସ୍ତାକଡ଼ରେ ମଧ୍ୟ ପୂର୍ବେ ଜିଲ୍ଲାବୋର୍ଡ ଓ ଲୋକାଲ ବୋର୍ଡ ତରଫରୁ ଯେଉଁ ସବୁ ଛାୟା ଓ ଫଳପ୍ରଦାୟକ ବୃକ୍ଷମାନ ଲଗାଯାଇଥିଲା, ସେଗୁଡ଼ିକ ମଧ୍ୟ ନିର୍ବିରୋଧରେ କଟାହୋଇଗଲଣି । ଉଦାହରଣ ସ୍ୱରୂପ ଉପକୂଳ ଅଞ୍ଚଳର ତିନୋଟି ରାସ୍ତାକଥା ନିଆଯାଉ । କଟକ-ନିଆଳୀମାଧବ ରୋଡ଼, କଟକ-କେନ୍ଦ୍ରାପଡ଼ା ରୋଡ଼, ଓ ସ୍ୱୟଂ ଜଗନ୍ନାଥ ସଡ଼କର ଦୁଇପାର୍ଶ୍ୱରେ ଯେଉଁ ଅତିପ୍ରାଚୀନ, ପ୍ରାଚୀନ ଓ ଅର୍ବାଚୀନ ବୃକ୍ଷଗୁଡ଼ିକ ଦଶ ପନ୍ଦର ବର୍ଷ ତଳେ ଥିଲା ସେ ଗୁଡ଼ିକ ଆଜି ସମୂଳେ କର୍ତ୍ତିତ । ତା ଜାଗାରେ ଦୃଶ୍ୟମାନ ହେଲା ଭଳି ନୂତନ ବୃକ୍ଷ ମଧ୍ୟ ବିଶେଷ ରୋପଣ କରାଯାଉ ନାହିଁ । ଏଥି ପ୍ରତି ଜନସାଧାରଣଙ୍କ ର ଆଦୌ ଭ୍ରୂକ୍ଷେପ ନାହିଁ । ଏତଦ୍ ବ୍ୟତୀତ ଯେଉଁସବୁ ଛୋଟ ଛୋଟ

ରଣ ବୁଦା, ବୋଟାମାଳ, ବଣିଆ ଓ ଚରାଭୂଇଁମାନ ପ୍ରତିଗ୍ରାମର ଚତୁଃପାର୍ଶ୍ୱରେ ଥିଲା, ସେ ଗୁଡ଼ିକ ମଧ୍ୟ ବର୍ତ୍ତମାନ ପତା ହୋଇ ଗଲାଣି ଏବଂ ଲୋକଙ୍କ ଘରଷ ଜମିରେ ପରିଣତ ହୋଇଗଲାଣି । ଏ ସକାଶୁ ପକ୍ଷୀମାନଙ୍କ ଲାଗି ଓ ଛୋଟ ଛୋଟ ବଣୁଆ ଜନ୍ତୁମାନଙ୍କ (ଠେକୁଆ, କୋଡ଼ି, ବିଲୁଆ ଶାଳିଆପତ୍‌ନୀ, ଓଧ, କଟାଶ, ଗଧିଆ ପ୍ରଭୃତି) ଲାଗି ସେଠି ଆଉ ବାସଯୋଗ୍ୟ ସ୍ଥାନ ନାହିଁ । ଏହା ଛଡ଼ା ଚଢ଼େଇ ଶୀକାର ବହୁ ଲୋକଙ୍କର ଗୋଟେ ନିଶା ମଧ୍ୟ ହୋଇଯାଇଛି ।

## ପ୍ରାଣୀମାନେ ଅଭୟ ରହନ୍ତୁ

କେବଳ ପକ୍ଷୀ ନୁହଁ ବଣର ଜୀବଜନ୍ତୁଙ୍କୁ ମାରିବା ବ୍ୟତୀତ ଆମ ମନରେ ସେମାନଙ୍କ ପ୍ରତି ଆଉ କୋଉ ପ୍ରକାର ମନୋଭାବ ପ୍ରତିଷ୍ଠିତ ନାହିଁ । ଆମେ ତ ନିର୍ବି-ରୋଧରେ ବଣମାନଙ୍କରୁ ଗଛବୃକ୍ଷ କାଟି ଚାଲିଛୁ—ସେହି-ପରି ନିର୍ବିଘ୍ନରେ ବଣ୍ୟ ପ୍ରାଣୀଙ୍କୁ ମଧ୍ୟ ବଧ କରି ଚାଲିଛୁ । ଚମଡ଼ା ପାଇଁ, ସିଙ୍ଗପାଇଁ, ହାଡ଼ ବା ଦାନ୍ତ ପାଇଁ, ଲୋମ-ପାଇଁ, ପର ପାଇଁ ଏବଂ ସର୍ବୋପରି ମାଂସ ଲୋଭରେ ଆମେ ଠେକୁଆ ଠାରୁ ବାଘ ପର୍ଯ୍ୟନ୍ତ ସବୁ ପ୍ରାଣୀଙ୍କୁ ଆମର ଅବଶ୍ୟ ବଧ୍ୟ ଜୀବ ବୋଲି ସ୍ଥିର କରିନେଇଛୁ । ସେଥି-ଯୋଗୁଁ ବଣର ବହୁ ବିଶିଷ୍ଟ ଓ ସୁନ୍ଦର ନିରୀହ ପ୍ରାଣୀଙ୍କ ସଂଖ୍ୟା କ୍ରମାଗତ କମିବାରେ ଲାଗିଥିଲା । ଅବଶ୍ୟ ଏବେ ସରକାର ସେ ସମ୍ବନ୍ଧେ ଖୁବ୍ ସଚେତନ ହୋଇ ଅଭୟାରଣ୍ୟମାନ ସୃଷ୍ଟି କଲେଣି ଓ ବନଜନ୍ତୁମାନଙ୍କୁ ଅଯଥା ବଧ କରିବା ଉପରେ କଠୋର ନିଷେଧାଜ୍ଞା ଜାରି କଲେଣି । କିନ୍ତୁ କେବଳ ସରକାରୀ ଆଦେଶବଳରେ ଏହା ଫଳପ୍ରସୂ ହୋଇପାରିବ ନାହିଁ । ଜନସାଧାରଣଙ୍କର ଗଛବୃକ୍ଷ ଓ ବଣର ଜିବଜନ୍ତୁଙ୍କ ପ୍ରତି ମନୋଭାବରେ ମୌଳିକ ପରିବର୍ତ୍ତନ ନ ଆସିଲେ ଆମେ ବନ ଓ ତାର ଜୀବଜନ୍ତୁ ସମେତ ଅମୂଲ୍ୟ ସଂପଦମାନ ମଧ୍ୟ ହରାଇ ବସିବୁ ।

ଏ ଦିଗରେ ଆମର ପ୍ରଥମ କଥା ଦେଖିବାର ହେଉଛି—ବଣର ପଶୁପକ୍ଷୀ ଯେମିତି ଆମ ପ୍ରତି ନିର୍ଭୟ ରହିବେ । ଆମେ ଜାଣିବା ଉଚିତ୍ ଯେ, ପ୍ରାଣୀମାନେ ସେମାନଙ୍କର ସହଜ ବୁଦ୍ଧିରେ ଆମର ଅନ୍ତର୍ଗତ ମନୋ-ଭାବକୁ ଯେପରି ଖୁବ୍ ଚଟାପଟ୍ ଧରି ନିଅନ୍ତି । ଖୁବ୍ ବୁଦ୍ଧିମାନ ମନୁଷ୍ୟ ବି ସେ ଦିଗରେ ସେମାନଙ୍କ ପାଖେ ହାର ମାନିଯିବ । ଆମର ଚାହାଣୀରୁ, ଆମର ଦୈହିକ ଭାବଭଙ୍ଗୀରୁ, ଏପରିକି ଆମର ଅନ୍ତରସ୍ଥ ସୂକ୍ଷ୍ମଚିନ୍ତା ଓ ଅନୁଭବର ସୂକ୍ଷ୍ମତମ କଂପନରୁ ମଧ୍ୟ ସେମାନେ ହଠାତ୍ ବୁଝିନେଇ ପାରନ୍ତି, ଆମେ ସେମାନଙ୍କ ପ୍ରତି ଦୟାଳୁ, କିମ୍ବା ହିଂସ୍ର, କିମ୍ବା ଈର୍ଷୁକ, କିମ୍ବା କୁଟିଳ ଅଥବା ପ୍ରୀତିଭାବାପନ୍ନ । ତଦନୁଯାୟୀ ସେମାନେ ପ୍ରତିକ୍ରିୟା ମଧ୍ୟ ଦେଖାଇଥାଆନ୍ତି । ଆଧୁନିକ ପ୍ରାଣୀବିଜ୍ଞାନର ମନସ୍ତତ୍ତ୍ୱ ପ୍ରାଣୀମାନଙ୍କ ଆଚରଣ ସ୍ୱଭାବ, ଓ କ୍ରିୟା ପ୍ରତି-କ୍ରିୟା ସମ୍ବନ୍ଧେ ଏପରି ସବୁ ତଥ୍ୟ ପରିବେଷଣ କଲଣି, ଯାହା ଶୁଣିଲେ ବା ଦେଖିଲେ, ଆଶ୍ଚର୍ଯ୍ୟ ଲାଗେ । ବହୁ ପ୍ରାଣୀ ଏପରି ମାନବୀୟ ଅନୁଭୂତି ବା ଆଚରଣ ପ୍ରଦର୍ଶନ କରନ୍ତି, ଯାହାକି ଜଣେ ସାଧାରଣ ମଣିଷଠାରେ ମଧ୍ୟ ଏତେ ସୁସ୍ପଷ୍ଟଭାବେ ପ୍ରକାଶ ପାଇବା ଦେଖାଯାଏ ନାହିଁ । ଉଦାହରଣ ସ୍ୱରୂପ, ସିଂହ ବା ବ୍ୟାଘ୍ରମାନଙ୍କର ଆତ୍ମସମ୍ମାନବୋଧ ଓ ଉପକାରୀ ପ୍ରତି କୃତଜ୍ଞତା ଜ୍ଞାପନ, ହସ୍ତୀର ସଚେତନ ପ୍ରତିଶୋଧ ମୂଳକ ମନୋଭାବ ଓ କୌତୁକ ପ୍ରିୟତା, ଶୃଗାଳର ଧୂର୍ତ୍ତ ସତର୍କତା, ମୟୂରର ରାଜକୀୟ ଅହମିକା ଓ ନୃତ୍ୟଶୀଳତା, ଶାରୀ ବା ଶୁକପକ୍ଷୀମାନଙ୍କର ମନୁଷ୍ୟ କଣ୍ଠକୁ ଅନୁକରଣ କରିବାର କ୍ଷମତା ଇତ୍ୟାଦି ତ ଆମର ଜଣାଶୁଣା କଥା । କିନ୍ତୁ ପଶୁପକ୍ଷୀମାନଙ୍କର ଆହୁରି ବିଚିତ୍ର ସୂକ୍ଷ୍ମବୋଧ ଶକ୍ତି ଓ ବୁଝାମଣାର ତଥ୍ୟ ମଧ୍ୟ ବର୍ତ୍ତମାନ ନିଃସନ୍ଦେହ ପ୍ରମାଣିତ ।

## ବଣର ପ୍ରାଣୀ ଆମର ବନ୍ଧୁ

ଏ ସ୍ଥଳେ ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ କଥା ହେଲା, ବନର ପ୍ରାଣୀମାନଙ୍କ ଜୀବନ ସଙ୍ଗେ ମନୁଷ୍ୟ ଜୀବନର ଘନିଷ୍ଠ ସଂପର୍କ ଏବଂ ମନୁଷ୍ୟର ସୁସ୍ଥ ଜୀବନ ଲାଗି ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବର୍ତ୍ତମାନ ଏକ ଜୀବନ ବିଜ୍ଞାନ ବିଷୟକ ତତ୍ତ୍ୱରୂପେ ପ୍ରତିଷ୍ଠିତ ହୋଇ ସାରିଲାଣି । ଅରଣ୍ୟରୁ ବାଘ, ହରିଣ ଓ ହାତୀଙ୍କ ସଂଖ୍ୟା ବା ସାପଙ୍କ ସଂଖ୍ୟା ଅନୁପାତ ସୀମାରୁ କମିଗଲେ ଓ ଗାଁ ଗହଳିରୁ ବି ସାପ, ଗୋଧି, ଶାଳିଆପତନୀ, ଗଧିଆ, ବିଲୁଆଙ୍କ ସଂଖ୍ୟା ଅନୁପାତ ସୀମାରୁ ଖୁବ୍ ତଳକୁ କମିଗଲେ, ଏଣେ ମଣିଷଙ୍କ ଜୀବନଧାରଣ ପ୍ରକ୍ରିୟାରେ କି କ୍ଷତି ଘଟୁଛି, ତାହା ଆଉ ଅଜଣା ତଥ୍ୟ ହୋଇ ରହି ନାହିଁ । ଏକ ସୁସ୍ଥ ଓ ସଙ୍ଗତ ମାନବୀୟ ଜୀବନ ବଞ୍ଚିବା ପାଇଁ ମନୁଷ୍ୟେତର ଜୀବଜନ୍ତୁଙ୍କ ସଙ୍ଗେ ଆମର କେତେ ଘନିଷ୍ଠ ହାର୍ଦ୍ଦିକ ସଂପର୍କ ରହିବା ଉଚିତ, ତାହା ବର୍ତ୍ତମାନ ବିଜ୍ଞାନସମ୍ମତ ଏକ ଅବଶ୍ୟ ଆବଶ୍ୟକତା ରୂପେ ପ୍ରମାଣିତ ହୋଇଗଲାଣି । ମନୁଷ୍ୟ ଯଦି ମଧ୍ୟେ ମଧ୍ୟେ ବଣ ଜଙ୍ଗଲରେ ଭ୍ରମଣ ନ କରେ ଓ ବଣର ପଶୁ ପକ୍ଷୀଙ୍କୁ ଭଲଭାବେ ନ ଦେଖେ, ଓ ତାକୁ ଅନୁଭୂତିରେ ସୁଖକର ଭାବେ ନ ଘେନେ, ତେବେ ତାର ଚିରବୃତ୍ତି ଅତି ସ୍ଥୂଳ ଓ ଯାନ୍ତ୍ରିକତାରେ କର୍କଶ ହୋଇଯିବ । ଗୁଣ୍ଡୁଣୀ ହାତୀଟିକୁ ଝୁଲିବାର ଦେଖିଲେ, ମୟୂରର ବିସ୍ତାରିତ ପୁଚ୍ଛ ନୃତ୍ୟ ଦେଖିଲେ, ପଦ୍ମତୋଳା ଶୁଣି ଫଣା ହଲାଇ ଖେଳୁଥିବା ସାପ ଦେଖିଲେ, ଧାଡ଼ିବାନ୍ଧି ଆକାଶରେ ଉଡ଼ୁଥିବାର ବା ପାଣିରେ ପହଁରୁଥିବାର ହଂସମାନଙ୍କୁ ଦେଖିଲେ, ବା ବୁଦାଉହାଡ଼ରୁ ଖସ୍ ଖସ୍ ହୋଇ ଚାଲି ଯାଉଥିବା ଗୋଧିଟିକୁ ଦେଖିଲେ ଆମର ମନ ପ୍ରକୃତି ଭିତରେ ସମନ୍ୱୟତା ପୁଲକରେ ଓ ଚିରବିସ୍ମୟର ଜନିତ

ସୁଖବୋଧ ହୁଏ । ସ୍ନାୟୁପୀଡ଼ା ବହୁଭାବେ ଲଘବ ହୁଏ ଏବଂ ଆମକୁ ବହୁ ମାନସିକ ରୋଗରୁ ରକ୍ଷାମିଳେ ।

ଏ ସ୍ଥଳେ ପଶୁ ପକ୍ଷୀଙ୍କ ସଙ୍ଗେ ଆମେ ଖୁବ୍ ସୁନ୍ଦର ବନ୍ଧୁତ୍ୱ ମଧ୍ୟ ସ୍ଥାପନ କରିପାରୁ । ସେମାନଙ୍କୁ ପ୍ରୀତି ଦେଇ ସେମାନଙ୍କ ଠାରୁ ପ୍ରୀତିର ପ୍ରତିଦାନ ଓ ସାହାଯ୍ୟ ମଧ୍ୟ ଲାଭ କରିପାରୁ । ଦେଶ ବିଦେଶର ସାମୟିକ ବହୁ ବିଚିତ୍ର ସମ୍ବାଦରୁ ଏହା ପ୍ରତିପନ୍ନ ହୋଇଥାଏ ।

ଆନ୍ଡ୍ରୋକ୍ଲିସ୍ ନାମକ ଜଣେ ପଳାତକ କ୍ରୀତଦାସ ପ୍ରତି ତା ଦ୍ୱାରା ପୂର୍ବେ ଉପକୃତ ହୋଇଥିବା ଗୋଟିଏ ସିଂହ କିପରି ଠିକଣା ସମୟରେ ସ୍ନେହ ଓ କୃତଜ୍ଞତା ପ୍ରଦର୍ଶନ କରିଥିଲା, ଗୋଟିଏ ମାଈଭାଲୁ କିପରି ଗୋଟିଏ ମଣିଷ ଛୁଆକୁ ନେଇ ଦୁଇବର୍ଷ ପର୍ଯ୍ୟନ୍ତ ସ୍ତନ୍ୟଦେଇ ପାଳି ରଖିଥିଲା, ଗୋଟିଏ ବାଘୁଣୀ କିପରି ଗୋଟିଏ ମନୁଷ୍ୟ ସଙ୍ଗେ ବାରମ୍ବାର ବନ୍ଧୁତ୍ୱ ପ୍ରଦର୍ଶନ କରି ଶେଷରେ ଗାଁ ବାଲାଙ୍କ ଗୁଳିରେ ମଲା, ଏ ସବୁ ସମ୍ବାଦ ସହିତ ଓଡ଼ିଶାରେ ବ୍ୟାଘ୍ର ଯୋଜନା ଅଫିସର ଶ୍ରୀ ସରୋଜ ଚୌଧୁରୀ, ଓ ତାଙ୍କର ଭଗ୍ନୀ ନିହାରବାଳାଙ୍କ ସଙ୍ଗେ ଖଇରୀ ନାମ୍ନୀ ବାଘୁଣୀର ଯେଉଁ ମାନବୀୟ ସଂପର୍କ ବର୍ତ୍ତମାନ ପ୍ରମାଣିତ ହୋଇଛି—ସେଥିରୁ ନିର୍ଯ୍ୟାସ ଏହି ତଥ୍ୟଟି ସ୍ଥିର ଯେ, ବଣର ପ୍ରାଣୀ ବୋଲି ଆମେ ଯେଉଁମାନଙ୍କୁ ଘୃଣା, ତାଚ୍ଛଲ୍ୟ ବା ହିଂସା କରୁଛୁ ଓ କେବଳ ଆମର ବାସନା ଓ ଲାଳସା ପୂରଣ ଲାଗି ସେମାନଙ୍କୁ ସୃଷ୍ଟି କରାଯାଇଛି ବୋଲି ମନେ କରୁଛୁ—ତାହା ଅତ୍ୟନ୍ତ ଏକ ଗର୍ହିତ ମନୋବୃତ୍ତି ଓ ମାରାତ୍ମକ ଭ୍ରମ ଅଟେ । ମନୁଷ୍ୟର ସ୍ନେହଶୀଳ ହୃଦୟ ପାଖରେ କେବଳ ମଣିଷ ନୁହେଁ——ବନର ପ୍ରାଣୀ ମଧ୍ୟ ବାନ୍ଧି ପଡ଼ିପାରନ୍ତି ।

ରାମାୟଣ ଯୁଗକୁ ପୁନଶ୍ଚ ଅନୁଶୀଳନ କରି ଦେଖାଯାଉ । ଜଟାୟୁ ନାମକ ବୃହଦାକାୟ ବନପକ୍ଷୀ ଥିଲେ ମହାରାଜା ଦଶରଥଙ୍କର ବନ୍ଧୁ । ସେହି ଜଟାୟୁ ବୃଦ୍ଧ ଓ ଅସହାୟ ଅବସ୍ଥାରେ ବି ଅନ୍ୟାୟ ବିରୋଧରେ ସୀତାପହରଣକାରୀ ରାକ୍ଷସ ରାବଣ ସଙ୍ଗେ ଯୁଦ୍ଧକରି ତା' ହାତରେ ପ୍ରାଣ ଦେଇଥିଲେ । ସ୍ୱୟଂ ରାମଚନ୍ଦ୍ର ମଧ୍ୟ ବନବାସୀ ମର୍କଟ ଓ ଭଲ୍ଲୁକମାନଙ୍କ ସାହାଯ୍ୟରେ ସମୁଦ୍ରରେ ସେତୁ ବାନ୍ଧି ଲଙ୍କାର ପ୍ରବଳ ପ୍ରତାପୀ ଅତ୍ୟାଚାରୀ ରାକ୍ଷସ ରାବଣକୁ ସବଂଶେ ନିହତ କରି ସୀତା-ଉଦ୍ଧାର କରିଥିଲେ । ମର୍କଟରାଜ ସୁଗ୍ରୀବ, ଅଙ୍ଗଦ ଓ ଭଲ୍ଲୁକରାଜ ସୁଷେଣ, ଜାମ୍ବବାନ ପ୍ରଭୃତି ରାମଚନ୍ଦ୍ରଙ୍କର ଅନୁଗତ ବନ୍ଧୁଥିଲେ । ସମଗ୍ର ପୁରାଣ ସାହିତ୍ୟ ଅନୁଶୀଳନ କଲେ ଦେଖାଯାଏ, ବହୁ ଗୁଣବନ୍ତ ପ୍ରତିଷ୍ଠାବାନ ବ୍ୟକ୍ତିଙ୍କର ବନ୍ଧୁବାନ୍ଧବ ରୂପେ ବହୁ ବନ୍ୟପ୍ରାଣୀ ମଧ୍ୟ ବିଖ୍ୟାତ ହୋଇଛନ୍ତି । ପୁରାଣମାନଙ୍କରେ ବାନର ପଶୁପକ୍ଷୀମାନଙ୍କର ସମ୍ବନ୍ଧେ ଅତି ଉପାଦେୟ ହୃଦୟସ୍ପର୍ଶୀ ଗଳ୍ପମାନ ମଧ୍ୟ ରହିଛି ।

ଆମର ଭାରତୀୟ ସାଂସ୍କୃତିକ ପରଂପରାରେ ବଣ୍ୟ ପଶୁପକ୍ଷୀଙ୍କ ସଙ୍ଗେ ମନୁଷ୍ୟର ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଉପରେ ଖୁବ୍ ଗୁରୁତ୍ୱ ଦିଆଯାଇଛି ଏବଂ ରାଜାମାନେ ମଧ୍ୟେ ମଧ୍ୟେ ଧନୁର୍ବିଦ୍ୟାରେ ପାରଙ୍ଗମତା ଦେଖାଇବା ଲାଗି ଓ ବନଭୂମି ସମେତ ବନ ପଶୁପକ୍ଷୀଙ୍କ ସମ୍ବନ୍ଧେ ଅଭିଜ୍ଞତା ଅର୍ଜନ ଲାଗି, ମୃଗୟା କରୁଥିଲେ ବି, ମୃଗୟାକୁ ବ୍ୟସନ ରୂପେ ଗ୍ରହଣ କରିବା କଥାକୁ ଶାସ୍ତ୍ରରେ ଅତି ନିନ୍ଦନୀୟ ବ୍ୟାପାର ବୋଲି ଘୋଷଣା କରାଯାଇଛି ।

ସେ କାଳରେ ବି ମୁନିଋଷିମାନେ ଆଶ୍ରମ ସ୍ଥାପନ କରିଥିବା ଅରଣ୍ୟମାନଙ୍କରେ ପଶୁପକ୍ଷୀ ଶୀକାର ଏକ ଅତ୍ୟନ୍ତ ଗର୍ହିତ କର୍ମରୂପେ ଗଣ୍ୟ କରାଯାଉଥିଲା ଏବଂ ଋଷି ଆଶ୍ରମ ସନ୍ନିକଟ ଅରଣ୍ୟକୁ ରାଜାମାନେ ପଶୁପକ୍ଷୀଙ୍କ ଲାଗି ଅଭୟାରଣ୍ୟ କରି ରଖିଥିଲେ । ଫଳରେ ବାଘ, ଭାଲୁ, ହରିଣ, ଶଶକାଦି ଜନ୍ତୁଙ୍କ ସମେତ ପକ୍ଷୀମାନେ ମଧ୍ୟ ଆଶ୍ରମ ସନ୍ନିକଟ ବଣରେ ପରସ୍ପର ପ୍ରତି ହିଂସା ଓ ଭୟ ତ୍ୟାଗକରି ମିତ୍ରଭାବେ ରହୁଥିଲେ । ବୁଝିବା କରିବାର କଥା ଯେ, ମନୁଷ୍ୟ କେତେଦୂର ସୁସ୍ଥ, ସୁକୁମାର ଓ ଭଦ୍ର ଚେତନାବନ୍ତ ହେଲେ ଯାଇ ପଶୁପକ୍ଷୀଙ୍କ ସଙ୍ଗେ ମିତ୍ରଭାବ ସ୍ଥାପନ କରିପାରେ । ସତକଥା—ଆମକୁ ଦେଖି ଯଦି ବଣର ପ୍ରାଣୀମାନେ ଅଭୟ ନ ପାଇଲେ, ତେବେ ଆମେ କଣ ସତକୁ ସତ ମଣିଷ ? କେଉଁ ଗୁଣରେ ତା'ହେଲେ ଆମେ ବଣ୍ୟ ପଶୁପକ୍ଷୀଙ୍କ ଠାରୁ ଉନ୍ନତ ?

## ପ୍ରାଣୀଙ୍କ ଦାୟିତ୍ୱ ଆମ ଉପରେ

ମନୁଷ୍ୟ ବର୍ତ୍ତମାନ ଏ ପୃଥିବୀରେ ସବୁଠାରୁ ବୁଦ୍ଧିମାନ, ବଳବନ୍ତ, ଦୁରନ୍ତ ଓ ଜଳ ସ୍ଥଳ ଆକାଶରେ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରାଣୀ । କିନ୍ତୁ ଏତେ ବୁଦ୍ଧି, ଏତେ ବଳ, ଓ ଏତେ ପ୍ରଭାବଶାଳୀତା ସାଙ୍ଗକୁ ମନୁଷ୍ୟ ଭିତରେ ଯଦି ପ୍ରେମ, ଶ୍ରଦ୍ଧା ଓ ଭଦ୍ରଭାବ ତଦନୁଯାୟୀ ବୃଦ୍ଧି ନ ପାଏ, ତେବେ ଆମେ ଯେପରି ବଣ୍ୟ ପ୍ରାଣୀମାନଙ୍କୁ ଭାବୁ, ସମଗ୍ର ପ୍ରାଣୀଜଗତ ଆମକୁ ତଦ୍ରୂପ ଏକ ଅବିଶ୍ୱାସୀ, ଜିଘାଂସାପରାୟଣ, ଭୀତିପ୍ରଦ, ଅଭଦ୍ର ଜନ୍ତୁରୂପେ ଅନୁଭବ କରିବ ଏବଂ ଏହାଠାରୁ ବଳି ଅପମାନଜନକ କଥା ଆଉ ଆମ ପକ୍ଷରେ ଭଲା କଣ ଥାଇପାରେ ?

ଅବଶ୍ୟ ସୁଖର କଥା——ଏବେ ସମଗ୍ର ପ୍ରାଣୀଜଗତ ପ୍ରତି ମନୁଷ୍ୟର ପୂର୍ବ ପ୍ରେମ ମୈତ୍ରୀଭାବ ପୁନଶ୍ଚ ଫେରି ଆସିଲାଣି । ଆଜି ପୃଥିବୀର ସମସ୍ତ ରାଷ୍ଟ୍ର ସେମାନଙ୍କ ଅଞ୍ଚଳର ଜୀବଜନ୍ତୁମାନଙ୍କ ସମ୍ବନ୍ଧେ ଖୁବ୍ ସଚେତନ ହୋଇ ଉଠିଲେଣି । ସବୁ ପ୍ରାଣୀଙ୍କର ବଞ୍ଚିବା ଲାଗି ଓ ଜନ୍ତୁ ନିରାପଦ ସ୍ୱଚ୍ଛନ୍ଦ ଜୀବନଯାପନ ଲାଗି, ମନୁଷ୍ୟମାନେ

...ଛନ୍ତି ବାଧା ସୃଷ୍ଟି ନ କରନ୍ତି, ସେ ଦିଗରେ ବହୁ ...ଆଇନ କାନୁନ୍ ଓ କଡ଼ା ବ୍ୟବସ୍ଥା ମଧ୍ୟ କରାଗଲଣି । ...ଜଗତ ପଶୁପକ୍ଷୀମାନଙ୍କର ସଂଖ୍ୟା ସୁମାରି କରି, କୋଉ ...କୋଉ ପ୍ରାଣୀଙ୍କର ବଂଶ କ୍ଷୟ ପାଉଛି ଓ କାହିଁକି ...ପାଉଛି, ତାର କାରଣ ଅନୁସନ୍ଧାନ କରି ସେଥିପାଇଁ ...ପ୍ରତିକାର ବିଧାନ ମଧ୍ୟ କରାଗଲଣି । ଏହା ନିଶ୍ଚୟ ...ଏକ ଶୁଭ ସୂଚନା । ଅକ୍ଟୋବର ମାସଟି ଅହିଂସାର ଅବତାର ଗାନ୍ଧୀଜୀଙ୍କର ଶୁଭ ଜନ୍ମମାସ । ଏହି ମାସଟିରେ ପୁଣି ଓଡ଼ିଶା ସରକାରଙ୍କର ଅରଣ୍ୟ ବିଭାଗ ତରଫରୁ ବଣ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳିତ ହେଉଛି । ଆମେ ଆଶା କରୁଛୁ, ବଣର ନିରୀହ ପ୍ରାଣୀଙ୍କ ପ୍ରତି ଆମର ମନୋଭାବର ନିଶ୍ଚୟ ପରିବର୍ତ୍ତନ ଘଟିବ । ଗ୍ରାମ ଓ ସହର ଭଳି, ଅରଣ୍ୟକୁ ମଧ୍ୟ ଆମେ ସଂରକ୍ଷିତ କରି ରଖିବୁ ଓ ତାର ଅଧିବାସୀଙ୍କୁ ଅଭୟ ଦେବୁ ।

ମହାପାତ୍ର ନୀଳମଣି ସାହୁ



## ଯନ୍ତ୍ରଚାଳିତ ଯାନ ବ୍ୟବହାର କରୁଥିବା ବାଧିତ ବ୍ୟକ୍ତିମାନଙ୍କୁ ଶତକଡ଼ା ୫୦ ରିହାତିରେ ପେଟ୍ରୋଲ-ଡ଼ିଜେଲ ଯୋଗାଣ

ଲୋକସଭା ଓ ରାଜ୍ୟସଭାଙ୍କ ସୁପାରିଶ କ୍ରମେ ଭାରତ ସରକାର ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନଠାରୁ ବାଧିତମାନଙ୍କୁ ସେମାନଙ୍କର ନିଜ ବ୍ୟବହୃତ ପେଟ୍ରୋଲ ବା ଡିଜେଲ ଚାଳିତ ମଟର ଗାଡ଼ି ପାଇଁ ଖର୍ଚ୍ଚ ହେଉଥିବା ପେଟ୍ରୋଲ ବା ଡିଜେଲର ଶତକଡ଼ା ୫୦ ଭାଗ ରିହାତି ଦେବାକୁ ସ୍ଥିର କରିଛନ୍ତି । ଏହି ରିହାତିର ହାର ଯାନର ଅଶ୍ୱଶକ୍ତି ଉପରେ ନିର୍ଭର କରିବ । ଯଥା :—

| | |
|---|---|
| ୨ ଅଶ୍ୱଶକ୍ତି ବା ତାହାଠାରୁ କମ୍ ଶକ୍ତି ସଂପନ୍ନ ଯାନ ପାଇଁ | .. ୧୫ ଲିଟର |
| ୨ ଏବଂ ୯ ଅଶ୍ୱଶକ୍ତି ସଂପନ୍ନ ମଧ୍ୟରେଥିବା ଯାନ ପାଇଁ | .. ୨୫ ଲିଟର |
| ୧୦ ଅଶ୍ୱଶକ୍ତି ବା ତାହାଠାରୁ ଅଧିକ ଶକ୍ତିସଂପନ୍ନ ଯାନପାଇଁ | .. ୫୦ ଲିଟର |

ଏହି ରିହାତି ପାଇବାକୁ ହେଲେ ବାଧିତ ବ୍ୟକ୍ତିମାନେ ଅସମର୍ଥମାନଙ୍କ ପାଇଁ ଉଦ୍ଦିଷ୍ଟ ଯନ୍ତ୍ରଚାଳିତ ଯାନ ବ୍ୟବହାର କରୁଥିବେ ଏବଂ ତାହା ରାଜ୍ୟ ରାସ୍ତା କରରୁ ଛାଡ ପାଇଥିବା ଦରକାର । ଏପରି ରିହାତି ପାଇବା ପାଇଁ ସଂପୃକ୍ତ ବାଧିତ ବ୍ୟକ୍ତି ତାଙ୍କ ଅଞ୍ଚଳରେ ଥିବା ବ୍ଲକ ଉନ୍ନୟନ ଅଫିସରଙ୍କୁ ଦେଖାକରି ତାଙ୍କର ଯାନବାହାନର କାଗଜ ପତ୍ର ଦେଖାଇ ନିଜର ଏକ "ଚିହ୍ନଟ ପ୍ରମାଣ ପତ୍ର" ତାଙ୍କଠାରୁ ନେବେ, କାରଣ ଏହା ରିହାତି ପାଇଁ ସବୁବେଳେ ଦରକାର ହେବ ।

ବାଧିତ ବ୍ୟକ୍ତି ଏହି ରିହାତିର ଦାବୀ ପ୍ରତି ୩ ମାସରେ ଥରେ କରିବେ ଅର୍ଥାତ୍ ଡିସେମ୍ବର, ମାର୍ଚ୍ଚ, ଜୁନ ଓ ସେପ୍ଟେମ୍ବର ସୁଦ୍ଧା ଯେତେ ପେଟ୍ରୋଲ/ଡିଜେଲ ଖର୍ଚ୍ଚ ହୋଇଥିବ ତାହା ଜାନୁଆରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବରରେ ଯଥାକ୍ରମେ ଉପସ୍ଥାପିତ କରିବେ ଏବଂ ଏହା ଭାରତ ସରକାରଙ୍କ ସମାଜ ମଙ୍ଗଳ ବିଭାଗକୁ ସିଧାସଳଖ ପଠାଇ ଦେବେ । ସମାଜ ମଙ୍ଗଳ ବିଭାଗ ଏହି ଦାବୀକୁ ପରୀକ୍ଷା କରି ସନ୍ତୁଷ୍ଟ ହେଲେ ପ୍ରାପ୍ୟ ରିହାତି ଅର୍ଥ ସଂପୃକ୍ତ ବ୍ଲକ ଉନ୍ନୟନ ଅଫିସରଙ୍କୁ ବ୍ୟାଙ୍କ୍ ଡ୍ରାଫଟ ଆକାରରେ ପଠାଇବେ । ବ୍ଲକ ଉନ୍ନୟନ ଅଫିସର ଏହି ଅର୍ଥକୁ ପାଇବାର ୪୫ ଦିନ ମଧ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କୁ ଦେଇ ତାହାର ରସିଦ ଭାରତ ସରକାରଙ୍କୁ ପଠାଇବେ । ଯଦି ସଂପୃକ୍ତ ବ୍ୟକ୍ତି ଖବର ଦେବା ସତ୍ତ୍ୱେ ସେ ଅର୍ଥ ନ ନିଅନ୍ତି ତେବେ ତାହା ସେକ୍ରେଟାରୀ, ସମାଜ ମଙ୍ଗଳ ବିଭାଗକୁ ଫେରସ୍ତ ଦିଆଯିବ ।

ପ୍ରତ୍ୟେକ ବାଧିତ ବ୍ୟକ୍ତି ତାଙ୍କର ଏହି ସୁବିଧାର ସଦୁପଯୋଗ କରିବା ପାଇଁ ସମସ୍ତ ସାହାଯ୍ୟ ତାଙ୍କର ଅଞ୍ଚଳରେ ଥିବା ବ୍ଲକ ଉନ୍ନୟନ ଅଫିସରଙ୍କଠାରୁ ପାଇବେ । ଏହି ଯୋଜନାରେ ଦରକାର ହେଉଥିବା ସମସ୍ତ ପ୍ରକାର ଫର୍ମ୍ ବ୍ଲକ ଉନ୍ନୟନ ଅଫିସରଙ୍କଠାରୁ ମିଳିବ । ବ୍ଲକ ଉନ୍ନୟନ ଅଫିସରଙ୍କୁ ସାକ୍ଷାତ କଲେ ସେ ଏ ଯୋଜନାର ସମସ୍ତ କଥା ବୁଝାଇ ଦେବେ ଓ କିପରି କାଗଜପତ୍ର ଓ ହିସାବପତ୍ର ରଖିବାକୁ ହେବ ତାହା ମଧ୍ୟ ସୂଚାଇ ଦେବେ ।

# ବନ୍ୟ ସଂପଦର ସୁଷମ ପରିଚାଳନାରେ ବନ ବିଭାଗ ଅଫିସରଙ୍କ ଭୂମିକା

❋ ❋ ❋

ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ସେପ୍ଟେମ୍ବର ୯ରେ ଅନୁଷ୍ଠିତ ବନ-ବିଭାଗ ଅଫିସରମାନଙ୍କ ପ୍ରଥମ ବାର୍ଷିକ ସମ୍ମେଳନରେ ଉଦ୍‌ବୋଧନ ଦେବାକୁ ଯାଇ ବନ ବିଭାଗ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ କହିଲେ ଯେ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଅଧିକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟିକରିବା ସଙ୍ଗେ ସଙ୍ଗେ ଦାରିଦ୍ର୍ୟ ଦୂରୀକରଣ ଉଦ୍ଦେଶ୍ୟରେ ବନ୍ୟ ସଂପଦର ବିକାଶ ତଥା ସଦୁପଯୋଗ କରିବା ହେଉ ନୂତନ ସରକାରଙ୍କ ପ୍ରଧାନ ଆଭିମୁଖ୍ୟ। ଶ୍ରୀ ପ୍ରଧାନଙ୍କ ଭାଷଣର ପ୍ରଧାନ ଅଂଶଗୁଡ଼ିକ ସଂକ୍ଷେପରେ ପାଠକ-ମାନଙ୍କ ନିମନ୍ତେ ନିମ୍ନରେ ପ୍ରଦତ୍ତ ହେଲା।

### ପ୍ରକୃତିର ମହନୀୟ ଅବଦାନ

ଓଡ଼ିଶା ମୁଖ୍ୟତଃ ଏକ ଜଙ୍ଗଲ ଅଧ୍ୟୁଷିତ ରାଜ୍ୟ। ଏକଦା ବନ୍ୟ ସଂପଦରେ ଏ ରାଜ୍ୟ ଭରପୂର ଥିଲା କିନ୍ତୁ ପ୍ରକୃତିର ଏ ମହନୀୟ ଅବଦାନକୁ ଯେଉଁଭଳି ଭାବେ ସଂରକ୍ଷିତ କରାଯିବା କଥା, ସେପରି କରାଯାଇ ପାରିନାହିଁ। ଫଳରେ ଜଙ୍ଗଲର ପ୍ରଭୂତ କ୍ଷତି ଘଟିଛି। ସ୍ୱାଧୀନତାର ପ୍ରାକ୍ କାଳରେ ରାଜ୍ୟ ଭୂଭାଗର ଶତକଡ଼ା ୪୩ ଭାଗ ଅଞ୍ଚଳ ଜଙ୍ଗଲରେ ଆଚ୍ଛାଦିତ ଥିବା ସ୍ଥଳେ ଅବିବେକୀ ଲୋକମାନଙ୍କ ବର୍ବରୋଚିତ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲର ଆୟତନ ବର୍ତ୍ତମାନ ଶତକଡ଼ା ୩୨ ଭାଗକୁ ହ୍ରାସ ପାଇଲାଣି। ବନ ବିଭାଗ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ସହଯୋଗ କ୍ରମେ ବନ୍ୟ ସଂପଦର ସୁରକ୍ଷା ଦିଗରେ ବ୍ୟାପକ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଗଲେ ପ୍ରକୃତିର ଏହି ମହନୀୟ ଅବଦାନ ସୁରକ୍ଷିତ ହୋଇ ପାରିବ।

### ବୈଜ୍ଞାନିକ ପ୍ରଣାଳୀରେ ଜଙ୍ଗଲ ସଂପଦର ସୁରକ୍ଷା

ଆପଣମାନେ ଅବଗତ ଥିବେ ଯେ ଆମ ରାଜ୍ୟର ଶତକଡ଼ା ୭୦ ଭାଗରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ତେଣୁ ଯେ କୌଣସି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପୂର୍ବରୁ ଆମକୁ

ଦେଖିବାକୁ ହେବ ଯେ ତଦ୍ୱାରା ଏହି ଦୁଃସ୍ଥ ଅବହେଳିତ ଶ୍ରେଣୀଙ୍କ ସାମାଜିକ, ଅର୍ଥନୈତିକ ତଥା ପାରିପାର୍ଶ୍ୱିକ ଅବସ୍ଥାରେ କି ଉନ୍ନତି ଘଟୁଛି । ନୂତନ ସରକାରଙ୍କର ପ୍ରଥମ ଆଭିମୁଖ୍ୟ ହେଲା—ଆଗାମୀ ଦଶ ବର୍ଷ ମଧ୍ୟରେ ସମସ୍ତ କାର୍ଯ୍ୟକ୍ଷମ ବେକାର ଲୋକମାନଙ୍କୁ ଉତ୍ପାଦନ-ମୂଳକ କାର୍ଯ୍ୟକ୍ରମରେ ନିଯୁକ୍ତିର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ନିତ୍ୟ ବ୍ୟବହାର୍ଯ୍ୟ ପ୍ରୟୋଜନୀୟ ସାମଗ୍ରୀଗୁଡ଼ିକର ଦରଦାମ ହ୍ରାସ କରିବା । ମୋର ଦୃଢ଼ ବିଶ୍ୱାସ ଯେ ନୂତନ ସରକାରଙ୍କ ଏହି ଦୁଇଟି ମୌଳିକ ଲକ୍ଷ୍ୟ ହାସଲ କରିବା ଦିଗରେ ଜଙ୍ଗଲ ବିଭାଗ ଅଫିସରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହା ହାସଲ କରାଯାଇ ପାରିଲେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଘଟି ପାରିବ । ଜଙ୍ଗଲ ଜମିର ବହୁବିଧ ଉପଯୋଗ ସାଙ୍ଗକୁ ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ଜଙ୍ଗଲ ସଂପଦର ସଦୁପଯୋଗ ଓ ବନଜାତ ସାମଗ୍ରୀର ଉତ୍ପାଦନ ବୃଦ୍ଧି ଦିଗରେ ଅଧିକ ଉଦ୍ୟମ କରାଗଲେ ଉପରୋକ୍ତ ଲକ୍ଷ୍ୟ ହାସଲ ହୋଇପାରିବ ।

## ନୂତନ ଆଭିମୁଖ୍ୟର ଆବଶ୍ୟକତା ରହିଛି

ଉପରୋକ୍ତ ଲକ୍ଷ୍ୟ ହାସଲ ନିମନ୍ତେ ବନ୍ୟ ଅଧିକାରୀମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଘଟିବା ଆବଶ୍ୟକ । ସେମାନଙ୍କର ଜୀବନ ପ୍ରତି, ନିଜ ନିଜର କର୍ତ୍ତବ୍ୟ କର୍ମପ୍ରତି ଏବଂ ସର୍ବୋପରି ସେମାନଙ୍କ ଚତୁଃପାର୍ଶ୍ୱରେ ଯେଉଁମାନେ ଅଛନ୍ତି, ସେମାନଙ୍କ ପ୍ରତି ଯେଉଁ ଚିରାଚରିତ ଆଭିମୁଖ୍ୟ ରହି ଆସିଛି, ସେଥିରେ ପରିବର୍ତ୍ତନ ଘଟିବା ଉଚିତ । ସେମାନେ ନୂତନ ଆଭିମୁଖ୍ୟ ଗ୍ରହଣ କରିବା ସଙ୍ଗେ ସଙ୍ଗେ କର୍ମ ସଂକ୍ରାନ୍ତ ନୂତନ ଜ୍ଞାନ ଆହରଣ କରିବା ଆବଶ୍ୟକ । ବିଜ୍ଞାନ ତଥା ଶିଳ୍ପ ବିଜ୍ଞାନର ଦ୍ରୁତ ଅଗ୍ରଗତି ଫଳରେ ପୁରୁଣା ତଥ୍ୟ ଓ ଜ୍ଞାନର ପ୍ରୟୋଜନୀୟତା କ୍ରମଶଃ ହ୍ରାସ ପାଉଛି । ତେଣୁ ବନଅଧିକାରୀମାନେ ଏହି ବିଜ୍ଞାନ ଓ ଶିଳ୍ପ ବିଜ୍ଞାନର ଦ୍ରୁତ ପରିବର୍ତ୍ତନଗୁଡ଼ିକ ପ୍ରତି ଅବହିତ ହେବା ଆବଶ୍ୟକ ଏବଂ ସେଗୁଡ଼ିକର ଆଶୁ ପ୍ରୟୋଗ ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଲାଣି ।

## ଗୁରୁତ୍ୱର ପରିବର୍ତ୍ତନ

ଏ ପର୍ଯ୍ୟନ୍ତ ବନ୍ୟ ସଂପଦର ସଂରକ୍ଷଣ ଉପରେ ହିଁ ପ୍ରାଧାନ୍ୟ ଦିଆହୋଇ ଆସୁଥିଲା । କିନ୍ତୁ ବର୍ତ୍ତମାନ ସମୟ ଆସିଛି ବନ୍ୟ ସଂପଦର ସୁପରିଚାଳନାକୁ ଉତ୍ପାଦନ ଅଭିମୁଖୀ କରାଇବାକୁ ପଡ଼ିବ । ବିଗତ ପଞ୍ଚବାର୍ଷିକ ଯୋଜନା-ମାନଙ୍କରେ ଜଙ୍ଗଲର ବିକାଶ ଉଦ୍ଦେଶ୍ୟରେ ଯଥେଷ୍ଟ ସମ୍ବଳର ବ୍ୟବସ୍ଥା କରାଯାଇନାହିଁ ; କିନ୍ତୁ ଗ୍ରାମାଞ୍ଚଳର ଲୋକମାନଙ୍କ କର୍ମସଂସ୍ଥାନ ସଙ୍ଗେ ସଙ୍ଗେ ସେମାନଙ୍କ ଜାଳେଣି ଓ ଛୋଟ ଛୋଟ ଜଙ୍ଗଲଜାତ ସାମଗ୍ରୀର ଚାହିଦା ପୂରଣ ଉଦ୍ଦେଶ୍ୟରେ ବନ୍ୟ ସଂପଦର ବିକାଶ ତଥା ସୁପରିଚାଳନା ନିମନ୍ତେ ଅଧିକରୁ ଅଧିକ ସମ୍ବଳର ବ୍ୟବସ୍ଥା କରିବା ପାଇଁ ଆମେ ସ୍ଥିର କରିଛୁ । ଏହାଦ୍ୱାରା କମ୍ ଖର୍ଚ୍ଚରେ ଶୀଘ୍ର ବଢ଼ୁଥିବା ବୃକ୍ଷରୋପଣ କରାଯାଇ ରାଜ୍ୟର ଆର୍ଥିକ ସମ୍ବଳରେ ମଧ୍ୟ ବୃଦ୍ଧି ଅଣାଯାଇ ପାରିବ । ତେଣୁ ବନ୍ୟ ବିଭାଗର କର୍ମଚାରୀ-ମାନେ ଏଣିକି ଜଙ୍ଗଲଜାତ ସାମଗ୍ରୀ ବିକ୍ରି ଦିଗରେ କେବଳ ମନୋନିବେଶ ନକରି ବନ ସଂପଦର ବିକାଶ ତଥା ସୁପରିଚାଳନା ପ୍ରତି ସେମାନଙ୍କୁ ଅଧିକ ଉଦ୍ୟମ କରିବାକୁ ହେବ ।

## ଲୋକ ସଂପର୍କ

ବିଭାଗୀୟ କାର୍ଯ୍ୟ ପରିଚାଳନାରେ ଲୋକ ସଂପର୍କର ଗୁରୁତ୍ୱକୁ ଏଡ଼ାଇ ଦିଆଯାଇ ନପାରେ । ଜନସାଧାରଣଙ୍କ ପ୍ରତି ବିଭାଗୀୟ କର୍ମଚାରୀମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଘଟିବା ଆବଶ୍ୟକ । ସେମାନଙ୍କ ପ୍ରତି ନମ୍ର ବ୍ୟବହାର ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଆପତ୍ତି ଅଭିଯୋଗ ଆଦିକୁ ଯଥାଶୀଘ୍ର ସହାନୁଭୂତି ସହକାରେ ସମାଧାନ କରିବା ଉଚିତ । ତଦ୍‌ସହିତ ବିଭାଗୀୟ କର୍ମଚାରୀଙ୍କ ପ୍ରତି ସୁସଂପର୍କ ରକ୍ଷା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ କରାଯିବା ଦରକାର । ଏହା ଫଳରେ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ସୁସଂପର୍କ ଗଢ଼ିଉଠେ ଓ ଶୃଙ୍ଖଳା ତଥା କାର୍ଯ୍ୟଦକ୍ଷତା ବୃଦ୍ଧିପାଏ ।

## ନୂତନ ଆଭିମୁଖ୍ୟ

ଯେ କୌଣସି ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜନ-ସହଯୋଗ ଅପରିହାର୍ଯ୍ୟ । ବନ ସଂପଦର ବିକାଶ ତଥା ଉନ୍ନୟନ କ୍ଷେତ୍ରରେ ସ୍ଥାନୀୟ ଲୋକମାନଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖି ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ିବାକୁ ପଡ଼ିବ ।

ଫୁଲବାଣୀ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଅରଣ୍ୟ ସହିତ ଆଦିବାସୀ ସଂପ୍ରଦାୟଙ୍କ ଦୈନନ୍ଦିନ ଜୀବନ ଗଭୀରଭାବେ ଜଡ଼ିତ ରହି ଆସିଛି । ସେମାନଙ୍କ ଜୀବିକା ନିର୍ବାହର ପ୍ରଧାନ ପନ୍ଥା ହେଲା—ପୋଡୁଚାଷ । ତେଣୁ ସେଭଳି କ୍ଷେତ୍ରରେ ପୋଡୁଚାଷକୁ ନିଷେଧ କରିବା ପୂର୍ବରୁ ସେମାନଙ୍କର ସମସ୍ୟାଗୁଡ଼ିକୁ ସହାନୁଭୂତି ସହିତ ବିଚାର କରିବାକୁ ହେବ । ଏହି ପୋଡୁଚାଷ ଘଟଣାକୁ ନେଇ ଗରିବ ଆଦିବାସୀ ଲୋକମାନଙ୍କ ବିରୁଦ୍ଧରେ ବହୁ ସଂଖ୍ୟକ ମାଲିମକଦ୍ଦମା ଦାଏର କରାଯାଇଛି ।

ଯୋତୁଗ୍ରହୀଙ୍କ ନିମନ୍ତେ ବିକଳ୍ପ ଆୟର ପନ୍ଥା ସୃଷ୍ଟିନକରି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବା ଉଚିତ ନୁହେଁ । କୋରାପୁଟ ଓ ଫୁଲବାଣୀ ଆଦି ଜିଲ୍ଲାମାନଙ୍କରେ ବ୍ୟାପକ ଭାବେ ଫଳଗଛ ଓ କାଜୁବାଦାମ ଗଛକରି ସ୍ଥାନୀୟ ଆଦିବାସୀମାନଙ୍କୁ ପୋଡୁଚାଷରୁ ନିବର୍ତ୍ତାଇ ହେବ । ବ୍ୟବସାୟ ଦୃଷ୍ଟିରୁ କାଜୁବାଦାମ ଗଛ ବେଶ୍ ଲାଭପ୍ରଦ ବୋଲି ଜଣାପଡିଛି । ବ୍ୟବସାୟିକ ଭିତ୍ତିରେ କାଜୁବାଦାମ ଗଛର ବିକାଶ ନିମନ୍ତେ ତାମିଲନାଡୁଭଳି ଓଡିଶାରେ ମଧ୍ୟ ଗୋଟିଏ କରପୋରେସନ୍ ଗଢାଯିବ ।

## ବନ୍ୟ-ପ୍ରାଣୀ ସଂରକ୍ଷଣ

ରାଜ୍ୟର ବଣ ଜଙ୍ଗଲରେ ବାସକରୁଥିବା ବିଭିନ୍ନ ଜାତିର ପଶୁପକ୍ଷୀ ହେଉଛନ୍ତି ଆମର ଅମୂଲ୍ୟ ସଂପଦ । ବନ ବିଭାଗର କର୍ମଚାରୀମାନେ ହେଉଛନ୍ତି ଏମାନଙ୍କ ରକ୍ଷକ ; କିନ୍ତୁ ଏମାନଙ୍କ ମଧ୍ୟରୁ ଅନେକେ ରକ୍ଷକ ଆସନରେ ରହି ଭକ୍ଷକ ହେବାର ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିଛି । ଏଭଳି ଘଟଣା ଅତି ଗୁରୁତର ଏବଂ ଏଣିକି ଏଭଳି କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ । ଆମେ ବନବିଭାଗରେ ଗୋଟିଏ ବନ୍ୟ-ପ୍ରାଣୀ ଶାଖା ଖୋଲିସାରିଛୁ । ବନ ବିଭାଗର ସମସ୍ତ କର୍ମଚାରୀ ଯଦି ସହଯୋଗ କରନ୍ତି, ତାହାହେଲେ ପ୍ରକୃତିର ଏହି ଅମୂଲ୍ୟ ଅବଦାନ—ବନ୍ୟପ୍ରାଣୀଙ୍କର ସଂରକ୍ଷଣ କରିପାରିବା ।

## କେନ୍ଦୁପତ୍ର

ରାଜ୍ୟ ରାଜସ୍ୱର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଗରିବ ଶ୍ରେଣୀର ଲୋକମାନଙ୍କୁ କେନ୍ଦୁପତ୍ର ବ୍ୟବସାୟୀଙ୍କ ଶୋଷଣରୁ ରକ୍ଷାକରିବା ଉଦ୍ଦେଶ୍ୟରେ କେନ୍ଦୁପତ୍ର ବ୍ୟବସାୟକୁ ଜାତୀୟକରଣ କରାଯାଇଛି । ତେଣୁ, ଉତ୍ପାଦନ ମୂଲ୍ୟ ଯେପରି ହ୍ରାସପାଏ ଏବଂ ପତ୍ର ତୋଳାଳୀମାନେ ନ୍ୟାଯ୍ୟ ମଜୁରୀ ପାଆନ୍ତି, ସେ ଦିଗରେ ଉଦ୍ୟମ କରିବାକୁ ପଡ଼ିବ । ଅଭାମଧ୍ୟ ଗରିବ ଆଦିବାସୀ ଲୋକେ ଯେପରି କୌଣସି ପ୍ରକାରେ ଶୋଷିତ ନହୁଅନ୍ତି କିମ୍ବା ଉଚିତ ମଜୁରୀରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ହେବ ।

# ପେନ୍‌ସନ୍ ଗ୍ରହୀତାମାନଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଜରିଆରେ ପେନ୍‌ସନ୍ ପ୍ରଦାନ

ରାଜ୍ୟ ସରକାରଙ୍କ ପେନ୍‌ସନ୍ ପାଉଥିବା ବ୍ୟକ୍ତିମାନେ ଟ୍ରେଜେରୀରୁ ପେନ୍‌ସନ୍ ପାଇବାରେ ହେଉଥିବା ଅସୁବିଧା ଦୂର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପେନ୍‌ସନ୍ ପ୍ରଦାନ ପଦ୍ଧତିକୁ ସରଳ କରିବା ସଙ୍ଗେ ସଙ୍ଗେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଜରିଆରେ ପେନ୍‌ସନ୍ ପ୍ରଦାନ ପ୍ରଣାଳୀ ପ୍ରବର୍ତ୍ତନ କରି ପେନ୍‌ସନ୍ ଦିଆଯିବା ସ୍ଥାନ ସଂଖ୍ୟା ବଢ଼ାଇ ଦେଇଛନ୍ତି । ଏହି ଉଦ୍ଦେଶ୍ୟରେ ଷ୍ଟେଟ୍‌ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ କମର୍ସିଆଲ ବ୍ୟାଙ୍କ୍, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ଏବଂ ଇଣ୍ଡିଆନ୍ ବ୍ୟାଙ୍କ୍‌କୁ ବଛାଯାଇଛି । ଏହି ବ୍ୟବସ୍ଥା ୧୯୭୭ ଡିସେମ୍ବର ୧ ତାରିଖଠାରୁ କାର୍ଯ୍ୟକାରୀ ହେବ , ଅର୍ଥାତ୍ ୧୯୭୭ ଡିସେମ୍ବର ପହିଲାରେ ପ୍ରାପ୍ୟ ୧୯୭୭ ନଭେମ୍ବର ମାସର ପେନ୍‌ସନ୍ ଏହି ଯୋଜନା ଅନୁଯାୟୀ ମିଳିପାରିବ । ପେନ୍‌ସନ୍ ପାଉଥିବା ବ୍ୟକ୍ତିମାନେ ଉପରୋକ୍ତ ବ୍ୟାଙ୍କଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ବ୍ୟାଙ୍କକୁ ବାଛିବେ, ସେଠାରେ ସେମାନଙ୍କର ଏକାଉଣ୍ଟ ନଥିଲେ ଗୋଟିଏ ଏକାଉଣ୍ଟ ଖୋଲିବେ ଏବଂ ଉକ୍ତବ୍ୟାଙ୍କ୍ ଜରିଆରେ ପେନ୍‌ସନ୍ ପାଇବା ପାଇଁ ସଂପୃକ୍ତ ଟ୍ରେଜେରୀ ଅଫିସରଙ୍କୁ ଲିଖିତ ଭାବେ ଅନୁରୋଧ କରିବେ । ବ୍ୟାଙ୍କ୍ ପେନ୍‌ସନ୍ ପାଉଥିବା ବ୍ୟକ୍ତିଙ୍କ ସେଭିଙ୍ଗସ-କରେଣ୍ଟ ଏକାଉଣ୍ଟରେ ମାସର ପ୍ରଥମ କାର୍ଯ୍ୟକାରୀ ଦିବସରେ ପେନସନ୍ ଟଙ୍କା ଜମାଦେବେ । ଏ ପରିକଳ୍ପନା ସଂକ୍ରାନ୍ତ ବିଶେଷ ବିବରଣୀ ରାଜ୍ୟର ସମସ୍ତ ଟ୍ରେଜେରୀ, ସବ୍‌ଟ୍ରେଜେରୀ ଓ ଉପରୋକ୍ତ ୬ଟି ବ୍ୟାଙ୍କ୍‌କୁ ପଠାଇ ଦିଆଯାଇଛି । ପେନ୍‌ସନ୍ ପାଉଥିବା ବ୍ୟକ୍ତିମାନେ ଯେଉଁ ଟ୍ରେଜେରୀ ବା ସବ୍‌ଟ୍ରେଜେରୀରୁ ପେନ୍‌ସନ୍ ପାଆନ୍ତି, ସେମାନଙ୍କୁ ଅଥବା ଯେଉଁ ବ୍ୟାଙ୍କ୍ ଜରିଆରେ ପେନ୍‌ସନ୍ ପାଇବା ପାଇଁ ଇଚ୍ଛା କରୁଛନ୍ତି, ସେ ବ୍ୟାଙ୍କର କର୍ତ୍ତୃପକ୍ଷଙ୍କ ସଙ୍ଗେ ପରାମର୍ଶ କରି ଏ ସଂପର୍କୀୟ ପ୍ରାରମ୍ଭିକ କାର୍ଯ୍ୟମାନ ସଂପୂର୍ଣ୍ଣ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଉଛି ।

# ଡାକଘର ସଂଚୟ ବ୍ୟାଙ୍କ ଏକାଉଣ୍ଟଧାରୀଙ୍କ ପାଇଁ
# ଏକ ଅଭିନବ ପୁରସ୍କାର ଯୋଜନା

## ଏକ ଲକ୍ଷ ଟଙ୍କା ପୁରସ୍କାର ବିଜେତା—ଶ୍ରୀମାନ୍ ସୂର୍ଯ୍ୟନାରାୟଣ ମିଶ୍ର

ବ୍ରହ୍ମପୁର ଷ୍ଟେସନର ଚିଫ୍ ବୁକିଂ କ୍ଲର୍କ ଶ୍ରୀ ପି. ସି. ମିଶ୍ରଙ୍କ ପୁତ୍ର ଶ୍ରୀମାନ୍ ସୂର୍ଯ୍ୟନାରାୟଣ ମିଶ୍ର, ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କରେ ଟ ୨୦୦.୦୦ ଜମା ରଖିଥିବାରୁ ଭାରତ ସରକାରଙ୍କ ଅର୍ଥ ବିଭାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ତା ୩୦ । ୬ । ୧୯୭୭ ରିଖରେ ଅନୁଷ୍ଠିତ ୭ମ ଉଠାଣରେ ସର୍ବଭାରତୀୟ ସ୍ତରରେ ପ୍ରଥମ ପୁରସ୍କାର ଏକ ଲକ୍ଷ ଟଙ୍କାର ବିଜେତା ରୂପେ ଯେଉଁ ଗୌରବ ଅର୍ଜନ କରିଛନ୍ତି ଆପଣ ଯେ କୌଣସି ଡାକଘରେ ତା ୧୦ । ୧୦ । ୧୯୭୭ ରିଖ ଠାରୁ ତା ୩୧ । ୩ । ୧୯୭୮ ରିଖ ପର୍ଯ୍ୟନ୍ତ ଟ ୨୦୦.୦୦ ଜମା ରଖି ଜୁଲାଇ ୩୧ ତାରିଖ ୧୯୭୮ରେ ଅନୁଷ୍ଠିତ ହେବାକୁ ଯାଉଥିବା ୮ମ ଉଠାଣରେ ସେହିପରି ସୌଭାଗ୍ୟର ଅଧିକାରୀ ହୋଇ ପାରିବେ ।

ପ୍ରତ୍ୟେକ ବର୍ଷ ଜୁଲାଇ ୩୧ ତାରିଖ ଏବଂ ଜାନୁଆରୀ ୩୧ ତାରିଖରେ ହେଉଥିବା ଉଠାଣରେ ଏକ ଲକ୍ଷ ଟଙ୍କା ବ୍ୟତୀତ ୫୦ ହଜାର ଟଙ୍କା ମୂଲ୍ୟର ୫ଟି, ୨୦ ହଜାର ଟଙ୍କା ମୂଲ୍ୟର ୧୦ଟି ଓ ୫ ହଜାର ଟଙ୍କା ମୂଲ୍ୟର ୧୦୦ଟି ପୁରସ୍କାର ଏବଂ ଟ ୫୦୦.୦୦ ଓ ଟ ୫୦.୦୦ ମୂଲ୍ୟର ୧୧ ହଜାରଟି ପୁରସ୍କାର, ଏହିପରି ମୋଟ ଟ ୨୦,୫୦,୦୦୦.୦୦ର ପୁରସ୍କାର ଭାଗ୍ୟବାନ ବିଜେତାମାନେ ପାଉଛନ୍ତି ।

ଓଡ଼ିଶାରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ପୋଷ୍ଟ ଅଫିସ ମଧ୍ୟରୁ ଯେ କୌଣସି ପୋଷ୍ଟ ଅଫିସରେ ଆଜି ଗୋଟିଏ ଏକାଉଣ୍ଟ ଖୋଲନ୍ତୁ ଓ ଟ ୨୦୦.୦୦ ଜମା ଦିଅନ୍ତୁ । ପୁରସ୍କାର ଯୋଜନାର ୮ମ ଉଠାଣରେ ଭାଗ ନେବାପାଇଁ ଏକାଉଣ୍ଟ ଖୋଲିବାର ଶେଷ ଦିନ ହେଉଛି ତା ୧୦ । ୧୦ । ୧୯୭୭ ।

ମନେ ରଖନ୍ତୁ:—ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଜନତାର ବ୍ୟାଙ୍କ । ବିଶଦ ବିବରଣୀ ପାଇଁ ନିକଟସ୍ଥ ଡାକଘର ଏବଂ ଶ୍ରୀ ସଘବାନଦ ପାଣିଗ୍ରାହୀ, ଡେପୁଟି ଡିରେକ୍ଟର, ସ୍ମଲ୍ ସେଭିଂସ୍, ଅର୍ଥ ବିଭାଗ, ଭୁବନେଶ୍ୱରଙ୍କ ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ
ଅର୍ଥ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର



# ବନ୍ୟଜନ୍ତୁ ସଂରକ୍ଷଣ କାହିଁକି?

ଶ୍ରୀ ବିଜୟକେତନ ପଟ୍ଟନାୟକ

ବିଗତ କେତେବର୍ଷ ହେଲା 'ବନ ମହୋତ୍ସବ', 'ଅରଣ୍ୟ ସଂରକ୍ଷଣ' ଓ 'ବୃକ୍ଷରୋପଣ' କାର୍ଯ୍ୟକ୍ରମ ସାଙ୍ଗକୁ 'ବନ୍ୟଜନ୍ତୁ ସଂରକ୍ଷଣ' କାର୍ଯ୍ୟକ୍ରମକୁ ମଧ୍ୟ ସମାନ ଭାବେ ପ୍ରାଧାନ୍ୟ ଦିଆହୋଇ ଆସୁଛି । ସାଧାରଣ ନାଗରିକମାନଙ୍କ ମନରେ ପ୍ରଶ୍ନ ଉଠିପାରେ, ଅରଣ୍ୟ ସଂରକ୍ଷଣ ଯୋଜନା ଭିତରେ ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟକ୍ରମର ସ୍ଥାନ କେଉଁଠି ? ଏଥିରେ ତେଣୁ ସୁଝାଇ ଦିଆଯାଇପାରେ ଯେ, ଅରଣ୍ୟ କହିଲେ କେବଳ ଉଦ୍ଭିଦ ଜଗତ ତଥା ଗଛପତ୍ରକୁ ବୁଝାଏ ନାହିଁ, ପ୍ରାଣୀ ଜଗତ ମଧ୍ୟ ଏହାର ଅନ୍ତର୍ଭୁକ୍ତ । ପୁନଶ୍ଚ ବନ୍ୟଜନ୍ତୁ କହିଲେ, କେବଳ ଆରଣ୍ୟକ ଜୀବଜନ୍ତୁ ନୁହନ୍ତି ; ଉଦ୍ଭିଦ ଜଗତକୁ ମଧ୍ୟ ବୁଝାଇଥାଏ । ଜାତୀୟ . ବନ୍ୟଜନ୍ତୁ ପରିଷଦ ( World Wild Life Board ) ବନ୍ୟଜନ୍ତୁ ଶବ୍ଦର ଅର୍ଥ ନିମ୍ନୋକ୍ତଭାବେ କରିଛନ୍ତି ।

"By the term wild life is meant the entire native uncultivated flora and fauna of the country."

ଉଦ୍ଭିଦ ଜଗତ ଓ ଜୀବ ଜଗତ ପରସ୍ପରର ପରିପୂରକ । ଗୋଟିଏ ଧ୍ୱଂସ ହୋଇଗଲେ, ଅନ୍ୟଟି ଆପେ ଆପେ ଧ୍ୱଂସ ହୋଇଯିବ । ମଧ୍ୟ ପ୍ରାଚ୍ୟ ସଭ୍ୟତା, ରୋମାନ୍ ସଭ୍ୟତା; ହରପ୍ପା ଓ ମହେଞ୍ଜୋଦାରୋର ସଭ୍ୟତା, ଏହି କାରଣରୁହିଁ ବିଲୁପ୍ତ ହୋଇଯାଇଛି । ଭାରତର ଏକଦା ସମୃଦ୍ଧ ପ୍ରାଣୀ ସଂପଦ ଆଜି ଯେପରି କ୍ଷିପ୍ର ଗତିରେ କ୍ଷୟ ହେବାକୁ ଲାଗିଛି, ତାହା ଦେଶର ରାଜନୀତିଜ୍ଞ, ବୈଜ୍ଞାନିକ ତଥା ପ୍ରକୃତି ପର୍ଯ୍ୟବେକ୍ଷକ ମାନଙ୍କର ଦୃଷ୍ଟି ଗଭୀର ଭାବେ ଆକର୍ଷଣ କରିଛି । ଯଦି ଏହି ପରିସ୍ଥିତିର ସମୟୋପଯୋଗୀ ପ୍ରତିକାର ନ କରାଯାଏ, ତା'ହେଲେ ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଗୁଜୁରାଟର ସିଂହ, ସୁନ୍ଦରବନର ବ୍ୟାଘ୍ର ଓ ଆସାମର ଗଣ୍ଡା କେବଳ କାହାଣୀ ବହିର ବିଷୟ ବସ୍ତୁହୋଇ ରହିବ । ଆଜିକୁ ଅନେକଦିନ ଆଗରୁ ଏହି ନିଷ୍ଠୁର ସତ୍ୟତାକୁ ହୃଦୟଙ୍ଗମ କରି ଆମର ସ୍ୱର୍ଗତ ପ୍ରିୟ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ—

"Life would become very dull and colourless, if we did not have these magnificient animals and birds to look at and to play with."

## ବନ୍ୟଜନ୍ତୁ ଓ ଭାରତର ଐତିହ୍ୟ

ଆମର ବନ୍ୟଜନ୍ତୁ ଜାତୀୟ ଐତିହ୍ୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କ ପଞ୍ଚମ ଶିଳାଲେଖରୁ ମତ୍ସ୍ୟ, ଜୀବଜନ୍ତୁ ଓ ଅରଣ୍ୟକୁ ରକ୍ଷା କରିବା ପାଇଁ ନିର୍ଦ୍ଦେଶନାମା ଦିଆଯାଇ-ଥିବାର ଦେଖିବାକୁ ମିଳେ । ସେହି ସମୟରେ ଲିଖିତ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ମଧ୍ୟ ବନ୍ୟଜନ୍ତୁ ସଂରକ୍ଷଣ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଶାସନତାନ୍ତ୍ରିକ ନିୟନ୍ତ୍ରଣର ଉଲ୍ଲେଖ ରହିଛି । ସେ ସମୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ 'ଅଭୟାରଣ୍ୟ' ମାନ ସୃଷ୍ଟି କରାଯାଇଥିଲା ଏବଂ ଏହି ଅଭୟାରଣ୍ୟରେ ଜୀବଜନ୍ତୁ ଓ ପଶୁପକ୍ଷୀମାନେ ନିର୍ବିଘ୍ନରେ ବିଚରଣ କରି ପାରୁଥିଲେ । ଏତଦ୍‌ବ୍ୟତୀତ ଆମର ପୁରାତନ ଧର୍ମ, ସଂସ୍କୃତି ଓ ପରଂପରାରେ ମଧ୍ୟ ଜୀବଜନ୍ତୁ ତଥା ପଶୁପକ୍ଷୀମାନଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ଥିଲା । ଜୀବପୂଜା, ଅତି ପ୍ରାଚୀନ କାଳରୁ ଆମ ସମାଜରେ ପ୍ରଚଳିତ । ଗହ୍ମା ପୂର୍ଣ୍ଣମୀଦିନ ଗାଈମାନଙ୍କୁ ପୂଜା କରିବା, ନାଗପଞ୍ଚମୀ—ଦିନ ନାଗପୂଜା କରିବା ଏକ ସାମାଜିକ ବିଧି । ଆମର ପୁରାଣ ଶାସ୍ତ୍ରରେ, ଭଗବାନଙ୍କର ଯେଉଁ ଦଶ ଅବତାରର ଉଲ୍ଲେଖ ଅଛି, ସେଥିମଧ୍ୟରୁ କଚ୍ଛପ ଅବତାର, ମତ୍ସ୍ୟ ଅବତାର ଓ ନୃସିଂହ ଅବତାର ପ୍ରାଣୀଜଗତର ବିଶିଷ୍ଟତାକୁ ପ୍ରାଧାନ୍ୟ ଦିଏ । ପ୍ରାଚୀନ ମନ୍ଦିର ଗାତ୍ରମାନଙ୍କରେ ବିଭିନ୍ନ ପଶୁ-ପକ୍ଷୀମାନଙ୍କର ମୂର୍ତ୍ତି ଖୋଦିତ ହୋଇଥିବାର ଦେଖିବାକୁ ମିଳେ । ପୁରାଣରେ ପଶୁପକ୍ଷୀମାନଙ୍କୁ ଅଧିକାଂଶ ଦେବ ଦେବୀଙ୍କର ବାହନରୂପେ ବର୍ଣ୍ଣନା କରାଯାଇଛି । ମହେଞ୍ଜୋଦାରୋ ଓ ହରପ୍ପାର ଭଗ୍ନାବଶେଷରୁ ଉଦ୍ଧାର କରାଯାଇଥିବା ପୁରାତନ ମୁଦ୍ରାଗୁଡ଼ିକରେ ମଧ୍ୟ ପଶୁ-ପକ୍ଷୀମାନଙ୍କର ଛାପ ଦେଖିବାକୁ ମିଳେ । ମନୁଷ୍ୟ ଓ ପଶୁପକ୍ଷୀଙ୍କର ଏଇ ସାଂସ୍କୃତିକ ସମନ୍ୱୟ ପଛରେ, କୌଣସି ବୈଜ୍ଞାନିକ କାରଣ ଥାଉ ବା ନଥାଉ, ଏହି ଧର୍ମଜନିତ, ସଂସ୍କୃତି ଜନିତ ଓ ଅନ୍ଧବିଶ୍ୱାସ ଜନିତ ଚିନ୍ତାଧାରା ଯୋଗୁହିଁ ଆଜିର ଯତ୍‌କିଞ୍ଚିତ୍ ପ୍ରାଣୀ ସଂପଦ ଅନେକ ପ୍ରତିକୂଳ ପରିସ୍ଥିତି ଭିତରେ ମଧ୍ୟ ତିଷ୍ଠି ରହିପାରିଛି ।

## ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଭାରତ ଏବଂ ବନ୍ୟଜନ୍ତୁ

ସଂପ୍ରତି ଆମ ଦେଶର ବନ୍ୟଜନ୍ତୁ କହିଲେ, ୫୦୦ ଜାତିର ପଶୁ, ୩,୦୦୦ ବିଭିନ୍ନ ପକ୍ଷୀ ଓ ୩୦,୦୦୦ରୁ ଅଧିକ ଶ୍ରେଣୀର କୀଟପତଙ୍ଗଙ୍କୁ ବୁଝାଇଥାଏ । ଜର୍ମାନ୍‌ର ଡ୍ରେସ୍‌-ଡେନ୍ ଚିଡ଼ିଆଖାନାର ଡାଇରେକ୍ଟର ଡ଼ଃ ଉଲ୍‌ଫଗାଙ୍ଗ୍ ଉଲେରିକ୍‌ଙ୍କ ମତରେ, ବିଗତ ୨୦ ବର୍ଷ ଭିତରେ ଭାରତର ପ୍ରାଣୀ ସଂପଦ ୯୦ଭାଗ କମିଯାଇଛି । ମୋଗଲ ରାଜତ୍ୱ ସମୟରୁହିଁ ଶିକାରକୁ ରାଜ ପରିବାରରେ ଅଧିକ ପ୍ରାଧାନ୍ୟ ଦିଆଗଲା । ତଥାପି ମଧ୍ୟ ସେ ସମୟରେ ଆକ୍‌ବର ଓ ଜାହାଙ୍ଗୀର ପ୍ରଭୃତି ସମ୍ରାଟମାନେ ବନ୍ୟଜନ୍ତୁ ସଂରକ୍ଷଣ ପ୍ରତି ଯଥେଷ୍ଟ ଧ୍ୟାନ ଦେଇଥିଲେ । କିନ୍ତୁ ଭାରତରେ ବ୍ରିଟିଶ ସାମ୍ରାଜ୍ୟର ବିସ୍ତାର ଓ ଊନବିଂଶ ଶତାବ୍ଦୀରେ ଶିଳ୍ପ ବିପ୍ଳବର ପ୍ରଭାବ ଆମ ଦେଶରେ ଅନୁଭୂତ ହେବା ସହିତ ତାଳଦେଇ, ବନ୍ୟଜନ୍ତୁଙ୍କ ସଂଖ୍ୟା ତୀବ୍ର ଗତିରେ ହ୍ରାସ ପାଇବାକୁ ଲାଗିଲା । ତତ୍‌କାଳୀନ ଦେଶୀୟ ଓ ଗଡ଼ଜାତର ରାଜା ମହାରାଜାମାନେ ବ୍ରିଟିଶ ସରକାରକୁ ସନ୍ତୁଷ୍ଟ କରିବା ପାଇଁ, ସେମାନଙ୍କର ପଲିଟିକାଲ୍ ଏଜେଣ୍ଟମାନଙ୍କୁ ନିମନ୍ତ୍ରଣ କରି ଶିକାର ଖେଳିବାରେ ବ୍ୟସ୍ତ ରହୁଥିଲେ । ସଂଖ୍ୟାଧିକ ବାଘ, ଚିତାବାଘ, ସିଂହ ଓ ଗୟଳ ପ୍ରଭୃତି ଶିକାର କରି, ସେମାନଙ୍କର ଛାଲ ଓ ମୁଣ୍ଡକୁ ଟଙ୍ଗେଇ ରଖିବା ରାଜ ପରିବାର ତଥା ରାଜ ପରିବାର ସହିତ ସଂପୃକ୍ତ ଉଚ୍ଚପଦସ୍ଥ ଅଫିସରମାନଙ୍କର ଏକ ସୌଖୀନ ବିଳାସ ଥିଲା । କିଏ କେତେ ଅଧିକ ବନ୍ୟଜନ୍ତୁ ଶିକାର କରିଛି ତାହା ତାର ବୀରତ୍ୱର ପରିଚାୟକ ଥିଲା । ପୁରୁଣା ରେକର୍ଡରୁ ଜଣାଯାଏ, ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଜଣେ ବ୍ରିଟିଶ ସେନାବାହିନୀର ଅଫିସର, ଗୁଜୁରାଟର କାଥିଆବାଡ଼ ଅଞ୍ଚଳରୁ ସତୁରିଟି ସିଂହ ଶିକାର କରିଥିଲେ । ଆଜି ସେ ଅଞ୍ଚଳରେ ଗୋଟିଏ ହେଲେ ବି ସିଂହ ନାହାନ୍ତି । ଆଜକୁ ଦୁଇ ଶତାବ୍ଦୀତଳେ ପୂର୍ବକୁ ବିହାର ପର୍ଯ୍ୟନ୍ତ ଓ ଦକ୍ଷିଣରେ ନର୍ମଦାନଦୀ ପର୍ଯ୍ୟନ୍ତ ସିଂହ ଦେଖିବାକୁ ମିଳୁଥିଲା । ଆଜି କିନ୍ତୁ କେବଳ ମାତ୍ର ଦୁଇଶହ ଅଠର ବା ତହିଁରୁ କମ୍ ସିଂହ ଗୁଜୁରାଟର 'ଜିର' ଅଭୟାରଣ୍ୟରେ ସଂରକ୍ଷିତ ହୋଇ ରହିଛନ୍ତି । ସେହିପରି ଏହି ଶତାବ୍ଦୀର ପ୍ରାରମ୍ଭରେ ଭାରତରେ ଚାଳିଶହଜାର ବାଘ ଥିଲାବେଳେ, ବର୍ତ୍ତମାନ ଏହି ସଂଖ୍ୟା କମି କମି ଦୁଇହଜାର ତଳକୁ ପହଞ୍ଚିଲାଣି ।

ଏତ ଗଲା ବ୍ରିଟିଶ ଶାସନ ଓ ରାଜା ରାଜୁଡ଼ା ଅମଳର କଥା । ସ୍ୱାଧୀନତା ପରେ ଏ ଦେଶର ଲୋକମାନେ ଶାନ୍ତିରେ ବସବାସ କରିବାକୁ ଲାଗିଲେ । ଡାକ୍ତରୀବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ଜନସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବାକୁ ଲାଗିଲା । ଏହି ପରିପ୍ରେକ୍ଷୀରେ ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନହିଁ ଦେଶର ମୁଖ୍ୟ ଲକ୍ଷ୍ୟ ହୋଇପଡ଼ିଲା । କ୍ରମଶଃ ଅଧିକରୁ ଅଧିକ ଜଙ୍ଗଲ କଟାଯାଇ ଚାଷ ଜମିରେ ପରିଣତ କରାଗଲା । ଶସ୍ୟକ୍ଷେତ୍ରରେ ଉପଯୁକ୍ତ ରକ୍ଷଣା-ବେକ୍ଷଣ ପାଇଁ ଖାଦ୍ୟ ନଷ୍ଟ କରୁଥିବା ବନ୍ୟଜନ୍ତୁମାନଙ୍କୁ ମାରିବା ପାଇଁ ଅଧିକରୁ ଅଧିକ ବନ୍ଧୁକ ରଖିବାର ଅନୁମତି ଲୋକମାନଙ୍କୁ ଦିଆଗଲା । ମାତ୍ରାଧିକ ପରିମାଣରେ ଜଙ୍ଗଲ ସଫାହେବା ଫଳରେ ବନ୍ୟଜନ୍ତୁଙ୍କ ଚରାଭୂଇଁରେ ଯେଉଁ ସଙ୍କୋଚନ ଘଟିଲା, ତା ଛଡ଼ା ଜଙ୍ଗଲରେ ରାସ୍ତାଘାଟ ଖୋଲିବା ଫଳରେ ଏବଂ ଜିପ୍, ସର୍ଚ୍ଚଲାଇଟ୍ ଓ ଅଧିକ ମାରଣାସ୍ତ୍ରର ଆବିଷ୍କାରହିଁ ବନ୍ୟଜନ୍ତୁଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ କରାଇବାରେ ଅଧିକ ସହାୟକ ହେଲା । କେଉଁଠି ଅରଣ୍ୟକୁ ଚାଷ ଜମିରେ ପରିଣତ କରାଗଲାଣି, କେଉଁଠି ଅରଣ୍ୟ ସଫାକରି ଶିଳ୍ପ ଓ କଳକାରଖାନା ବସାଗଲାଣି ଏବଂ ଅନ୍ୟ କେଉଁଠି ଜଙ୍ଗଲକାଟି ଜଳବିଦ୍ୟୁତ୍ ଯୋଜନାର ଶୁଭ ଦିଆଗଲାଣି । ପଶୁ ପକ୍ଷୀମାନଙ୍କର ନିର୍ଭରଯୋଗ୍ୟ

ବାସସ୍ଥଳୀ ଜଙ୍ଗଲର, ଆୟତନ କମି ଆସିବା ସଙ୍ଗେ ସଙ୍ଗେ, ସେମାନଙ୍କର ସଂଖ୍ୟା ବି କମି ଆସିବା ସ୍ୱାଭାବିକ ।

ଆଫ୍ରିକାର ଗୋଟିଏ ଲୋକକଥା ଅଛି ଯେ, ଜଣେ ସାହସୀ ବ୍ୟକ୍ତି, ସିଂହକୁ ତିନିଥର ଡରିଥାଏ । ପ୍ରଥମେ ଡରେ ଯେତେବେଳେ ଜଙ୍ଗଲରେ ସେ ତାର ପାଦଚିହ୍ନ ଦେଖେ, ଦ୍ୱିତୀୟଥର ଡରେ ଯେତେବେଳେ ସେ ତାର ଗର୍ଜନ ଶୁଣେ ଏବଂ ଶେଷଥର ଡରେ ଯେତେବେଳେ ସିଂହକୁ ଆଖି ସାମନାରେ ଦେଖିବାକୁ ପାଏ । କିନ୍ତୁ ଆଜିର ସାହସୀ ମଣିଷ ସିଂହକୁ କେବଳ ଲୁହାବାଡ଼ ଘେରା ଚିଡ଼ିଆଖାନାରେ ଦେଖିବାକୁ ପାଉଛି । ନଚେତ୍ ବା ସର୍କସରେ ରିଙ୍ଗ୍‌ମାଷ୍ଟରର ଇଲେକ୍ଟ୍ରିକ୍ ଚାବୁକ୍ ସାମନାରେ ଦେଖିବାକୁ ପାଉଛି । କେବଳ ସିଂହତ ନୁହନ୍ତି, ଭାରତୀୟ ଗଣ୍ଡା, ଯାହାକି ଏକଦା ପଶ୍ଚିମକୁ ରାଜସ୍ଥାନ ପର୍ଯ୍ୟନ୍ତ ଦେଖିବାକୁ ମିଳୁଥିଲା, ତାହା ବର୍ତ୍ତମାନ କେବଳ ମାତ୍ର ସାତଶହ ଖଣ୍ଡେ ଆସାମର 'କାଜି-ରଙ୍ଗା' ଜାତୀୟ ଅଭୟାରଣ୍ୟରେ ଅଛନ୍ତି । ଭାରତୀୟ ହସ୍ତୀର ମଧ୍ୟ ତଦ୍ରୂପ ଅବସ୍ଥା । 'ବିଶ୍ୱ ବନ୍ୟଜନ୍ତୁ ସଂସ୍ଥା' ଗଣନା କରି ଜଣାଇଛନ୍ତି, ବିଗତ ବିଂଶ ଶତାବ୍ଦୀ ଭିତରେ ପୃଥିବୀରୁ ପ୍ରାୟ ଦୁଇଶହ ବିଭିନ୍ନ ଜାତିର ପଶୁପକ୍ଷୀ ଲୋପ ପାଇଗଲେଣି ! କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ତନ୍ମଧ୍ୟରୁ ଏକ ତୃତୀୟାଂଶ କେବଳ ବିଗତ ପଚାଶବର୍ଷ ମଧ୍ୟରେହିଁ ବିଲୀନ ହୋଇଯାଇଛନ୍ତି । ଏହି ପ୍ରକ୍ରିୟା ଯଦି ପୂର୍ବଭଳି ଚାଲୁରହିଲେ ତା'ହାଲେ ଆଗାମୀ ଏକ ଶତାବ୍ଦୀ ଭିତରେ ଆମର ଭବିଷ୍ୟତ ବଂଶଧରମାନେ ବାଘ, ସିଂହ, ଗଣ୍ଡା ପ୍ରଭୃତି ଅନେକ ଜନ୍ତୁଙ୍କୁ ଥରୁଟିଏ ପାଇଁ ବି ଦେଖିବାକୁ ପାଇବେନି ।

ଏତ ହେଲା ଆମର ଏକଦା ସମୃଦ୍ଧ ବନ୍ୟ ସଂପଦର ...ପ୍ରତିକ ପରିଣାମ । ଏହି ଜାତୀୟ ସଂପଦ ତଥା ...ତୀୟ ଐତିହ୍ୟକୁ କ୍ରମାଗତ ବିପର୍ଯ୍ୟୟ ଓ ଭବିଷ୍ୟତ ...ନିଶ୍ଚିତତାରୁ ରକ୍ଷା କରିବାକୁ ହେଲେ କେବଳ ସରକାରୀ ...ତି ନିୟମର ଅର୍ଗଳି ହିଁ ଯଥେଷ୍ଟ ନୁହେଁ ବରଂ ଜନସାଧା-...ଣ ଓ ଯୁବସମାଜର ସକ୍ରିୟ ସହଯୋଗ, ସଙ୍ଗଠନ ଓ ସଚେ-...ନଶୀଳତା ଏକାନ୍ତ ଅପରିହାର୍ଯ୍ୟ । କିନ୍ତୁ ଏହି ଉଦ୍ଦେଶ୍ୟରେ ...ଧାରଣ ନାଗରିକମାନଙ୍କୁ ଉଦ୍‌ବୁଦ୍ଧ କରିହେବ କିପରି ? ...ମାନଙ୍କୁ ଏହି କାର୍ଯ୍ୟକ୍ରମରେ ଜଡ଼ିତ କରିହେବ କିପରି ? ...ସୀରୀସ୍ତ ଲାଲ୍‌ବାହାଦୁର ଶାସ୍ତ୍ରୀ ଜାତୀୟ ଏକାଡ଼େମୀ-...ରେ' ବନ୍ୟଜନ୍ତୁ ସଂରକ୍ଷଣ ଉପରେ ଭାଷଣ ଦେଉଥିଲା-...ବେଳେ, 'ଟାଇଗର ପ୍ରୋଜେକ୍ଟର ନିର୍ଦ୍ଦେଶକ ଡ଼ଃ ସାଂଖଲାଙ୍କୁ ଏହି ପ୍ରଶ୍ନ ପଚାରିଥିଲି ।

ଅବଶ୍ୟ ପାରିପାର୍ଶ୍ୱିକ ସମନ୍ୱୟତା ଓ ପ୍ରାକୃତିକ ସମ-...ତା ରକ୍ଷା କରିବା ଏହି ସଂରକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ । ...ଣ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ଉଭୟେ ପରସ୍ପର ...ରେ ନିର୍ଭରଶୀଳ । ପ୍ରଜାପତି, ମହୁମାଛି ଓ ପକ୍ଷୀମାନେ ଫୁଲର ପରାଗସଙ୍ଗମରେ ଏବଂ ବୀଜ ବିକ୍ଷେପରେ ସାହାଯ୍ୟ କରି ଉଦ୍ଭିଦ ଜଗତର ବଂଶବୃଦ୍ଧି କରିଥାନ୍ତି । ଏହି ପ୍ରାକୃତିକ ଭାରସାମ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ, ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଅଛି । ଯଦି କ୍ଷତିକାରକ ଭାବି, ବହୁସଂଖ୍ୟକ ବାଘ ଓ ଚିତାବାଘଙ୍କୁ ମାରି ଦିଆଯାଏ, ତାହାହେଲେ କ୍ରମାନ୍ୱୟରେ ହରିଣ, ସମ୍ବର ଓ ବନ୍ୟ ଶୂକରଙ୍କ ସଂଖ୍ୟା ଯଥେଷ୍ଟ ପରି-ମାଣରେ ବଢ଼ିଯିବ ଏବଂ ସେମାନେ ନିକଟସ୍ଥ ଗାଁ ଗଣ୍ଡାରେ ଶସ୍ୟକ୍ଷେତ୍ର ଓ ଗଛପତ୍ର ନଷ୍ଟ କରିବେ । ଅନ୍ୟ ପକ୍ଷରେ ଯଦି ହରିଣ, ସମ୍ବର ଇତ୍ୟାଦି ତୃଣଜୀବୀ ପ୍ରାଣୀମାନଙ୍କୁ ବହୁ ସଂଖ୍ୟାରେ ମାରି ଦିଆଯାଏ, ତା'ହେଲେ ସେମାନଙ୍କୁ ଶିକାର କରି ବଞ୍ଚୁଥିବା ମାଂସାଶୀ ପ୍ରାଣୀମାନେ ଜଙ୍ଗଲ ନିକଟସ୍ଥ ଗାଁ ଗଣ୍ଡାରୁ ଗୃହପାଳିତ ଜୀବଜନ୍ତୁ ଏବଂ ମଣିଷମାନଙ୍କୁ ମାରି ଖାଇବା ଆରମ୍ଭ କରିଦେବେ ।

କିନ୍ତୁ ଜଣେ ସାଧାରଣ କୃଷକ, ଯାହାର ଆଖି ସାମନାରେ ତାର ଶସ୍ୟକ୍ଷେତ୍ର ରାତିରେ ଜୀବଜନ୍ତୁଙ୍କ ଦ୍ୱାରା ଏବଂ ଫସଲ ଓ ଫଳମୂଳ ଦିନରେ ମାଙ୍କଡ଼ ଓ ବିଭିନ୍ନ ପକ୍ଷୀମାନଙ୍କ ଦ୍ୱାରା ବିନଷ୍ଟ ହେଉଛି; ଜଣେ ସାଧାରଣ ଗ୍ରାମୀଣ ଯାହାର ଗାଈ, ଛେଳି ବା ବଳଦକୁ ବନ୍ୟଜନ୍ତୁ ଉଠାଇନେଉଛି ବା ଯାହାର ବୋହୂ, ଝିଆରୀ ଜଙ୍ଗଲକୁ କାଠ କାଟିବାକୁ ଯାଇ କିମ୍ବା ଘାସ ସଂଗ୍ରହ କରିବାକୁ ଯାଇ ଆଉ ଫେରିନାହାନ୍ତି, କିମ୍ବା ଜଣେ ଦରିଦ୍ର ଆଦିବାସୀ ଯିଏ ବନ୍ୟଜନ୍ତୁ ଶିକାର କରି ତାର ମାଂସ ଭକ୍ଷଣ କରି ବଞ୍ଚିରହୁଥିଲା ବା ଜଣେ ଖେଳଓ୍ଵାଡ଼ ଶିକାରୀ ଯିଏ ଶିକାର କରି ମାନସିକ ତୃପ୍ତି ଓ ସାମୟିକ ପ୍ରଶାନ୍ତି ପାଉଥିଲା, ଅଥବା ଜଣେ ଲୁଚ୍ଚା ଛପା ଶିକାରୀ ଯିଏ ବନ୍ୟଜନ୍ତୁ ଶିକାର କରି ସେମାନଙ୍କର ଚର୍ମ, ମାଂସ ଓ ନଖ ଦନ୍ତ ବିକ୍ରୟକରି ନିଜର ଜୀବିକା ଅର୍ଜନ କରୁଥିଲା, ସେମାନଙ୍କୁ ଏହି ପ୍ରାକୃତିକ ସମନ୍ୱୟତା ବିଷୟରେ ବୁଝେଇ କେତେଦୂର ସନ୍ତୁଷ୍ଟ କରିହେବ, ଏହା ବିଚାର କରିବାର କଥା ।

ଏହି ପ୍ରସଙ୍ଗରେ ଡ଼ଃ ସଲିମ୍ ଅଲୀ ଗୋଟିଏ ଉଦାହରଣ ଦେଇଥିଲେ । କିଛି ବର୍ଷ ତଳେ ଚୀନ୍‌ରେ ଘରଚଟିଆ-ମାନଙ୍କୁ ସମୂଳେ ଧ୍ୱଂସ କରିଦେବା ପାଇଁ ଏକ ଦେଶବ୍ୟାପୀ ଆନ୍ଦୋଳନ ଚାଲିଲା । କାରଣ ହେଲା, ଏହି ପକ୍ଷୀମାନେ ରବିଫସଲ ପାଇଁ କ୍ଷତିକାରକ, କିନ୍ତୁ ସେମାନେ ଯେ ଫସଲ ଖାଇବା ସଙ୍ଗେ ସଙ୍ଗେ ଶସ୍ୟପ୍ରତି ହାନିକାରକ ଅସଂଖ୍ୟ କୀଟ ପତଙ୍ଗମାନଙ୍କୁ ଖାଇ ଦେଉଥିଲେ, ତାହା କାହାରି ଦୃଷ୍ଟିଗୋଚର ହେଲାନାହିଁ । ତେଣୁ ଫଳ ଠିକ୍ ଓଲଟା ହେଲା । ଶସ୍ୟ କ୍ଷେତ୍ରର ଉତ୍ପାଦନ ବଢ଼ିବା ପରିବର୍ତ୍ତେ କମିବାକୁ ଲାଗିଲା । କାରଣ ଘରଚଟିଆମାନେ ଯାହା ଫସଲ ନଷ୍ଟ କରୁଥିଲେ ତାହା ତୁଳନାରେ ବହୁଗୁଣ ଫସଲ କୀଟପତଙ୍ଗମାନଙ୍କ ଦ୍ୱାରା ନଷ୍ଟହେବାକୁ ଲାଗିଲା । ଫଳତଃ ପକ୍ଷୀମାନଙ୍କ

ବିରୁଦ୍ଧରେ ଏହି ଯୁଦ୍ଧ ଘୋଷଣା ଯୋଜନାକୁ ସଂପୂର୍ଣ୍ଣ ବାତିଲ କରିଦିଆଗଲା । ଚୀନ୍‌ର ଲୋକମାନେ ଏହି ପ୍ରତ୍ୟକ୍ଷ ଉଦାହରଣରୁ ଯଥେଷ୍ଟ ଶିଖିଲେ ।

କିନ୍ତୁ ପ୍ରତି କ୍ଷେତ୍ରରେତ ଏପରି ପ୍ରତ୍ୟକ୍ଷ ଉଦାହରଣ ଦେଇ ଲୋକମାନଙ୍କୁ ବୁଝାଇବା ସମ୍ଭବ ନୁହେଁ । ଅବଶ୍ୟ କେତେଗୁଡ଼ିଏ କଥା ପ୍ରତ୍ୟକ୍ଷଭାବେ ବୁଝାଇ ଦିଆଯାଇପାରେ । ଉଦାହରଣ ସ୍ୱରୂପ, ଜୀବଜନ୍ତୁମାନଙ୍କ ମଧ୍ୟରେ ଅନେକ ମଇଳା-ପରିଷ୍କାରକ ଜୀବଜନ୍ତୁ ଅଛନ୍ତି । ଯେଉଁମାନେ ସ୍ୱାସ୍ଥ୍ୟ, ସୁରୁଚି ଓ ସଂପନ୍ନତା ପ୍ରତି ଯଥେଷ୍ଟ ସହାୟକ ହୋଇଥାନ୍ତି । ଏହି ମଇଳା ପରିଷ୍କାରକ ପ୍ରାଣୀମାନେ ହେଲେ, ବିଲୁଆ, ଗଧିଆ, କୋକିଶିଆଳୀ, ଶାଗୁଣା, ଚିଲ ଓ କୁଆ ଇତ୍ୟାଦି । ଏମାନେ ସମସ୍ତ ପଶୁ, ସଢ଼ା ଜିନିଷ ଓ ଜୀବଜନ୍ତୁମାନଙ୍କର ଶବ ଇତ୍ୟାଦି ଖାଇ ନଷ୍ଟ କରିଦେଇଥାନ୍ତି । ଶିକ୍ଷିତ ସଂପ୍ରଦାୟ ତଥା ସ୍କୁଲ କଲେଜର ଛାତ୍ରମାନଙ୍କ ପାଇଁ ବନ୍ୟଜୀବନର ଶାଶ୍ୱତ ତଥା ଆମୋଦ-ପ୍ରମୋଦ ମୂଲ୍ୟ ଉପରେ ଗୁରୁତ୍ୱ ଦିଆଯାଇ ପାରେ । ସ୍କୁଲ ପିଲାମାନେ ଯଦି ଛୋଟବେଳୁ ବିଭିନ୍ନ ବନ୍ୟ ଜୀବନ କେବଳ ଚିଡ଼ିଆଖାନା ଭିତରେ ନ ଦେଖି, ବିଭିନ୍ନ ପ୍ରାକୃତିକ ପରିବେଶ ଭିତରେ ଦେଖିବାର ସୁଯୋଗ ପାନ୍ତି ଓ ସେହି ବୟସରୁ ଯଦି ସେମାନଙ୍କୁ ବନ୍ୟ ଜନ୍ତୁମାନଙ୍କ ଆଡ଼କୁ ଆକୃଷ୍ଟ କରାଯାଇପାରେ, ତା'ହେଲେ ସେମାନେ ମାନସିକ ସ୍ତରରେ ଏହି ଅବହେଳିତ ପ୍ରାଣୀଜଗତ ପାଇଁ ଦରଦୀ ହୋଇଉଠିବେ ଓ ଭବିଷ୍ୟତରେ ଜଣେ ଜଣେ ପ୍ରକୃତିସଂରକ୍ଷକ ରୂପେ ଅଂଶ ଗ୍ରହଣ କରିବେ ।

କିନ୍ତୁ ସାଧାରଣ ନାଗରିକମାନଙ୍କୁ ଏହି କାର୍ଯ୍ୟକ୍ରମରେ ଜଡ଼ିତ କରିବା ପାଇଁ ବ୍ୟାପକ ପ୍ରଚାର ଓ ପ୍ରେରଣାର ଆବଶ୍ୟକତା ରହିଛି । ଏହି ପ୍ରଚାର ଚଳଚ୍ଚିତ୍ର, ରେଡ଼ିଓ, ପତ୍ର ପତ୍ରିକା ଓ ପ୍ରାଚୀର ପତ୍ର ସାହାଯ୍ୟରେ ଗାଁ ଗହଳିରେ, ବିଶେଷତଃ ଜଙ୍ଗଲ ନିକଟସ୍ଥ ଗାଁ ମାନଙ୍କରେ ପହଞ୍ଚିବା ଆବଶ୍ୟକ । ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିବା ବ୍ୟକ୍ତିମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା ଅଧିକ ଫଳପ୍ରଦ ମନେହୁଏ । ଏଠାରେ ଏକ ଛୋଟ ଉଦାହରଣ ନିଆଯାଇପାରେ । ଟିକରପଡ଼ା ଅଭୟାରଣ୍ୟ କୋଣିଆ ଗଣ୍ଡରେ ଯେତେବେଳେ କେତେଗୁଡ଼ିଏ କିଆରା ଛୁଆ ଛଡ଼ାଗଲା, ସେତେବେଳେ ନଈର ତଳ ଅଞ୍ଚଳରେ ଥିବା ଗାଁ ମାନଙ୍କରେ ଏହି ସଂପର୍କରେ ପ୍ରଚାର କରାଯାଇଥିଲା ଏବଂ ଘୋଷଣା କରାଯାଇଥିଲା ଯେ ଯଦି କୌଣସି ବ୍ୟକ୍ତି ଏମାନଙ୍କର ଧରାପଡ଼ିବାର ଖବର ଉପଯୁକ୍ତ ଅଫିସରଙ୍କୁ ଦିଏ, ତା'ହେଲେ ଉକ୍ତବ୍ୟକ୍ତିଙ୍କୁ ପଚାଶଟଙ୍କା ପୁରସ୍କାର ଦିଆଯିବ । ଫଳତଃ ଯେଉଁ ଚାରି ପାଞ୍ଚଟି କିଆରା ନଈର ତଳ ଅଞ୍ଚଳରେ ଧରା ପଡ଼ିଛନ୍ତି, ସେମାନଙ୍କୁ ଠିକ୍‌ଭାବେ ଉଦ୍ଧାର କରାଯାଇ ପାରିଛି ।

ତେଣୁ 'ବନ୍ୟଜନ୍ତୁ ସଂରକ୍ଷଣ କାହିଁକି', ଏ ପ୍ରଶ୍ନ ପଚାରିବାର ସମୟ ବର୍ତ୍ତମାନ ଅତିକ୍ରାନ୍ତ ହୋଇ ସାରିଛି । ବନ୍ୟ, ବନ୍ୟସଂପଦ ଓ ବନ୍ୟଜନ୍ତୁ ସଂରକ୍ଷଣ କିପରି ଏକ ସଫଳ ଜାତୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିବ ଓ କିପରି ଛାତ୍ର, ଯୁବସମାଜ, ପ୍ରକୃତିପ୍ରେମୀ ତଥା ଜନସାଧାରଣ ଏଥିରେ ଜଡ଼ିତ ହୋଇପାରିବେ, ଏହାହିଁ ଚିନ୍ତା କରିବାର ସମୟ ଆସି ପହଞ୍ଚିଛି ।

## ଇସ୍ପାତ୍ ମଇଳା ସିମେଣ୍ଟ ହେବ

ଗତ ୨୪.୯.୭୭ ରେ ରାଉରକେଲା ଇସ୍ପାତ୍ କାରଖାନାରେ ଏକ ନୂତନ କାରଖାନା ଉଦ୍‌ଘାଟନ କଲେ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀନେତା ଓ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ । ଏ କାରଖାନା ନିର୍ମାଣରେ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଚୁଲୀରେ ଲୁହା ତରଳା ହେଲା ପରେ ଯେଉଁ ଅବଶିଷ୍ଟ ମଇଳା ରହିଯାଏ, ସେହି ମଇଳାକୁ ସିମେଣ୍ଟ ତିଆରିରେ ବ୍ୟବହାର ଉପଯୋଗୀ କରାଯିବା ପାଇଁ ଏ କାରଖାନା ଅଭିପ୍ରେତ । ଏ କାରଖାନାରେ ୬୦ ଲକ୍ଷ ଟନ୍ ଇସ୍ପାତ୍ ମଇଳା ବ୍ୟବହାର ହେବ ଏବଂ ଗତ ଏପ୍ରିଲ ମାସଠାରୁ ଏ ପର୍ଯ୍ୟନ୍ତ ୨୦ ଲକ୍ଷ ଟଙ୍କା ମୂଲ୍ୟର ୫୦ ହଜାର ଟନ୍ ଇସ୍ପାତ୍ ମଇଳା ପଠାଗଲାଣି । ୩ଟି ଘରୋଇ ସିମେଣ୍ଟ କାରଖାନା ଏହାକୁ କିଣି ନେବା ଲାଗି ଚୁକ୍ତି କରିଛନ୍ତି । ଆମର ଧାତୁବିଦ୍ୟା ଇଞ୍ଜିନିଅର ମାନଙ୍କର ଏହା ଏକ ଚମତ୍କାର ଅବଦାନ ବୋଲି ବୁଝିବାକୁ ହେବ ।


# ଆମ ସଂସ୍କୃତିରେ ବିଶିଷ୍ଟ ପ୍ରାଣୀଙ୍କ
# ନାମ ମାହାତ୍ମ୍ୟ

❊ ❊ ❊

ଧର୍ମ ସଂସ୍କୃତି ଓ ସାହିତ୍ୟରେ ଅତି ସମୃଦ୍ଧି ଓ ଅତି ପ୍ରାଚୀନ ଆମର ଏଇ ଭାରତ ବର୍ଷରେ ପ୍ରାଣୀମାନଙ୍କ
ରେ ଅତି ଉଦାର ଓ ସଂପୂର୍ଣ୍ଣ ମାନବୀୟ ଦୃଷ୍ଟିକୋଣରୁ ସେମାନଙ୍କ ସଂଗେ ସମ୍ବନ୍ଧ ସ୍ଥାପନର ପ୍ରଚେଷ୍ଟା
ଅଛି । ଗୃହପାଳିତ ପଶୁମାନଙ୍କ ଛଡ଼ା ବନ୍ୟ ପ୍ରାଣୀମାନଙ୍କ ପ୍ରତି ମଧ୍ୟ ଅନୁରୂପ ମନୋଭାବ ସଂରକ୍ଷଣ
ଅଛି । ବନ୍ୟ ଜନ୍ତୁମାନଙ୍କର ଆଚରଣ, ସ୍ୱଭାବ ବା ପ୍ରକୃତି ଓ ବିଶେଷତ୍ୱ ଏବଂ ସେମାନଙ୍କର ଅନ୍ୟ
ପ୍ରକାରର ଗତିବୃତ୍ତି ପର୍ଯ୍ୟବେକ୍ଷଣ କରି ପ୍ରତିଟି ପ୍ରାଣୀର ନାମକରଣ ତଦନୁଯାୟୀ କରାଯାଇଛି । ଭାରତୀୟ
ଓ ଶବ୍ଦକୋଷମାନଙ୍କରେ ବିଭିନ୍ନ ପ୍ରାଣୀଙ୍କର ଯେଉଁସବୁ ନାମ ପର୍ଯ୍ୟାୟଭୁକ୍ତ କରାଯାଇଛି, ସେହିସବୁ
ଗୁଡ଼ିକର ବ୍ୟୁତ୍ପତ୍ତିଗତ ବିଶ୍ଳେଷଣ କଲେ ଆମେ ଜାଣି ପାରିବା ଯେ ପ୍ରାଚୀନ ଭାରତୀୟମାନଙ୍କର ଉକ୍ତ
ମାନଙ୍କ ସମ୍ବନ୍ଧରେ କେତେଦୂର ଜ୍ଞାନ ଥିଲା ଏବଂ ସେମାନଙ୍କୁ କିପରି ଭାବେ ମାନବୀୟ ଚେତନା ଭିତରେ
କରାଯାଇଥିଲା । ତନ୍ମଧ୍ୟରୁ କେତୋଟି ବିଶିଷ୍ଟ ପ୍ରାଣୀଙ୍କର ନାମ ବିଶ୍ଳେଷଣ କରି ପାଠକମାନଙ୍କ ଅବଗତି
ଏଠାରେ ଉପସ୍ଥାପିତ କରୁଅଛି ।

ସିଂହ—

ପ୍ରାଣୀ ବିଜ୍ଞାନରେ ଏହାର ନାମ ପାନ୍ଥେର ଲିଓ Panther Leo । ବର୍ତ୍ତମାନ ଭାରତର ପଲ୍ଲୀ ଗ୍ରାମରେ
ଅନେକ ବ୍ୟକ୍ତି ଅଛନ୍ତି—ଯେଉଁମାନଙ୍କର ଧାରଣା ହେଲା ସିଂହ ଆଉ ଭାରତବର୍ଷରେ ତ ନାହାନ୍ତି—ପୃଥିବୀରେ
ନାହାନ୍ତି । ସିଂହ ହେଉଛି ଦେବୀ ଦୁର୍ଗାଙ୍କର ବାହନ । ସତ୍ୟ, ତ୍ରେତା, ଦ୍ୱାପରାଦି ଯୁଗରେ ସେମାନେ ଏ
ରେ ଥିଲେ ; ମାତ୍ର କଳି ଯୁଗରେ ସେମାନେ ସ୍ୱର୍ଗରେ ଅଛନ୍ତି । ଏହିଭଳି ଲୋକଙ୍କର ଆଉ ଗୋଟିଏ
ବିଚିତ୍ର ଧାରଣା ମଧ୍ୟ ଅଛି । ହିନ୍ଦୁମାନଙ୍କର ପବିତ୍ର ଧର୍ମ ଗ୍ରନ୍ଥ ବେଦ ମଧ୍ୟ ଆଉ ଏ କଳି ଯୁଗରେ
ରହି ନାହିଁ । ବେଦ ମଧ୍ୟ ସିଂହ ସଂଗେ ସ୍ୱର୍ଗକୁ ଚାଲି ଯାଇଛି ।



କିନ୍ତୁ ସିଂହ ବର୍ତ୍ତମାନ ଭାରତ ବର୍ଷରେ ମଧ୍ୟ ଅଛନ୍ତି ଓ ଆମ ନନ୍ଦନ କାନନରେ ବି ୫—୬ ଟା ଅଛନ୍ତି । ଅତୀତ ଭାରତର ଆର୍ଯ୍ୟମାନଙ୍କ ଚିତ୍ତରେ ଏହି ପ୍ରାଣୀଟି ଖୁବ୍ ପ୍ରଭାବ ପକାଇ ଥିଲା । ସେମାନେ ଏହାକୁ "ପଶୁରାଜ" ଆଖ୍ୟା ଦେଇଥିଲେ ଏବଂ ଏ ପ୍ରାଣୀଟିର ସ୍ୱଭାବ ଚରିତ୍ରରେ ଦେଖିଥିଲେ—ଉଦାରତା, କ୍ଷିପ୍ରତା, ଅସୀମସାହସିକତା, ଗାମ୍ଭୀର୍ଯ୍ୟ, ଆତ୍ମସମ୍ମାନବୋଧ, କୃତଜ୍ଞତାବୋଧ ଓ ସ୍ଥିରତା ।

ଋକ୍ ବେଦର ୩—୨—୧ ସୂକ୍ତରେ ଏବଂ ଯଜୁର୍ବେଦର ୫—୨ ସୂକ୍ତରେ ଏ ପ୍ରାଣୀର ଉଲ୍ଲେଖ ଅଛି । ଋକ୍ ବେଦରେ ଏହାକୁ ହିଂସ୍ର ବା ହିନ୍ସ ବୋଲି କୁହାଯାଇଛି । ମାତ୍ର ଯଜୁର୍ବେଦରେ ଏହା ସିଂହ ଓ ଖ୍ରୀ : ପୂ: ୪ ର୍ଥ ଶତାବ୍ଦୀରେ ବୟାକରଣ ପାଣିନୀ ମଧ୍ୟ ଏହାକୁ ସିଂହ ବୋଲି ଉଲ୍ଲେଖ କରିଛନ୍ତି । ପାଣିନୀଙ୍କ ମତରେ ଭାଷାତାତ୍ତ୍ୱିକ ବର୍ଣ୍ଣ ବିପର୍ଯ୍ୟୟ ଫଳରେ ହିଂସ ଧାତୁରେ ଅ ପ୍ରତ୍ୟୟ ଶବ୍ଦଟି ହିଂସ ନହୋଇ ସିଂହ ହୋଇ ଯାଇଛି । ଏହାର ମୂଳ ଶବ୍ଦ ବୋଧ ହେଲା—ହିନ୍ସ୍ତି+ଅଚ=ତା ମାନେ ଏଇ ପ୍ରାଣୀ ପ୍ରଥମେ ବଧ୍ୟ ପ୍ରାଣୀଟିକୁ ଅବଧାରଣ କରିନିଏ—ଝାଂପ ମାରେନା—ତା ପରେ ଯେତେବେଳେ ତାକୁ ହତ୍ୟା କରିବାକୁ ଯାଏ ସେତେବେଳେ ଏହାର ଦେହଟି ଆକାର ପ୍ରକାରରେ ଲମ୍ବା ହୋଇ ଯାଏ । ମାତ୍ର ଭାଷ୍ୟକାର ଉବଟଙ୍କ ମତରେ ଉକ୍ତ ପ୍ରାଣୀଟି ସ୍ୱୟଂ ଚେଷ୍ଟାୟା ହିନସ୍ତି—ଅର୍ଥାତ୍ ବଧତେ, ପସ୍ଚାତ ଖାଦତି" । ତା ମାନେ, ସେ ନିଜେ ମାରି ଖାଏ । ଅନ୍ୟ ଦ୍ୱାରା ନିହତ ପ୍ରାଣୀର ମାଂସ ଖାଏ ନାହିଁ ।

ପରବର୍ତ୍ତୀ କାଳରେ "ସିଂହ" ନିଜ ଲାଗି ବହୁ ସାର୍ଥକ ନାମ ଅର୍ଜନ କରି ନିଜ ଗୁଣେ ସ୍ୱନାମଧନ୍ୟ ହୋଇ ପାରିଛି । କେହି କେହି ତାକୁ " ମୃଗେନ୍ଦ୍ର" କହନ୍ତି । ମୃଗ ଶବ୍ଦର ଅର୍ଥ ଦିବସରେ ଅନ୍ୱେଷଣ କରି ନିଜର ଖାଦ୍ୟ ଯୋଗାଡ଼ କରିବା ଏବଂ ସିଂହ ସାହସର ସହିତ ଦିନ ବେଳେ ତାର ଖାଦ୍ୟକୁ ମାରି ଖାଏ ଏବଂ ସେହିଭଳି ପ୍ରାଣୀଙ୍କ ଭିତରେ ସେ ପୁଣି ଇନ୍ଦ୍ର—ଅର୍ଥାତ୍ ଶ୍ରେଷ୍ଠ ।

ପଞ୍ଚାସ୍ୟ ନାମରେ ମଧ୍ୟ ସେ ଖ୍ୟାତ । ପଞ୍ଚ ଶବ୍ଦର ଅର୍ଥ ୫ ସଂଖ୍ୟା କିନ୍ତୁ ବୈଦିକ ଭାଷାରେ ପଞ୍ଚ ଶବ୍ଦର ଅର୍ଥ ବିସ୍ତୃତ ବା ଚଉଡ଼ା । ଆସ୍ୟ ଅର୍ଥ ମୁଖ । ଏହି ମୁଖ ଯଥାକ୍ରମେ କଣ୍ଠ, ତାଳୁ, ମୂର୍ଦ୍ଧା, ଦନ୍ତ, ଓଷ୍ଠ, ଓ ନାସିକାକୁ ନେଇ ବୁଝାଯାଏ । ସିଂହର ଏଇ ସବୁ ପ୍ରତ୍ୟଙ୍ଗ ଗୁଡ଼ିକ ଖୁବ୍ ଚଉଡ଼ା ।

ସିଂହର ଅପର ନାମ ହେଲା ହର୍ଯକ୍ଷ । ଯଜୁର୍ବେଦର ୩୦—୨୧ ସୂକ୍ତରେ ଦେଖାଯାଏ । ହର୍ଯକ୍ଷ ଶବ୍ଦର ବୋଧ ହେଲା—ହରିଃ ପିଙ୍ଗଳଂ ଅକ୍ଷି ଯସ୍ୟ—ମାନେ ଯାହାର ଆଖି ଦୁଇଟି ପିଙ୍ଗଳ ବର୍ଣ୍ଣ ।

କେଶରୀ ନାମରେ ସିଂହ ଖୁବ୍ ପରିଚିତ । ଏହି ନାମଟି ଯଜୁର୍ବେଦର ବାଜସନେୟ ସଂହିତାର ୧୯—୧୨ ସୂକ୍ତରେ ଉକ୍ତ ହୋଇଛି । ଆମେ ଭାବୁ ତା' ବେକରେ କେଶର ଅଛି ବୋଲି ସେ କେଶରୀ । ମାତ୍ର ବୈଦିକ ଭାଷା ବ୍ୟାଖ୍ୟାତାଙ୍କ ମତରେ—"କେ— ମାନେ ଜଳରେ ଓ ହିମରେ ଶୀର୍ଯତେ— ଅର୍ଥାତ୍ ଯେ ଶୀର୍ଣ୍ଣ ହୋଇଥାଏ । ପ୍ରଥମେ ତାର ଘନ ଛୋଟ ବା ଦୀର୍ଘ ରୋମାବଳୀ ଶୀର୍ଣ୍ଣ ହୋଇଯାଏ—ତା' ପରେ ଶୀର୍ଣ୍ଣ ହୋଇ ପଡ଼େ ସମସ୍ତ ଶରୀର । ଏମାନେ ବେଶି ଗ୍ରୀଷ୍ମ ପ୍ରଧାନ ଅଞ୍ଚଳରେ ପର୍ବତରେ ରହିବାକୁ ସୁଖ ପାନ୍ତି ।

ହରି ନାମରେ ମଧ୍ୟ ସିଂହ ବିଦିତ । ହରି ଶବ୍ଦର ଅର୍ଥ ପ୍ରାୟ ୩୨ ଟି ; କିନ୍ତୁ ଯଜୁର୍ବେଦର ୮–୧୧ ଏବଂ ୩୧–୪୨ ସୂତ୍ରରେ ସିଂହକୁ ହରି କୁହା ଯାଇଛି ଏଇ ଅର୍ଥରେ ଯେ ହ+ଇନ୍–କ । କାରଣ ସିଂହ ଦେହର ବର୍ଣ୍ଣ ହେଲ ଉଜ୍ଜ୍ୱଳ ଭାବେ ପିଙ୍ଗଳ ।

କଣ୍ଠୀରବ ବୋଲି ସିଂହର ଅନ୍ୟ ଏକ ନାମ ଅଛି । କାରଣ ସବୁ ଜୀବ ବୋବାଇଲା ବେଳେ ପାଟି ଖୋଲି ହୋବାନ୍ତି ; ମାତ୍ର ସିଂହ ପାଟି ବନ୍ଦ କରି କଣ୍ଠ ଭିତରୁ ଭୟଙ୍କର ହେଣ୍ଟାଳ ଛାଡ଼େ । କଣ୍ଠେ ରବୋ ଯସ୍ୟ– କିନ୍ତୁ ସିଂହ କେବଳ କଣ୍ଠରେ ରବ କରେ ଯେତେବେଳେ ସେ ସଙ୍ଗମ ଇଚ୍ଛା କରେ । ତା' ମାନେ ଏହା ତା'ର ପ୍ରେମର ଆହ୍ୱାନ । ଏ ନାମଟି ଲୌକିକ ।

ମୃଗର ସର୍ବାଧିକ ଶତ୍ରୁ ବୋଲି ସିଂହ ମଧ୍ୟ ମୃଗରିପୁ ନାମରେ ପ୍ରଖ୍ୟାତ । ଏ ନାମ ମଧ୍ୟ ଲୌକିକ । ମୃଗ ଭଳି ବହୁ ଦୂର ଯାଏ ଦେଖିପାରେ ବୋଲି ସିଂହକୁ କେହି କେହି ମୃଗଦୃଷ୍ଟି ବୋଲି ନାମ ଦେଇଛନ୍ତି । ମୃଗ ମାଂସ ଏହାର ଅତ୍ୟନ୍ତ ପ୍ରିୟ ବୋଲି ସିଂହ ମଧ୍ୟ "ମୃଗାଶନ" ନାମରେ ପରିଚିତ । ମୃଗଦ୍ୱିଷ ବୋଲି ସିଂହର ଯେଉଁ ନାମଟି ପର୍ଯ୍ୟାୟ କ୍ରମେ ଆସେ–ତାର ଅର୍ଥ ହେଉଛି– ମୃଗ ଅର୍ଥର ସମସ୍ତ ପ୍ରାଣୀଙ୍କ ଉପରେ ତାର ଦ୍ୱେଷ ଥାଏ ବୋଲି ସେ ମୃଗଦ୍ୱିଷ ।

ସିଂହ ପ୍ରାଣୀଟି ଆମର କାବ୍ୟ ଜଗତରେ ଉପମାନ ହିସାବରେ ଖୁବ୍ ମର୍ଯ୍ୟାଦା ଲଭ କରିଛି । ରାଜାଙ୍କର ବସିବା ଚଉକିଟି ହେଲ ସିଂହାସନ । ଏଥିରେ ବସିଲେ ବିକ୍ରମ ଓ ମହିମା ପ୍ରକାଶ ପାଏ । ଅଥଚ ସିଂହର ସୁନ୍ଦର ସରୁ କଟୀଟି ସଂଗେ ଲଳିତାଙ୍ଗୀ ସୁନ୍ଦରୀ ରମଣୀଙ୍କ କଟିକୁ ସମାନ କରି ସିଂହକଟି ବୋଲି ଉପମା ଦିଅନ୍ତି କବିମାନେ । ପୁରୁଷର ପୌରୁଷ, ମର୍ଯ୍ୟାଦା, ଶକ୍ତି, ସାହସ ଓ କୀର୍ତ୍ତି ଦେଖିଲେ ତାଙ୍କୁ ପୁରୁଷ ସିଂହ ଆଖ୍ୟା ଦିଆ ଯାଏ । ରାଜବାଟି ବା ଦେବ ମନ୍ଦିରର ମୁଖ୍ୟ ଦ୍ୱାରକୁ କୁହାଯାଏ ସିଂହଦ୍ୱାର ଏବଂ ଏ ଦ୍ୱାରର ଦୁଇପଟେ ସର୍ବଦା ଦୁଇଟି ସିଂହର ମୂର୍ତ୍ତି ରଖା ଯାଇଥାଏ । ଏହା ଶୁଭ, ପବିତ୍ର ଓ ମହିମାଜ୍ଞାପକ । ସିଂହ ପୁଣି ଦେବୀ ଦୁର୍ଗାଙ୍କର ମୁଖ୍ୟ ବାହନ । ଶପତ ସତୀ ଚଣ୍ଡୀରେ ଦେବୀଙ୍କୁ ଧ୍ୟାନ କରିବା ସଂଗେ ସଂଗେ ଦେବୀ ବାହନ ସିଂହଙ୍କର ମଧ୍ୟ ଧ୍ୟାନ କରିବା ବିଧି ରହିଛି ଓ ନିର୍ଦ୍ଦେଶ ରହିଛି । ସେଥିଲାଗି ମନ୍ତ୍ର ମଧ୍ୟ ରହିଛି । ସିଂହ ହେଉଛି ରାଜକୀୟ ଓ ଦୈବୀ କ୍ଷମତାର ପ୍ରତୀକ ।

ସିଂହକୁ ପଶୁରାଜ ଆଖ୍ୟା ଦିଆ ଯାଇ ଥିବାରୁ ଲଘୁ ଅର୍ଥରେ କେହି ସିଂହ ଶବ୍ଦର ବ୍ୟବହାର କରନ୍ତି ନାହିଁ । ସିଂହ ଶବ୍ଦର ମଧ୍ୟ ଅପଭ୍ରଂଶ ନାହିଁ । ବୀର ପୁରୁଷମାନେ ପ୍ରତିପକ୍ଷର ମନରେ ଭୟ ସୃଷ୍ଟି କରିବା ଲାଗି ସିଂହନାଦ କରନ୍ତି । ଏହି ପଶୁରାଜଙ୍କର ସମସ୍ତ ଗୁଣ ମନୁଷ୍ୟ ପକ୍ଷରେ ଅନୁକରଣୀୟ ବୋଲି କଥିତ ଅଛି । ସିଂହ ପୋଷା ମାନେ ଓ ଉପକାରୀ ଲୋକର ଋଣ ଶୁଝି ଦେଇଥାଏ ।

ବ୍ୟାଘ୍ର—

ଓଡ଼ିଆରେ ଅପଭ୍ରଂଶ ହୋଇ ଆମେ ତାକୁ ବାଘ ଡାକୁ । ଏ ଶବ୍ଦର ଅର୍ଥ ହେଲା–ଏ ପ୍ରାଣୀଟି ନିଜ ଶରୀରର ଗନ୍ଧ ବ୍ୟତୀତ ଅନ୍ୟ ଯେ କୌଣସି ଗନ୍ଧ ବାରେ, ତାକୁ ପ୍ରତିକୂଳ ଗନ୍ଧ ମନେକରି ସେହି ଗନ୍ଧ ବିଶିଷ୍ଟ ପ୍ରାଣୀଟିକୁ ପଛଆଡୁ ଦାନ୍ତ ବସାଇ ଆକ୍ରମଣ କରେ । ଆ–ଘ୍ରା–ଅର୍ଥାତ୍ ଦ୍ରଂଷ୍ଟ୍ରା, ବା ଦୁଇପାଟି ଧାରୁଆ ଦାନ୍ତ ବସାଇ ଦିଏ । ଦ୍ରଂଷ୍ଟ୍ରା ହେଉଛି ଦାନ୍ତର ଶେଷଭାଗ । ବି+ଆ+ଘ୍ର ।

ଶାର୍ଦ୍ଦୂଳ ନାମରେ ମଧ୍ୟ ସେ ବେଦରେ ନାମିତ । ଯଜୁର୍ବେଦର ୨୪-୩୦ ସୂତ୍ରରେ ଏହାର ଉଲ୍ଲେଖ ଅଛି । ଏ ଶବ୍ଦର ବିନ୍ୟାସ ହେଲା ଶୃ+ଦୃକ୍+ଉଲଚ୍ । ଯେହେତୁ ଏହାର ଶରୀରରେ କର୍ବୂର ବା ହଳଦିଆ ରଙ୍ଗ ସାଙ୍ଗରେ ଅନ୍ୟ ରଙ୍ଗର ଦାଗ ବା ରେଖା ରହିଛି । ବ୍ୟାଧ ବା ଶିକାରୀ ଏହାକୁ ବଧକରେ କେବଳ ଏହି ସୁନ୍ଦର ରଙ୍ଗର ଚମଡ଼ାଟି ପାଇବା ଲାଗି । ପ୍ରାଣୀ ବିଜ୍ଞାନରେ ଏହାର ନାମ ହେଲା– **Panthera tigris.**

ବ୍ୟାଘ୍ର ମଧ୍ୟ ଦେବୀଦୁର୍ଗାଙ୍କର ଅପର ବାହନ । ବିଶେଷତଃ ଲୌକିକ ଭାବେ ସଂପୂଜିତା ଦେବୀମାନେ ସିଂହ ପରିବର୍ତ୍ତେ ବ୍ୟାଘ୍ରକୁହିଁ ବାହନ ରୂପେ ବ୍ୟବହାର କରିଥାନ୍ତି । ବ୍ୟାଘ୍ରେଶ୍ୱରୀ ବୋଲି ସ୍ୱତନ୍ତ୍ର ନାମରେ ଏକ ଠାକୁରାଣୀ ମଧ୍ୟ ଅଛନ୍ତି । ସାହସୀ ପୁରୁଷକୁ ପୁରୁଷ ବ୍ୟାଘ୍ର ବା ନରଶାର୍ଦ୍ଦୂଳ ବୋଲି କୁହାଯାଏ ; ମାତ୍ର ସୁନ୍ଦରୀ ମାନଙ୍କର ସୁନ୍ଦର ଅଙ୍ଗ ପ୍ରତ୍ୟଙ୍ଗ ସଙ୍ଗେ ତୁଳିତ ହେବାକୁ ବ୍ୟାଘ୍ରର କୌଣସି ଅଙ୍ଗ ପ୍ରତ୍ୟଙ୍ଗ ଉପମାନ ହୋଇ ପାରେ ନାହିଁ । ତେବେ ବାଘକୁ ମାମୁଁ ଡାକିବାର ଏକ ଗ୍ରାମ୍ୟ ଅଭ୍ୟାସ ରହି ଆସିଛି । ଲୋକ କଥାରେ ବାଘ ମାମୁଁର ବହୁ ସଦ୍‌ଗୁଣ ଥିବା ସତ୍ତ୍ୱେ ପିଠା, ଖେଚୁଡ଼ି, ଖିରି ଆଦି ଖାଇବାକୁ ନଦେଲେ ବା କଥା ଦେଇ କଥା ନରଖିଲେ ବାଘ ମାମୁଁ ଭଣଜାମାନଙ୍କ ଉପରେ କ୍ରୁଦ୍ଧ ହୋଇଯିବାର ବର୍ଣ୍ଣନା ଅଛି । ମାତ୍ର କ୍ରୁଦ୍ଧ ହେଲେବି ଭଣଜାମାନଙ୍କ ଦ୍ୱାରା ମାମୁଁ ବଶୀଭୂତ ହୁଅନ୍ତି । ଲୋକଙ୍କ ବିଶ୍ୱାସ ହେଲା–ବାଘ ମାମୁଁ ସବୁ ସହିବେ–କିନ୍ତୁ କେହି ତାଙ୍କ ମୁହାଁମୁହିଁ ତାଙ୍କ ନାଁ ଧରି ଅର୍ଥାତ୍ ବାଘ ବୋଲି ଡାକିଦେଲେ ସେ ଉତ୍କ୍ଷିପ୍ତ ହୋଇ



ପଡ଼ନ୍ତି । ସିଂହ ଭଳି ବାଘ ମାମୁଁ ମଧ୍ୟ ଖୁବ୍ ଅଭିଜାତ ଏବଂ ଗାମ୍ଭୀର୍ଯ୍ୟସଂପନ୍ନ ହେଲେବି ସିଂହ ଅପେକ୍ଷା ଅଧିକ ଆପଣାର ।

ଶକ୍ତିସଂପନ୍ନା ପତ୍ନୀଙ୍କୁ କେହି କେହି ପ୍ରେମୀ ସ୍ୱାମୀ ଆଦରରେ ବାଘୁଣୀ ବୋଲି କପଟଭର୍ତ୍ସନା କରିବା କଥା ଶୁଣାଅଛି ।

ଭଲ୍ଲୁକ—

ଆମେ କହୁ ଭାଲୁ । ପ୍ରାଣୀ ବିଜ୍ଞାନରେ ଏହା Melurusus ursinus । କିନ୍ତୁ ଭଲ୍ଲୁକ ଶବ୍ଦ ବୈଦିକ ନୁହେଁ । ସଂସ୍କୃତ ଅଭିଧାନରେ କିନ୍ତୁ ଏହି ଶବ୍ଦର ତାତ୍ପର୍ଯ୍ୟ ହେଲା— ଭଲ୍ଲୁ+ଉକ୍ । ଏହି ଭଲ୍ଲୁ ହେଉଛି ଭାଲିଆ ଫଳ । ଏଥିରେ ରଜକମାନେ ଧୋବ ଲୁଗାରେ ଚିହ୍ନ ଦିଅନ୍ତି । ଏହି ଭାଲିଆ ମଞ୍ଜିର ରଙ୍ଗ ଭଳି ତାର ଦେହର ରଙ୍ଗ । ତେଣୁ ସେ ଭଲ୍ଲୁକ । ପୁଣି, ଭଲ୍ଲୁ ଶବ୍ଦର ଅର୍ଥ ଭୀଷଣ ଦାନ୍ତୁଆ ମୁନିଆ ଅସ୍ତ୍ର ବିଶେଷ । ବନିଶୀ ଭଳି ସେ ଅସ୍ତ୍ରଟିର ଆକୃତି । ଥରେ ଦେହରେ ଭୁସିଦେଲେ ଆଉ ତାହା ବାହାରିବ ନାହିଁ । ଭାଲୁର ଦାନ୍ତ ପ୍ରାୟ ବନିଶୀ ଭଳି ।

ଏହାର ଆଉ ଗୋଟିଏ ଅର୍ଥ ବି ଅଛି । ପୂର୍ବେ ନର୍ମଦା ତୀରସ୍ଥ ଦସ୍ୟୁ ମାନଙ୍କୁ "ଭଲ୍ଲ" ବୋଲି କୁହାଯାଉଥିଲା । ଏହି ପ୍ରାଣୀଟି ନର୍ମଦା ନଦୀ ତୀରସ୍ଥ ପର୍ବତ କନ୍ଦର ଭିତରୁ ଭ ପ୍ରଥମେ ଏଇ ନାମରେ ପରିଚିତ ହେଲେ । ଭାଲୁମାନେ ପଛ ଦୁଇ ଗୋଡ଼ରେ ଚାଲି ପାରନ୍ତି—ଅବିକଳ ମଣିଷ ଭଳି ।

ଏହା ଋକ୍ଷ ନାମରେ ବି ସୁନାମିତ । ପର୍ବତକୁ ଋକ୍ଷ କୁହାଯାଏ । ଭଲ୍ଲୁକମାନଙ୍କର ଆଦି ବାସସ୍ଥାନ ପର୍ବତ ଉପରେ ଥିଲା । ଋକ୍+ସ୍କ ।

ଅଚ୍ଛ ଏହାର ଅନ୍ୟ ନାମ । ଭାଲୁର ସନ୍ମୁଖ ଦୃଷ୍ଟି ଖୁବ୍ ସ୍ୱଚ୍ଛ । ସେ ଦୁଇ ପାର୍ଶ୍ୱକୁ ନଚାହିଁ ଆଗକୁ ଚାହିଁ ଚାଲୁଥାଏ । ସାମ୍ନାରେ କେହି ପଡ଼ିଗଲେ ଆଉ ରକ୍ଷାନାହିଁ । ଭାଲୁ ନିଆଁକୁ ଖୁବ୍ ଭୟ କରେ । ନିଆଁ ଦେଖିଲେ ଦୌଡ଼ି ପଳାଏ। ମଲା ଜୀବକୁ ଛୁଏଁ ନାହିଁ ବୋଲି ଯେଉଁ କିମ୍ବଦନ୍ତୀ ଅଛି- ତାହା ସର୍ବଦା ସତ୍ୟ ବୋଲି ପ୍ରମାଣିତ ହୋଇ ନାହିଁ ।

ଭାଲୁକୁ ଶୁକ୍ରବାର ଦିନ କଂପଜ୍ୱର ହୁଏ ବୋଲି ଲୋକ ବିଶ୍ୱାସ ରହିଛି । ଭାଲୁକୁଣୀ ବୋଲି ଗାଁର ସେଇ ଝିଅଟିକୁ ଡ଼କାଯାଏ—ଯେକି ଭାଲୁ ଆକୃତି ଓ ପ୍ରକୃତି ଧରି ସୁନାମଧନ୍ୟା ହୋଇଥାଏ । କିନ୍ତୁ ଭାଲୁକୁ ମଉସା ବୋଲି ଡ଼ାକିବା ପଣ୍ଡି ଲୋକ ଅଭ୍ୟାସରେ ରହିଛି । ଭାଲୁ ମଉସା ମଧୁଆଣି ପଣରେ ଓସ୍ତାଦ୍ । ବଣରେ ଶ୍ରୀ ରାମଚନ୍ଦ୍ରଙ୍କ ନାମ ଉଚ୍ଚାରଣ କଲେ ଭାଲୁ କିଛି କ୍ଷତି କରିବ ନାହିଁ ବୋଲି ଲୋକ ବିଶ୍ୱାସ ପ୍ରଚଳିତ । ରାବଣ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ବାନର ମାନଙ୍କ ସଙ୍ଗେ ଭାଲୁମାନେ ମଧ୍ୟ ଯୋଗ ଦେଇଥିଲେ । ଚତୁର ଲୋକେ ନୀରିହ ଲୋକଙ୍କୁ ଭାଲୁ ଧରେଇ ଦେଇ ନିଜେ ନିରାପଦ ହୋଇ ରହନ୍ତି । ଭାଲୁ କେବେ କେବେ ଠିକ୍ ମଣିଷ ଭଳି କାନ୍ଦିବାର ଶୁଣାଯାଉଛି । ଆମ୍ବ ଓ ମହୁ ଖାଇବାରେ ଭାଲୁମାନେ ପାଗଳ, ଭାଲୁ ପୋଷାମାନେ ଓ ଶିକ୍ଷାଦେଲେ ଭଲ ରକମ କୌତୁକ ନୃତ୍ୟ ଦେଖାଏ ।

**ହେଟାବାଘ—**

ଆମେ କହୁ ନେକେଡ଼ିଆ—ବା ନେକେଡ଼ା ବାଘ । ପ୍ରାଣୀ ବିଜ୍ଞାନରେ ଏହାର ନାମ Canis Lupus—ହେଟାବାଘ ବୋଲି ମଧ୍ୟ ଆମେ ତାକୁ ଡାକୁ । ପ୍ରାଚୀନ ସଂସ୍କୃତ ଭାଷାରେ ବାଘକୁ ମଧ୍ୟ ତରକ୍ଷୁ ବୋଲି ଠାଏ ଠାଏ କୁହା ଯାଇଛି । ତରକ୍ଷୁ ଶବ୍ଦର ଗଠନ ବିନ୍ୟାସ ହେଲା—ତରଂ ଅର୍ଥାତ୍ ଗତିଂ ମାର୍ଗଂ ବା କ୍ଷୀଣୋତି, ତାର ଉପରରେ ଡ଼ୁ ପ୍ରତ୍ୟୟ । ଯେଉଁ ବାଘ ଚାଲିବା ମାତ୍ରେଇ କୁଦା ମାରିବା ଆରମ୍ଭ କରେ ସେ ହେଲା ତରକ୍ଷୁ ।

ସଂସ୍କୃତ କୋକ୍ ଶବ୍ଦରୁ ନେକେଡ଼ା ଶବ୍ଦଟି ମଧ୍ୟ ଆସିଛି । କୋକ୍ ର ମୂଳ ଶବ୍ଦ ହେଲା ବୃକ୍—ଏବଂ, ଏହି ବୃକ୍ ହେଉଛି ବୈଦିକ ଶବ୍ଦ । ବୃକ୍ ହେଲା ଯାହାର ପେଟ ଓ ଅଣ୍ଟା ଖୁବ୍ ସରୁ । ଯେତେ ଖାଇଲେ ବି ପେଟ ବଡ଼ ଦେଖାଯାଏନା । ସତେକି ଯେତେ ଖାଇଲେ ବି ପେଟ ପୁରୁନି ।

ଗାଁ ଗହଳରେ ଆଗେ ଏମାନେ ବିଲୁଆଙ୍କ ସଙ୍ଗେ ବହୁତ ଥିଲେ । ପ୍ରତି ଗାଁ ଗଣ୍ଡା ସେତେବେଳେ ସାନସାନ ଜଙ୍ଗଲ, ଡୋଟା ଓ ବଣ ବୁଦାରେ ବେଷ୍ଟିତ ଥିଲା । ତା ମଧ୍ୟରେ ଏମାନେ ରହି ଛେଳି, ମେଣ୍ଢାଦି ମାରି ଖାଉଥିଲେ ଏବଂ ଗୋରୁ ଗାଈ ମରି ପଡ଼ିଲେ ତାର ମାଂସ ଖାଉଥିଲେ । ଏମାନେ ବେଳ ଅବେଳରେ ହଠାତ୍ ଗାଁ ଗୋହରୀରେ ବା ପିଲ ବାଡ଼ରୁ ବାହାରି ପଡୁଥିଲେ । ଛୋଟ ପିଲାଙ୍କୁ ବାଗରେ ପାଇଲେ ଆକ୍ରମଣ କରୁଥିଲେ । ତେଣୁ ପିଲାଙ୍କୁ ସେକାଳେ ମାଆ ମାନେ ଡ଼ରାଉଥଲେ—କାନ୍ଦନା ଲୋ ! କୋକବାଘ ଲାଗିଛି ବା ବାଡ଼ି ଆଡ଼େ ଲୁଚି ବସିଛି । ହେଟା ବାଘକୁ ବହୁ ଅନାଦରାର୍ଥେ ଗଧିଆ ବୋଲି କୁହା ଯାଇଛି । ଗଧ ପ୍ରତି ଯେଉଁ ଭଳି ଅନାଦର ଓ ତାଚ୍ଛଲ୍ୟ—ଗଧିଆକୁ ମଧ୍ୟ ତଦ୍ରୂପ ନ୍ୟୁନ ରୂପେ ଦେଖାଯାଏ । ଏହି ପ୍ରାଣୀଟି ଅତ୍ୟନ୍ତ ପଚାସଢ଼ା ମାଂସ ଖାଇଯାଏ ଏବଂ ଶୁଖିଲା ହାଡ଼କୁ ମଧ୍ୟ ଚୋବାଇ ଯାଏ ଏବଂ ନିଜ ଦାନ୍ତ ମୂଳରୁ ବାହାରୁ ଥିବା ରକ୍ତକୁ ହାଡ଼ର ସ୍ୱାଦ ଭାବି ଖୁସି ହୁଏ ।

ହେଟାବାଘର ସ୍ୱଭାବ ବିଲୁଆ ଠାରୁ ହେୟ ଏବଂ ତା' ଆକୃତିରେ ଏବଂ ବଳରେ କିଞ୍ଚିତ୍ ବାଘର ବିଭିଶୀକା ରହିଛି । ତାହାର ସ୍ୱଭାବ ନିଚ୍ଚ ହେଲେ ଅଥଚ ସେ ବଳପୂର୍ବା ହେଲେ ସେ ଗଧିଆଟେ ବୋଲି ଉକ୍ତିତ ହୁଏ ।

**ହସ୍ତୀ—**

ଭାରତବର୍ଷରେ ସବୁଠାରୁ ଜନପ୍ରିୟ ପ୍ରାଣୀ—ବୃହତ୍ତମ ପ୍ରାଣୀ ମଧ୍ୟ । ଏହା ପବିତ୍ର ପ୍ରାଣୀ ରୂପେ ମଧ୍ୟ ଗଣ୍ୟ କରାଯାଏ । ପ୍ରାଣୀ ବିଜ୍ଞାନରେ ଏହା Elephus maximus ନାମରେ ପରିଚିତ । ହସ୍ତୀ ବହୁନାମରେ ସୁନାମଧନ୍ୟ ପ୍ରାଣୀ । ଋକ୍ ବେଦର ୧୦-୧୮-୩ ସୂକ୍ତର ଭାଷ୍ୟରେ ସାୟନ କହନ୍ତି—ଯେଉଁ ଅଙ୍ଗଟି ଚାଳନା କଲେ ମନର ଅପୂର୍ବ ପ୍ରୀତି ପ୍ରକାଶ ପାଉଥାଏ ତାର ନାମ ହେଲା ହସ୍ତ । ପ୍ରତ୍ୟେକ ପ୍ରାଣୀର ହସ୍ତ ଅଛି । କାରଣ ପ୍ରୀତି ଜଣାଇବାକୁ ପ୍ରତ୍ୟେକ ପ୍ରାଣୀ ତାର କୌଣସି ନା କୌଣସି ଅଙ୍ଗ ଚାଳନା କରେ ଏବଂ ଆମର ଏହି ହସ୍ତୀ ନାମକ ପ୍ରାଣୀଟି ତାର ଶୁଣ୍ଢ ଦ୍ୱାରା ମନର ପ୍ରୀତି ଓ ବିରକ୍ତି ଉଭୟ ଭାବ ପ୍ରକାଶ କରିଥାଏ । ସେଥିପାଇଁ ସେ ହସ୍ତବାନ୍ ବା ହସ୍ତୀ । ହସ୍ତ+ଇନି=ହସ୍ତୀ । ଏହି ନାମଟି ଋକ୍ ବେଦର ୧-୬୪-୭ ଏବଂ ୩-୩୬-୭ ସୂକ୍ତରେ ଉଲ୍ଲେଖ ଅଛି ।

କରୀ, ଗଜ ଓ କୁଞ୍ଜର ପ୍ରଭୃତି ନାମରେ ମଧ୍ୟ ସେ ପରିଚିତ । ହସ୍ତୀର ବିଶେଷଭାବେ ପ୍ରକୃତି ନିରୂପଣ କରି ତାକୁ ଚାରିଟି ଶ୍ରେଣୀରେ ଭାଗ କରାଯାଇଛି । ଭଦ୍ର, ମନ୍ଦ୍ର, ମୃଗ ଓ ମିଶ୍ର ।

ପ୍ରକୃତିର ସ୍ୱାଭାବିକ ବିକାର ହେତୁ ସେ ମତଙ୍ଗ ନାମେ ପରିଚିତ । ଯୌବନରେ ସ୍ୱାଭାବିକ ଯୌନ ଉତ୍ତେଜନା ଦେଖା ଦିଅନ୍ତେ ଏହାର କାନ ଏବଂ ବେକ ମୁଣ୍ଡାରେ ଏକ ରକମର ଅଠାଳିଆ ଘର୍ମ ବା ରସ ନିର୍ଗତ ହୁଏ । ସେଥିପାଇଁ ସେ ମଦ ମତଙ୍ଗ । ମଦ୍+ଅଙ୍ଗତ୍ ।

ବହୁପ୍ରାଣୀ ଦନ୍ତବନ୍ତ ହେଲେ ବି ହସ୍ତୀ ପାଇଛି ଦନ୍ତୀ ନାମର ଅଧିକାର । କାରଣ ପାଟି ବାହାରେ ବି ତାର ଦୁଇଟି ଅଧିକ ଦାନ୍ତ ବାହାରି ଥାଏ । ତଦ୍ୱାରା ସେ ତାର ଉଗ୍ର, କ୍ରୋଧ ଓ ହର୍ଷକୁ ଦମିତ କରେ । ଦମ୍+ତନ+ଇନ— ଅର୍ଥାତ୍ ଦନ୍ତ ଦ୍ୱାରା ଦମନ କରିବାର ଶକ୍ତି ଯାହାର ଅଛି । ଦ୍ୱିରଦ ମଧ୍ୟ ତାର ଆଉ ଗୋଟିଏ ନାମ ।


ଅନେକପ ବୋଲି ମଧ୍ୟ ହସ୍ତୀ ନାମିତ । ରଘୁବଂଶ ଓ ଶିଶୁପାଳ ବଧ କାବ୍ୟରେ ଏ ନାମ ବ୍ୟବହୃତ । ଏହାର ଅର୍ଥ ହେଲା—ହାତୀ ଯେତେବେଳେ ପାଣି ପିଏ ତାର ଶୁଣ୍ଢ ଦ୍ୱାରା—ସେତେବେଳେ ମନେହୁଏ ତାର ଅନେକ ମୁଖ ବାହାରେ ଓ ଭିତରେ ରହିଛି । ସେ ଯାହାତ ପାଣିପିଏ ପିଏ—ଶୁଣ୍ଢରେ ବହୁ ପାଣି ନିଜ ଦେହକୁ ମଧ୍ୟ ଛାଟେ । ତେଣୁ ଅନେକପ ହେଲା—ନ+ଏକେନ ପାତିବତ୍—ମାନେ ସତେକି ଗୋଟିଏ ମୁହଁରେ ପାଣି ପିଉନାହିଁ ଅନେକ ମୁହଁରେ ପିଉଛି । ହାତୀର ଆଉ ଗୋଟିଏ ନାମ ହେଲା ଦ୍ୱିପ—ଅର୍ଥାତ୍ ସେ "ଦ୍ୱାଭ୍ୟାଂ ମୁଖ ଶୁଣ୍ଡାଭ୍ୟାଂ ପାତି ପିବତି"—ମାନେ ଏକ ସଙ୍ଗରେ ଶୁଣ୍ଢ ଓ ମୁଖ ଦେଇ ଜଳପାନ କରେ ।

ହାତୀ ମଧ୍ୟ କରୀ ନାମରେ ସୁନାମିତ । କର ମାନେ ହାତ । ହାତୀ ତାର ଶୁଣ୍ଢଟିକୁ ହାତ ପରି ବ୍ୟବହାର କରେ । ଯଥା ପ୍ରେମ, ପ୍ରଣୟ, ଜଳପାନ, କାଷ୍ଠ ବହନ, ଡାଳ ଭାଙ୍ଗିବା ଆଦି ସମସ୍ତ କାର୍ଯ୍ୟ କରେ ଏହି ଶୁଣ୍ଢ ରୂପୀ ହାତ ଦ୍ୱାରା ।

ଇଭ ଓ କଳଭ ବୋଲି ହାତୀକୁ କୁହାଯାଏ । ଇଭ ମାନେ ଯେ ସର୍ବଦା ଭୟ ଶୂନ୍ୟ । ଏ ନାମଟି ବୈଦିକ ନିରୁକ୍ତର ୬-୧୨-୧ ସୂତ୍ରରେ ବ୍ୟବହୃତ । ଇ-ବିଗତଂ ଭୟଂ ଯସ୍ୟ ସ ଇଭଃ ।

ହାତୀ ଶୈଶବାବସ୍ଥାରେ ଅବ୍ୟକ୍ତ ଶବ୍ଦରେ ଡ଼ାକେ । ସେଥିରୁ ତା' ମା' ଜାଣିପାରେ ଯେ ଶାବକଟି ଖୁବ୍ ଭୟ ପାଇଯାଇଛି । କଲ୍+ଅଭଚ୍-କଲଭ (ଉଣାଦି ସୂତ୍ରେ)

ଗଜ ହେଲା ହାତୀର ପ୍ରିୟନାମ । ଏହାର ଗର୍ଜନ ହୃତ୍ କଂପନ ସୃଷ୍ଟିକରେ ବୋଲି ଏହାକୁ ଗଜ କହନ୍ତି । ଗର୍ଜରୁ ଲୌକିକ ସଂସ୍କୃତରେ ଗଜ ଆସିଲା । ରେଫ୍ ଟି



କଟିବାକୁ ବହୁ ଶତାବ୍ଦୀ ଲାଗିଥିବ । କେବଳ ଗର୍ଜନ କରି ଅନ୍ୟକୁ ଡ଼ରାଉଥିବା ବୁଦ୍ଧିହୀନ କାଣ୍ଡଜ୍ଞାନ ବିବର୍ଜିତ ଲୋକକୁ ଆମେ ମଧ୍ୟ ଗଜମୂର୍ଖ ବୋଲି ଗାଳି ଦେଉ ।

ହାତୀର ଅନ୍ୟ ନାମ ନାଗ । ଆଗେ ହାତୀମାନେ ନଗ ଅର୍ଥାତ୍ ପର୍ବତର ଅରଣ୍ୟାଞ୍ଚଳରେ ଯୂଥ ଯୂଥ ହୋଇ ବାସ କରୁଥିଲେ । ଖାଲି ଜଙ୍ଗଲରେ ରହିବାକୁ ହାତୀ ସୁଖ ପାଏ ନାହିଁ ।

କୁଂଜର ନାମରେ ବି ହାତୀ ପରିଚିତ । କୁଂଜର ଶବ୍ଦର ଗଠନଗତ ଅର୍ଥ ହେଲା—ଯେ କୁଂଜ ଭିତରେ ରହି ଦୀପ୍ତିମାନ ଦେଖାଯାଏ ।

ହାତୀ ମଧ୍ୟ ବାରଣ ନାମରେ ପରିଚିତ । ତାର କାରଣ, ଯେ କୌଣସି ଶତ୍ରୁକୁ (ସିଂହ ଓ ବ୍ୟାଘ୍ର ତାର ପ୍ରଧାନ ଶତ୍ରୁ) ସେ ଶୁଣ୍ଢରେ ଟାଣି ଧରି ପାଦ ତଳେ ଚପି ଦେଇ ତାକୁ ବାରଣ କରିପାରେ । ମାନେ, ନିଜ ଉପରକୁ ଶତ୍ରୁ ଝାଂପିବାକୁ ବାରଣ କରିପାରେ ।

ଲୋକ ବିଶ୍ୱାସରେ ହାତୀ ଖୁବ୍ ଶୁଭ ଏବଂ ଲକ୍ଷ୍ମୀଙ୍କ ସହଚର ରୂପେ ସମ୍ମାନୀତ । ସୁନ୍ଦରୀ ନାରୀମାନଙ୍କ ବାହୁକୁ ଏବଂ ଜଂଘକୁ ହାତୀର ଶୁଣ୍ଢ ସଙ୍ଗେ ତୁଳନା କରାଯାଏ । ଗଜ ଗମନା, ବା କରୀନ୍ଦ୍ର ଗମନା ନାରୀ ସେପରି ସୁନ୍ଦରୀ ସେହିଭଳି ବପୁବତୀ ଓ ବ୍ୟକ୍ତିତ୍ୱ ସଂପନ୍ନା ଅଟନ୍ତି ମାତ୍ର ହାତୀ ଖୁବ୍ ପ୍ରତିହିଂସା ପରାୟଣ ଅଟେ ।

ହରିଣ—

ପିଲଦିନୁଁ ବର୍ଣ୍ଣବୋଧରେ ପଢିଆସିଲୁ–ହରିଣ ର ଦିଏ ଧରା । ହରିଣର ପ୍ରାଣୀ ବିଜ୍ଞାନଗତ ନାମ ହେଉଛି– Axis axis । ହରିଣର ଏହି ନାମଟି ଋକ୍ ବେଦର ୧/୧୬୩ ଏବଂ ୫/୭୮/୧୨ ସୂତ୍ରରେ ଏବଂ ଯଜୁର୍ବେଦ ଓ ଅର୍ଥବ ବେଦରେ ମଧ୍ୟ ଉଲ୍ଲେଖିତ । ହୃ+ଇନ (ଇନଚ୍) ପ୍ରତ୍ୟୟ ଯୋଗେ ହରିଣ ଶବ୍ଦ ନିଷ୍ପନ୍ନ ହୋଇଛି ଏହାର ଅର୍ଥ ହେଲା ପାଣ୍ଡୁବର୍ଣ୍ଣ ପ୍ରଧାନ ଅତ୍ୟନ୍ତ ମନୋହାରୀ।

ଏହାର ଅନ୍ୟ ନାମ ମୃଗ । ଋକ୍ ବେଦର ୧-୩୮-୫ ସୂତ୍ରରେ ଓ ୧୦-୧୪୬-୬ ସୂତ୍ରରେ ମୃଗ ଶବ୍ଦ ଅଛି । ମୃଗ ବଡ଼ ଜଟିଳ ଶବ୍ଦ । ଧ୍ୟାନ ମୁଦ୍ରାରେ ଗୋଟିଏ ମୁଦ୍ରା ହେଲା ମୃଗ ମୁଦ୍ରା । ଗୋଟିଏ ରାଶିର ନାମ ମୃଗ ରାଶି । ବାୟୁଦେବତାଙ୍କ ବାହନ ହେଲା ମୃଗ । ଚନ୍ଦ୍ରଙ୍କର ଗୋଟିଏ ନାମ ହେଲା ମୃଗାଙ୍କ । ବ୍ୟାଧର ବୈଦିକ ନାମ ହେଲା ମୃଗୟୁଃ । ବେଦରେ ଲକ୍ଷ୍ମୀଙ୍କ ଅର୍ଥରେ ମଧ୍ୟ 'ହରିଣୀ' ଶବ୍ଦ ବ୍ୟବହୃତ ହୋଇଛି ।

ମୃଗ ଧାତୁରେ କ ପ୍ରତ୍ୟୟ ହୋଇ ମୃଗ ହୋଇଛି । ମୃଗ ଶବ୍ଦର ଅର୍ଥ ଅନ୍ୱେଷଣ । ହରିଣ ଯିଏ ଦିନରେ ଯାହା ଅନ୍ୱେଷଣ କରେ, ରାତିରେ ଶୋଇଯାଏ ।

ବାତପ୍ରମୀ ନାମରେ ଏକ ଜାତି ହରିଣ ଅଛନ୍ତି । ଏମାନେ ବାୟୁର ଗତି କେତେ ତାହା ବୁଝି ପାରନ୍ତି । ବାୟୁମଣ୍ଡଳରୁ ଏମାନେ ଝଡ଼, ବା ବାତ୍ୟାଦିର ସଙ୍କେତ ପାଇପାରନ୍ତି । ଏହି ବାତପ୍ରମୀ ଶବ୍ଦ ହେଉଛି–ବାତଂ ପ୍ରମିଣୋତି ପ୍ର+ମା ଇ କିତ୍ । ୧୦ମ ଶତାବ୍ଦୀର ଭୋଜରାଜ ହୁଅନ୍ତେ ରାଜବାଟୀରେ ଏଇ ଜାତୀୟ ହରିଣ ପୋଷି ପାଗ ଯୋଗ ବୁଝି ପାରୁଥିଲେ । ଏହି ଗୁଣ ଅନୁଯାୟୀ ହରିଣର ଅପର ନାମ ବାତମଜ–ବାତଂ ଅନୁଲକ୍ଷ ଅଜତି ଅଜ୍+ଅଚ୍ । ଏହି ଅର୍ଥରେ ବି ତାକୁ ବାତମୃଗ କୁହାଯାଏ ।

କୁରଙ୍ଗ ହେଉଛି ହରିଣର କାବ୍ୟିକ ନାମ । କିନ୍ତୁ ଙ୍କେ ଆୟୁର୍ବେଦ ଗ୍ରନ୍ଥରେ କୁରଙ୍ଗ ଶବ୍ଦର ଅର୍ଥ ଦିଆଯାଇଛି–ନ କୃଷ୍ଣ ନ ଚ ତାମ୍ରଚ କୁରଙ୍ଗ ସୋହଭିଧୀୟତେ–ଅର୍ଥାତ୍ ଯେଉଁ ହରିଣର ରଙ୍ଗ କଳା ନୁହେଁ ବି ତମ୍ବା ବର୍ଣ୍ଣର ନୁହେଁ ସେ କୁରଙ୍ଗ । ତା' ମାନେ ଈଷତ୍



ଗର । ଯଜୁର୍ବେଦରେ ୨୪-୨୭ ସୂତ୍ରରେ ରୁରୁ ଓ ଶ ପ୍ରକୃତିର ହରିଣମାନଙ୍କୁ ରୁରୁ ବୋଲି ନାମିତ ଯାଇଛି । ଏହି ରୁରୁ ଶବ୍ଦରୁ ରୌରବ ନାମକ ଭୀଷଣ ର ବର୍ଣ୍ଣନା କରାଯାଇଛି ।

ହରିଣର ଆଉ ଗୋଟିଏ ବୈଦିକ ନାମ ହେଲା ପୃଷତ । ଧାତୁର ଅର୍ଥ ଶ୍ୱେତ ବିନ୍ଦୁ । ଚମଡ଼ାରେ ଶ୍ୱେତ ଥିବା ଏହି ହରିଣମାନଙ୍କର ମାଂସ ଖୁଆଡେ ଶ୍ଳକ୍ଷ୍ଣ ଓ କୋମଳ ।

ନ୍ୟଙ୍କୁ ନାମରେ ଏକ ଶ୍ରେଣୀର ହରିଣ ଅଛନ୍ତି । ନେ ଏକା ରହନ୍ତି ନାହିଁ । ଦଳ ବାନ୍ଧି ରହନ୍ତି ।

ଏମାନେ ଘାସ ଖାନ୍ତି । ତେଣୁ ଚମରୁ ନାମରେ ଆଖ୍ୟାତ । ଚମ୍+ଚର+ଉ । କୃଷ୍ଣସାର ମୃଗ ବୋଲି ଗୋଟିଏ ଜାତିର ମଗ ଅଛନ୍ତି ।

ଆଗେ ଚୀନ୍ ନାମରେ ଏକ ଜାତୀୟ କ୍ଷୁଦ୍ର ହରିଣ ଥିଲେ–ସେମାନେ କେବଳ ଚୀନା ଘାସ ବା ଧାନ ଖାଇ ବଞ୍ଚୁ ଥିଲେ । ଗୋରୁ କାନ ପରି କାନ ପାଇଥିବା ହରିଣମାନଙ୍କୁ ଗୋକର୍ଣ୍ଣ ନାମରେ ଆଖ୍ୟାତ କରାଯାଇଛି ।

ଏଣ ବା ଏଣି ନାମରେ ମଧ୍ୟ ହରିଣ ପ୍ରାଚୀନ ଶାସ୍ତ୍ରାଦିରେ ପରିଚିତ । ହରିଣମାନେ ସ୍ୱଭାବତଃ ନିରୀହ, ନିଷ୍ପାପ ଓ ପବିତ୍ର ବୋଲି ଲୋକ ବିଶ୍ୱାସରେ ପ୍ରତିଷ୍ଠିତ । କାଳିକା ପୁରାଣରେ ହରିଣକୁ ୫ ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥା–ଋଷ୍ୟ, ଖଡ୍ଗ, ରୁରୁ, ପୃଷତ ଓ ମଗ । ଗାଈଙ୍କ ପରି ବଡ଼ ବଡ଼ ହରିଣଙ୍କୁ ଶମ୍ବର ଓ ଘୋଡ଼ାଙ୍କ ପରି ହରିଣଙ୍କୁ ଘୋଡ଼ଙ୍ଗ କୁହାଯାଏ । ତୃଷାରେ କାତର ହୁଅନ୍ତି ବୋଲି ଓ ଜଳ ଭ୍ରମରେ ହରିଣମାନେ ଇତଃସ୍ତତଃ ଦୌଡ଼ନ୍ତି ବୋଲି ମରିଚୀକା ଅର୍ଥରେ ମୃଗତୃଷ୍ଣା ଶବ୍ଦ ବ୍ୟବହୃତ ହୁଏ । ଉଚିତ ଅଛି–ଗୋଟିଏ ପ୍ରକାର ମୃଗ ଅଛନ୍ତି ଯେଉଁମାନଙ୍କ ନାଭିରେ ସୁବାସିତ କସ୍ତୁରୀ ପଦାର୍ଥଟି ଥାଏ । ଆପଣା ନାଭିରୁ ଉତ୍ପନ୍ନ ଏହି ସୁବାସରେ ଉନ୍ମତ୍ତ ହୋଇ ସେ ସୁବାସ କେଉଁଠୁ ଆସୁଛି ବୋଲି ଜାଣି ନ ପାରି ବାଉଳାଙ୍କ ଭଳି ଉକ୍ତ ମୃଗ ଏଣେ ତେଣେ ଧାଇଁ ବୁଲେ । ନିଜ ଆତ୍ମାର ଦିବ୍ୟତାକୁ ବୁଝି ନ ପାରି ଯେଉଁ ବ୍ୟକ୍ତି ଶାନ୍ତି, ଶକ୍ତି, ସତ୍ୟ ଇତ୍ୟାଦିକୁ ବାହାରେ ଖୋଜି ବୁଲେ କବିମାନେ ସେହି ବ୍ୟକ୍ତିଙ୍କୁ "କସ୍ତୁରୀ ମୃଗ" ସଙ୍ଗେ ତୁଳନା କରନ୍ତି ।

ହରିଣର ଆଖି ଦୁଇଟି ଅତି ସୁନ୍ଦର । ସୁନୟନା ସୁନ୍ଦରୀମାନଙ୍କୁ ଏଣିନୟନା, କୁରଙ୍ଗ ନୟନା, ହରିଣାକ୍ଷୀ,

ମୃଗନୟନା ବୋଲି ରସିକ ମାନେ ସମ୍ବୋଧନ କରିଥାନ୍ତି । କୌଣସି କୌଣସି ସୁ ସଂଗତ ସୁଗଠିତ ଦେହା ସୁନ୍ଦରୀଙ୍କୁ ମନୋହାରିଣୀ ଅର୍ଥରେ ହରିଣୀ ବୋଲି ସମ୍ବୋଧନ କରାଯାଏ । "ମୋ ମନବନର କନକ ମୃଗୁଣୀ" ରସିକ ପ୍ରେମିକମାନଙ୍କର ଏକ ପ୍ରିୟ ସମ୍ବୋଧନ ।

ଗୋପୀମାନେ କୃଷ୍ଣ ବିରହରେ ବ୍ୟାକୁଳିତା ହୋଇ ବନ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଇତଃସ୍ତତଃ ଖୋଜୁ ଖୋଜୁ ଏବଂ ସ୍ଥାବର ଜଂଗମ ସମସ୍ତଙ୍କୁ "କୃଷ୍ଣଙ୍କୁ ଦେଖିଛକି" ବୋଲି ପଚାରୁ ପଚାରୁ ଦଳେ ଥକ୍‌କା ହୋଇ ଠିଆ ହୋଇ ଯାଇଥିବା ହରିଣଙ୍କୁ ଦେଖି କହୁଛନ୍ତି—

ଆହେ ହରିଣୀ ମୃଗଯୁଥେ—
ଗୋବିନ୍ଦ ଗଲେ କି ଏ ପଥେ
ଆମ୍ଭେ ଜାଣିଲୁ ତୁମ୍ଭେ ଆଜ—
ନିଶ୍ଚେ ଦେଖିଛ ଦେବରାଜ
କୃଷ୍ଣ ଚରଣ ଯୁଗ୍ମ ଦେଖି—
ନିର୍ମଳ କରିଅଛ ଆଖି ।

ଗଣ୍ଡାର—


ଆମେ କହୁ ଗଣ୍ଡା । ପ୍ରାଣୀ ବିଜ୍ଞାନରେ ତାର ନାମ Rhinoceros Unicornis ଏହି ଅତ୍ୟନ୍ତ ସ୍ଥୂଳଚର୍ମା ଜନ୍ତୁଟିର ସଂଖ୍ୟା ଆମ ଦେଶରେ ଖୁବ୍ ବେଶୀ ନୁହଁ । ସେହିଭଳି ସଂସ୍କୃତ କାବ୍ୟ ଅପେକ୍ଷା ଦେଶୀୟ ଭାଷାର କାବ୍ୟ ପୁରାଣରେ ଗଣ୍ଡା ଶବ୍ଦର ବହୁ ଉଲ୍ଲେଖ ରହିଛି ।

ପଣ୍ଡିତମାନଙ୍କ ମତରେ ଗଣ୍ଡା, ଗଣ୍ଡକୀ, ଗଣ୍ଡାର ଆଦି ଶବ୍ଦ ଆର୍ଯ୍ୟଭାଷା ପ୍ରସୂତ ନୁହେଁ । ଗଣ୍ଡାରର ଅନ୍ୟ ନାମ ଖଡ୍‌ଗୀ । ମାନେ ଯାହାର ଖଡ୍‌ଗ ଅଛି । ଏ ଶବ୍ଦଟି ନିଶ୍ଚୟ ଆର୍ଯ୍ୟ ; କିନ୍ତୁ ଗଣ୍ଡାର ନାମକ ପ୍ରାଣୀକୁ ଖଡ୍‌ଗୀ କହିବାର ପ୍ରମାଣ ପ୍ରାଚୀନ ଗ୍ରନ୍ଥମାନଙ୍କରେ ବିରଳ । ଭାଷାବିତ୍‌ମାନଙ୍କ ମତରେ ଗଣ୍ଡାର ଶବ୍ଦଟି ମୁଣ୍ଡାରୀ ଓ ଦ୍ରାବିଡ଼ ଭାଷାରୁ ଆସିଥିବା ସମ୍ଭବ । ଗଣ୍ଡାମାନେ ବର୍ତ୍ତମାନ ଆସାମ, ବଙ୍ଗଳାଦେଶ, ସୁନ୍ଦରବଣ ଓ ନେପାଳରେ ଦେଖାଯାନ୍ତି ।

ଗଣ୍ଡାନାମ ସଙ୍ଗେ ଗୟଳ ନାମଟି ଯୋଡ଼ି ଗାଁ ଗହଳରେ ଲୋକେ ଗଣ୍ଡାଗୟଳ ବୋଲି କହନ୍ତି । ଗଣ୍ଡାନାକା ବୋଲି ତାକୁଇ ଭର୍ତ୍ସନା କରାଯାଏ, ଯାହାର ନାକ ଭାଙ୍ଗେ ଦୂଷିତ । ଗଣ୍ଡାଚମ କହିଲେ ବୁଝାଯାଏ ସେଇ ଲୋକଟିକୁ ଯାହାର ମାନ ଅପମାନ, ପାପପୁଣ୍ୟବୋଧ ଆଦୌ ନାହିଁ, ଯାହାକୁ ଯେତେ ବାକ୍ୟ ବାଣ ମାରିଲେବି ସେ ତାର ଦେହକୁ ନିଏ ନାହିଁ ।

ଏହିରୂପେ ଆମର ସବୁ ବନ୍ୟ ପ୍ରାଣୀଙ୍କର ନାମ ପଛରେ ବହୁ ରହସ୍ୟ ରହିଛି ଏବଂ ଗୋଟିଏ ପ୍ରାଣୀର ବିଭିନ୍ନ ଗୁଣାତ୍ମକ ବହୁ ନାମ ପର୍ଯ୍ୟାୟ ବି ରହିଛି ।





# ଗାଁ ପାଖର କୃଷ୍ଣସାର

ସରୋଜ କୁମାର ପଟ୍ଟନାୟକ

ଗଞ୍ଜାମ ଜିଲ୍ଲାର ଆସ୍କାରୁ ବୁଗୁଡ଼ା ଯାଉଛି । ସେପ୍‌ଟେମ୍ବର ମାସ ସକାଳ । ବାମ ଓ ଡାହାଣ ...ଶରେ ଦୁଇଖଣ୍ଡ ବୁଦୁବୁଦିଆ ଜଙ୍ଗଲ । ଶିଆଳ ଓ ଠେକୁଆ ଛଡ଼ା ଅନ୍ୟ କୌଣସି ବନ୍ୟଜନ୍ତୁ ଦେଖିବାର ...ଶା କରାଯାଇ ନ ପାରେ ।

ତା ପରେ ଆସେ ଖଣ୍ଡେ ଛୋଟ ଗାଁ ଓ ରାସ୍ତାର ଉଭୟ ପାଖରେ ଚଷ ଜମି । ହିଡ଼ରେ କେତେକ ...ବୁଲ ଗଛ । ରାସ୍ତାରେ ଗୋରୁଗାଈ ଯାଉଛନ୍ତି । ଲୋକେ ବିଲରେ କାମ କରୁଛନ୍ତି । ଠିକ୍ ଏତିକି ବେଳେ ...ମ ପାଖ ବିଲ ହୁଡ଼ାରେ ବିଜୁଳି ବେଗରେ ଗୋଟିଏ ଜୀବ ଡେଇଁ ପଡ଼ିଲା । ସେପରି ଲମ୍ଫ କୃଷ୍ଣସାର ବ୍ୟତୀତ ...ି କାହାର ହୋଇ ନ ପାରେ । ଗାଡ଼ି ବନ୍ଦ କଲି । ଭାବିଲି ବୋଧେ କେହି ପୋଷିଥିବ । କିନ୍ତୁ ମୁଁ ଆଶ୍ଚର୍ଯ୍ୟ ...ହୋଇ ରହି ପାରିଲି ନାହିଁ ଯେ ଆଉ ତିନୋଟି ଛୋଟ ବଡ଼ କୃଷ୍ଣସାର ବାବୁଲ ଗଛମୂଳେ ଠିଆ ହୋଇଛନ୍ତି । ...ଙ୍କର ଉପସ୍ଥିତିକୁ ଭ୍ରୂକ୍ଷେପ ନାହିଁ । ଗାଁର ଗାଈଗୋରୁ ତାଙ୍କର ବନ୍ଧୁ ।

ପାଖରେ ଥିବା ଲୋକମାନଙ୍କୁ ପଚାରି ବୁଝିଲି ପ୍ରାୟ ୧୦୦ ଖଣ୍ଡେ କୃଷ୍ଣସାର ଏଇ ପାଖରେ ଥିବା ଜଙ୍ଗ ...ଡ଼ରେ ରହନ୍ତି ଓ ସେମାନେ ପାଖା ପାଖି ତିନି ଚାରିଖଣ୍ଡ ମୌଜାର ଜମିବାଡ଼ି ଓ ପଡ଼ିଆରେ ...ପ୍ରଚଳ କରନ୍ତି । ଗାଡ଼ି ଫେରାଇଲି । କେତେଜଣ ଲୋକଙ୍କୁ ନେଇ ଗୋଟିଏ ଛୋଟ ରାସ୍ତାରେ ଗଲି । ...ରେ ସେଦିନ ୨୬ଟି ମାଈ ଅଣ୍ଡିରା ଓ ପିଲା କୃଷ୍ଣସାର ଦେଖିଲି । ସେମାନଙ୍କର ସ୍ୱାସ୍ଥ୍ୟ ବି ବେଶ୍ ଭଲ । ...ଲୋକ ଓ ଗୋରୁଗାଈଙ୍କୁ ତାଙ୍କର ଭୟ ନାହିଁ । କିନ୍ତୁ ବାହାର ଲୋକ ଓ ଗାଡ଼ି ଦେଖିଲେ ବିଜୁଳି ବେଗରେ ...ମାରି ଚାଲି ଯାଉଛନ୍ତି, ନିରାପଦ ସ୍ଥାନକୁ ।

ଘୋର ଜଙ୍ଗଲ ଭିତରେ ଆଜି ଯେଉଁ ବନ୍ୟଜନ୍ତୁଙ୍କର ସ୍ଥିତି ଅସମ୍ଭବ ହୋଇ ଉଠିଛି, ଏଇ ଜନବସତି ପାଖରେ ସେମାନଙ୍କର ଅବାଧ ଭ୍ରମଣ ଯାହାକୁ ହେଲେବି ଆଶ୍ଚର୍ଯ୍ୟାନ୍ୱିତ କରିବ ନିଶ୍ଚୟ । ସେମାନଙ୍କର ଧ୍ୱଂସ ପାଇଁ ଅରଣ୍ୟ ମଧ୍ୟରେ ଯେଉଁ ମଣିଷ ଦାୟୀ ତାଙ୍କର ଏଠାରେ ସୁରକ୍ଷା ପାଇଁ ଏଇ ମଣିଷହିଁ ପ୍ରଶଂସାର ପାତ୍ର । ଯଦିଓ ଏଇ କୃଷ୍ଣସାର ଗୁଡ଼ିକ ଜମିବାଡ଼ିର ଫସଲ ନଷ୍ଟ କରୁଛନ୍ତି ଗ୍ରାମବାସୀମାନେ ତାଙ୍କର କ୍ଷତି ସାଧନ କରିବାରେ କଳ୍ପନା ଆକ୍ରିମାଏ କରି ନାହାନ୍ତି । ବରଂ କୌଣସି ଶିକାରୀ ଯଦି ଲୋଭ ସମ୍ବରଣ କରି ନ ପାରି ଏଠାରେ ପ୍ରବେଶ କରିଛି ସେ ଗ୍ରାମବାସୀଙ୍କ ଠାରୁ ଉଚିତ୍ ଶାସ୍ତି ପାଇଛି ।

ବାସ୍ତବିକ୍ ଯଦି ଆଧୁନିକ ସଭ୍ୟ ସମାଜ ଏଇ ଅଞ୍ଚଳର ଗ୍ରାମବାସୀଙ୍କ ଠାରୁ ଟିକିଏ ଶିଖିବାର ଚେଷ୍ଟା କରନ୍ତେ ତେବେ ଆମ ଦେଶର ଲୁପ୍ତପ୍ରାୟ ବନ୍ୟଜନ୍ତୁ ପୁଣି ଥରେ ଉଠନ୍ତେ ।


## ସାହାଯ୍ୟପ୍ରାପ୍ତ କଲେଜ , ହାଇସ୍କୁଲ ଓ ମାଇନର ସ୍କୁଲ ଅଣ-ଶିକ୍ଷକ କର୍ମଚାରୀଙ୍କୁ ବେତନ ପ୍ରଦାନ ବ୍ୟବସ୍ଥା

ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ ସାହାଯ୍ୟପ୍ରାପ୍ତ କଲେଜ, ହାଇସ୍କୁଲ ଓ ମାଇନର ସ୍କୁଲଗୁଡ଼ିକର ଯେଉଁ ଅଣ-ଶିକ୍ଷକ କର୍ମଚାରୀମାନଙ୍କର ନିଯୁକ୍ତି ତା ୧-୪-୭୭ ସୁଦ୍ଧା ଯଥାର୍ଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଥିବ ଓ ଉକ୍ତ ତାରିଖ ବେଳକୁ ସେମାନେ ଚାକିରିରେ ଥିବେ, ସେମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ରୂପେ ତିନ-ଚତୁର୍ଥାଂଶ ଦରମା ଓ ଶତକଡା ୮୦ ଭାଗ ମହଙ୍ଗା ଭତ୍ତା ଦିଆଯିବ ଏବଂ ଏଥି ନିମନ୍ତେ ସଂପୃକ୍ତ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ସର୍ତ୍ତ କରାଇ ନିଆଯିବ ଯେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନ ଅନୁଯାୟୀ ଯେଉଁ ଅଣ-ଶିକ୍ଷକ କର୍ମଚାରୀ ଗ୍ରହଣଯୋଗ୍ୟ ନୁହନ୍ତି, ସେମାନଙ୍କ ସଂପର୍କରେ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ସେମାନେ ମାନି ନେବେ ।


ପରେ ନିଖିଳ ଓଡିଶା ଶିକ୍ଷକ ଫେଡ଼େରେସନ୍ ଅନୁଷ୍ଠାନର ପ୍ରତିନିଧି ଓ କେତେକ ବିଧାନ ସଭା ସଦସ୍ୟ ତା ୧୦-୯-୭୭ ରେ ସଂପୃକ୍ତ ମନ୍ତ୍ରୀଙ୍କୁ ଭେଟି ଉକ୍ତ ସିଦ୍ଧାନ୍ତ କାର୍ଯ୍ୟକାରୀ ହେଲେ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଥିବା ଅଣ-ଶିକ୍ଷକ କର୍ମଚାରୀମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ତାହା ଦର୍ଶାଇଥିଲେ । ସେମାନେ ଅନୁରୋଧ କରିଥିଲେ ଯେ ଆଗରୁ ସରକାର ନେଇଥିବା ନିଷ୍ପତ୍ତି ଅନୁସାରେ ନିର୍ଦ୍ଧାରିତ ମାନ ଅନୁଯାୟୀ ନିଯୁକ୍ତି ହୋଇଥାନ୍ତୁ ବା ନଥାନ୍ତୁ, ତା ୧-୪-୭୭ ବେଳକୁ ଚାକିରିରେ ଥିବା ସମସ୍ତ ଅଣ-ଶିକ୍ଷକ କର୍ମଚାରୀଙ୍କୁ ପୂରା ଦରମା ସିଧାସଳଖ ଦିଆଯାଉ ।

ଫେଡେରେସନଙ୍କ ଉକ୍ତ ଦାବୀକୁ ସରକାର ସହାନୁଭୂତି ସହକାରେ ବିଚାର କରିଛନ୍ତି ଏବଂ ଯଥାର୍ଥ ଭାବରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇ ତା ୧-୪-୭୭ ବେଳକୁ ଚାକିରିରେ ଥିବା ସବୁ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନର ଅଣ-ଶିକ୍ଷକ କର୍ମଚାରୀମାନଙ୍କୁ ପ୍ରଥମ ଦଫାରେ ତିନି ମାସର ପୂରା ଦରମା, ଅର୍ଥାତ୍ ୧୯୭୭ ଅପ୍ରେଲ, ମଇ ଓ ଜୁନ ମାସର ଦରମା ଦେବାକୁ ନିଷ୍ପତ୍ତି କରିଛନ୍ତି । ପରବର୍ତ୍ତୀ ମାସଗୁଡିକ ଅର୍ଥାତ୍ ଜୁଲାଇ ପରଠାରୁ ସବୁ ମାସର ଦରମା ଏ ସଂପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ପରେ ଦିଆଯିବ ।

ସରକାର ପୁଣି ଥରେ ସୂଚାଇ ଦେବାକୁ ଚାହାନ୍ତି ଯେ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅଣ-ଶିକ୍ଷକ କର୍ମଚାରୀ ନିଯୁକ୍ତି ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ମାନ ଭିତ୍ତିରେ କରାଯିବାର ଗୃହୀତ ନୀତିରେ ସରକାର ଅଟଳ ଏବଂ ତା ୧-୪-୭୭ ବେଳକୁ ଯେଉଁ ଅଣ-ଶିକ୍ଷକ କର୍ମଚାରୀ ଚାକିରିରେ ଥିଲେ, ନିର୍ଦ୍ଧାରିତ ମାନ ଅନୁଯାୟୀ ସେମାନଙ୍କର ସଂଖ୍ୟା ଅଧିକ ହେଲେହିଁ ସେମାନଙ୍କୁ ଚାକିରିରୁ ଛଟେଇ କରାଯିବ ନାହିଁ ।



ନିବିଡ଼ ବନ ଭୂମିରେ ପ୍ରାଣୀ ଜଗତରେ ବାତ୍ସଲ୍ୟର ଏକ
ହୃଦୟସ୍ପର୍ଶୀ ଦୃଶ୍ୟ ।




ଗଛ କାଟି କାଟି ଅରଣ ଏମିତି କ୍ରମେ ପଦା ହୋଇ ଆସୁଛି ।



ଅରଣ୍ୟ ନା ଉପବନ ?




ପକ୍ଷୀ ଜଗତର ଗନ୍ଧର୍ବରାଜ---ଆମର ଜାତୀୟ ପକ୍ଷୀ ମୟୂର ।




କର୍ମ କଷଣ ଦେହ ସହେ
ଅରଣ୍ୟେ ଅଜଗର ପ୍ରାୟେ ।



''ଡାକେ ବସିଥିଲ ଧ୍ରୁବ ଉପରେ''
କିନ୍ତୁ ଏ ପକ୍ଷୀଟି ଲକ୍ଷ୍ମୀପକ୍ଷୀ ନୁହେଁ ।



ସବୁଠାରୁ ନିରୀହ ଆଉ ଅହିଂସ ଜୀବଟି ବିଲୁଶ ଠେକୁଆ,
ଦେହଟି ତାର ଯେପରି କୋମଳ ସେମିତି ସୁନ୍ଦର ।



ଗୋଟିଏ ସାରସ—ସତେକି ଶୁଭ୍ର ଶାଲଟିଏ ପକାଇଛି ଦେହରେ ।

# ଭାରତୀୟ ଗଣ୍ଡା



ସୁଧାକର ମହାପାତ୍ର

ାରତୀୟ ଗଣ୍ଡା (ଆଫ୍ରିକୀୟ ଗଣ୍ଡାଠାରୁ ଆକାରରେ ଛୋଟ ହେଲେ ମଧ୍ୟ) ଏକ ବୃହଦାକାର ଜନ୍ତୁ । ଏହାର ଖ ଅନୁଚ୍ଚ ଅଥଚ ମୋଟା ଏବଂ ଶକ୍ତ । ହାଡ଼ ଖୁବ୍ ମଜବୁତ ଏବଂ ନିଦା । ଚର୍ମ ମୋଟା । ବୟସ ବଢ଼ିବା ଙ୍ଗ ଚର୍ମରେ ପ୍ରସ୍ତ ସୃଷ୍ଟି ହୁଏ । ପଛ ପଟ ଫଡ଼ିଆ ଏବଂ କାନ୍ଧ ଉପରେ ଗୋଲକାର ଗ୍ରନ୍ଥି ସବୁ ପ୍ରତୀୟମାନ ଣ୍ଡାର ମୁହଁଟା ଦେଖିବାକୁ ଗୋଟିଏ ଛୋଟ ତଙ୍କାପରି । ନାକଉପରେ ଏକ ତିକୋଣୀ ଶିଙ୍ଗ । ପ୍ରାପ୍ତ-ଟିଏ ଗଣ୍ଡାର ଉଚ୍ଚତା ପ୍ରାୟ ପାଞ୍ଚ ଫୁଟରୁ ଛଅ ଫୁଟ ଏବଂ ଗୋଲେଇ ପ୍ରାୟ ଦଶଫୁଟରୁ ବାର ଫୁଟ । ଖିଲେ କୌଣସି ଏକ ପ୍ରାଗୈତିହାସିକ ଜୀବରାକ୍ଷସକୁ ଦେଖିଲା ପରି ମନେହୁଏ

ଚରେ ଆମ ଦେଶରେ ସମଗ୍ର ଗାଙ୍ଗେୟ ସମତଳଭୂମିରେ ବହୁ ସଂଖ୍ୟାରେ ଗଣ୍ଡା ଦେଖିବାକୁ । ବର୍ତ୍ତମାନ ଏମାନେ କେବଳ ଆସାମ ଏବଂ ପଶ୍ଚିମ ବଙ୍ଗରେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ । ଗଣ୍ଡକ ନଦୀ ଉପତ୍ୟକାରେ ଗଣ୍ଡା ଦେଖିବାକୁ ମିଳନ୍ତି । ବର୍ତ୍ତମାନ ଆମଦେଶରେ କେବଳ ଏକ ହଜାର ବୋଲି ଜଣାଯାଇଛି । ଏହିମଧ୍ୟରୁ ସାତଶହ ଅଛନ୍ତି ଆସାମର କାଜିରାଙ୍ଗା ଜାତୀୟ ଉଦ୍ୟାନରେ । ିଶହ ଅଛନ୍ତି ଆସାମର ଅନ୍ୟାନ୍ୟ ଅଞ୍ଚଳରେ ଏବଂ ପଶ୍ଚିମ ବଙ୍ଗରେ । ଗଣ୍ଡା ଏକ ତୃଣଭୋଜୀ ପ୍ରାଣୀ । ତୃଣବହୁଳ ସନ୍ତସନ୍ତିଆ ଅଞ୍ଚଳରେ ଏମାନେ ରହନ୍ତି । ଖାଦ୍ୟ ଆହରଣ ଦୃଷ୍ଟିରୁ ଗଣ୍ଡା ହେଉଛି ହାତୀର ଦ୍ୱୀ।

ଏକାକୀ ଜୀବନ ଯାପନ କରେ । ମାତ୍ର କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକାଧିକ ଗଣ୍ଡା ବିଚରଣ ଦେଖାଯାଇପାରେ । କେବେ କେମିତି ଜଙ୍ଗଲ ପରିସର ବାହାରକୁ ଆସି ଏମାନେ ଶସ୍ୟ ଜମିରେ ପ୍ରବେଶ ଯାଆନ୍ତି ।

ଗଣ୍ଡା ସାଧାରଣତଃ ମଣିଷକୁ ଆକ୍ରମଣ କରେ ନାହିଁ । ବରଂ ମଣିଷକୁ ଦେଖିଲେ ଜଙ୍ଗଲ ଭିତରେ ପଶିଯାଇ ଆତ୍ମଗୋପନ କରେ । ମାତ୍ର ମଣିଷ ସହିତ ହଠାତ୍ ମୁହାଁମୁହିଁ ହୋଇଗଲେ କିମ୍ବା ମଣିଷ ଦ୍ୱାରା ଉତେଜିତ ହେଲେ ଆକ୍ରମଣ କରିବାକୁ ଜୋରରେ ମାଡ଼ିଆସେ । ଲକ୍ଷ୍ୟ ଭ୍ରଷ୍ଟ ହେଲେ ପୁନର୍ବାର ଆକ୍ରମଣ କରିବାର ସମ୍ଭାବନା ବହୁତ କମ୍ । ଗଣ୍ଡାର ଦୃଷ୍ଟିଶକ୍ତି ଅତି କ୍ଷୀଣ । ମାତ୍ର ଏହାର ଶ୍ରବଣ ଶକ୍ତି ଏବଂ ଆକ୍ରମଣ ଶକ୍ତି ଅତି ପ୍ରଖର । ଶତ୍ରୁ ଆକ୍ରମଣରୁ ରକ୍ଷାପାଇବାରେ ଅନେକ ପକ୍ଷୀ ତାକୁ ସାହାଯ୍ୟ କରନ୍ତି । ବଗ, କଜଳପାତୀ ଏବଂ କାଉ ପ୍ରଭୃତି ପକ୍ଷୀ ଗଣ୍ଡା ଉପରେ ବସି ଟିକ ଓ ପୋକ-ଜୋକ ଖାଉଥାଆନ୍ତି । ଶତ୍ରୁର ଆଗମନରେ ଏମାନେ ଉଡ଼ି ଚାଲିଯାଆନ୍ତି । ଗଣ୍ଡା ଏଥିରୁ ଯଥେଷ୍ଟ ସୂଚନାପାଇ ଆତ୍ମରକ୍ଷାପାଇଁ ଜଙ୍ଗଲ ଭିତରକୁ ଚାଲିଯାଏ ।

ଗଣ୍ଡାର ଏକ ବିଶେଷ ଗୁଣହେଲା—କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମଳତ୍ୟାଗ କରିବା । ଚରାବୁଲା କରିବାକୁ ଯେଉଁଠିକି ଯାଇଥାଉ ମଳତ୍ୟାଗ କରିବାକୁ ସେଇ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବ । ପ୍ରତିଦିନର ମଳ ଜମି ଜମି ଏକ ସ୍ତୁପ ହୁଏ । ମଳଗଦା ନିକଟରେ ପହଞ୍ଚିବାର କିଛି ଦୂରରୁ ପଛେଇ ପଛେଇ ଯାଇ ଗଦା ଉପରେ ମଳତ୍ୟାଗ କରେ । ଏହି ଅଭ୍ୟାସର ସୁବିଧା ନେଇ ଶିକାରୀମାନେ ଆଗରୁ ମଳଗଦା ନିକଟରେ ଲୁଚି ବସି ଥାଆନ୍ତି । ପଛେଇ ପଛେଇ ଯାଇଥିବାରୁ ଗଣ୍ଡା ଶିକାରୀକୁ ଦେଖି ନପାରି ସହଜରେ ଶିକାର ହୁଏ ।

ଗଣ୍ଡାମାନେ ପ୍ରାୟ ସତୁରୀ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚନ୍ତି । ଦଶ-ବାର ବର୍ଷ ବୟସ ବେଳକୁ ଏମାନଙ୍କର ଯୌନ-ପରିପକ୍ୱତା ଆସେ । ଗଣ୍ଡାମାନଙ୍କର ଅନ୍ୟଏକ ବିଶେଷ ଗୁଣ ହେଲା—ପୁରୁଷ ଗଣ୍ଡା ଓ ମାଈଗଣ୍ଡା ଉଭୟେ ଯୌନାବେଶ ଅବସ୍ଥାକୁ ଆସନ୍ତି । କେବଳ ଏଇ ଅବସ୍ଥାରେ ଥିବା ଯୋଡ଼ିଙ୍କର ସଙ୍ଗମ ହେଲେ ଗର୍ଭଧାରଣ ସମ୍ଭବ ହୁଏ । ଗର୍ଭଧାରଣ ସମୟ ସତର ମାସରୁ ଊଣେଇଶ ମାସ । ଥରକେ ଗୋଟିଏ ମାତ୍ର ଛୁଆ ଜନ୍ମ ହୁଏ । ସଦ୍ୟଜାତ ଛୁଆର ଉଚ୍ଚତା ପ୍ରାୟ ଚାରିଫୁଟ ଏବଂ ଓଜନ ପ୍ରାୟ ପଚାଶ କିଲୋଗ୍ରାମ । ତିନି-ଚାରି ବର୍ଷ ବୟସ ପର୍ଯ୍ୟନ୍ତ ଛୁଆ ମା'ର ସ୍ତନ୍ୟପାନ କରେ । ଏହି ସମୟ ମଧ୍ୟରେ ମା' ଗଣ୍ଡା ଯୌନାବେଶ ଅବସ୍ଥାକୁ ଆସେନାହିଁ । ସେ ଛୁଆର ଅତିଶୟ ଯତ୍ନ ନିଏ । ନିରାପତ୍ତା ପାଇଁ ଛୁଆକୁ ସବୁବେଳେ ନିଜର ସାମନାରେ ରଖିଥାଏ ଏବଂ ଶତ୍ରୁ ଆକ୍ରମଣରୁ ରକ୍ଷା କରିବାକୁ ଆପ୍ରାଣ ଚେଷ୍ଟା କରେ । ଛୁଆ ମଧ୍ୟ ମା' ପ୍ରତି ଅତି ମାତ୍ରାରେ ଆସକ୍ତ ରହେ । କୌଣସି କାରଣରୁ ମା'ର ମୃତ୍ୟୁ ଘଟିଲେ ସେ ମୃତ ମା'କୁ ଛାଡ଼ି ଚାଲିଯାଏ ନାହିଁ । ନଖାଇ ନପିଇ ଅନେକ ଦିନ ପର୍ଯ୍ୟନ୍ତ ସେଇ ସ୍ଥାନରେ ଠିଆ ହୋଇ ରହେ । ଶେଷରେ ମୃତ୍ୟୁ ବରଣ କରେ କିମ୍ବା ଶିକାରୀ ହାବୁଡ଼ରେ ପଡ଼ି ଶିକାର ହୁଏ ।

ବୟସ ବଢିଲେ ଛୁଆର ନାକ ଉପରେ ଏକ ଶିଙ୍ଗ ଉଠେ । ମାଈଗଣ୍ଡାର ଶିଙ୍ଗ ଅପେକ୍ଷା ପୁରୁଷ ଗଣ୍ଡାର ଶିଙ୍ଗ ଅଧିକ ବଡ଼ । ସାଧାରଣ ଅବସ୍ଥାରେ ଗୋଟିଏ ଶିଙ୍ଗ ପ୍ରାୟ ଦଶଇଞ୍ଚ ଉଚ୍ଚହୁଏ ଏବଂ ଏହାର ଓଜନ ପ୍ରାୟ ଅଢ଼େଇ କିଲୋଗ୍ରାମ୍ ।

ଚର୍ମ ଉପରେ ଏକ ଲୋମଗୁଚ୍ଛ ଏକ ପ୍ରକାର ଅଠାଳିଆ ପଦାର୍ଥ ଦ୍ୱାରା ଶକ୍ତ ଭାବରେ ବାନ୍ଧି ହୋଇ ଏହି ଶିଙ୍ଗର ସୃଷ୍ଟିହୁଏ । ରାସାୟନିକ ବିଶ୍ଳେଷଣରୁ ଜଣାଯାଇଛି ଯେ, ଏହି ଶିଙ୍ଗର କୌଣସି ରାସାୟନିକ କିମ୍ବା ହରମୋନ୍ ସମ୍ବନ୍ଧୀୟ ଗୁଣନାହିଁ । ମାତ୍ର ଏଥିରେ ପ୍ରଚୁର ପରିମାଣରେ ଆମୋନିୟା ଜାତୀୟ ପଦାର୍ଥ ରହିଛି ।

ଏକ କିଲୋଗ୍ରାମ୍ ଗଣ୍ଡା-ଶିଙ୍ଗର ଦାମ୍ ପ୍ରାୟ ପନ୍ଦର ହଜାର ଟଙ୍କାରୁ କୋଡ଼ିଏ ହଜାର ଟଙ୍କା । ଅନ୍ୟ କଥାରେ କହିବାକୁ ଗଲେ ଏହାର ମୂଲ୍ୟ ସମଓଜନ ବିଶିଷ୍ଟ ସୁନାର ମୂଲ୍ୟ ସହିତ ସମାନ । କେତେକ ବିଶ୍ୱାସ ଏବଂ ଅନ୍ଧ ବିଶ୍ୱାସକୁ ଭିତ୍ତି କରି ଶିଙ୍ଗର ମୂଲ୍ୟ ଅତ୍ୟଧିକ ହୋଇଛି—ଏଥିରେ ସନ୍ଦେହ ନାହିଁ ।

ଗଣ୍ଡା-ଶିଙ୍ଗର ଐନ୍ଦ୍ରଜାଲିକ ଶକ୍ତି ଏବଂ ଦ୍ରବ୍ୟଗୁଣ ବିଷୟରେ ପୃଥିବୀର ବହୁ ସଭ୍ୟଦେଶର ଲୋକଙ୍କ ମଧ୍ୟରେ ଏବେ ମଧ୍ୟ ଅନ୍ଧ ବିଶ୍ୱାସ ରହିଛି । ଜାପାନ, ଚୀନ୍, ନେପାଳ, ବର୍ମା ଓ ଥାଇଲ୍ୟାଣ୍ଡରେ ଲୋକେ ବିଶ୍ୱାସ କରନ୍ତି—ଗଣ୍ଡା-ଶିଙ୍ଗରେ ଯୌନଶକ୍ତି ବୃଦ୍ଧି କରିବାର ଏକ ଦ୍ରବ୍ୟଗୁଣ ରହିଛି ! ତେଣୁ ଏହି ଦେଶମାନଙ୍କରେ ବହୁ ସମ୍ଭ୍ରାନ୍ତ ପରିବାରରେ ଶିଙ୍ଗରୁ ପ୍ରସ୍ତୁତ ଚୂର୍ଣ୍ଣର ବହୁଳ ବ୍ୟବହାର ଦେଖାଯାଏ । ଶିଙ୍ଗରୁ ପ୍ରସ୍ତୁତ ପାତ୍ରରେ ଜଳ, ଦୁଧ ଅଥବା ମଦ୍ୟ ପାନକଲେ ପୁନଃ ଯୌବନ ପ୍ରାପ୍ତି ହୁଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ ।

ପୂର୍ବକାଳରେ ରାଜାମହାରାଜାମାନଙ୍କର ବିଶ୍ୱାସ ଥିଲା ଶିଙ୍ଗରୁ ପ୍ରସ୍ତୁତ ପାତ୍ରରେ ବିଷ ମିଶ୍ରିତ ମଦ୍ୟ ଢାଳିଲେ ସେଥିରୁ ଫେଣ ବାହାରେ । ତେଣୁ ମଦ୍ୟ ବିଷାକ୍ତ କି ନୁହେଁ ସହଜରେ ଜଣାପଡ଼େ । ଆଉକେତେକ କହନ୍ତି—ମଦ୍ୟ ବିଷଠାରୁ ପୃଥକ୍ ହୋଇଯାଏ । ଅନ୍ୟକେତେକଙ୍କ ବିଶ୍ୱାସ ଯେ ବିଷର ବିଷାକ୍ତ ଗୁଣ ନଷ୍ଟ ହୋଇଯାଏ ।

ଗଣ୍ଡା-ଶିଙ୍ଗର ଚୂର୍ଣ୍ଣ ଏବଂ ନଡ଼ିଆତେଲ ଏକତ୍ର ମିଶାଇ ଲେପଦେଲେ ହାତ ଓ ପାଦରେ ପଶିଥିବା କଣ୍ଟା ସହଜରେ ବାହାରି ଯାଏ । ଏହି ଚୂର୍ଣ୍ଣକୁ ସେବନ କଲେ ପ୍ରସବ ବେଦନା ଲାଘବ ହୋଇ ସନ୍ତାନ ପ୍ରସବ ସହଜ ହୁଏ, କଟା ସ୍ଥାନରେ ଏହି ଚୂର୍ଣ୍ଣକୁ ପ୍ରୟୋଗକଲେ ରକ୍ତସ୍ରାବ ବନ୍ଦ ହୋଇ କ୍ଷତର ଉପଶମହୁଏ, ଶିଙ୍ଗରୁ ପ୍ରସ୍ତୁତ ମୁଦ୍ରିକାକୁ ଆଙ୍ଗୁଠିରେ ଧାରଣକଲେ ଅର୍ଶରୋଗର ନିରାକରଣ ହୁଏ—ଏହି ଭଳି ଅନେକ ଲୋକ-ବିଶ୍ୱାସ ଅଦ୍ୟାପି ରହିଛି ।

ଶ୍ରାଦ୍ଧୋତ୍ସବରେ ଶିଙ୍ଗରୁ ପ୍ରସ୍ତୁତ ପାତ୍ରରୁ ଜଳ କିମ୍ବା ଦୁଧ ଢାଳି ତର୍ପଣକଲେ ପୁଣ୍ୟ ହୁଏ ବୋଲି ଅନେକଙ୍କର ଧାରଣା ।

ଖାଲି ଶିଙ୍ଗ ନାହିଁକି ଗଣ୍ଡା ଶରୀରର ଯେକୌଣସି ଅଂଶର ଐନ୍ଦ୍ରଜାଲିକ ଶକ୍ତି ରହିଛି ବୋଲି ବିଶ୍ୱାସ କରାଯାଏ ।

ପୂର୍ବକାଳରେ ବିଶ୍ୱାସ କରାଯାଉଥିଲା—ଗଣ୍ଡା ଚମଡ଼ାରୁ ପ୍ରସ୍ତୁତ ଢାଲ ବ୍ୟବହାର କଲେ ଶତ୍ରୁ କବଳରୁ ରକ୍ଷା ପାଇ ହେବ । ଏବେ ମଧ୍ୟ ଲୋକେ ବିଶ୍ୱାସ କରୁଛନ୍ତି ଗଣ୍ଡା ଚର୍ମରେ ବୁଲେଟ୍ ମଧ୍ୟ ପ୍ରବେଶ କରିପାରେ ନାହିଁ । ମାତ୍ର ଏସମସ୍ତ ଧାରଣା ସଂପୂର୍ଣ୍ଣ ଭ୍ରାନ୍ତ ।

ଗଣ୍ଡା ମୂତ୍ରରେ ପଚନନିରୋଧକ ଗୁଣ ରହିଛି ବୋଲି ବିଶ୍ୱାସ କରାଯାଏ । ତେଣୁ ଏହାକୁ କ୍ଷତ ସ୍ଥାନରେ ପ୍ରୟୋଗ କରାଯାଏ । ଏହାକୁ ସେବନ କଲେ ଶ୍ୱାସ ରୋଗର ନିରାକରଣ ହୁଏ ବୋଲି କହନ୍ତି । ଗଣ୍ଡା ମୂତ୍ରକୁ ଗୋଟିଏ ଶଙ୍ଖରେ ରଖି ଘରର ଦ୍ୱାର ଦେଶରେ ଝୁଲାଇ ରଖିଲେ ଭୂତ, ପ୍ରେତ, ରୋଗ ଏବଂ ଅନ୍ୟାନ୍ୟ ଅନିଷ୍ଟକାରୀ ଶକ୍ତି ଘର ଭିତରେ ପ୍ରବେଶ କରିପାରେ ନାହିଁ ବୋଲି ଅନେକ ଲୋକ ବିଶ୍ୱାସ କରନ୍ତି । ତେଣୁ ଆସାମରେ ଗଣ୍ଡାମୂତ୍ରର ଚାହିଦା ବେଶୀ । ଗୌହାଟିସ୍ଥ ଚିଡ଼ିଆଖାନାରେ ଗଣ୍ଡାମୂତ୍ର ଲିଟର୍ ପ୍ରତି ବାରଟଙ୍କା ଦରରେ ବିକ୍ରିହେଉଛି ।

ଗଣ୍ଡା ମଂାସରୁ ଖଣ୍ଡିଏ ଶୁଖାଇ ଖାଇଲେ ଆମାଶୟ ରୋଗର ଉପଶମ ହୁଏ ବୋଲି କେତେକ ବିଶ୍ୱାସ କରନ୍ତି ।

ନେପାଳ, ବର୍ମା ଓ ଥାଇଲ୍ୟାଣ୍ଡର ଲୋକେ ବିଶ୍ୱାସ କରନ୍ତି ଯେ ଘରୁ ଶବକୁ ବାହାର କଲାବେଳେ ଗଣ୍ଡାରକ୍ତ ସିଞ୍ଚିଲେ ପ୍ରେତାତ୍ମାର ସ୍ୱର୍ଗପ୍ରାପ୍ତି ହୁଏ ।

ଗଣ୍ଡା ହାଡ଼ରୁ ଟୁକୁରାଟିଏ ନେଇ ଗୋଟିଏ ତେଉଁରିଆରେ ଭର୍ତ୍ତିକରି ସେଇ ତେଉଁରିଆକୁ ଧାରଣ କଲେ ମଣିଷ ଗଣ୍ଡାଭଳି ଶକ୍ତିଶାଳୀ ହୁଏ । ଗଣ୍ଡା ହାଡ଼କୁ ଜମିରେ ପୋତିଲେ ଅଧିକ ଫସଲ ଉତ୍ପନ୍ନ ହେବ ବୋଲି ବହୁ ଉପ-ଜାତିର ଲୋକଙ୍କର ଧାରଣା ।

ମାଈଗଣ୍ଡାର ଗର୍ଭସ୍ଥ ଶିଶୁ କିମ୍ବା ଭ୍ରୁଣ କୁ କବିରାଜମାନେ ଔଷଧରେ ବ୍ୟବହାର କରନ୍ତି । ମାଈଗଣ୍ଡାର ଜରାୟୁ-ପୁଷ୍ପକୁ ଝୋଳ ପ୍ରସ୍ତୁତ କରି ଖାଇଲେ ବାତରୋଗ ନିରାକରଣ ହେବ ବୋଲି କବିରାଜମାନଙ୍କର ମତ ।

ନେପାଳରେ ଲୋକେ ଗଣ୍ଡାର ରକ୍ତ ଏବଂ ମାଂସକୁ ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରନ୍ତି ।

ଯେଉଁ ଜୀବର ଶରୀରର ପ୍ରତ୍ୟେକ ଅଂଶର ଏତେ ପ୍ରକାର ଉପକାରୀ ଗୁଣ ଛିରହି ଓ ଯାହାର ଚାହିଦା ସମାଜରେ ଏତେ ବେଶୀ ସେଭଳି ଏକ ହତଭାଗ୍ୟ ଜୀବର ବଞ୍ଚି ରହିବାର ସମ୍ଭାବନା ନିଶ୍ଚୟ କମ୍ । ତେଣୁ ସମସ୍ତ ପ୍ରକାର କୁସଂସ୍କାର ଏବଂ ଅନ୍ଧ ବିଶ୍ୱାସର ସହୀଦ ହୋଇଛି ଗଣ୍ଡା ।

ଅତ୍ୟଧିକ ଶିକାର ଫଳରେ ଆମଦେଶରୁ ଗଣ୍ଡା ପ୍ରାୟ ନିଶ୍ଚିହ୍ନ ହୋଇଯିବାକୁ ବସିଥିଲା । ୧୯୦୪ ମସିହା ବେଳକୁ ଦେଖାଗଲା ଆମଦେଶରେ କେବଳ ପନ୍ଦର କୋଡ଼ିଏଟି ଗଣ୍ଡା ଅଛନ୍ତି । ଏମାନଙ୍କର ସଂରକ୍ଷଣ ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ନକଲେ ଭାରତରୁ ଗଣ୍ଡା ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ—ଏ ଧାରଣା ବହୁ ମହଲରେ ଉଦ୍‌ବେଗ ସୃଷ୍ଟି କଲା । ତେଣୁ ଗଣ୍ଡା ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୀତ ହେଲା ଓ ଗଣ୍ଡାମାନଙ୍କର ବଂଶ ବିସ୍ତାର ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥା ଗୃହୀତ ହେଲା । ଅବୈଧ ଶିକାରକୁ ବନ୍ଦ କରିବାକୁ ଆଇନ୍‌ରେ କଠିନ ଦଣ୍ଡର ବ୍ୟବସ୍ଥା ରହିଲା । ଏସବୁର ସୁଫଳ ସ୍ୱରୂପ ଗଣ୍ଡାମାନଙ୍କର ସଂଖ୍ୟା କ୍ରମେ ବଢ଼ିବାକୁ ଲାଗିଲା । ବର୍ତ୍ତମାନ ଆମଦେଶରେ ଗଣ୍ଡା ସଂଖ୍ୟା ପ୍ରାୟ ଏକହଜାର ।

ଆମ ଦେଶରେ ବର୍ତ୍ତମାନ ଅଧିକାଂଶ ଚିଡ଼ିଆଖାନାରେ ଗଣ୍ଡା ଅଛନ୍ତି । ସେମାନଙ୍କ ଉପରେ ବୈଜ୍ଞାନିକ ଅନୁଧ୍ୟାନ ଚାଲିବା ସଙ୍ଗେସଙ୍ଗେ ସେମାନଙ୍କର ବଂଶବିସ୍ତାର ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଗୃହୀତ ହୋଇଛି ।

ଗଣ୍ଡା ବିକ୍ରୟ କରି ଆସାମ ସରକାର ପ୍ରତିବର୍ଷ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରନ୍ତି । ଦେଶଭିତରେ ଚିଡ଼ିଆଖାନାମାନଙ୍କୁ ଗଣ୍ଡା ଯୋଗାଇ ଦେଇ ଗଣ୍ଡା ପ୍ରତି ଏକଲକ୍ଷ ଟଙ୍କା ପାଆନ୍ତି । କୌଣସି ବିଦେଶୀ ଚିଡ଼ିଆଖାନାକୁ ଦେଲେ ଗଣ୍ଡା ପ୍ରତି ଦୁଇଲକ୍ଷ ଟଙ୍କା ପାଉଛନ୍ତି । ଏହା କମ୍ କଥା ନୁହେଁ ।

ଆମ ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜନ୍ମ ଶତବାର୍ଷିକୀ ସମାରୋହ ସମ୍ବନ୍ଧରେ ଓ ଦୁର୍ଗାପୂଜା ଉପଲକ୍ଷେ ଆମେ ଅନ୍ତରର ସହିତ ଦେଶ ତଥା ଦେଶବାସୀଙ୍କର ଉନ୍ନତି କାମନା କରୁଛୁ ।

# ସମାଜ

## ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଓଡ଼ିଆ ଦୈନିକ ସମ୍ବାଦପତ୍ର

ପ୍ରତିଷ୍ଠିତ : ୧୯୧୯

ଗୋପବନ୍ଧୁ ଭବନ
ବକ୍ସିବଜାର
କଟକ-୭୫୩୦୦୧
( ଓଡ଼ିଶା )

ଗ୍ରାମ : ସମାଜ

ଫୋନ : ୨୦୯୯୪ ଓ ୨୧୦୫୪

# ାତୀୟ ପଶୁ ମହାବଳୀ ବାଘ



ଭୁବନେଶ୍ୱର ସାମଲ

ନଭେମ୍ବର ୧୯୭୨ ମସିହା । ଭାରତୀୟ ବନ୍ୟପ୍ରାଣୀ ସଂସ୍ଥା ତରଫରୁ ବାଘକୁ "ଜାତୀୟପଶୁ" ...ଭାବରେ ଘୋଷଣା କରାଗଲା । କିନ୍ତୁ ଏହା ପୂର୍ବରୁ ଏଭଳି ପଦବୀରେ ଭୂଷିତ ହେବାର ସୌଭାଗ୍ୟ ...ଘ ପକ୍ଷରେ ସଂଭବ ହୋଇନଥିଲା । ପଶୁରାଜ ସିଂହ ଜାତୀୟପଶୁ ହିସାବରେ ନାମିତ ହୋଇ ...ଥିଲା । ବୋର୍ଡର ମେମ୍ବରମାନଙ୍କ ମଧ୍ୟରୁ ଅନେକ ଉକ୍ତ ଘୋଷଣାରେ ପକ୍ଷପାତୀ ନଥିଲେ । ଅତୀତର ...ଜାତୀୟପଶୁ' ସିଂହ ହିଁ କେବଳ ଏ ପଦବୀରେ ରହିବା ସମିଚୀନ ବୋଲି ଯୁକ୍ତି ଦର୍ଶାଇଥିଲେ । ...ମାନଙ୍କର ବଳିଷ୍ଠ ଯୁକ୍ତି ହେଲା ସିଂହର ଶରୀର ଗଠନ, ବେକତଳେ ଥିବା କେଶଗୁଚ୍ଛ, ତାର ସମ୍ରାଟ-...ଚାହାଣୀ, ସର୍ବୋପରି କଟି ଦେଶର ସୌନ୍ଦର୍ଯ୍ୟହିଁ ଏ ପଦବୀରେ ମଣ୍ଡିତ ହେବାର ହକଦାର । ଅପରନ୍ତୁ ...ଟ ଅଶୋକଙ୍କ ସମୟରୁ ସିଂହ ସମାଜରେ ଏକ ଆଦର୍ଶ ସ୍ଥାନ ପାଇଥିଲା । ଅଶୋକ ସ୍ତମ୍ଭର ସିଂହ ...ର ନମୁନା । ତା' ଛଡ଼ା ସିଂହାସନରେ ସିଂହର ପ୍ରତିମୂର୍ତ୍ତି ଏହାର ସମ୍ମାନକୁ ଆହୁରି ବଢ଼ାଇ ଦେଇଛି । ...ସିଂହ ଜାତୀୟ ପଶୁହିସାବରେ ରହିବା ଏକାନ୍ତ ଉଚିତ ।

କିନ୍ତୁ ଅପର ପକ୍ଷରେ ମେମ୍ବରମାନଙ୍କ ଯୁକ୍ତି ହେଲା ବାଘଭଳି ସିଂହ ଭାରତରେ ସର୍ବତ୍ର ଦେଖିବାକୁ ...ନି ନାହିଁ । "ଜାତୀୟପଶୁ" ହୋଇ ଯଦି ଜାତିର ଲୋକମାନେ - ଦେଖିବାକୁ ନପାଇଲେ ତାହେଲେ ନାମ-...ର ସାର୍ଥକତା ରହିଲା କେଉଁଠି ? କେବଳ ଗୁଜୁରାଟ୍‌ର ଗୀର ଜଙ୍ଗଲକୁ ଛାଡ଼ିଦେଲେ ଭାରତର ...ସିଂହ ଦେଖିବାକୁ ମିଳେନାହିଁ । ଦକ୍ଷିଣ ଭାରତର ଅନେକ ଭାଷାରେ ସିଂହ ସମ୍ବନ୍ଧୀୟ ...ପୌରାଣିକ ତଥ୍ୟ ମିଳେ ନାହିଁ । କିନ୍ତୁ ବାଘ ସମ୍ବନ୍ଧରେ ଭାରତର ପ୍ରତ୍ୟେକ ଭାଷାରେ

ତଥ୍ୟ ମିଳିଥାଏ । ଏପରିକି ୨୦୦୦ ବର୍ଷ ତଳୁ ବାଘ ସମ୍ବନ୍ଧରେ ଟିପଣୀ ମିଳେ । ସମ୍ରାଟ ଅଶୋକଙ୍କ ସମୟରେ ବାଘ ମଧ୍ୟ ଉପଯୁକ୍ତ ସ୍ଥାନ ପାଇଛି । ତାହାର ପ୍ରମାଣ ହେଉଛି ରାଜକୀୟ ମୋହର । ସେମାନେ ସପକ୍ଷରେ ପୁଣି ମତ ଦେଇଥିଲେ ଯେ, ଯାହାକୁ ଜାତୀୟପଶୁ ହିସାବରେ ସମ୍ମାନ ଦିଆଯିବ ସେ ତାର ଯୌନ ପ୍ରକ୍ରିୟା ପାଇଁ ଉପଯୁକ୍ତ ସାଥୀ ଖୋଜିବା ଦରକାର । ଏହି ପ୍ରକ୍ରିୟା ପାଇଁ ସିଂହ ଉପଯୁକ୍ତ ସାଥୀ ଖୋଜେ ନାହିଁ । କିନ୍ତୁ ଆଜିର ଜାତୀୟପଶୁ ବାଘ ତାର ଯୌନ ମିଳନ ପାଇଁ ଉପଯୁକ୍ତ ସାଥୀ ଖୋଜେ । ଭାରତୀୟ ବାଘ ଏତେ ସୁନ୍ଦରଯେ ତା ଭଳି ପୃଥିବୀରେ କୁତ୍ରାପି ଦେଖିବାକୁ ମିଳେ ନାହିଁ । ତେଣୁ ଏସବୁ ଦୃଷ୍ଟିରୁ ସିଂହ ପରିବର୍ତ୍ତେ ବାଘ ନାହିଁ ଜାତୀୟପଶୁ ହିସାବରେ ସମ୍ମାନିତ ହେବା ସର୍ବାଦୌ ଉଚିତ । ବହୁ ବାଦାନୁବାଦ ପରେ ସର୍ବସମତି କ୍ରମେ ବାଘକୁ ଜାତୀୟପଶୁ ହିସାବରେ ଘୋଷଣା କରାଗଲା ।

ସିଂହ ଓ ବାଘର ଶରୀରର ରଙ୍ଗ ପ୍ରଭେଦ ହେଲେ ମଧ୍ୟ ଉଭୟ ଖୁବ୍ ନିକଟତମ ପ୍ରାଣୀ । ବାଘର ବେକରେ ଏବଂ ଲାଞ୍ଜର ଅଗ୍ରଭାଗରେ କେଶ-ଗୁଚ୍ଛ ଦେଖିବାକି ମିଳେ ନାହିଁ । ବାଘର ଲାଞ୍ଜ ଆସ୍ତେ ଆସ୍ତେ ତଳ ଆଡ଼କୁ ସରୁଆ ହୋଇଥାଏ । ବାଘର ମୁଣ୍ଡ ଖପୁରୀ ବଙ୍କାଳିଆ ଓ ସିଂହ ଖପୁରୀ ଅପେକ୍ଷା ଚଉଡ଼ା । ବାଘର ଉପର ଓଠ ବାହାରପଟ ବଙ୍କାଳିଆ କିନ୍ତୁ ତଳ ଓଠ ସିଧା ଅଟେ । ବାଘ ଠିଆ ହେଉବେଳେ ତଳ ଜଂଘ (ଭଣ୍ଡା) ବଙ୍କେଇ ଠିଆହୁଏ । ସେଥିପାଇଁ ବାଘର ଶରୀର ଲମ୍ବା ହୋଇଥାଏ । ନାକ ପାଖରୁ ଲାଞ୍ଜ ପର୍ଯ୍ୟନ୍ତ ବାଘର ଲମ୍ବ ୮ ଫୁଟରୁ ୯ ୧/୨ ଫୁଟ ଉଚ୍ଚତା ୩ ଫୁଟରୁ ୩ ୧/୨ଫୁଟ । ପୂର୍ବେ କିନ୍ତୁ ୧୨ ୧/୨ ଫୁଟ ଲମ୍ବର ବାଘ ଦେଖିବାକୁ ମିଳୁଥିଲା । ବାଘର ଓଜନ ପ୍ରାୟ ୧୮୦ରୁ ୨୩୫ କି: ଗ୍ରା: । ବାଘୁଣୀ ସାଧାରଣତଃ ୮ ଫୁଟ ଲମ୍ବରୁ କମ୍ ଦେଖାଯାଆନ୍ତି ।

ସାଧାରଣତଃ ୪ ପ୍ରକାର ବାଘ ଦେଖିବାକୁ ମିଳିଥାଏ । (କ) ବେଙ୍ଗଲ ଟାଇଗର (୨) ମଞ୍ଚୁରୀୟାନ, (୩) କକସିଆନ ଓ ପାର୍ଶିଆନ (୪) ମାଳୟ ଜାତୀୟ ବାଘ ।

ବାଘ ଏକା ରହିବାକୁ ଭଲପାଏ । କିନ୍ତୁ ବର୍ଷର କେତେକ ଋତୁରେ ବାଘବାଘୁଣୀ ଏକତ୍ର ରହନ୍ତି । ସାଧାରଣତଃ ଯୌନ ମିଳନ ପାଇଁ ଏକତ୍ର ବାସ କରନ୍ତି । ଯୌନ ମିଳନର ପ୍ରାୟ ୧୧୨ ଦିନ ବେଳକୁ ବାଘୁଣୀ ଛୁଆ ଜନ୍ମ କରେ । ଥରକେ ୨।୩ଟି ଏପରିକି ୬ଟି ଛୁଆ ମଧ୍ୟ ଜନ୍ମ କରିଥାଏ । ପ୍ରାୟ ୬ ମାସ ପର୍ଯ୍ୟନ୍ତ ଶାବକଗୁଡ଼ିକ ପରିବାରରେ ରହନ୍ତି । ବମାନେ ପ୍ରାୟ ୨୦।୨୫ ବର୍ଷ ପର୍ଯ୍ୟନ୍ତ ବଂଚିଥାଆନ୍ତି ।

ସିଂହ ଭଳି ବାଘ ମଧ୍ୟ ନିଶାଚର ପ୍ରାଣୀ । ଦିନବେଳା ଘଞ୍ଚ ଜଙ୍ଗଲ, ବଣ ବୁଦା ମଧ୍ୟରେ ଲୁଚି ରହିଥାଆନ୍ତି । ସଂଧ୍ୟା ହେବାମାତ୍ରେ ଖାଦ୍ୟାନ୍ବେ ଷଣରେ ବାହାରି ପଡ଼ନ୍ତି । ଶୀତ ଏବଂ ବର୍ଷା ଦିନେ ସୂର୍ଯ୍ୟାସ୍ତ ପୂର୍ବରୁ ଖାଦ୍ୟାନ୍ବେଷଣରେ ମଧ୍ୟ ବାହାରି ଥାଆନ୍ତି । ଗ୍ରୀଷ୍ମଦିନେ ଯେତେବେଳେ ପ୍ରଚଣ୍ଡ ରୌଦ୍ର ତାପରେ ନଈ, ନାଳ, ଝରଣା ଶୁଷ୍କ ହୋଇଯାଏ, ସେତେବେଳେ ଯେଉଁ କେତେକ ଯାଗାରେ ଜଳଥାଏ, ନିକଟରେ ଘାସ ଜମିଥାଏ ସେଇସବୁ ଜାଗାକୁ ବାଘ ଅପାତତଃ ଖାଦ୍ୟାନ୍ବେଷଣରେ ଯାଇଥାଏ । ଯାହା ଫଳରେ ଶିକାରୀ ଜାଣିପାରେ ଯେ ବାଘ ଆସେ ବୋଲି । ଯାହା ଫଳରେ ଶିକାରୀକୁ ଶିକାର ଖୋଜିବାକୁ ଅସୁବିଧା ହୁଏ ନାହିଁ । ଯେତେବେଳେ ଗୋଟିଏ ଜାଗାକୁ ବାଘ ପ୍ରତିଦିନ ଆସେ ସେ ବାଘ ନ ମରୁ ପର୍ଯ୍ୟନ୍ତ ସେ ରାସ୍ତା ଦେଇ ସେ ଜାଗାକୁ ଅନ୍ୟ ବାଘ ଆସେ ନାହିଁ । ଅପରନ୍ତୁ ସେ ମରିଗଲାପରେ ଅନ୍ୟବାଘ ପଦାଙ୍କ ଅନୁସରଣ କଲାଭଳି ଠିକ୍ ସେହି ରାସ୍ତା ଦେଇ, ସେହି ନଦୀ ବା ଝରଣାରୁ ଜଳଖାଇ, ସେହି ଘଞ୍ଚ ପଡ଼ିଆରେ ବିଶ୍ରାମ ନିଏ । ବାଘମାନଙ୍କର ବାସସ୍ଥଳୀ ପ୍ରାୟ ଏକା ନୁହେଁ । କିଏ ଗିରୀ ଗହ୍ବରରେ ବାସକରେ ତ କିଏ ନିବିଡ଼ ଜଙ୍ଗଲର ଘଞ୍ଚ ବଣବୁଦାରେ ରହେ । ନିଜ ନିଜର ସୁବିଧା ଅନୁଯାୟୀ ବାସ କରନ୍ତି । ସାଧାରଣତଃ ଦେଖାଯାଇଥାଏ ଯେଉଁଠାରେ ବଣ କୁକୁଡ଼ାମାନେ ବହୁତ ପରିମାଣରେ ବାସ କରି ଥାଆନ୍ତି ସେସବୁ ଜାଗାରେ ବାଘ ଦେଖିବାକୁ ମିଳେ ।

ବାଘ ଅତ୍ୟଧିକ ଗରମ ସହ୍ୟ କରି ପାରେ ନାହିଁ । ଛାଇତଳେ ଯେଉଁଠି ସୂର୍ଯ୍ୟ କିରଣ ପଡ଼େନା, ବେଶ ଥଣ୍ଡା ଜାଗା, ଶୀତ ପ୍ରଧାନ ସ୍ଥାନମାନଙ୍କୁ ବାସସ୍ଥଳୀ ରୂପେ ବାଛି ନିଅନ୍ତି । ଯେଉଁଥିପାଇଁ ଅନେକ ବାଘ ଉତ୍ତର ଚୀନ, ମଞ୍ଚୁରିଆ, ସାଇବେରିଆକୁ ସ୍ଥାନାନ୍ତରିତ ହୋଇଥିବାର ଦେଖିବାକୁ ମିଳେ । ବାଘ ଗରମ ସହ୍ୟ କରି ନ ପାରି କର୍ଦ୍ଦମାକ୍ତ ଜଳରେ, ନଦୀର ତଟ ଦେଶରେ ବିଶ୍ରାମ ନିଏ । ପରେ ଶରୀରର ମଇଳାକୁ ପରିଷ୍କାର କରିବା ପାଇଁ ବାଲିରେ ଗଡ଼େ । ବାଘ ବେଶ୍ ପହଁରିପାରେ । କେତେକ ସମୟରେ ଦେଖାଯାଇଛି ଯେ ମାଇଲ ମାଇଲ ଧରି ଏ ଦ୍ବୀପରୁ ସେ ଦ୍ବୀପକୁ ପହଁରିଯାଏ ଖାଦ୍ୟାନ୍ବେଷଣରେ, ଆଉ ଯଦି କୌଣସି ଶିକାର ନପାଏ ତା ହେଲେ ବନା ବିଶ୍ରାମରେ ପୁଣି ଫେରି ଆସେ ପୂର୍ବସ୍ଥାନକୁ । ବାଘ ବେଶ୍ ସନ୍ତରଣ

ପଶୁ ଆଉ ବହୁତ ପାଣି ମଧ୍ୟ ପିଏ । କିନ୍ତୁ ଏଭଳି ଦେଖାଯାଇଛି ପରିସ୍ଥିତିର ଉପରେ ପଡ଼ି ଗ୍ରୀଷ୍ମ ଋତୁରେ ୧୦ଦିନ ପର୍ଯ୍ୟନ୍ତ ବିନା ପାଣିରେ ବଞ୍ଚିଛି । ଏ ବିଷୟରେ ନିମ୍ନରେ ଜଣେ ଶିକାରୀଙ୍କର ଅନୁଭୂତି ଦିଆଗଲା । ଣ୍ୟାଣ୍ଡରସନ ନାମକ ଜଣେ ଶିକାରୀ ଗ୍ରୀଷ୍ମ ଋତୁରେ ଗୋଟିଏ ଜଙ୍ଗଲରେ ଜାଲ ସାହାଯ୍ୟରେ ଘୁରିପଟେ ଘେରାଇ ଦେଲେ । ଘେରର ବ୍ୟାସ ମାତ୍ର ୭୦ ଫୁଟ ଥିଲା । ପ୍ରତି ମୁହୂର୍ତ୍ତରେ ଗୁଳିକରିବାର ଭୟ ପ୍ରଦର୍ଶନ କରାଯାଉଥିଲା । ଜାଲର ଚାରିପଟରେ ଅଗ୍ନି ଜଳା ହେଉଥିଲା । ୧୦ ଦିନ ୧୦ ରାତ୍ର ପର୍ଯ୍ୟନ୍ତ ପାଣି ଟୋପାଏ ପିଇବାକୁ ଦିଆଯାଇନଥିଲା । ଅନେକ ସମୟରେ ବାଘ ଅଚେତ ପ୍ରାୟ ହୋଇଯାଉଥିଲା । ତେଣୁ ଏତିକିରୁ ପ୍ରମାଣ କରାଯାଇପାରେ ପରିସ୍ଥିତିର ଉପରେ ପଡ଼ି ପାଣି ଓ ଖାଦ୍ୟ ବିନା ୧୦ ଦିନ ପ୍ରାଣ ରକ୍ଷା କରିପାରେ ।

ଗଛ ଚଢ଼ିବାରେ ବାଘ ସିଦ୍ଧ ହସ୍ତ ନୁହେଁ । ତା ଛଡ଼ା ସିଧା ଗଛ ଚଢ଼ିବା ବାଘ ପକ୍ଷରେ ଆଦୌ ସମ୍ଭବ ନୁହେଁ । ଯଦି କୌଣସି ବୃକ୍ଷର ଗଣ୍ଡି ଭୂମି ଆଡ଼କୁ ବଙ୍କେଇ ହୋଇଥାଏ ତା ହେଲେ ସେ ଗଛକୁ ଡେ଼ଇଁ ଉଠିପଡ଼େ । ତା ପୁଣି ଖୁବ୍ ବେଶୀ ହେଲେ ୧୫ ଫୁଟ ପର୍ଯ୍ୟନ୍ତ । ତେଣୁ ବଣରେ ଶିକାରୀ ବାଘର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଛ ଚଢ଼ି ଆଶ୍ରୟ ନିଏ ।

ବାଘର ଖାଦ୍ୟ ହରିଣ, ବଣ ଘୁଷୁରୀ, ମୃଗ, ଗୃହପାଳିତ ପଶୁ, କେତେକ ପକ୍ଷୀ ମାଙ୍କଡ଼, ବଣକୁକୁଡ଼ା, ମଇଁଷି, ଗୟଳ ଇତ୍ୟାଦି ।

ବାଘର ଦୈହିକ ଶକ୍ତି ପ୍ରବଳ । ଅନେକ ସମୟରେ ଦେଖାଯାଇଛି ବାଘ ତାହାର ୩୦୦–୪୦୦ ପାଉଣ୍ଡ ଓଜନିଆ ଶିକାରକୁ ମାରି ଦାନ୍ତରେ କାମୁଡ଼ି ଟାଣି ଟାଣି ନିର୍ଜନ ସ୍ଥଳକୁ ନେଇଯାଏ ।

ମଣିଷ ଖିଆ ବାଘ ଖୁବ୍ କମ୍ ଦେଖାଯାଆନ୍ତି । ସାଧାରଣତଃ ବାଘ ମଣିଷ ଶିକାରକୁ ଭଲପାଏ ନାହିଁ । ଖାଦ୍ୟାଭାବର ଉପରେ ପଡ଼ି ମଣିଷ ଶିକାର କରେ । ବାଘ ଅପେକ୍ଷା ବାଘୁଣୀମାନେ ବେଶୀ ମଣିଷଖିଆ ହୋଇଥାଆନ୍ତି । ମଣିଷ ଖିଆ ହେବାର ୩ଟି କାରଣ ହୋଇପାରେ । ପ୍ରଥମ କାରଣ ହେଲା କୌଣସି ଏକ ପରିସ୍ଥିତିରୁ ଅନ୍ୟ ଖାଦ୍ୟ ନପାଇ ମଣିଷମାରେ । ଥରେ ମଣିଷମାଂସ ଚାଖିଲାପରେ ପରେ ମଣିଷ ଶିକାର କରିବାକୁ ପଛାଏ ନାହିଁ । ଦ୍ୱିତୀୟରେ ବାଘ ବୁଢ଼ା ହୋଇ ଗଲେ ଯେତେବେଳେ ଶିକାର କରିବା ପାଇଁ ଦୈହିକ ବଳ ନଥାଏ ସେତେବେଳେ ମଣିଷ ଶିକାର କରିଥାଏ । ତୃତୀୟତଃ ବାଘୁଣୀ ଶାବକମାନଙ୍କୁ ଲାଳନ ପାଳନ କରୁଥିବା ସମୟରେ ଯଦି ଖାଦ୍ୟ କିଛି ନପାଇଲା ସେତେବେଳେ ବାଧ୍ୟ ହୋଇ ମଣିଷ ଶିକାର କଲା ।

ଏହି ମହାବଳ ବାଘଙ୍କ ଭିତରେ ଧଳାବାଘ ଦେଖିବାକୁ ମିଳେ । ଧଳା ବାଘ ନାମ କରଣରୁ ବୁଝାପଡ଼େ ଯେ ବାଘର ବର୍ଣ୍ଣ ଧଳା । କିନ୍ତୁ ତା ଠିକ୍ ନୁହେଁ । ଶରୀରର ଲୋମଗୁଡ଼ିକ ଆଂଶିକ ଧଳା ଲହୁଣୀ ସଦୃଶ ଆଉ ସାଧାରଣ ବାଘ ଭଳି ଫିକାଳିଆ, ପଟା ପଟା ଦାଗ ଥାଏ । ଏହାର ଆଖି ଆଂଶିକ ନୀଳରଙ୍ଗର । ଭାରତରେ ପ୍ରଥମେ ୧୮୯୯ ମସିହାରେ ଆସାମ ଏବଂ ୧୯୦୨ମସିହାରେ ପୁନାଠାରେ ଦେଖିବାକୁ ମିଳିଥିଲା ।

ବାଘ ଏବଂ ସିଂହକୁ ନେଇ ବଂଶବୃଦ୍ଧି କରାଯାଇ ପାରେ । ଅବଶ୍ୟ ବଣରେ ସିଂହ ବାଘ ମଧ୍ୟରେ ଯୌନମର୍ଦ୍ଦନ ଘଟେ ନାହିଁ । କିନ୍ତୁ ଏମାନଙ୍କୁ ପାଳନ କରି ଏମାନଙ୍କର ମିଳନ କରାଯାଇପାରେ । ସିଂହ ଏବଂ ବାଘୁଣୀ ମିଳନରେ ଯେଉଁ ଛୁଆ ଜନ୍ମ ଲଭକରେ ତାକୁ 'ଲାଇଗର' କହନ୍ତି ଆଉ ବାଘ ଓ ଓ ସିଂହୀର ଯୌନ ମିଳନରେ ଯେଉଁ ଛୁଆ ଜନ୍ମହୁଏ ତାକୁ 'ଟାଇଗନ' କହନ୍ତି ।

ବାଘକୁ 'ଜାତୀୟ ପଶୁ' ହିସାବରେ ସମ୍ମାନିତ କରିଦେଲେ ଯେ ତା ପ୍ରତି ଆମମାନଙ୍କର କର୍ତ୍ତବ୍ୟ ସରିଗଲା ତା ନୁହେଁ ସେମାନଙ୍କର ସଂରକ୍ଷଣ ପାଇଁ ପ୍ରକୃତ ଉଦ୍ୟମ ହେବା ଉଚିତ । ଶିକାରୀମାନେ ଜାତୀୟ ପଶୁକୁ ହତ୍ୟାକରି ଗର୍ବ ଅନୁଭବ କରିବା ପରିବର୍ତ୍ତେ ଅନୁତପ୍ତ ହେବା ବାଞ୍ଛନୀୟ । ଶିକାର ଲାଳସାରେ ବଶୀଭୂତ ହୋଇ ସମୟ ନଷ୍ଟ କରିବା ପରିବର୍ତ୍ତେ ଜାତୀୟ ପଶୁର ରକ୍ଷା, ଓ ବଂଶବୃଦ୍ଧି କିପରି ହେବ ସେଥିପାଇଁ ସମୟ ନଷ୍ଟ କରିବା ସେମାନଙ୍କର କର୍ତ୍ତବ୍ୟ ।

# ORISSA STATE ELECTRICITY BOARD

## MARCHES AHEAD

### *TOWARDS MORE PROSPEROUS FUTURE OF ORISSA*


* It offers more power at attractive rates for Large, Medium and Small-scale Industries for exploiting Orissa's rich mineral and natural resources and for intensive agricultural pumping and extensive rural development through Rural Electrification.
* Orissa is one of the few States in India which is surplus in power.
* It has been extending power support to the neighbouring States of Bihar and Andhra Pradesh to meet their emergent power requirement.
* It has extended many attractive concession for growth and development of Small and Medium Scale Industries, particularly in rural areas.
* It has taken up massive programme for Rural Electrification and energisation of Lift Irrigation Pumps.
* It has implemented the Scheme on "Workers Participation in Management

**A Few Salient Features—**


| | |
|---|---|
| * Present installed capacity | 861·5 MW. |
| * **New Power Projects under execution—** | |
| Talcher Thermal Power Station Expansion | 220 MW. |
| Balimela Hydro Project (6th Unit) | 60 MW. |
| Rengali Hydro Project | 100 MW. |
| Upper Kolab Hydro Project | 240 MW. |
| * **New E. H. T. and Transmission Schemes under execution—** | |
| 220 K.V. and 132 K.V. Lines | 1,011·4 Kms. |
| * New E. H. T. Sub-station under execution | 395 MVA. capacity |
| * Villages electrified by the end of 1976-77 | 14,758 |
| * **Rural lines planned during 5th plan—** | |
| 33 K.V. Line | 886 Kms. |
| 11 K. V. Line | 11,081 Kms. |
| L. T. Lines | 9,070 Kms. |
| * Power sold during 1976-77 | 2,500 Million Units (Approx.) |
| * Number of consumers by the end of 1976-77 | 3,00,000 (Approx.) |
| * Strength of employees | 28,000 (Approx.) |

**ELECTRICITY IS KEY TO PROSPERITY**
**HELP US TO SERVE YOU AT ALL TIMES**


*Issued by*—ORISSA STATE ELECTRICITY BOARD
BHUBANESWAR-751007




ଗଜପତି ଦେଶର ଗଜ ସେମାନେ....
ଖୁବ୍ ନିଶ୍ଚିତ, ଖୁବ୍ ଦ୍ରୁତ ଓ ଖୁବ୍ ସତେଜ ।



ଭିତର କନିକାର ଏକ ପ୍ରାକୃତିକ ବୃକ୍ଷର ସଂରକ୍ଷଣାଗାର
ଗଭୀର ଜଳ ପାଖ ଅରଣ୍ୟର ଡାଳରେ ଗଙ୍ଗେଇ ଚଢ଼େଇଛନ୍ତି ଲକ୍ଷ୍ୟ କରନ୍ତୁ ।



ଅରଣା ମଈଁଷି ରହିଛି ଅନାଇ
ମଈଁଷିର ପାଖ ନ ଯାଅ ଦନାଇ ।




ବୃକ୍ଷକାୟ ଏଡ଼ି ଗୁଣ୍ଡୁଚି ମୂଷାଟି (ପାଟ) ଲେଜେ ସୁନ୍ଦର !



ଚଉଶିଙ୍ଗା—ମୃଗ ଜାତୀୟ ପ୍ରାଣୀ ।



କୁଟ୍ରା—ଅଦ୍ଭୁତ ଶୁଭେ ତାର ଗାଢ ଘଡ଼ିରେ ଚୋବାଳି ।



ବଉଳା କୁମ୍ଭୀର



ଝିଙ୍କ—ଲୋମ ମାତ୍ରକେ ତାର ଏକ ଏକ ଶର

# ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ

ଶର ଶଯ୍ୟାରେ ଚିର ଦିନ ପାଇଁ ଶାୟିତ ମହାମତି ଭୀଷ୍ମ କହିଲେ—ହେ ଧର୍ମପୁତ୍ର ଯୁଧିଷ୍ଠିର ! ପ୍ରାଣୀମାନେ ସର୍ବଦା ଅବଧ୍ୟ ଏବଂ ଅରକ୍ଷ ଜନଙ୍କ ଭଳି ରକ୍ଷଣୀୟ ଓ ପାଳନୀୟ ! ହେ ଧର୍ମଜ୍ଞ ! ବଣର ପ୍ରାଣୀମାନଙ୍କ ନିରାପଦ ଓ ସ୍ୱଚ୍ଛନ୍ଦ ଗତି ଯେପରି ବ୍ୟାଧମାନଙ୍କ ଦ୍ୱାରା ବ୍ୟାହତ ନ ହୁଏ, ସେ ଦିଗରେ ରାଜ ଦୃଷ୍ଟି ସର୍ବଦା ତୀକ୍ଷ୍ଣ ରହିବା ଉଚିତ । ମୃଗୟା ରାଜାମାନଙ୍କ ପକ୍ଷରେ ଅତି ନିନ୍ଦ ଏକ ବ୍ୟସନ ।

* ପ୍ରାଣୀମାନେ କଥା କହି ପାରୁ ନାହାନ୍ତି ବୋଲି ଭାବନ୍ତୁ ନାହିଁ ଯେ, ସେମାନେ କିଛି ବୁଝି ପାରୁ ନାହାନ୍ତି ବା ସେମାନଙ୍କ ମନୋଭାବ ପ୍ରକାଶ କରି ପାରୁ ନାହାନ୍ତି । ସେମାନେ ମଧ୍ୟ ଆମ ଭଳି ଖୁସି ହୁଅନ୍ତି, ବିରକ୍ତ ହୁଅନ୍ତି, କାନ୍ଦନ୍ତି, ଉତ୍‌କ୍ଷିପ୍ତ ହୁଅନ୍ତି, ସ୍ନେହ ପ୍ରବଣ ହୁଅନ୍ତି ଓ ଘୃଣା କରନ୍ତି । ବନ୍ଧୁଗଣ ! ବଣର ପ୍ରାଣୀମାନେ ଅତ୍ୟନ୍ତ ଦୁଃଖୀ ଓ ଅର୍ତ୍ତି ଅଟନ୍ତି । ସେମାନଙ୍କ ପ୍ରତି କରୁଣା ପରବଶ ହୁଅନ୍ତୁ ।

* ପଶୁପକ୍ଷୀମାନଙ୍କର ଆମ ଭଳି ଆତ୍ମ ସମ୍ମାନବୋଧ ଓ ମର୍ଯ୍ୟାଦାବୋଧ ଭଣା ଅଧିକେ ରହିଛି । ସେମାନଙ୍କୁ ହୀନ ବୋଲି ଭାବିବା ଏବଂ ଆମକୁ ସେମାନଙ୍କଠାରୁ ଶ୍ରେଷ୍ଠ ବୋଲି ଭାବିବାଠାରୁ ବଳି ମୂର୍ଖତା ଆଉ ନାହିଁ ।

* ଆପଣ ଜାଣି ରଖନ୍ତୁ, ଭଗବାନଙ୍କ ସୃଷ୍ଟ ଏହି ପୃଥିବୀରେ ଏବଂ ସାର୍ବଜନୀନ ପ୍ରକୃତିମାତା କୋଳରେ ଜନ୍ମ ହୋଇଥିବା ପ୍ରତିଟି ପ୍ରାଣୀ ତା ବାଟରେ ବଞ୍ଚିବା ପାଇଁ ଓ ବିକାଶ ପାଇବା ପାଇଁ ଆମ ଭଳି ସମାନ ଅଧିକାର ପାଇଛି । ଏ ପୃଥିବୀରେ ମହାତ୍ମା ଗାନ୍ଧୀ, ଆଇନ ଷ୍ଟାଇନ୍, ରବୀନ୍ଦ୍ରନାଥ, ପ୍ରଭୃତି ମହାମାନବଙ୍କ ସଂଗେ ଆମ ଭଳି ରାମା, ଦାମା, ଶାମାମାନେ ଯେପରି ବଞ୍ଚିବା ଲାଗି ସମାନ ଅଧିକାର ପାଇଛୁ, ସେହିଭଳି ଗୋଖର ସାପ ଟିଏ, ଚୂଚୁନ୍ଦ୍ରା ଟିଏ, ଗୁଣ୍ଡୁଚି ମୂଷା ଟିଏ, ବିଲୁଆ ଟିଏ, ବାଘଟିଏ ବା ଗଧିଆ ଟିଏ, ହରିଣ ଟିଏ ବା ଠେକୁଆ ଟିଏ ବଗ ଟିଏ ବା ମୟୁର ଟିଏ, ଶୁଆ ଟିଏ ବା ଭଦଭଦଳିଆ ଟିଏ, ଆମ ସାଂଗେ ବଞ୍ଚିବା ପାଇଁ ସମାନ ଅଧିକାର ପାଇଛନ୍ତି ।

* । ଆମର ଗୃହପାଳିତ ପ୍ରାଣୀମାନେ ଯେପରି ପ୍ରତ୍ୟକ୍ଷଭାବେ ଆମର ବହୁ ଉପକାର ସାଧନ କରନ୍ତି, ସେହିଭଳି ବଣରେ ରହୁଥିବା ପ୍ରାଣୀମାନେ ଆମ ଅଲକ୍ଷରେ ଆମର ମହା ଉପକାର ସାଧନ କରନ୍ତି ।

* ଏ ପୃଥିବୀ ଖାଲି ମନୁଷ୍ୟ ପାଇଁ ତିଆରି ହୋଇ ନାହିଁ । ପ୍ରାଣୀ ଦୁଃଖେ– ବିଗଳିତ ପ୍ରାଣ ମହାତ୍ମା କବି ଭୀମ ଭୋଇ କହନ୍ତି, ଛପନ କୋଟି ଜୀବଜନ୍ତୁଙ୍କ ଅପାର ଦୁଃଖ ଦୂର ନ ହେବା ପର୍ଯ୍ୟନ୍ତ ମୋ ମନରେ ଶାନ୍ତି ନାହିଁ । ଆମେ ପୃଥିବୀ ସାରା ଗ୍ରାମ, ସହର, ଓ କଳ କାରଖାନା ଇତ୍ୟାଦି ବସାଇ ଚାଲିଛେ ଏବଂ ସେଥିଲାଗି ବଣଜଂଗଲ କାଟି ଚାଲିଛେ । ବଣଜଂଗଲ କାଟି ଦେଲେ ପଶୁପକ୍ଷୀମାନେ ରହିବେ କେଉଁଠି ? ମହାତ୍ମା ଗାନ୍ଧୀ କହନ୍ତି–ବଣଜଂଗଲ ଯଥେଷ୍ଟ ଭାବେ କାଟି ବନ୍ୟପ୍ରାଣୀମାନଙ୍କୁ ହଇରାଣ କରିବା ହେଉଛି, ଗରିବ ଅସହାୟ ଲୋକଙ୍କୁ ସେମାନଙ୍କର ବାସ ଭୂମି ଓ ଜମି ବାଡ଼ିକୁ ଜବରଦସ୍ତୀ ବେ ଦଖଲ କରି ନିଜେ ଦଖଲ କରି-ଥିବା ଭଳି ଅନ୍ୟାୟ ଓ ପାପ କାର୍ଯ୍ୟ । ମନେରଖନ୍ତୁ, ବଣଜଂଗଲ ହେଲା ପ୍ରାଣୀମାନଙ୍କର ବାସସ୍ଥଳୀ ଓ ଚରା ଭୂଇଁ । ଆଚ୍ଛା ! ସେମାନେ ଭଲ ରହିବେ କେଉଁଠି ?

* ବଣରେ ଗଲାବେଳେ ଅକସ୍ମାତ ଜୀବଜନ୍ତୁ ହାବୁଡ଼େ ପଡ଼ିଲେ ସେମାନଙ୍କୁ ଭୟ ଭିତ କରାନ୍ତୁ ନାହିଁ, ଅପମାନିତ କରାନ୍ତୁ ନାହିଁ ଓ ମାରି ଦେବା ଲାଗି ଇଚ୍ଛା କରନ୍ତୁ ନାହିଁ । ପ୍ରତ୍ୟେକ ପ୍ରାଣୀ ମନୁଷ୍ୟଠାରୁ ଉଦ୍ରତା, ସୌଜନ୍ୟ ଓ ଅହିଂସା ଆଶା କରନ୍ତି ।

* ଏହା ନିଶ୍ଚିତ ଭାବେ ଜାଣି ରଖନ୍ତୁ ଯେ, ପ୍ରାଣୀ-ମାନେ ମଣିଷକୁ ହିଂସା କରନ୍ତି ନାହିଁ ବା ମନୁଷ୍ୟ ପ୍ରତି ଅମଂଗଳ କାମନା କରନ୍ତି ନାହିଁ । ବିଷାକ୍ତ ସାପଟିଏ ବି ମଣିଷ ପ୍ରତି ହିଂସ୍ରୁକ ନୁହଁ । ତାକୁ ଆକ୍ରମଣ କଲେ, ବା ତା ପ୍ରତି ଅଭଦ୍ର ଅଶ୍ଳୀଳ ଆଚରଣ କଲେ ସେ ତ୍ରସ୍ତ ହୋଇ ମଣିଷକୁ ଆକ୍ରମଣ କରେ । ବାଘ ମଧ୍ୟ ତଦ୍ରୁପ । ବରଂ ବହୁ ପ୍ରାଣୀ ଉପକାରୀ ଲୋକ ପ୍ରତି କୃତଜ୍ଞତା ଦେଖାନ୍ତି–ଯାହା ମଣିଷ ପାରେ ନାହିଁ ।

* ବଣ ଭିତରେ ରାତିରେ ଗାଡ଼ିରେ ଗଲା ବେଳେ ଦେଖିଛନ୍ତିକି ନିରୀହ ଠେକୁଆ ଟିଏ କେମିତି ଆଲୁଅରେ କାଲୁବାଲୁ ହୋଇ ରାସ୍ତାରେ ପଛ ଗୋଡ଼ ଦୁଇଟି ଛୋଟେଇବା ଢଂଗରେ ଡୁବି ଡୁବି ଏଣେ ତେଣେ ଦୌଡ଼ି ଯାଏ ? ହରିଣଟିଏ ଚମକି ପଡ଼ି ତ୍ରସ୍ତ ଗ୍ରହାଣୀରେ କଣ କରିବ ଭାବି ପାରେ ନାହିଁ । ଝିଙ୍କ ଟିଏ ବା ଭାଲୁଟିଏ ବାଉଳା ହୋଇ ଓ ଅର୍ଦ୍ଧ ହୋଇ ବୁଝାଡ଼େ ଯିବେ ଜାଣି ନ ପାରି ସିଧା ସିଧା ଦୌଡ଼ୁଥାନ୍ତି । ଆହା ! ସେମାନଙ୍କ ପ୍ରତି କୋମଳ ହୁଅନ୍ତୁ ! ସଦୟ ହୁଅନ୍ତୁ ! ରାତିରେ ବଣ ଭିତରେ ପ୍ରାଣୀଟିଏ ହଠାତ୍ ଆଖିରେ ପଡ଼ିଯିବାଠାରୁ ସୁନ୍ଦର ଅନୁଭୂତି ଆଉ କଣ ଥାଇପାରେ ? କିନ୍ତୁ ଆମ ଦାଉରେ ଆଜି କାଲି ସେମାନେ କି ଦିନ, କି ରାତି ଅଳ ଶାନ୍ତିରେ ରହିପାରୁ ନାହାନ୍ତି ।

* ଶାସ୍ତ୍ରରେ ମୃଗୟା ବା ଶୀକାର ବ୍ୟସନକୁ ଅତି ନିନ୍ଦ ଓ ହିଂସାତ୍ମକ ବ୍ୟସନ ବୋଲି କୁହା ଯାଇଛି । ହରିଣର ଚମଡ଼ା ଟିଏ ପାଇବେ ବୋଲି ବା ବାଘର ଚମଡ଼ାଟିଏ ପାଇବେ ବୋଲି ବା ହାତୀର ଦାନ୍ତ ଓ ହାଡ଼ ପାଇବେ ବୋଲି–କିମ୍ବା ମୃଗ ଓ ଶଶ ମାଂସରେ ଲୋଭ ଯୋଗୁଁ ସେମାନଙ୍କୁ ମାରି ପକାନ୍ତୁ ନାହିଁ । ଆମ ପାଇଁ ଯଥେଷ୍ଟ ଖାଦ୍ୟ ଓ ସୁସ୍ୱାଦୁ ଖାଦ୍ୟ ଆମେ ଅନ୍ୟ ଉପାୟରେ ପ୍ରସ୍ତୁତ କରି ପାରିବା । ହରିଣ ଓ ବ୍ୟାଘ୍ର ଚମଡ଼ା ଅପେକ୍ଷା ଆହୁରି କୋମଳ କରି ଓ ଅବିକଳ ସେହି ଢ଼ାଞ୍ଚାରେ କାର୍ପେଟ ବିଛଣା ଚଦର ମଧ୍ୟ ଆମେ କାରଖାନାରେ ତିଆରି କରି ପାରିବା ।

* ଆହା ! ଶରତର ନୀଳ ଆକାଶରେ ଦଳେ ମାଛରଙ୍କା ବା ହଂସ କଳରବ କରି ଉଡ଼ି ଯାଉଥିବାର ଆପଣ ଦେଖିଛନ୍ତି କି ? କଳା ମେଘର ପୃଷ୍ଠ ଭୂମିରେ ଦଳେ ବଗ ଉଡ଼ି ଯାଉଥିବାର ଆପଣ ଲକ୍ଷ୍ୟ କରିଛନ୍ତି କି ? ଗଛର ଡ଼ାଳ ଉପରେ ଦଳେ ହଗଡ଼ ଚଢ଼େଇ କିଚିରି ମିଚିରି ହେବାର ଶୁଣିଛନ୍ତି କି ? ପହିଲି ଅଷାଢ଼ରେ କୁମ୍ଭାଟୁଆମାନଙ୍କ ସ୍ୱର ଆପଣଙ୍କର କର୍ଣ୍ଣପଥକୁ ହୋଇଛିକି ? ବସନ୍ତ ଋତୁରେ କୋଇଲି ଆଉ ହଳଦି ବସନ୍ତଙ୍କ କଣ୍ଠ, ନିଃସୃତ ସୁମଧୁର ସଂଗୀତ ଆପଣଙ୍କ ହୃଦୟକୁ ଆନନ୍ଦରେ ଉଲ୍ଲସିତ କରି ନାହିଁ ? ଦଳେ ଅଳି ହଂସରାଳୀମାନେ ହ୍ରଦ ପୋଖରୀରେ ପହଁରିବା ବେଳେ ଆପଣ ସେ ଶୋଭା ନିଶ୍ଚୟ ଦେଖିଥିବେ ! ଆହା ! ସେହି ବିଚିତ୍ର ସୌନ୍ଦର୍ଯ୍ୟ ଜଗତର କଳକାକଳିମୁଖର ସୁକୁମାର ସୁନ୍ଦର ପକ୍ଷୀମାନଙ୍କ ଦେହରେ ଗୁଳିଟିଏ ବା ଶର ଟିଏ ବିଦ୍ଧ କରନ୍ତୁ ନାହିଁ । ପକ୍ଷୀଟିକୁ ମାରିବା ଯାହା –ମାଆର ଆଖିକୁ ଫୁଟାଇ ଦେବା ସେଇଆ । ଚଢ଼େଇ ମାନେ ନ ଥିଲେ ଅସଂଖ୍ୟ ପୋକଯୋକ ଆମ ଶସ୍ୟ କ୍ଷେତ୍ରକୁ ଖାଇସାରି ଆମକୁ ଶେଷ କରି ଦିଅନ୍ତେ । କିନ୍ତୁ ଆମ ଦାଉରେ ଚଢ଼େଇମାନେ ବର୍ତ୍ତମାନ ଏତେ ତ୍ରସ୍ତ ଆଉ ବ୍ୟସ୍ତ ଯେ କଥାରେ କହି ହେବ ନାହିଁ । ଦେଖନ୍ତୁ ଚଢ଼େଇମାନଙ୍କୁ ମାରନ୍ତୁ ନାହିଁ ମାଂସ ଲୋଭରେ । ବରଂ ଚଢ଼େଇ ଶିକାରୀଙ୍କୁ ଘୃଣା କରନ୍ତୁ ।

* । ପଶୁପକ୍ଷୀଙ୍କ ପ୍ରତି ଅତିଶୟ କରୁଣା ହୁଅନ୍ତୁ ଭଗବାନ ବୁଦ୍ଧ ବାରଂବାର କହିଛନ୍ତି–

ତୁମର ଜୀବନ ଯେପରି ତୁମର ପ୍ରିୟ ଅନ୍ୟ ପ୍ରାଣୀର ଜୀବନ ମଧ୍ୟ ତଦ୍ରୂପ ତାର ପ୍ରିୟ । ଯେଉଁ ବ୍ୟକ୍ତି ଅନ୍ୟ ପ୍ରାଣୀକୁ ହିଂସା କରେ—ସେ ନିଜେ ସେହି ହିଂସାଗ୍ନିରେ ଦଗ୍ଧ ହୁଏ ।

ଅହିଂସାର ଅବତାର ମହାତ୍ମା ଗାନ୍ଧୀ କହିଛନ୍ତି, ଆମେ ପ୍ରାଣୀ ଟିଏ ଗଢି ପାରିବା ନାହିଁ । ତେଣୁ ପ୍ରାଣୀଟିକୁ ଅଯଥାରେ ବା ହିଂସା ଲୋଭରେ ବଶବର୍ତ୍ତି ହୋଇ ହତ୍ୟା କରିବାଠାରୁ ବଡ଼ ପାପ ଆଉ ନାହିଁ ।

ଭକ୍ତକବି ଜଗନ୍ନାଥ ଦାସ ଭାଗବତରେ କହିଛନ୍ତି —

ପ୍ରାଣୀ ମାରିଣ ପ୍ରାଣୀ ଖାଇ
ସେ ଜୀବ ବୈକୁଣ୍ଠେ ବସଇ ।

ଯେ ଅବା ପ୍ରାଣୀ ହିଂସା କରେ
ଅନ୍ତେ ପଶଇ ନରକରେ ।

ଭକ୍ତ କବି ଭୀମ ଭୋଇ ଆକୂତି କରିଛନ୍ତି— କେବଳ ମଣିଷ ନୁହେଁ । ସମଗ୍ର ପ୍ରାଣୀ ଜଗତରେ ଅଶେଷ ଦୁଃଖ ଯନ୍ତ୍ରଣା ତାଙ୍କ ହୃଦୟକୁ ଜର୍ଜରିତ କରିଛି ଓ ସେ ଅତ୍ୟନ୍ତ ବ୍ୟାକୁଳ ହୋଇ ଈଶ୍ୱରଙ୍କୁ ଜଣାଉଛନ୍ତି—

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ

ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ପାଉ ।

ପ୍ରକୃତରେ ମଣିଷ ଠାରୁ ଜଗତରେ ପ୍ରାଣୀ ମାତ୍ରକେଉ ଅଶେଷ ଦୁଃଖ ଯନ୍ତ୍ରଣା ଓ ବିପଦରେ ସର୍ବଦା ଛଟପଟ ହେଉଛନ୍ତି । କୌଣସି ପ୍ରାଣୀଙ୍କୁ ଆମେ କଷ୍ଟ ଦେଇ ବା ହିଂସାକରି ଆଉ ଏହି ଦୁଃଖମୟ ପୃଥିବୀର ଯନ୍ତ୍ରଣା ବଢ଼େଇବା ଉଚିତ ନୁହେଁ ।

ମ: ନୀ: ସା:

## ଶିକ୍ଷିତ ଯୁବକମାନେ ଚାକିରୀ ମନୋବୃତ୍ତି ପରିହାରକରି ଆତ୍ମନିଯୁକ୍ତି କ୍ଷେତ୍ରରେ ସଚେଷ୍ଟ ହୁଅନ୍ତୁ

୧୯୭୭ ସେପ୍‌ଟେମ୍ବର ୧୭ ତାରିଖ ଦିନ ଶହୀଦ ନଗରଠାରେ "ଦି ସୁଟର" ପ୍ରତିଷ୍ଠାନର "ଦିଗ୍‌ବିଜୟ" ସୁଟର ବିକ୍ରୟ କେନ୍ଦ୍ରର ପ୍ରଦର୍ଶନ ପ୍ରକୋଷ୍ଠ (ସୋ-ରୁମ୍) ଉଦ୍‌ଘାଟନ କରି ପୂର୍ତ୍ତ ଓ ପରିବହନ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ କହିଲେ ଯେ, ଓଡିଆଶିକ୍ଷିତ ଯୁବକମାନେ ଚାକିରୀ ମନୋବୃତ୍ତି ପରିହାର କରି ଆତ୍ମନିଯୁକ୍ତି କ୍ଷେତ୍ରରେ ସଚେଷ୍ଟ ହୁଅନ୍ତୁ । ଏଥିପାଇଁ ସରକାର ଓ ଜାତୀୟକରଣ ବ୍ୟାଙ୍କ୍‌ମାନେ ମଧ୍ୟ ବହୁ ପ୍ରକାର ସୁବିଧା ଦେଉଛନ୍ତି ଏହି ସଂପର୍କରେ ଭାରତର ପଞ୍ଜାବ ଓ ଜାପାନ ଦେଶରଲୋକମାନଙ୍କ କର୍ମନିପୁଣତାର ଦୃଷ୍ଟାନ୍ତ ଦେଇ ଓଡିଆ ଯୁବକମାନେ ତଦ୍ରୂପ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ । ଇଉନାଇଟେଡ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏହି ଅନୁଷ୍ଠାନକୁ ସାହାଯ୍ୟ ଦେଇଥିବାରୁ ଶ୍ରୀ ପ୍ରଧାନ ଆନନ୍ଦ ପ୍ରକାଶ କରିଥିଲେ ଏହି ଅନୁଷ୍ଠାନର ପରିଚାଳକ ଉତ୍ସାହୀ ଶିକ୍ଷିତ ଯୁବକ ଶ୍ରୀ ସଂଗ୍ରାମ କେଶରୀ ରଥ ଓ ଶ୍ରୀ ବିକ୍ରମ କେଶରୀ ରଥ ଆତ୍ମନିଯୁକ୍ତି କ୍ଷେତ୍ରରେ ଉଦ୍ୟମ କରୁଥିବାରୁ ମନ୍ତ୍ରୀ ମହୋଦୟ ସେମାନଙ୍କର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ଏହି ଉତ୍ସବରେ ଇଉନାଇଟେଡ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସ୍ଥାନୀୟ ରେଜିଓନାଲ ମ୍ୟାନେଜର ଭାଷଣ ପ୍ରସଙ୍ଗରେ ଶିକ୍ଷିତ ଯୁବକମାନଙ୍କର ଆତ୍ମ ନିଯୁକ୍ତି କ୍ଷେତ୍ରରେ ବ୍ୟାଙ୍କ୍ କିପରି ସାହାଯ୍ୟ ଦେଉଛି, ତାର ଏକ ସଂକ୍ଷିପ୍ତ ସୂଚନା ଦେଇଥିଲେ ।

# ଜାଣନ୍ତି କି ?

## ନୂତନ ଡାକଘର ଖୋଲିବା ନିମନ୍ତେ ନିୟମାବଳୀ

- **ସହରାଞ୍ଚଳ:**—ପ୍ରସ୍ତାବିତ ଡାକଘର ଆତ୍ମନିର୍ଭରଶୀଳ କିମ୍ବା ପାରିଶ୍ରମିକ ମିଳୁଥିବା ଗଳି ହେବା ଆବଶ୍ୟକ ।
- **ଗ୍ରାମାଞ୍ଚଳରେ** ପୂର୍ବରୁ ଥିବା ଡାକଘରଠାରୁ ପ୍ରସ୍ତାବିତ ଡାକଘରର ଦୂରତା ସ୍ଥଳ ବିଶେଷରେ ୨ କିମ୍ବା ୩ ମାଇଲରୁ ଅଧିକ ହୋଇନଥିବା ଆବଶ୍ୟକ ।
- ଦୁଇହଜାର ଲୋକ ଉପକୃତ ହେଲା ଭଳି ୨ ମାଇଲ ବ୍ୟବଧାନରେ ରହିଥିବା ଡାକଘର ପିଛା ବାର୍ଷିକ କ୍ଷତିର ପରିମାଣ ୫୦୦ ଟଙ୍କାରୁ ଅଧିକ ହେଉନଥିବା ଆବଶ୍ୟକ ।
- ଦୁଇହଜାରରୁ ଅଧିକ ଲୋକ ଉପକୃତ ହେଲାଭଳି ୨ ମାଇଲ ବ୍ୟବଧାନରେ ରହିଥିବା ଡାକଘର ପିଛା ବାର୍ଷିକ କ୍ଷତିର ପରିମାଣ ଟ୭୫୦ ରୁ ଅଧିକ ହେଉ ନ ଥିବା ଆବଶ୍ୟକ ।
- ପୂର୍ବରୁ କାର୍ଯ୍ୟକରୁଥିବା ଡାକଘର ଭଳି ପ୍ରସ୍ତାବିତ ଡାକଘର କ୍ଷତିର ପରିମାଣ ଅନୁମୋଦିତ ଟ୫୦୦ଙ୍କାରୁ ଅଧିକ ନହେବା ଆବଶ୍ୟକ ।
- ପ୍ରସ୍ତାବିତ ଡାକଘରର ସର୍ବନିମ୍ନ ନିର୍ଦ୍ଧାରିତ ଆୟ ମୂଳଧନର ୨୫ ଭାଗରୁ କମ୍ ହେଉ ନଥିବା ଆବଶ୍ୟକ ।
- **ଅତ୍ୟନ୍ତ ଅନୁନ୍ନତ ଅଞ୍ଚଳରେ** ଥିବା ଡାକଘର ପିଛା ବାର୍ଷିକ କ୍ଷତିର ପରିମାଣ ୧୦୦୦ ଟଙ୍କା ଏବଂ ସ୍ଥଳ ବିଶେଷରେ ଏପରିକି ୨,୫୦୦ ଟଙ୍କାକୁ କୋହଳ କରିଦିଆଯାଇ ପାରିବ ।
- ପ୍ରସ୍ତାବିତ ଡାକଘରର ଆୟ ଆନୁମାନିକ ସର୍ବନିମ୍ନ ନିର୍ଦ୍ଧାରିତ ଆୟର ୧୫ ଭାଗରୁ କମ୍ ହେଉନଥିବ ।
- ବାର୍ଷିକ ୨,୫୦୦ ଟଙ୍କା ଅନୁମୋଦିତ ସୀମିତ କ୍ଷତି ଅନୁଯାୟୀ ନୂତନ କରି ଖୋଲିବା ନିମନ୍ତେ ପ୍ରସ୍ତାବିତ ଡାକଘର ଏବଂ ପୂର୍ବରୁ କାର୍ଯ୍ୟ କରୁଥିବା ଡାକଘରର ଅନୁମାନିକ କ୍ଷତି ବାର୍ଷିକ ୫୦୦ଟଙ୍କା ସମେତ ଉଭୟ ଡାକଘରର କ୍ଷତିର ପରିମାଣ ବାର୍ଷିକ ୩ ହଜାର ଟଙ୍କାରୁ ଅଧିକ ନହେବା ଆବଶ୍ୟକ ।
- **ପାହାଡ଼ିଆ ଅଞ୍ଚଳରେ** ଥିବା ଡାକଘରର ଆୟ ସର୍ବନିମ୍ନ ନିର୍ଦ୍ଧାରିତ ଆୟର ଆନୁମାନିକ ଦଶଭାଗରୁ କମ୍ ହେବନାହିଁ ।

# କୃଷ୍ଣସାର ମୃଗ ଏକ ଗ୍ରାମ୍ୟ ପାଳିତ ପ୍ରାଣୀ

ଚୌଧୁରୀ ଗୌରହର ମିଶ୍ର

ସଭ୍ୟତାର କ୍ରମବର୍ଦ୍ଧମାନ ଦୁରନ୍ତ ହସ୍ତ ଯେତେବେଳେ ଅସଂଯତ ଭାବେ ପ୍ରକୃତିର ଅବଗୁଣ୍ଠନ ଖୋଲିଦେଇ ଅରଣ୍ୟ ଓ ତାହାର ଅଭୟ କୋଳରେ ଆଶ୍ରୟପ୍ରାର୍ଥୀ ଜୀବଜନ୍ତୁଙ୍କ ଆଡ଼େ ନିଜର ଲେଲିହାନ ଜିହ୍ୱା ବିସ୍ତାର କରି ଧାବମାନ, ସେତେବେଳେ କୃଷ୍ଣସାର ମୃଗ ପରି ଏକ ମନୋରମ ଆକର୍ଷଣୀୟ ତୃଣଭୋଜୀ ଜୀବ ଏ କରାଳ ଗ୍ରାସ କବଳରୁ ରକ୍ଷା ପାଇଯାଇ ରାଜପଥର ଦୁଇଧାରରେ ଗୃଷଜମି ମଧ୍ୟରେ ଅନାୟାସରେ ଦୃଷ୍ଟିଗୋଚର ହେବ—ଏହା କଅଣ ସହଜେ ବିଶ୍ୱାସଯୋଗ୍ୟ ? ମାତ୍ର ସ୍ୱଚକ୍ଷୁରେ ଥରେ ଏ ଅନୁପମ ଶୋଭା ସଂଦର୍ଶନରେ ଯେ କେହି ଏହା ବିଶ୍ୱାସ କରିବାକୁ ବାଧ୍ୟ ହେବ । ଗଞ୍ଜାମ ଜିଲ୍ଲାର ଆସିକା ଓ ବୁଗୁଡ଼ା ରାସ୍ତାର ଦୁଇଧାରରେ ଏବଂ ବାଘୁଆ ଓ ବଡ଼ନଦୀ ମଧ୍ୟବର୍ତ୍ତୀ ବିସ୍ତୀର୍ଣ୍ଣ ଅଞ୍ଚଳରେ ଶସ୍ୟକ୍ଷେତ୍ରରେ କୃଷ୍ଣସାର ମୃଗ ଏବେ ମଧ୍ୟ ନିର୍ଭୟରେ ଚଲବୁଲ କରୁଥିବାର ଦେଖାଯାଉଛି । କେବଳ ସ୍ଥାନୀୟ ଲୋକମାନଙ୍କର ସକ୍ରିୟ ସଂରକ୍ଷଣର ଅଦମ୍ୟ ପ୍ରଚେଷ୍ଟା ଯୋଗୁଁହିଁ ଏ ଅସମ୍ଭବ ସମ୍ଭବ ହୋଇପାରିଛି ଓ ସେଥିପାଇଁ ସେମାନେ ଅଶେଷ ଧନ୍ୟବାଦର ପାତ୍ର । କେବଳ ଓଡ଼ିଶାରେ କାହିଁକି ସାରା ଭାରତବର୍ଷରେ କୌଣସି ସ୍ଥାନରେ ଜନସାଧାରଣ ବନ୍ୟଜନ୍ତୁ ସଂରକ୍ଷଣରେ ଏଭଳି ଅପୂର୍ବ ଦୃଷ୍ଟାନ୍ତ ଦେଖାଇ ନାହାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ସ୍ଥାନୀୟ ବାସିନ୍ଦାମାନେ ବହୁକାଳରୁ ସେମାନଙ୍କୁ ରକ୍ଷଣାବେକ୍ଷଣ କରି ଆସୁଅଛନ୍ତି ଓ ସେମାନଙ୍କର ବିଶ୍ୱାସ ଯେ ଏହି କୃଷ୍ଣସାର ମୃଗମାନେ ସେମାନଙ୍କର ସୌଭାଗ୍ୟର ପ୍ରତୀକ । କାହାରି କାହାରି ମତରେ "ମୃଗିଣୀ ସ୍ତୁତି" ଘଟଣା ଏଠାକାର ସ୍ଥାନୀୟ କିମ୍ବଦନ୍ତୀ ଓ ସେହିକାଳରୁ ସେମାନେ ଏଭଳି ସୁରକ୍ଷାର କବଚ ଦେଇଆସିଛନ୍ତି । ଯିଏ ଏମାନଙ୍କୁ ମାରେ, ତାକୁ ...ଲି ଗ୍ରାସ କରେ ବୋଲି ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ । ସେମାନେ ଅଣ୍ଡିରାଗୁଡ଼ିକୁ କଳା ଢାଉଟିଆ ଏବଂ ...ଗୁଡ଼ିକୁ ହରିଣ ବୋଲି କହନ୍ତି । ଏପରିକି ୧୯୭୨ ମସିହାର ସର୍ବବ୍ୟାପୀ ମରୁଡ଼ି ଏହି ଅଞ୍ଚଳକୁ କ୍ଷତିଗ୍ରସ୍ତ

କରି ନ ଥିଲ ବୋଲି କେତେକ ଲୋକ ଦାବୀ କରନ୍ତି, ଯଦିଓ ଏହା କ୍ଷତିଗ୍ରସ୍ତ ଅଞ୍ଚଳରେ ଏକ ଟାପୁଭଳି ଅବସ୍ଥିତ । ସେମାନଙ୍କ ସହିତ ଆପଣ ଯଦି ଆଲୋଚନା କରନ୍ତି, ଏସବୁକୁ କେବଳ ଅନ୍ଧବିଶ୍ୱାସ ବା କୁସଂସ୍କାର କହି ସହଜେ ଉଡ଼ାଇଦେଇ ପାରିବେନାହିଁ । ପକ୍ଷାନ୍ତରେ, ଏହାକୁ ଗଭୀର ଭାବରେ ଅନୁଧ୍ୟାନ କରି ଏହି ସିଦ୍ଧାନ୍ତ ନିଆଯାଇ-ପାରେ ଯେ, କୃଷ୍ଣସାର ମୃଗମାନଙ୍କର ଶସ୍ୟକ୍ଷେତ୍ରରେ ବାଡ଼ି ବଗିଚାରେ ଅବାରିତ ଚାରଣ ସତ୍ତ୍ୱେ ସ୍ଥାନୀୟ ଲୋକେ ଶସ୍ୟ ହାନିର ଆଶଙ୍କାରେ ଆତଙ୍କିତ ନୁହନ୍ତି । କାରଣ ସ୍ୱରୂପ କୁହାଯାଇପାରେ ଯେ ସେମାନେ ଏକାବେଳକେ ଗୋଟିଏ କିଆରୀର ଫସଲ ଖାଇ ନଷ୍ଟ କରିଦିଅନ୍ତି ନାହିଁ ଏବଂ ଶସ୍ୟ ସହିତ ସେମାନେ ବିଶେଷ କରି ଘାସ ଉପରେ ବେଶୀ ନିର୍ଭରଶୀଳ । ତେଣୁ ଏହି ତୃଣଭୋଜୀ କୃଷ୍ଣସାର ମୃଗ-ମାନଙ୍କର ସଂଖ୍ୟା ବୃଦ୍ଧିହେଲେ ଶସ୍ୟହାନୀର ଯେଉଁ ଯୁକ୍ତିର ଅବତାରଣା କରାଯାଏ, ତାହା ସତ୍ୟନୁହେଁ ବୋଲି ପ୍ରତୀୟ-ମାନ ହେବ ।

କୃଷ୍ଣସାର ମୃଗ୍ ଏକାନ୍ତଭାବେ ଭାରତୀୟ ଓ ଭାରତବର୍ଷ ବ୍ୟତୀତ ଅନ୍ୟଆଡ଼େ ଏହା ଦେଖାଯାଏ ନାହିଁ ଏବଂ ଏହା ଅବଲୁପ୍ତ ହୋଇ ଆସୁଥିବା ଜୀବଜନ୍ତୁମାନଙ୍କ ମଧ୍ୟରୁ ଅନ୍ୟତମ । ଆମ ଓଡ଼ିଶାରେ କଳାହାଣ୍ଡି ଜିଲ୍ଲାର ବରଗଡ଼ ଜଙ୍ଗଲ ଏହାର ଆଦିମ ବାସସ୍ଥାନ ବୋଲି ଧରାଯାଏ । ମାତ୍ର ଏବେ ସେଠାରେ ଏହା ଅବଲୁପ୍ତ ଓ କେବଳ ପୁରୀ ଓ କୋଣାର୍କ ଉପକୂଳର ଝାଉଁବଣରେ ଏବଂ ଗଞ୍ଜାମ ଜିଲ୍ଲାର ଉପରୋକ୍ତ ଅଞ୍ଚଳରେ ଏମାନେ ଦୃଷ୍ଟିଗୋଚର ହୁଅନ୍ତି ।


ଏମାନେ ସାଧାରଣତଃ ସମତଳ ଭୂମିରେ ଅବସ୍ଥିତ ବୁଦୁବୁଦିକିଆ ଜଙ୍ଗଲ ବା ଶସ୍ୟକ୍ଷେତ୍ରରେ ରହନ୍ତି ଏବଂ ପାହାଡ଼କୁ ଯାଆନ୍ତିନାହିଁ । ଏହାହିଁ ଏମାନଙ୍କର ଧ୍ୱଂସର ପ୍ରଧାନ କାରଣ । ତା'ପରେ ଏମାନଙ୍କ ଅପରୂପ ଶାରୀରିକ ସୌନ୍ଦର୍ଯ୍ୟ, ସୁନ୍ଦର ଶିଂଘ ଓ ସୁସ୍ୱାଦୁ ମାଂସ ଅନ୍ୟତମ ଆକର୍ଷଣ । ପୂର୍ବେ ଆମଦେଶରେ ଚିତାବାଘକୁ ବିଶେଷ ଶିକ୍ଷାଦେଇ କୃଷ୍ଣସାର ମୃଗ ଧରିବାପାଇଁ ନିୟୋଜିତ କରାଯାଉଥିଲା । ଚିତା ପରି କୃଷ୍ଣସାର ମୃଗ ମଧ୍ୟ ନିଜର ଗତିଶୀଳତା ପାଇଁ ବିଖ୍ୟାତ । ମୋଗଲ ବାଦଶାହମାନଙ୍କ ସମୟରେ ପୋଷା ଚିତାଦ୍ୱାରା କୃଷ୍ଣସାର ମୃଗ ଶିକାର ଏକ ଅତି ସାଧାରଣ ଓ ସୌଖୀନ କ୍ରୀଡ଼ା ଥିଲା । ମୋଗଲ ସାହିତ୍ୟରେ ଭାଲୁ ଏବଂ ହରିଣ ଶୀକାରର ପ୍ରାୟ ଆଦୌ ବର୍ଣ୍ଣନା ନ ଥିବା ସ୍ଥଳେ କୃଷ୍ଣସାର ମୃଗ, ନୀଳଗାଈ ଏବଂ ଚଉଶିଂଘା ପ୍ରଭୃତିର ବିସ୍ତୃତ ଶୀକାର ବିବରଣୀ ରହିଛି । ଯାହା ଜଣାଯାଏ, ସମ୍ରାଟ ଆକବର କୃଷ୍ଣସାର ମୃଗ ଶିକାର ଉଦ୍ଦେଶ୍ୟରେ ପ୍ରାୟ ଏକହଜାର ଚିତାବାଘ ପୋଷିଥିଲେ । ଯଦିଓ ସମୟ ସମୟରେ ଏହା ଅନ୍ୟ ଶିକାର ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହୃତ ହେଉଥିଲେ ।

କୃଷ୍ଣସାର ମୃଗ ସାଧାରଣତଃ ବର୍ଷର ସବୁ ସମୟରେ ସନ୍ତାନ ପ୍ରସବ କରିଥାଆନ୍ତି ଏବଂ ଥରକେ ଗୋଟିଏ ବା ଦିଓଟି ଛୁଆ ଦିଅନ୍ତି । ସେମାନଙ୍କର ସଙ୍ଗମ ସମୟରେ ଅଣ୍ଡିରା କୃଷ୍ଣସାର ମୃଗମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହୁଏ ଓ ବେଳେବେଳେ ଗୋଟିଏ ଅନ୍ୟଟିକୁ ଜୀବନରେ ମାରିଦେବାର ଦେଖାଯାଏ । ପ୍ରାୟ ୬ ମାସ ଗର୍ଭଧାରଣର ସମୟ ଓ ପ୍ରସବପରେ ମା' କିଛି ସମୟ ପାଇଁ ଛୁଆକୁ ଘାସ ବୁଦାରେ ଲୁଚାଇରଖେ । ଏତିକିବେଳେ ଶୃଗାଳମାନଙ୍କ ଆଡୁ ବିପଦ ବହୁତ ବେଶୀ । ମାତ୍ର ଶୀଘ୍ର ସେମାନେ ମାତୃସ୍ତନ୍ୟ ପାନକରି ଶକ୍ତି ସଂଗ୍ରହ କରନ୍ତି ଓ ଦଳରେ ଯୋଗ ଦିଅନ୍ତି । ଗୋଟିଏ ଗୋଟିଏ ଦଳରେ ସାଧାରଣତଃ ୧୦ଟିରୁ ୩୦ଟି ପର୍ଯ୍ୟନ୍ତ କୃଷ୍ଣସାର ମୃଗ ଦେଖାଯାଆନ୍ତି । ଘନ ଅରଣ୍ୟ ପାର୍ବତ୍ୟ ଅଞ୍ଚଳରୁ ଦୂରେଇ ରହିବା ଏମାନଙ୍କର ଏକ ବିଶେଷତ୍ୱ । ବୁଦୁବୁଦିକିଆ ଜଙ୍ଗଲ, ଘାସ ଭୂମି ଓ ଶସ୍ୟକ୍ଷେତ୍ର ସେମାନଙ୍କର ପ୍ରିୟ ବାସସ୍ଥଳୀ ଓ ଘାସ ଏବଂ ଡାଲି ଜାତୀୟ ଶସ୍ୟ ସେମାନଙ୍କର ପ୍ରିୟ ଖାଦ୍ୟ । ସେମାନଙ୍କ ଉପରେ ବାରମ୍ବାର ଦୌରାତ୍ମ୍ୟ ନ ହେଲେ ସେମାନେ ସାଧାରଣତଃ ଜଙ୍ଗଲ ଭିତରକୁ ଯାଆନ୍ତିନାହିଁ । ଏମାନେ ସାଧାରଣତଃ ମଧ୍ୟାହ୍ନ ପର୍ଯ୍ୟନ୍ତ ଚରନ୍ତି ଓ ପୁଣି ସନ୍ଧ୍ୟାବେଳକୁ ଚରି ବାହାରନ୍ତି । ଅପରାହ୍ନର ଗରମ ସମୟଟା ବିଶ୍ରାମ ନିଅନ୍ତି । ଏମାନଙ୍କର ଶ୍ରବଣ ଶକ୍ତି ଓ ଘ୍ରାଣ ଶକ୍ତି ସାଧାରଣ ହେଲେହେଁ, ଦୃଷ୍ଟିଶକ୍ତି ଓ ଗତିଶୀଳତା ଅତି ପ୍ରଖର ଏବଂ ଏହାହିଁ ସେମାନଙ୍କର ଆତ୍ମରକ୍ଷାର ପ୍ରଧାନ ସମ୍ବଳ । ବିପଦର ସୂଚନା ପାଇବା ମାତ୍ରେ ଦଳରୁ ଜଣେ ଉପରକୁ ଡେଇଁ ଲକ୍ଷ୍ୟକରିବା ଓ ଦୌଡ଼ିବା ଆରମ୍ଭ କରିଦିଏ । ପରେ ପରେ ଅନ୍ୟମାନେ ଏହି ପଳାୟନ ଦୌଡ଼ରେ ଯୋଗ ଦିଅନ୍ତି । ଦଳର ନିରାପତ୍ତା ଦାୟିତ୍ୱ ସାଧାରଣତଃ ଏକ ବୟସ୍କା ମୃଗିଣୀ ଉପରେ ନ୍ୟସ୍ତ ଥାଏ । ଏହା ଏମାନଙ୍କର ଏକ ବିଶେଷତ୍ୱ ।

କୃଷ୍ଣସାର ମୃଗମାନଙ୍କର ବର୍ଷର ସବୁ ସମୟରେ ସନ୍ତାନ ଜନ୍ମ ହେଉଥିଲେ ହେଁ ମାର୍ଚ୍ଚମାସରେ ସାଧାରଣତଃ ବେଶୀ ହେବାର ଦେଖାଯାଏ । ଜନ୍ମ ସମୟରେ ଏମାନଙ୍କର ଓଜନ ହାରାହାରି ୪ କିଲୋଗ୍ରାମ, ଲମ୍ବ ୭୨ ସେ. ମି. (ପ୍ରାୟ ୨ ଫୁଟ ୪ ଇଞ୍ଚ) ଏବଂ କାନ୍ଧ ପାଖରେ ଉଚ୍ଚତା ୩୯ ସେ. ମି. (ପ୍ରାୟ ୧ ଫୁଟ ୪ ଇଞ୍ଚ) ହୋଇଥାଏ । ପିଲାବେଳେ ଏମାନଙ୍କ ରଙ୍ଗ ସାଧାରଣତଃ ଇଷତ୍ ହଳଦିଆ ଧୂସର ଥାଏ । ଅଣ୍ଡିରା କୃଷ୍ଣସାର ମୃଗର ଦେହର ରଙ୍ଗ ୩ ବର୍ଷଠାରୁ କଳା ହେବା ଆରମ୍ଭ ହୁଏ, ଯଦିଓ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ସମସ୍ତେ ଏକା ଭଳି କଳା ହୁଅନ୍ତି ନାହିଁ । ଦକ୍ଷିଣ ଭାରତରେ ଏମାନଙ୍କର ରଙ୍ଗ କଳା ନ ହୋଇ ଧୂସରିଆ କଳା ହେବାର ଦେଖାଯାଏ ଓ ପେଟତଳ ସଫ. ଧଳା ହୋଇଥାଏ । ବର୍ଷାପରେ ଏମାନଙ୍କର ତ୍ୱକ୍ ଚିକ୍କଣ ଦେଖାଯାଏ । ଅଣ୍ଡିରା ଛୁଆମାନଙ୍କର ପ୍ରଥମ ବର୍ଷ ଶିଂଘ ଗଜୁରିଥାଏ, ମାତ୍ର ଦ୍ୱିତୀୟ ବର୍ଷକୁ ମୋଡ଼ି ମୋଡ଼ି ହେବା ଆରମ୍ଭ ହେବାର

ଦେଖାଯାଏ । ସାଧାରଣତଃ ଦେହର କଳା ରଙ୍ଗ ପରାଭୂତ ହେବା ସଙ୍ଗେ ସଙ୍ଗେ ଶିଂଘ ମୋଡ଼ି ମୋଡ଼ି ହେବା ଗାଳଦେଇ ବଢ଼େ ବୋଲି ବିଶ୍ୱାସ କରାଯାଏ ଓ ପ୍ରାୟ ୫ଥର ମୋଡ଼ିହୁଏ । ଯେତେବେଳେ ଏହାର ବୟସ ପ୍ରାୟ ୩ ବର୍ଷ ସେତେବେଳେ ଶିଂଘର ଗଠନ ସମାପ୍ତ ହୁଏ । ପୂର୍ଣ୍ଣ ବୟସ୍କ କୃଷ୍ଣସାର ମୃଗ ହାରାହାରି ୧'୨ ସେ. ମିଟର (ପ୍ରାୟ ୪ ଫୁଟ) ଲମ୍ବ, ଉଚ୍ଚତା ୮୧'୨ ସେ. ମିଟର (ପ୍ରାୟ ୨ ଫୁଟ ୧୦ ଇଞ୍ଚ) ଓଜନ ୩୭ କିଲୋଗ୍ରାମ ଓ ଲାଞ୍ଜର ଲମ୍ବ ୧୭'୮ ସେ. ମି. (ପ୍ରାୟ ୭ ଇଞ୍ଚ) ହୋଇଥାଏ । କୃଷ୍ଣସାର ମୃଗମାନଙ୍କର ଶିଂଘ ହାରାହାରି ୪୫'୬ ସେ. ମି. (ପ୍ରାୟ ୧ ଫୁଟ ୨ ଇଞ୍ଚ)ରୁ ୬୮'୫ ସେ. ମି. (ପ୍ରାୟ ୨ଫୁଟ ୩ଇଞ୍ଚ) ପର୍ଯ୍ୟନ୍ତ ଲମ୍ବ ହୋଇଥାଏ । ଏହାର ଲାଞ୍ଜ ଖୁବ୍ ଛୋଟ ଏବଂ ଖୁରାଗୁଡ଼ିକ ନରମ ଏବଂ ତୀକ୍ଷ୍ଣ । ଏହାର ଜୀବନ କାଳ ପ୍ରାୟ ୧୫ ବର୍ଷ । ପରୀକ୍ଷା କରି ଦେଖାଯାଇଛି ଯେ ସେମାନେ ସାଧାରଣତଃ ଯକୃତ୍ କୃମି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି ଏବଂ ଦୂଷିତ ଜଳ ଦ୍ୱାରା ଏହି ରୋଗ ସଂକ୍ରମିତ ହୁଏ ।

ଉପରୋକ୍ତ ଅଞ୍ଚଳ ଦୁଇଟିର ନିକଟବର୍ତ୍ତୀ ସ୍ଥାନରେ କୃଷ୍ଣସାର ମୃଗ ଦେଖାଯାଆନ୍ତି । ଗତ ୧୪-୫-୭୩ ତାରିଖ ଦିନ ବନବିଭାଗ ପକ୍ଷରୁ ସେମାନଙ୍କ ସଂଖ୍ୟା ଗଣନା କରାଯାଇଥିଲା ଓ ସେଥିରୁ ଜଣାପଡ଼ିଲା ଯେ, ସେତେବେଳେ ସେମାନଙ୍କର ସଂଖ୍ୟା ୫୨୩ ଥିଲା ଓ ଏଥିରେ ମୋଟରେ ୧୫୨ଟି ଅଣ୍ଡିରା, ୩୦୨ଟି ମାଈ ଓ ୬୯ଟି ଛୁଆ ଅନ୍ତର୍ଭୁକ୍ତ । ଏମାନେ ଯଥାକ୍ରମେ ୪୩୭ ଓ ୮୬ ହୋଇ ଦୁଇଟି ମୁଖ୍ୟ ଦଳରେ ବିଭକ୍ତ ହୋଇଅଛନ୍ତି । କ୍ରମଶଃ ଲୋପପାଇ ଆସୁଥିବା ଏହି ଜୀବଗୁଡ଼ିକର ସଂରକ୍ଷଣ ବର୍ତ୍ତମାନ ଏକ ଜାତୀୟ କର୍ତ୍ତବ୍ୟ ରୂପେ ବିବେଚିତ ହେବା ଉଚିତ୍ ।





ପୂର୍ତ୍ତ ଓ ପରିବହନ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ଫୁଲବାଣୀ ଜିଲ୍ଲା ପଞ୍ଚାୟତ ସମିତି ମାଇନର ସ୍କୁଲର ପୁରସ୍କାର ବିତରଣ ଉତ୍ସବରେ ଛାତ୍ରୀ କୁମାରୀ ଅନୁପମା ପାଣିଗ୍ରାହୀଙ୍କୁ ଆନନ୍ଦରେ ଧରିଛନ୍ତି ।



ପୂର୍ତ୍ତ ଓ ପରିବହନ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ [୧୯୭୭ ସ୍ୱାଧୀନତା ଦିବସରେ ଫୁଲବାଣୀ ଜିଲ୍ଲା ମଧ୍ୟରେ ଶ୍ରେଷ୍ଠ ବିବେଚିତ ଗୌଡ ଏନ୍. ଏ. ସି.କୁ ସିଲଡ଼ ପ୍ରଦାନ କରୁଛନ୍ତି ।

# ଫୁଲ ଫୁଲ ଆହୁରି ଫୁଲ

ମହାପାତ୍ର ନୀଳମଣି ସାହୁ

ଥରେ ଜଣେ ବ୍ୟକ୍ତି ଟ୍ରେନ୍‌ରେ ଯାଉଥିଲେ । ଷ୍ଟେସନ୍ ଛାଡ଼ି ଟ୍ରେନଟି କେତେଦୂର ଯିବାପରେ ସେ ଦେଖିଲେ ଯେ ରାସ୍ତାର ଦୁଇଧାର ଅତି ରୁକ୍ଷ ଓ ଅସୁନ୍ଦର ଦେଖାଯାଉଛି । ତାଙ୍କ ମନରେ ଗୋଟିଏ ଖିଆଲ ହେଲା । ସେ ଯୋଉଦିନ ସେହି ଟ୍ରେନ୍‌ରେ ଆପଣା ଯାଗାକୁ ପୁଣି ଫେରି ଆସିଲେ, ସେଦିନ ସେ ତାଙ୍କ ସାଙ୍ଗରେ କିଛି ମଞ୍ଜି ଆଣିଥିଲେ ଏବଂ ଟ୍ରେନ୍ ଝରକାବାଟେ ହାତଗଳାଇ ସେ କେବେ ଏପଟ ଓ କେବେ ସେପଟ ସେହି ମଞ୍ଜିତକ ବିଞ୍ଚିବିଞ୍ଚିକା ଗଲେ । ଏହି ଘଟଣାର ବର୍ଷକପରେ ସେହି ବ୍ୟକ୍ତି ପୁନର୍ବାର ଯେତେବେଳେ ସେ ଟ୍ରେନ୍‌ରେ ଗଲେ—ସେ ଦେଖିଲେ ଟ୍ରେନ୍ ରାସ୍ତାର ଦୁଇପଟେ ନାଲି ଓ ହଳଦିଆ ରଙ୍ଗର ବହୁ ଫୁଲ ଫୁଟିଛି ଏବଂ ଧୀର ପବନରେ ସେହି ବନଫୁଲ ଗଛଗୁଡ଼ିକ ମୁଣ୍ଡହଲାଇ ହସି ହସି ସତେକି ଯାତ୍ରୀମାନଙ୍କୁ ଅଭିବାଦନ କରୁଛନ୍ତି । ପ୍ରକୃତରେ ସେହି ଟ୍ରେନ୍‌ରେ ଆରୋହୀ ବହୁଯାତ୍ରୀ ବାହାରକୁ ରହିଁରହି ସେହି ନାଲି ଓ ହଳଦିଆ ରଙ୍ଗର ଫୁଲଗୁଡ଼ିକୁ ଦେଖି ଖୁବ୍ ପ୍ରଫୁଲ୍ଲିତ ହେଉଥିଲେ । ଏବଂ ଆଜି ମଧ୍ୟ ସେହି ରାସ୍ତାର ଦୁଇଧାରରେ ବିଭିନ୍ନ ବୁଦା ଓ ଲଟାଭିତରେ ଏହି ଜାତୀୟ ନାଲି ଓ ହଳଦିଆ ବନଫୁଲଗୁଡ଼ିକ ପ୍ରାୟ ସବୁଦିନେ ଫୁଟିଉଠି ଯାତ୍ରୀମାନଙ୍କର ନୟନ ମନ ହରଣ କରିଥାନ୍ତି । କାରଣ ସେହି ଫୁଲଗୁଡ଼ିକ ଥିଲା ସାରାବର୍ଷ ଫୁଟିବା ଭଳି ଆରଣ୍ୟକ ଫୁଲ ।

ଗାଁ ଗହଳରେ ଆମର ଘର । ଆମ ଠାକୁର ମନ୍ଦିର ପାଖେ କନିଅର ବଣ ସବୁଦିନେ ହଳଦିଆ ଫୁଲରେ ନଦି ହୋଇଥାଏ । ମହୁ ମାଛିମାନେ ତା' ଭିତରେ ପଶି ପଶି ଗୁଣୁଗୁଣୁ ହୋଇ ମହୁ ପିଉଥାନ୍ତି । ତା'ପାଖରେ ଥାଏ ଗଙ୍ଗଶିଉଳୀ ଗଛଟିଏ । ଖୁବ୍ ସୁନ୍ଦରର ମନମତାଣିଆ ବାସ୍ନା । ନାଲି ଡେଂଫରେ ଧଳାଧଳା ଫୁଲ । ଶରତ ଋତୁ ଆଉ ଶୀତଋତୁର ସକାଳ ଏଫୁଲର ବାସ୍ନାରେ ଖୁବ୍ ଆମୋଦିତ ହୋଇଯାଏ । ଭାରି ପବିତ୍ର ଲାଗେ ବାୟୁମଣ୍ଡଳ । କିନ୍ତୁ ସୂର୍ଯ୍ୟ ଉଠୁ ଉଠୁ ଗଙ୍ଗଶିଉଳୀ ଫୁଲମାନେ ତଳେ ଝରିପଡ଼ନ୍ତି । କବି ଭକ୍ତଚରଣଙ୍କ ଭାଷାରେ— "ତପନ କିରଣ ଲାଗିଲେ ଯେସନ ଝରିପଡ଼େ ଗଙ୍ଗ ଶିଉଳୀ ।" କବି କୁନ୍ତଳା କୁମାରୀ ଆବେଗପୂର୍ଣ୍ଣ କଣ୍ଠରେ ଗାଉଛନ୍ତି—

"ନିତିପ୍ରାତେ ଦେଖେ ପଡ଼ିଅଛୁ ତରୁମୂଳରେ—ଢଳ ଢଳ ହିମବିନ୍ଦୁ ଶୋଭେ ଶୁଭ୍ର ଦଳରେ............ମନୋନ୍ମାଦକର ତହିଁ ପୂରିଅଛି ସୁବାସ—କି କୋମଳ କି ମୋହନ କି ଲଳିତ ବିକାଶ" । କନିଅର ଫୁଲକୁ ଦେଖି କବିବର ରାଧାନାଥ ଗାଉଛନ୍ତି—"ଶିବାଳୟ ଉପକଣ୍ଠେ କନିଅର——ସୁବର୍ଣ୍ଣ ଚଷକ ଧର ମଧୁପର" । କବି ରାଧାମୋହନ କନିଅର ଫୁଲକୁ ଅତି କୋମଳ ସମ୍ବେଦନଶୀଳ ହୋଇ ପ୍ରଶଂସା କରନ୍ତି—"ଉଷା ଶିଶିର ସ୍ନାହାନେ ଛଳ ଛଳ, ହେମ ଗଉର ତନୁଟି ଢଳଢଳ । ତାର ହୃଦୟେ ଅଛିକି ଅଭିଳାଷ, ଉଭା ଦେଉଳ ଦୁଆରେ ବାରମାସ" ।

ଠିକ୍ ପାଚେରୀକୁ ଲାଗି ଚଂପା ଆଉ କାଠଚଂପା । ଶିବ ଠାକୁରଙ୍କର ଅତ୍ୟନ୍ତ ପ୍ରିୟ । ଆମ ଠାକୁରାଣୀ ମନ୍ଦିର ପାଖେ ଦୁଇଟି ମନ୍ଦାର ଗଛ । ନାଲି ନାଲି ଫୁଲରେ ଭର୍ତ୍ତି ହୋଇଥାଏ । ରାଧାକାନ୍ତଙ୍କ ମନ୍ଦିରକୁ ଲାଗିକରି ବଉଳ ଗଛଟିଏ । ତା' ପାଖକୁ ତମାଳଗଛ ଦୁଇଟା । ପାଚେରୀ ଆରପଟେ ଢେଙ୍ଗା ଆଉ ବୃଷାଳ କଦମ୍ବ ଗଛ ଠିଆ ହୋଇଥାଏ । ଆଷାଢ଼ ମାସ ଆରମ୍ଭରୁ ଗଛଯାକ କଦମ୍ବ ଫୁଲ ଫୁଟେ—କି ସୁନ୍ଦର ଫେଣ୍ଟୁଭଳି ଫୁଲଗୁଡ଼ିକ—ତା'ଉପର ଯାକ କେଶର ସତେକି ଲୁମ ଟାଙ୍କୁରି ଉଠିଛି କଦମ୍ବ ଗଛଟିର । ବାସ୍ନାରେ ପାଏ ବାଟ ମହକେ । ତା'ପରେ ଗାଁ ଶେଷ ମୁଣ୍ଡ ପୋଖରୀ । ଭସ୍—ଭର୍ତ୍ତି ହୋଇଥାଏ ନାଲି, ଧଳା ଓ ନୀଳ କଇଁଫୁଲରେ । ସତେକି ପୃଥିବୀ ମାତାର ଏହି ସୁନ୍ଦର କଇଁଫୁଲ ଗୁଡ଼ିକ ହେଲେ ଆଖି । ପୋଖରୀ ଭିତରୁ ଗୋଟାଏ ପ୍ରଶାନ୍ତ ଓ ପବିତ୍ର ବାସ୍ନା ଭାସି ଆସୁଥାଏ ସକାଳୁ ସକାଳୁ । ଗହୀର ଭିତରେ ଯୋଉ ବିରାଟ ଦହ—ଯୋଉଟା ଖରାଦିନେ ବି ଶୁଖେ ନାହିଁ—ତା' ଭିତରେ ତ ପଦ୍ମଫୁଲ ଭର୍ତ୍ତି ହୋଇଥାଏ । ଯାହାକୁ ଦେଖି ଭକ୍ତକବି ମଧୁସୂଦନ ଗାଇ ଉଠିଥିଲେ—"କୋଟି ଲାବଣ୍ୟ ନିଧିରେ ପଦ୍ମତୁହି—କି ଅମୃତେ ତୋ ତନୁ ଗଢିଲା ବିହି ।" ଏହି ପଦ୍ମ ହେଲା ଆମର ଜାତୀୟ ପୁଷ୍ପ । ଯେମିତି ଆମର ଜାତୀୟ ପକ୍ଷୀ ମୟୂର ଓ ଜାତୀୟ ପଶୁ ବାଘ । ପଦ୍ମ ଫୁଲକୁ ଦିବ୍ୟ ପୁଷ୍ପ ବୋଲି ଆଖ୍ୟାତ କରା ଯାଇଛି । ସୂର୍ଯ୍ୟ ଉଇଁଲେ ପଦ୍ମଫୁଲ ଫୁଟେ—ଯେମିତି ରାତିହେଲେ ଫୁଟେ କଇଁଫୁଲ । ପଦ୍ମ ଫୁଲକୁ ଭକ୍ତମାନେ ଭଗବାନଙ୍କର ମହିମ ପବିତ୍ର ସୌନ୍ଦର୍ଯ୍ୟର ପ୍ରତୀକ ବୋଲି ମନେକରନ୍ତି । ପଦ୍ମର ଜନ୍ମ ଗଭୀର ପଙ୍କ ଭିତରୁ । ମଣିଷ ଓ ଭଗବାନଙ୍କ ମଧ୍ୟରେ ଯେଉଁ ସଂପର୍କ ରହିଛି ପଦ୍ମ ତାର ଏକ ପ୍ରତୀକ । ମଧୁସୂଦନ ଗାଉଛନ୍ତି—

କଳୁଷ ପଙ୍କେ ମୁହିଁ କେଡ଼େ ମଳିନ
କେମନ୍ତେ ସରି ତୋର ହେବି ନଳିନ
ପଙ୍କଜ ଅଟୁ ତୁହି ତେଣୁ ଭରସା
ତୋ ପରି ଶୁଭ୍ର ହେବି ଲଭି ସୁଦଶା ।

ଏଣେ ଆମ ବାଡ଼ିରେ ହୋଉ ପୋଟିଥାଏ ଜହ୍ନି ମଞ୍ଜିଟିଏ । ତାର ଡ଼ଙ୍କ ମାଡ଼ିଯାଏ ଆମ ଘରଯାକ । ସକାଳୁ ଉଠି ଆମେ ଦେଖୁ—ଆମ ଘରଯାକ ଅସଂଖ୍ୟ ସୁନ୍ଦର ହଳଦିଆ ଫୁଲରେ ସ୍ୱର୍ଣ୍ଣ ବର୍ଣ୍ଣ ହୋଇଉଠିଛି । ସେମିତି ବର୍ଷାକାଳରେ ସନ୍ଧ୍ୟାବେଳେ ବାଡ଼ିରେ ଘାସ ଉପରେ ହଳଦିଆ ଜହ୍ନିଫୁଲମାନେ ଅସ୍ତ ସୂର୍ଯ୍ୟଙ୍କ ସୁନେଲି ରଙ୍ଗରେ ଝଟକିଉଠନ୍ତି । ଆମ ମନ ଉଲ୍ଲାସରେ ଭରିଯାଏ । ଘରର ସାନ ଝିଅଟି ଆନନ୍ଦରେ ବୁଲୁଛି ଗୀତ ଗାଇପକାଏ—"ଜହ୍ନିଫୁଲ ଠୋ ଠା—ଗୁଣ୍ଡୁଚି ମୂଷା କହିଯାଉଛି ସୁଭଦ୍ରା ପୁଅ ଥୋଇଥା ।" ଏଣେ ଶୀତଦିନେ ଇସ୍କୁଲ ବଗିଚାରେ ଗେଣ୍ଡୁ ଫୁଲ ଭର୍ତ୍ତି ହୋଇଯାଏ । ଧଳା, ନାଲି ମଣ୍ଡା ଫୁଲଗୁଡ଼ିକ ଦେଖିବାମାତ୍ରେ ମନ ଏକ ଅଜଣା ଆନନ୍ଦରେ ପୂରିଉଠେ । ମଣ୍ଡା ଫୁଲର ମାଳା ଗୁନ୍ଥି ପିଲମାନେ ସରସ୍ୱତୀଙ୍କ ଗଳାରେ ଲମ୍ବାଇଦିଅନ୍ତି ।

ଏମିତି ଏମିତି ବିଭିନ୍ନ ଋତୁରେ ହରେକ ରଙ୍ଗର ହରେକ ଫୁଲ ଫୁଟନ୍ତି । ସେଇ ସେଇ ଫୁଲଙ୍କ ବର୍ଣ୍ଣ ଆଉ ଗନ୍ଧ ଦ୍ୱାରା ସତେକି ସେହି ସେହି ଋତୁର ଆଗମନୀ ଜାଣିହୁଏ । ଫୁଲମାନଙ୍କ ଗନ୍ଧ ସତେକି ଋତୁମାନଙ୍କର ନିଜ ଦେହର ଗନ୍ଧ ! କଇଁ, ଗଙ୍ଗଶିଉଳୀ, କାମିନୀ, ହେନା, ଚଂପା, ମଲ୍ଲି, ଯୂଥି, ମାଧବୀ ଆଦି ଫୁଲର ବାସ୍ନା ସତେକି ଶରତ ଋତୁ ଲକ୍ଷ୍ମୀଙ୍କର ସ୍ୱଦେହର ସୌରଭ ! ସେମିତି ମଧ୍ୟ କଖାରୁଫୁଲ, ଜହ୍ନିଫୁଲ ଆଉ ହରଗଉରା ଫୁଲ !

ହରଗଉରା ଫୁଲକୁ ଶୁଂଘିଲାମାତ୍ରେ ବର୍ଷାଋତୁର ଦେହବାସ୍ନାକୁ ବୁଝିହୁଏ । କାଠଚଂପା, ମଲ୍ଲି, ବଉଳ ଆଦି ଫୁଲର ବାସ୍ନାରେ ମିଶିଥାଏ, ଗ୍ରୀଷ୍ମଋତୁର ଶରୀର-ସୌରଭ । ଆଉ ବସନ୍ତଋତୁ ? ସେତ ଋତୁମାନଙ୍କର ରାଜା, ସମ୍ରାଟ । ବହୁରଙ୍ଗୀ ଫୁଲର ପୋଷାକ ପିନ୍ଧି ସେ ଆସନ୍ତି ଆମ ପୃଥିବୀ ଉପରକୁ । ବହୁ ସୁଗନ୍ଧ ପୁଷ୍ପର ସୌରଭରେ ସୁରଭିତ ତାଙ୍କ ଯାତ୍ରା ପଥ । ଋତୁରାଜ ବସନ୍ତ ଆସିଲେ—ଆମ୍ର ବୃକ୍ଷମାନେ ବଉଳିତ ହୋଇ ପଥ ପାର୍ଶ୍ୱରେ ଅଭ୍ୟର୍ଥନାର ଅର୍ଘ୍ୟଧରି ଠିଆ ହୋଇଥାନ୍ତି ଋତୁରାଜଙ୍କ ଉଦ୍ଦେଶ୍ୟରେ । କଞ୍ଚନ ଗଛମାନେ ଶୁଭ୍ର ପୁଷ୍ପର ଉଷ୍ଣିଷ ପିନ୍ଧୁଥାନ୍ତି । ପଳାଶ ବଣରେ ନାଲି ନାଲି ଫୁଲ ସତେକି ଅଗ୍ନି ସ୍ରବରେ ମତୁଆଲା ହୋଇ ବସନ୍ତ ରାଜାଙ୍କୁ ଅଭିନନ୍ଦନ ଜଣାଉଥାନ୍ତି । ଶିମିଳି ଗଛରେ ନାଲି ନାଲି ଫୁଲ ଆକାଶରେ ଆତଶବାଜୀ ଜାଳେ । ବଣ କଢ଼େ କଢ଼େ ସୁବାସିତ ଦାଣକେରେଣ୍ଡା ଫୁଲରେ ଭର୍ତ୍ତି ହୋଇଯାଏ—ବନ ପଥକୁ ପୁଷ୍ପିତ କରି ଋତୁରାଜଙ୍କ ଆଗମନ ଉପଲକ୍ଷେ । କୋବିଦାର ଓ ନାଗକେଶର ବୃକ୍ଷମାନେ ପୁଷ୍ପ ମଣ୍ଡିତ ହୋଇ ଆଗନ୍ତୁକ ଗ୍ରୀଷ୍ମର ବାୟୁମଣ୍ଡଳକୁ ସୁଶୀତଳ ସୁଗନ୍ଧରେ ଭରି ଦିଅନ୍ତି । ମୋଟ ଉପରେ ଫୁଲ ସହିତ ଆମର ଜୀବନ ଓତଃପ୍ରୋତ ଭାବେ ଜଡ଼ିତ ।

ମଣିଷର ସୌନ୍ଦର୍ଯ୍ୟ ଜ୍ଞାନ ଜାତ ହେଲଦିନୁ ଫୁଲ ପ୍ରତି ତାର ମମତା ବଢିଆସିଛି ସିନା କମିନାହିଁ । ଫୁଲଟିଏ ମଣିଷର ମନରେ କୋମଳତା, ସୁକୁମାରତା, ଯୁବୋଚିତ କଳ୍ପନା, ସୌନ୍ଦର୍ଯ୍ୟବୋଧ, ସଜୀବତା, ସତେଜତା, ପବିତ୍ରତା ଓ ଘ୍ରାଣପ୍ରବଣତା ସୃଷ୍ଟିକରେ । ସେଥିପାଇଁ କବିମାନେ ଫୁଲକୁ ସୁନ୍ଦର ଓ ପବିତ୍ର ବସ୍ତୁର ବର୍ଣ୍ଣନାରେ ଉପମାନ ରୂପେ ବ୍ୟବହାର କରି ଆସିଛନ୍ତି । ପଦ୍ମ ପଳାଶ ଲୋଚନ ଭଗବାନ ରାମଚନ୍ଦ୍ର କିମ୍ବା ବିକଚ କମଳନୟନ ଭଗବାନ ଶ୍ରୀକୃଷ୍ଣଙ୍କ ବର୍ଣ୍ଣନାଠାରୁ ଆରମ୍ଭ କରି ରୂପବତୀ ରମଣୀର ସୁନ୍ଦର ଶୁଭ୍ର ଦନ୍ତପଙ୍କ୍ତିକୁ କୁନ୍ଦଫୁଲ ସଙ୍ଗେ, କୌଣସି ଲଳିତାଙ୍ଗୀର କରାଙ୍ଗୁଳୀଗୁଡ଼ିକୁ ଚଂପକ କଳି ସଙ୍ଗେ, କେହି ସୁହାସିନୀ ନାରୀର ହସକୁ ମଲ୍ଲିଫୁଲ ସଙ୍ଗେ, କୌଣସି ସୁନୟନା ରମଣୀର ଚକ୍ଷୁ ଦୁଇଟିକୁ ନୀଳକଇଁ ସଙ୍ଗେ ଏବଂ କୌଣସି ଚନ୍ଦ୍ରମୁଖୀ ବରବର୍ଣ୍ଣିନୀର ନାସିକାକୁ ତିଳପୁଷ୍ପ ସଙ୍ଗେ ତୁଳନା କରି କବିମାନେ ବିଭିନ୍ନ ଭାଷାରେ ବହୁ ରମଣୀୟ କବିତା ରଚନା କରିଛନ୍ତି । ଅନିନ୍ଦ୍ୟସୁନ୍ଦରୀ ନାରୀର ମୁଖକୁ କେବେ ପଦ୍ମ, କେବେ ବା ଗୋଲପ ଫୁଲ ସଙ୍ଗେ ମଧ୍ୟ ଉପମା ଦିଆ ଯାଇଥାଏ । ଅଥଚ କ୍ରୁଦ୍ଧ ... ର୍ଘାତ ବ୍ୟକ୍ତିମାନଙ୍କ ରକ୍ତିମ ଚକ୍ଷୁକୁ ମନ୍ଦାର ଫୁଲ ସଙ୍ଗେ ତୁଳନା ଦିଆଯାଏ । ଏମିତି ଦେଖିଲେ ଫୁଲ ସଙ୍ଗେ ଆମେ ... ତେ ସଂପର୍କିତ ଯେ ଫୁଲନଥିବା ରାଜ୍ୟ ଆମେ କଳ୍ପନାଇ ... ରି ପାରୁନାହିଁ ।

... ସବୁ ଧର୍ମରେ ଫୁଲକୁ ଭକ୍ତମାନେ ଦେବଦେବୀଙ୍କ ... ଦ୍ଦେଶ୍ୟରେ ଏକ ପବିତ୍ର ସରଳ ଉପହାର ରୂପେ ବ୍ୟବହାର ... ନ୍ତି । ଆମ କନ୍ଦର୍ପ ଦେବତାଙ୍କ ଧନୁଶର ... ଲରେଇ ତିଆରି । ଅଶୋକ, ଅରବିନ୍ଦ, ଆମ୍ର ମୁକୁଳ, ... ମଲ୍ଲିକା ଓ ନୀଳୋତ୍ପଳ—ଏହି ପାଞ୍ଚଟି ଫୁଲ ହେଲେ ... ର୍ପ ଦେବତାଙ୍କ ପାଞ୍ଚୋଟି ଶର । ଏଥିରୁ ଗୋଟିଏ ... ଟିଏ ଫୁଲ ଶରର ଗୋଟିଏ ଗୋଟିଏ ପ୍ରଭାବ ବା ... କ୍ରିୟା ରହିଛି । ଅରବିନ୍ଦ ବା ପଦ୍ମଫୁଲ ବିରହୀକୁ ... ଦିତ କରେ । ଆମ୍ର ବଉଳ ଦୁଃଖ ଦିଏ । ନୀଳୋ- ... ଦାହ ସୃଷ୍ଟିକରେ—ନବ ମଲ୍ଲିକା ସୃଷ୍ଟିକରେ ଶୋକଭାବ ... ଅଶୋକ ଫୁଲ ଉଚ୍ଚାଟନ କରିଥାଏ । ଆମର ସୃଜନ ... ତା ବ୍ରହ୍ମା ପଦ୍ମ ଭିତରୁ ଜନ୍ମ ହୋଇଛନ୍ତି । ବିଷ୍ଣୁଙ୍କ ... କମଳରୁ ସେ ଜାତ । ଆମର ଶ୍ରୀ, ସଂପଦ, ସଙ୍ଗତି, ... ଓ ପବିତ୍ରତା ଇତ୍ୟାଦିର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀ ... ା କମଳାସନା । ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପୁଷ୍ପମାଲ୍ୟ ... ଆମେ ବରଣ କରୁ । ଆମର ସାମାଜିକ ବିଧି ... ପରାରେ ଏବଂ ସୌନ୍ଦର୍ଯ୍ୟ ସଂରକ୍ଷଣ ପରଂପରାରେ ... ମାନେ ବିଶେଷ ବିଶେଷ ଅନୁଷ୍ଠାନରେ ଗଳାରେ ମାଲ୍ୟ ... କରିବା ଓ ନାରୀମାନେ ଗଭାରେ ପୁଷ୍ପ ମଣ୍ଡନ କରିବା ... ବଶ୍ୟ ଆଚରଣୀୟ ଶୁଭ ବିଧାନ । ଆଧୁନିକ ଯୁଗରେ ... କ୍ଷିତ ଭଦ୍ର ବ୍ୟକ୍ତିମାନେ କୋଟରେ ଫୁଲଟିଏ ଖୋଷି ... ର ପୁଷ୍ପାନୁରାଗ ଚରିତାର୍ଥ କରନ୍ତି । ଅନେକ ମୁଣ୍ଡର ଟୋପି ବା ପଗଡ଼ୀରେ ମଧ୍ୟ ଫୁଲ ଖୋଷିବା ଦେଖାଯାଇ-ଥାଏ । ଫୁଲ ପ୍ରତି ଆମର ଏତେ ଶ୍ରଦ୍ଧା ଯେ ଆମେ ଆମ ଘରର କବାଟ, ଦ୍ୱାରବନ୍ଧ, ଆଲମିରା ଇତ୍ୟାଦିରେ ଫୁଲ ଡ଼ିଜାଇନ୍‌ମାନ ଖୋଦନ କରିଥାଉ । ଫୁଲପକା ଧଡ଼ିର ଶାଢ଼ୀ ଭାରି ଆଦର ପାଏ । ଛିଟ ଶାଢ଼ୀର ଦେହସାରା ନାନାଦି କଳ୍ପିତ ଫୁଲ ଛାପାରେ ବିଚିତ୍ର ଦିଶେ । ଟେବୁଲ୍ କ୍ଲଥ, କାରପେଟ, ସବୁଥିରେ ନାନାଦି କାଳ୍ପନିକ ଫୁଲର ଡ଼ିଜାଇନ୍ ଆମ ଘରକୁ ଏକ ମନୋହର ଢ଼ଙ୍ଗ ଦିଏ । ବହୁ ସୁରୁଚିସଂପନ୍ନ ବ୍ୟକ୍ତି ତାଙ୍କ ଖାଇବା ଟେବୁଲ ଉପରେ ଯେମିତି ଫଳଝୁଡ଼ିଟିଏ ରଖିଥାନ୍ତି ସେମିତି ତାଙ୍କ ଡ୍ରଇଁରୁମ୍ ବା ବେଡ୍‌ରୁମ୍‌ରେ ଫୁଲର ଦାନୀଟିଏ ସଜାଇ ରଖନ୍ତି । ଏହା ଗୃହକୁ ଅପୂର୍ବ ସୌନ୍ଦର୍ଯ୍ୟ ଓ ସଜୀବତାରେ ଭରିଦିଏ ।

ଅଷ୍ଟାଦଶ ଶତାବ୍ଦୀରେ ଇୟୁରୋପରେ ଶିଳ୍ପବିପ୍ଳବ ଯୁଗରେ ଯେତେବେଳେ ଭାରୀ ଶିଳ୍ପ ଓ କଳକାରଖାନାର ବିସ୍ତାର ଫଳରେ ପ୍ରାକୃତିକ ପରିବେଶ ନଷ୍ଟ ହୋଇଗଲା ଓ କେବଳ ଧୂଳି, ଧୂଆଁ, କୋଇଲା, ଲୁହା ଓ ନାନା ପ୍ରକାର ରୁକ୍ଷ ରୂଢ଼ କୋଳାହଳରେ ଚତୁର୍ଦ୍ଦିଗ ପୂର୍ଣ୍ଣହୋଇ ଲୋକ-ମାନଙ୍କର ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ଓ ସୁକୁମାର ଭାବ-ପ୍ରବଣତାରେ ବାଧା ସୃଷ୍ଟିକଲା—ସେତେବେଳେ ସମାଜର ଶୁଭଦର୍ଶୀମାନେ ଲକ୍ଷ୍ୟ କଲେ ଯେ ଯନ୍ତ୍ର ସଭ୍ୟତା ଲୋକଙ୍କ ଚେତନାକୁ ଯାନ୍ତ୍ରିକତାରେ ପରିଣତ କରିଦେଲଣି । ଲୋକେ କ୍ରମଶଃ ପ୍ରକୃତିଛଡ଼ା ହୋଇଯାଉଛନ୍ତି । ସେତେ-ବେଳେ ଏ ଦୃଷ୍ଟିରୁ "ଆର୍ଟ ଇନ୍ ଇଣ୍ଡଷ୍ଟ୍ରି" ଓ "ନେଚର ଇନ୍ ଇଣ୍ଡଷ୍ଟ୍ରି" ବୋଲି ଦୁଇଟି ଆନ୍ଦୋଳନ ଦେଖାଗଲା । ଦାବୀ ହେଲା ଯେ ସବୁ କଳକାରଖାନା ଘରିପଟେ କୃତ୍ରିମ ବନ ପାହାଡ଼, ଓ ପୁଷ୍ପିତ ଉପବନମାନ ତିଆରି ହେବ ଏବଂ ପ୍ରତିଟି ଯନ୍ତ୍ର ବା କଳ ଇତ୍ୟାଦିରେ ପୁଷ୍ପ ଲତା ଇତ୍ୟାଦି ଖୋଦେଇ ହେବ । ପ୍ରକୃତରେ ତାହାହିଁ ଘଟିଥିଲା । ଗୋଟିଏ ସାମାନ୍ୟ ରେଞ୍ଚିଠାରୁ ଆରମ୍ଭ କରି ଇଞ୍ଜିନ୍‌ର ମୁହଁ ପର୍ଯ୍ୟନ୍ତ ସର୍ବତ୍ର ଲତା ଓ ଫୁଲର ଡ଼ିଜାଇନ୍‌ମାନ ଢ଼ଳେଇ ହୋଇଥିଲା ।

ଏ ସବୁ ଦେଖି ମନରେ ପ୍ରଶ୍ନଉଠେ—କାହିଁକି ମଣିଷ ମନରେ ଏତେ ଅଧିକ ପୁଷ୍ପାନୁରାଗ ? ଫୁଲ ପ୍ରତି ମାୟା ମମତା ଆଉ ଏତେ ସମ୍ମାନବୋଧର ହେତୁ ବା କଣ ?

ଇଂରାଜୀ କବି ଓ୍ୱାର୍ଡସଓ୍ୱାର୍ଥ କହନ୍ତି—ସାମାନ୍ୟ ଅଉ ନଗଣ୍ୟ ଗୋଟାଏ ଘାସଫୁଲ—କିନ୍ତୁ ସେ ଫୁଲଟି ତାଙ୍କ ମନରେ ଲଦିଦିଏ ଯୁଗାନ୍ତ ବେଦନାର ଗୁରୁଭାର । କାଇଁକି କେଜାଣି ତାଙ୍କ ଆଖିରୁ ଲୋତକର ସ୍ରୋତ ଛୁଟେ । ନଦୀଧାରରେ ଡ଼ାଫୋଡ଼ିଲ ଫୁଲ ଫୁଟି ତାଙ୍କ ମନକୁ ଏକ ଅପୂର୍ବ ଭାବରେ ବୁଡ଼ାଇ ଦେଇଥିଲା । ସେ କହନ୍ତି—ଫୁଲମାନେ କେବଳ ରୂପ ରସ, ବାସ ଯୋଗୁଁ ଆମର ଇନ୍ଦ୍ରିୟ ତୋଷଣ କରନ୍ତି ନାହିଁ—ସେମାନେ ଆମର ସୃଜନୀ କଳ୍ପ-ନାରେ ଡ଼େଣା ଲଗାଇଦିଅନ୍ତି—ଏବଂ ତଦ୍ୱାରା ଏକ ପରମ

ରହସ୍ୟମୟ ଗୂଢ଼ ଅଭିବ୍ୟକ୍ତିର ବ୍ୟଞ୍ଜନା ଫୁଲମାନଙ୍କ ଭିତରେ ଫୁଟିଦିଶେ କବି ଥମାସ୍ ଗ୍ରେ କହନ୍ତି—କେଉଁ ସ୍ୱର୍ଗ-ରାଜ୍ୟର ନନ୍ଦନକାନନର ଆନନ୍ଦମୟ ବାର୍ତ୍ତା ମୋର ଦୃଷ୍ଟି ପଥରେ ଖୋଲିଦିଏ ମୋ ବଗିଚାର ଛୋଟ ଗୋଟିଏ ଫୁଲ ।

ଫୁଲ ହୋଇଉଠିଛି ମଣିଷ ପକ୍ଷରେ ଏକ ମାନବୀୟ ପ୍ରତୀକ । ଝିଅଟିଏ ଋତୁମତୀ ହେଲେ ଆମେ କହୁ ଝିଅଟି ପୁଷ୍ପବତୀ ହେଲା । ଯେଉଁମାନେ ଯୋଗ ସାଧନା କରନ୍ତି ସେମାନେ ମଣିଷର ଦେହ ଭିତରେ ଛଅଟି ଚକ୍ର ବା ଛଅଟି ପଦ୍ମର ନାଡ଼ୀକେନ୍ଦ୍ର କଳ୍ପନା କରିଥାନ୍ତି । ସେଗୁଡ଼ିକ ହେଲା—ଗୁହ୍ୟ ପଦ୍ମ, ନାଭି ପଦ୍ମ, ହୃଦ ପଦ୍ମ, କଣ୍ଠପଦ୍ମ, ଲଲାଟ-ପଦ୍ମ ଓ ସର୍ବ ଶୀର୍ଷରେ ମସ୍ତିଷ୍କ ପଦ୍ମ—ଯାହାକି ସହସ୍ରଦଳ ପଦ୍ମ ରୂପେ ଆଖ୍ୟାତ । ସାଧକ ନିମ୍ନ ଚେତନାର ଉନ୍ମେଷରୁ ଅର୍ଥାତ୍ ଗୁହ୍ୟ ପଦ୍ମର ଉନ୍ମେଷଠାରୁ କ୍ରମଶଃ ଚେତନା ବିକଶିତ କରି କରି ଶେଷରେ ଉଚ୍ଚତମ ଚେତନାର ଉନ୍ମେଷ କରିଥାଏ । ପଦ୍ମର କ୍ରମ ପ୍ରସ୍ଫୁଟନ ସଙ୍ଗେ ମଣିଷ—ଚେତନାର ଉନ୍ମେଷକୁ ତୁଳନା କରାଯାଇଛି । ଭାରତର ଦାର୍ଶନିକ ପଦ୍ମ ଭିତରେ ହିଁ ଜଗତର କ୍ରମବିକାଶକୁ ଲକ୍ଷ୍ୟ କରିଛନ୍ତି । ଏହି ପଦ୍ମ ଫୁଲଟି ଜଗତର ଯାବତୀୟ ପାପ ଓ ପୁଣ୍ୟର ଇତିହାସକୁ ପ୍ରତୀକୀତ କରିଥାଏ । ପଦ୍ମ ତେଣୁ ଭାରତୀୟ ଚେତନାରେ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହଁ—ଶାନ୍ତି, ସମୃଦ୍ଧି ଓ ଜ୍ୟୋତିର୍ମୟ ଆନନ୍ଦର ମଧ୍ୟ ପ୍ରତୀକ । କେବଳ ପଦ୍ମ ନୁହ—ଫୁଲ ମାତ୍ରେଇ ଆସ୍ତିକତା ଓ ଦିବ୍ୟ ପ୍ରଭାବର ସୂଚକ ଏବଂ ନୈତିକ ବ୍ୟଞ୍ଜନାର ପ୍ରବର୍ତ୍ତକ । ପ୍ରକୃତି ମାତାର ବିଚିତ୍ର ସନ୍ଦେଶର ବାର୍ତ୍ତାବହ ଏଇ ଫୁଲମାନେ । ପ୍ରକୃତିର ଅଫୁରନ୍ତ ସୃଷ୍ଟି ଏହି ଫୁଲ ଜଗତ । ଗୋଟିଏ ଫୁଲ ତିଆରି କରିବାକୁ ପ୍ରକୃତିକୁ କି ଛନ୍ଦ ଆଉ ସଙ୍ଗତି ରକ୍ଷା କରିବାକୁ ନ ପଡ଼େ ! ସମଗ୍ର ଜଗତରେ ଫୁଲମାନଙ୍କୁ ସୃଷ୍ଟି କରିବାକୁ ପ୍ରକୃତିମାତାକୁ କେତେ ରଙ୍ଗ, କେତେ ସୁବାସ ଆଉ କେତେ ମଧୁ ବ୍ୟୟ କରିବାକୁ ପଡ଼େ, ତା' କିଏ କଳନା କରିପାରିବ ? ଏଇ ଫୁଲମାନଙ୍କ ଯୋଗୁଁ ଆମେ ମହୁଭଳି ପଦାର୍ଥ ପାଉ—ଅତର ତିଆରି କରୁ—ଆଉ ବହୁ ଫୁଲରୁ ନାନାଦି ଔଷଧ ମଧ୍ୟ ତିଆରି ହୁଏ ।

ଫୁଲମାନଙ୍କର ଏତେ ମୂଲ୍ୟ, ଏତେ ମର୍ଯ୍ୟାଦା । ଏତେ ଆଦରଣୀୟ ଆଉ ବରଣୀୟ ସେମାନେ ! କିନ୍ତୁ ଫୁଲଗୁଡ଼ିକ ଆଡ଼େ ଚାହିଁ ଦେଖନ୍ତୁ ତ ! କେଡ଼େ ନିରୀହା ଆଉ ନିଷ୍ପାପା, ପୁଣି କେଡ଼େ ବିନୀତା । ନିଜକୁ ଦେଇ ଦେବାରେ ସେମାନେ କେଡ଼େ ଅକୁଣ୍ଠିତା । ଗଛରୁ ଛିଡ଼ାଇ ଫୁଲଟିକୁ କିଏ ଗଭାରେ ଖୋସୁ—କିମ୍ବା ଡାଲିଏ ଫୁଲ ତୋଳି ମାଳା ଗୁନ୍ଥି କିଏ କାହା ଗଳାରେ ବରଣମାଳା ପକାଉ—ଦେବତାଙ୍କ ଶିରରେ ଶୋଭିତ ହୁଅନ୍ତୁ ବା କାହା ଚଲାପଥରେ ବିଛା ହେଉନ୍ତୁ—ଶିବ ଶିରରେ ଲାଗନ୍ତୁ ବା ଶବ ଉପରେ ଆଚ୍ଛାଦିତ ହୁଅନ୍ତୁ—ଆକାଶରୁ ବୃଷ୍ଟି ହୁଅନ୍ତୁ ବା ବଣରେ ଝଡ଼ି ସେହି ବଣରେ ହିଁ ମଉଳି ଯାଆନ୍ତୁ—ଫୁଲଙ୍କର କୋଉଥିରେ ଓଜର ନାହିଁ କି ଆପତ୍ତି ନାହିଁ । କୋଉଥିରେ ଲଜ୍ଜା ନାହିଁ କି ସଙ୍କୋଚ ନାହିଁ । ମାନ ନାହିଁ କି ଅପମାନ ନାହିଁ । ଭକ୍ତଟିଏ ତାକୁ ଅତି ନମ୍ର ଆଉ ଭଦ୍ରଭାବେ ଗଛରୁ ଚୟନ କରେ । ପ୍ରେମିକାଟିଏ ତାକୁ ଅତି ଯତ୍ନରେ ଅତି ସ୍ନେହରେ ଆହରଣ କରି ଗୁନ୍ଥନକରେ । ଦୁଷ୍ଟ ଲୋକଟିଏ ଅତି ନିଷ୍ଠୁରଭାବେ ତାକୁ ଡାଳସୁଦ୍ଧା ଭାଙ୍ଗି ଆଣି ଅତି ରୁକ୍ଷଭାବେ ଛତୁଛତୁ କରି ଛିଡ଼ାଇ ଫୋପାଡ଼ି ଦିଏ । କିନ୍ତୁ ଆପଣ ଯେତେବେଳେ ବଗିଚାରେ ଫୁଲଗଛଟିକୁ ଚାହାନ୍ତୁ—ଦେଖିବେ, ବ୍ରୀଡ଼ାବତୀ ପ୍ରେମଶୀଳା ରମଣୀର ମନୋହର ମୁଖ ଭଳି ସେମାନେ ଡାଳରେ ଫୁଟି ରହିଥିବେ—ହସୁଥିବେ-ସ୍ୱାଗତ କରୁଥିବେ—କିନ୍ତୁ ନ ଥିବ ସେଥିରେ ରୂକ୍ଷ କୋଳାହଳ ବା ପ୍ରଦର୍ଶନୀପ୍ରବଣତା । ନୀରବରେ ସେମାନେ ଫୁଟନ୍ତି-ନୀରବରେ ସେମାନେ ହସନ୍ତି—ଆଉ ଅତି ନୀରବରେ ସେମାନେ ଅନ୍ୟକୁ ଅଭ୍ୟର୍ଥନା କରନ୍ତି । ଶେଷରେ—କେହି ଆହରଣ ନ କରିଥିଲେ ନୀରବରେ ଭୂଇଁ ଉପରେ ଖସିପଡ଼ି ନୀରବରେ ମିଳେଇଯାନ୍ତି ମାଟିରେ ।

ପ୍ରଥମେ ଗଛର ଡ଼ାଳରେ ଦେଖାଦିଏ କଳିଟିଏ । ମାତ୍ର ଧୀରେ ଧୀରେ ସମସ୍ତଙ୍କ ଅଜାଣତରେ କେଡ଼େ ନୀରବ, ଧୀର ଆଉ ଭଦ୍ର ରୀତିରେ ସେଇ କଳିକାଟି ପାଖୁଡ଼ା ମେଲାଇ କେତେବେଳେ ଫୁଟିଯାଏ—ଫୁଟିଲାମାତ୍ରେ ପ୍ରାଣଶକ୍ତିର ପ୍ରସ୍ଫୁରଣ ହୋଇଯାଏ—ମନେହୁଏ ସୁନ୍ଦର ଆହ୍ଲାଦିତ ଦିବ୍ୟ ମୁହଁଟିଏ ଫୁଟି ଉଠିଲା—ହସି ଉଠିଲା । ଚାରିଆଡ଼େ ତାର ବାସନା ବିଛୁରିଯାଏ । କୋଉ କୋଉ ଅଜଣା ଆନନ୍ଦ ଉଡ଼ିଆସନ୍ତି ଉଚ୍ଚାଟିତ ହୋଇ ସେମାନେ—ମହୁମାଛି, ଭଅଁର, ପ୍ରଜାପତି ଆଉ ହରେକ କିସମର କୀଟ ପତଙ୍ଗ । ସମସ୍ତେ ଆସି ବସି ପଡ଼ନ୍ତି ଫୁଲଟି ଉପରେ । ସମସ୍ତେ ଚୁମିଲାଗନ୍ତି ସେହି ସୁନ୍ଦର ସତେଜ ସଲଜ ମୁହଁଟିକୁ । ପାଖରେ ଯାଉଥିବା ଲୋକଟିର ଆଖିରେ ପଡ଼େ-ପୃଥିବୀ ହସି ଉଠୁଛି କି ! ମନରେ ପ୍ରଶ୍ନ ଆସେ—ଫୁଲର ଜୀବନ କଣ ତା'ହେଲେ ଏଇଆ ? ଅନ୍ୟର ସୁଖ ପାଇଁ ନିଜକୁ ସମର୍ପି ଦେବା ? ତା'ପରେ ଯେତେବେଳେ ଫୁଲଟି ମଉଳି ଯାଇ ଭୂଇଁ ଉପରେ ଖସିପଡ଼େ, ସେତେବେଳେ ସେ ଛାଡ଼ି ଯାଏ ଫଳଟିଏ । ମନେପଡ଼େ—ଘର ଚାଳ ଉପରେ ମାଡ଼ିଥାଏ କଖାରୁଲଟା, ଲାଉ ଲଟା, ପାଣିକଖାରୁ ଲଟା । ଫୁଲଟି ମଉଳି ଯାଉଥାଏ ଆସ୍ତେ ଆସ୍ତେ-କିନ୍ତୁ ତା'ତଳକୁ ଫଳଟିଏ ବଢ଼ିଉଠୁଥାଏ କେତେଖିଣିକା ।

ଫୁଲର ଜୀବନରୁ ଭଲା ଆମର କେତେ କଥା ଶିଖିବାର ନାହିଁ ? ସେହିଭଳି ଏକ ଉଦାର, ନିଃସ୍ୱାର୍ଥପର ଏବଂ ପ୍ରମୁଦିତ, ପ୍ରଫୁଲ୍ଲିତ ପରିପୂର୍ଣ୍ଣ ପୁଷ୍ପିତ ଜୀବନ କଣ ଆମ ଜୀବନର ପରମ କାମ୍ୟ, ଲକ୍ଷ୍ୟ ନୁହେଁ ? ଆମ ଜୀବନର ଦୁଃଖ ଦୁର୍ଦ୍ଦିନରେ, କିମ୍ବା ସୁଖ ସମୃଦ୍ଧିରେ ଆମେ କଣ ଫୁଲଟିଏ ଭଳି ନୀରବହୋଇ ହସିପାରିବା ନାହିଁ ? ଏବଂ ଜୀବନର ଶେଷ କାଳରେ ଭୂଇଁ ଉପରେ ଝଡ଼ିପଡ଼ିଲାବେଳେ କଣ ଆମ ପଛରେ ସତ୍‌କର୍ମ, ସଦ୍‌ଜ୍ଞାନ ଓ ସତପ୍ରେମର ସଫଳ

ପ୍ରସ୍ଫୁଟିଟିଏ ରଖିଯାଇ ପାରିବାନାହିଁ ? ଆମ ଜୀବନ-
...ଙ୍କ କଣ ଆମେ ଆସ୍ପୃହା କରି ପାରିବାନାହିଁ ମଧୁସୂଦନଙ୍କ
ଭାଷାରେ ଯେ "କଳୁଷ ପଙ୍କେ ମୁହିଁ କେତେ ମଳିନ !
କେମନ୍ତେ ସରି ତୋର ହେବି ନଳୀନ ?" ଆମେ କଣ
ଆମ ଆତ୍ମାକୁ ଫୁଲଟିଏ ସେ ରୂପାନ୍ତରିତ କରି ପାରିବାନାହିଁ ?

ଶ୍ରୀମା କହନ୍ତି—ଫୁଲ ହେଲା ହୃଦୟ ବାର୍ତ୍ତାର ସଞ୍ଚାଳନ ପାଇଁ ଗୋଟିଏ ଉତ୍କୃଷ୍ଟ ମାଧ୍ୟମ । ଭକ୍ତର ଆକୂତି ଏହି ଫୁଲ ମାଧ୍ୟମରେ ଦେବତାଙ୍କ ପାଖରେ ପହଞ୍ଚିଯାଏ । ଈଶ୍ୱର ବା ଦିବ୍ୟପୁରୁଷଙ୍କ ଆଶୀର୍ବାଦ ମଧ୍ୟ ଏହି ଫୁଲ ମାଧ୍ୟମରେ ଭକ୍ତ ପାଖରେ ପହଞ୍ଚିଯାଏ । ଶ୍ରୀମା ଆହୁରି ମଧ୍ୟ କହନ୍ତି—

ଆମର ବ୍ୟବହୃତ ବହୁ ଫୁଲର କେତେକ ନିଜସ୍ୱ ବିଶିଷ୍ଟ ଗୁଣ ମଧ୍ୟ ରହିଛି—ଯାହାକି ସେହି ଫୁଲଟିର ସଂସ୍ପର୍ଶରେ ଆସିଲାକ୍ଷଣି ତାହା ଆମ ମନ ଭିତରେ ସଞ୍ଚରିତ ହୋଇଯାଏ । ଉଦାହରଣ ସ୍ୱରୂପ, ରଜନୀଗନ୍ଧା ଆମର ମନକୁ କରେ ପ୍ରକାଶମୁଖୀ ଏବଂ ଏକ ନୂତନ ସୃଜନଶୀଳତାରେ ମନକୁ ପୂର୍ଣ୍ଣକରେ । ମଧୁମାଳତୀର ଗୁଣହେଲା ଏହା ଏକ ...ତାପୂର୍ଣ୍ଣ ଅନୁଭୂତିର ସଞ୍ଚାରକ । ସୁଗନ୍ଧରାଜ ...ଏ ମାନସିକ ଶୁଦ୍ଧତା । ସୂର୍ଯ୍ୟମୁଖୀ ଆମ ଭିତରେ ...ଏକ ପରିବର୍ତ୍ତିତ ଆଲୋକ ଅଭିମୁଖୀ ଚେତନା ସୃଷ୍ଟିକରେ । ତୁଳସୀ ମଞ୍ଜରୀ ଆମ ହୃଦୟରେ ଉଦ୍ରେକ କରେ ନିଷ୍କାମ ...ର ଭାବ । ନିମ୍ବଫୁଲ ସୃଷ୍ଟିକରେ ଏକ ଆଧ୍ୟାତ୍ମିକ ବାତାବରଣ । ଲାଜକୁଳି ଲତାର ଫୁଲ, ଆମର ପ୍ରାଣରେ ...ସ୍ପର୍ଶକାତରତାର ଭାବ । ଅପରାଜିତା ଫୁଲ ହେଲା ...ଭାବମୟୀ ଶ୍ରୀରାଧାଙ୍କ ଚେତନାର ପ୍ରତୀକ । ଏହା ...ଭିତରେ ଭଗବାନଙ୍କ ପ୍ରତି ସଂପୂର୍ଣ୍ଣ ଆସକ୍ତିଭାବ ସଞ୍ଚାର କରେ । ଚଂପାଫୁଲ ହେଲା ଅତିମାନସୀ ମନସ୍ତାତ୍ତ୍ୱିକ ...ର ପ୍ରତୀକ । ଏହା ଦିବ୍ୟ ଅଭୀପ୍ସା ସୃଷ୍ଟିକରେ । ...ବତୀ ଫୁଲ ସମସ୍ତ ପ୍ରୟୋଜନ ପୂରଣକାରିଣୀ ପ୍ରାଣ—...ର ସଞ୍ଚାଳିକା ଅଟେ । ଏହିପରି ବହୁ ଫୁଲ ବହୁ ବହୁ ...ର ବାର୍ତ୍ତା ଆମ ଭିତରେ ନିଜସ୍ୱ ରୀତିରେ ସଞ୍ଚରିତ କରି ...ଛନ୍ତି । ଫୁଲମାନେ ଆଦୌ ନିର୍ଜୀବ ଏବଂ ଅଚେତନ ...ନ୍ତି । ସେମାନେ ତୁମ ଆମ ଭଳି ସଜୀବ ଓ ସଚେତନ। ...ବୃଦ୍ଧି ବା ସଂରକ୍ଷଣରେ କିମ୍ବା ପୃଥକୀକରଣ ଓ ...ତିକ ନିର୍ବାଚନ କ୍ଷେତ୍ରରେ ଓ ପରିବେଶକୁ ପ୍ରୟୋଜନ ...ପ କରିବା ଦିଗରେ ଫୁଲଙ୍କ ଜୀବନଯାତ୍ରା ଅବିକଳ ...ୟ ରୀତିରେ ବା ଜାନ୍ତବରୀତିରେ ପରିଚାଳିତ ହୁଏ । ...ଗୁଡ଼ିକ ହେଲା ଗଛଟିର ଜନନେନ୍ଦ୍ରିୟ ସଦୃଶ । ଅଣ୍ଡିରାଫୁଲ ...ଈଫୁଲ ଏକା ଗଛରେ ଫୁଟନ୍ତି ଏବଂ ଭ୍ରମରାଦି ...ପତଙ୍ଗମାନେ ପରାଗସଙ୍ଗମ କରାଇ ଫୁଲଗୁଡ଼ିକୁ ...ବତୀ କରିବାରେ ସାହାଯ୍ୟ କରନ୍ତି । ଉଦ୍ଭିଦ ବିଜ୍ଞାନୀଙ୍କ ମତରେ ଫୁଲଟିର ରଙ୍ଗ, ସୌରଭ, ଆକୃତି ଓ ଆକାର ସମେତ ତା' ଦେହର ପ୍ରତିଟି ଅଂଶ ଏପରିଭାବେ ନିର୍ମିତ ଯେ ତାହା ପ୍ରମାଣ କରେ—ଏଗୁଡ଼ିକ କେବଳ ଗଛର ବଂଶ ବୃଦ୍ଧିର ଉଦ୍ଦେଶ୍ୟ ସାଧନଛଡ଼ା ଅନ୍ୟ କିଛି କରନ୍ତି ନାହିଁ । ଏହି ଦୃଷ୍ଟିରୁ ଦେଖିଲେ ମନେହେବ—ପ୍ରକୃତିର ଏହି ସୁନ୍ଦର ଓ ପବିତ୍ର ଅବଦାନଟି କେବଳ ଗୋଟିଏ ହିସାବୀ ଦିଗରୁ ସୃଷ୍ଟି ହୋଇଛି ।

କିନ୍ତୁ ବୈଜ୍ଞାନିକ ବିଚାର ଏକମାତ୍ର ବିଚାର ନୁହେଁ । ଫୁଲମାନଙ୍କ ଲାଗି ସମଗ୍ର ଜଗତ ପାଗଳ ଆଉ କବିକୁଳ ବାଉଳା । ଫୁଲ ହେଉଛି ପ୍ରକୃତିର ଜୀବନ-ସ୍ପୃହାର ଏକ ପ୍ରସ୍ଫୁଟିତ ପ୍ରଫୁଲ୍ଲିତ ଉଲ୍ଲାସ । ଫୁଲ ହେଉଛି ନିରାଶ ପ୍ରାଣର ଆଶା । ପ୍ରେମଭକ୍ତିରେ ପରିପୂର୍ଣ୍ଣ ହୃଦୟର ସର୍ବଶ୍ରେଷ୍ଠ ନୈବେଦ୍ୟର ମାଧ୍ୟମ ।

ଅନନ୍ତ ଆକାଶରେ ରାତ୍ରିର ଗଭୀର ନିଶୀଥରେ କୋଟି କୋଟି ତାରା—ବିଶ୍ୱପିତା ବା ବିଶ୍ୱମାତାଙ୍କ ଦେହରେ କୋଟି କୋଟି ଜ୍ୟୋତିର ଫୁଲ ଭଳି ଫୁଟିଥାନ୍ତି । ବିଶ୍ୱ-ଦେବଙ୍କ ଶରୀରରେ କୋଟି କୋଟି ବ୍ରହ୍ମାଣ୍ଡ ଗୋଟିଏ ଗୋଟିଏ ଫୁଲ ନୁହଁ ତ ଆଉ କଣ ? ଏହି ଆମ ପୃଥିବୀରେ କୋଟି କୋଟି ପ୍ରାଣୀ ସମସ୍ତେ ଗୋଟିଏ ଗୋଟିଏ ଫୁଲ ନୁହନ୍ତିକି ପାର୍ଥିବ ଉଦ୍ୟାନରେ ?

ସେଥିପାଇଁ ଫୁଲକୁ ଦେଖିଲାବେଳେ, ବା ଫୁଲର କଥା ଭାବିବାବେଳେ ମନରେ ସ୍ୱତଃ ଏକ ପ୍ରାର୍ଥନା ଜାଗିଉଠେ—


ହେ ଈଶ୍ୱର ! ଆମର ମନକୁ ଫୁଲଭଳି ନିର୍ମଳ କର—ଆମର ହୃଦୟକୁ ଫୁଲଭଳି କୋମଳ ଆଉ ସୁକୁମାର କର—ଏବଂ ଆମର ଆତ୍ମାକୁ ଗଢିତୋଳ ପବିତ୍ର ଆଉ ଉତ୍ସର୍ଗୀକୃତ ଫୁଲଟିଏ ଭଳି ।

ହେ ବିଶ୍ୱବିଧାତା ! ପୃଥିବୀର ସବୁ ଉଦ୍ୟାନ ପୁଷ୍ପିତ ହୁଅନ୍ତୁ । ଲକ୍ଷ ଲକ୍ଷ ଫୁଲରେ ଭରିଯାଉ ସବୁରି ମନର ଉପବନ । ସବୁ କଳିକା ପ୍ରସ୍ଫୁଟିତ ହେଉନ୍ତୁ । ଆଉ ପ୍ରଭୁ ! ଯଦି କୌଣସି କଳିକା ଫୁଟିବା ପୂର୍ବରୁ ଅକାଳରେ ଭୂଇଁରେ ଝଡ଼ିପଡ଼େ, ତେବେ ତାହା ଯେପରି ପୁନଶ୍ଚ ଆପଣଙ୍କ ଉଦ୍ୟାନରେ ସଂପୂର୍ଣ୍ଣଭାବେ ଫୁଟିଉଠୁ ।


ହେ ଜୀବନ ଧାତା ! ଆମର ଚରମ ନିରାଶ ମୁହୂର୍ତ୍ତରେ, କିମ୍ବା ଆମର ଚରମ ନିଃଶ୍ୱାସ ତ୍ୟାଗର ପ୍ରାକ୍କାଳରେ କୁନ୍ତଳା କୁମାରୀଙ୍କର ସେହି ଗଭୀର ପଦଟି ଯେପରି ଆମର ମନରେ ସ୍ମରଣ କରାଇ ଦିଅ—

ଶେଷଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ
ମରିବାକୁ ଫୁଟିନାହିଁ ଭବତରୁ ଡ଼ାଳରେ
ଅଛି ରମ୍ୟ ଉପବନ—ଯହିଁ ଫୁଟି ଚିରଦିନ
ମୋହିବି ମୋ ପ୍ରାଣପ୍ରିୟ ଦେବତାଙ୍କୁ ଉଲ୍ଲାସେ
ଅନନ୍ତ ଅମୃତ ପ୍ରେମ ସୁଧାମୟ ସୁବାସେ ।

...ବୁରି ବଗିଚାରେ ସବୁ ଋତୁରେ ସବୁ ଫୁଲ ଫୁଟୁ । ସବୁରି ବାଡ଼ୀ ଆଉ ବାଡ଼ରେ ଫୁଲମାନେ ଫୁଟନ୍ତୁ । ସବୁ ...ପୁଷ୍ପବତୀ ହେଉ । ଓ ସବୁ ଫୁଲ ହେଉ ଫଳବତୀ ।



କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୭୭ ସେପ୍ଟେମ୍ବର ୨୨ ତାରିଖରେ ପୁରୀରେ ଏକ ବିରାଟ ଜନସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ।



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ରାଜନାରାୟଣ ୧୯୭୭ ଅଗଷ୍ଟ ୨୨ ତାରିଖ ଦିନ ଭୁବନେଶ୍ୱର କଳାମଣ୍ଡପଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଉଛନ୍ତି । ତାଙ୍କ ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏବଂ ଜନତା ଦଳର ଚେୟାରମ୍ୟାନ ଶ୍ରୀ ବିଶ୍ୱନାଥ ପଣ୍ଡିତ ରହିଛନ୍ତି ।

# ବେକାରୀ ସମସ୍ୟା ସମାଧାନରେ ବନଲକ୍ଷ୍ମୀଙ୍କ ଭୂମିକା

ଶ୍ରୀ ମାନସ ରଞ୍ଜନ ସାମଲ

ଏହି ସ୍ୱର୍ଣ୍ଣ ଭୂମି ଓଡ଼ିଶା ରାଇଜର ଗିରିବନ, କାନନ କେଦାର ପ୍ରତି ପ୍ରାନ୍ତରେ ଭରି ରହିଥିବା ବିପୁଳ ପ୍ରାକୃତିକ
ସଦର ଉପଯୋଗରେ ମଣିଷ ଜୀବନ ଧାରଣ ପାଇଁ ସାମାନ୍ୟ ଓ ସୁଲଭ ପଦାର୍ଥ ଦ୍ୱାରା କିପରି ଅତ୍ୟନ୍ତ
ଦୟ ନିତ୍ୟାବଶ୍ୟକ ପଦାର୍ଥମାନ ତିଆରି କରାଯାଇପାରେ, ତହିଁର ଧାରଣା ଆମର ନାହିଁ । ଦେଶରେ
ଦିନ ବେକାର ସମସ୍ୟା ବଢ଼ିବା ସଂଗେ ସଂଗେ ନିଜର ଜୀବିକାର୍ଜନର ପଥ କ୍ରମେ ରୋଧ ହୋଇ ଆସୁଛି ।
ଅର୍ଥନୈତିକ ମାନର ଅଭିବୃଦ୍ଧି ସକାଶେ ନିଜ ନିଜ ଘରେ ବସି ଅବସର ସମୟରେ ଅତି ସାମାନ୍ୟ, ସୁଲଭ ଓ
ରହିଥିବା ବଣଜାତ ପଦାର୍ଥଗୁଡ଼ିକୁ କିପରି କାର୍ଯ୍ୟରେ ଲଗାଯାଇ ଦେଶର ଅର୍ଥନୀତିକୁ ସାହାଯ୍ୟ କରାଯାଇପାରେ
ଧ୍ୟରୁ କେତୋଟି ମାତ୍ର ଉଲ୍ଲେଖନୀୟ ।


ବାଉଁଶ କାଗଜ ତିଆରି ସକାଶେ ବିଶେଷ ଉପଯୋଗୀ । ଗାଁ ଗହଳର ସ୍ତ୍ରୀ, ବୃଦ୍ଧମାନେ ବାଉଁଶରୁ ପେଡ଼ି, ଟୋକେଇ
ଗୃହୋପକରଣ, ମାଛ ଧରିବା ଲଗି ଅନ୍ଧୁଲି, ଖଇର୍ଣ୍ଣି ଏବଂ ଗ୍ରାମାଞ୍ଚଳର ଗୃହ ନିର୍ମାଣ, ବାଡ଼ବନ୍ଧି ପାଇଁ
ର କରନ୍ତି । ଏହା ନାନାଦି କୁଟୀର ଶିଳ୍ପ ପାଇଁ ଉତ୍କୃଷ୍ଟ କଞ୍ଚାମାଲ । ଓଡ଼ିଶାର ଅରଣ୍ୟଜାତ ଦ୍ରବ୍ୟ
ଚମଡ଼ା, ବେତ ଓ କାଠ ଶିଳ୍ପର ଗୁରୁତ୍ୱ ଢ଼େର ବେଶୀ । ବହୁମୂଲ୍ୟ କାଠର କଳାପୂର୍ଣ୍ଣ ବିବିଧ ଗୃହୋ-
ଲାଖର ପେଡ଼ି ବହୁତ ସୁନ୍ଦର । ଆଧୁନିକ ସଭ୍ୟତାର ବହୁ ଚାହିଦା ଏହି ଲାଖ ମେଣ୍ଟାଇ ପାରୁଛି ।
ମୋଫୋନ, ରେକର୍ଡ, ଫ୍ରେଞ୍ଚ ପଲିସି, ବାର୍ଣ୍ଣିସ ତାସ ଓ ରଂଗ ପ୍ରଭୃତି । ନବରଂଗପୁରଠାରେ ସମବାୟ
ମାଧ୍ୟମରେ କୁଟୀର ଶିଳ୍ପ ଦ୍ୱାରା ଲାଖରୁ ବହୁ ସୁନ୍ଦର ଉପହାର ପଦାର୍ଥ , ଖେଳନା ଆଦି ନିର୍ମିତ ହୋଇ
ଉଛି । ଏହା ବିଦେଶରୁ ବୈଦେଶିକ ମୁଦ୍ରା ଅର୍ଜନ କରି ପାରୁଛି । ପାରଳାଖେମୁଣ୍ଡିର ବେତ

ନିର୍ମିତ ଟୋପି, ଚଉକି, ଥଳୀ, ବେତ୍ରାସନ, ଟୋକେଇ, ମାଣ ଇତ୍ୟାଦି ଅତ୍ୟନ୍ତ ଲାଭଜନକ ଶିଳ୍ପ । କିଆ ପତ୍ରରେ ବିଛଣା, ଆସନ, ଥଳୀ ଓ କିଆ ଚେର ଓହଳରେ ଅତି ସୁନ୍ଦର ପାଛିଆ , ଡ଼ାଲା, ପେଡ଼ି ଆଦି ପ୍ରସ୍ତୁତ କରା ଯାଇ ପାରେ । କୁଜଂଗ, କନିକା, ହରିସ୍‌ପୁର, ମାର୍ଶାଘାଇ ଅଞ୍ଚଳରେ ନାଳିଆ ଘାସରେ ଟୋକେଇ, ପାଛିଆ, ବ୍ୟାଗ, ବାକ୍ସ, ଆସନ, ବିଛଣା ଆଦି ତିଆରି କରା ଯାଇପାରେ । କଦଳୀ ପଟୁକା ଓ ବାସୁଙ୍ଗାରେ ମସିଣା, ପେଡ଼ି, ଆସନ ତିଆରି କରାଯାଏ । ପୁରୀ ଜିଲ୍ଲାର ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳର ନଡ଼ିଆ ଗଛର ଉପଯୋଗ କିଛି କମ୍ ନୁହେଁ । ନଡ଼ିଆ କତାର ପାପୋଛ, ଆସନ, ଦଉଡ଼ି, ସଢ଼େଇର କାରୁକାର୍ଯ୍ୟପୂର୍ଣ୍ଣ ପିଆଲା, କ୍ଷୁଦ୍ର ପେଟିକା ଆଦି ଦେଖିଲେ ମନ ଆନନ୍ଦରେ ପୂରି ଉଠେ । ସେହିଭଳି ଗାଁର ନଈକୂଳ, ହିଡ଼ ଧାର ଓ ଗାଁ ପାଟରେ ଜନ୍ମୁଥିବା କାଇଁଚ, ବେଣା ମୂଳ, ଛଣ ପଟ, ତାଳପତ୍ର ଓ ଖଜୁରୀ ପତ୍ରକୁ ନେଇ ଗାଁର ଝିଅ, ବୋହୂ, ଓ ବୃଦ୍ଧାମାନେ କଣ୍ଢେଇ ଗାଲିଚ୍ଚ, ଆସନ, ଥଳୀ, ପେଟିକା, ପଂଖା, ପ୍ରଭୃତି ନିର୍ମାଣ କରନ୍ତି । ବଣ ରାଇଜର ଅନାବନା କିଆ ଫୁଲରୁ କେଉଡ଼ା ଜଳ ଓ ଅତର ପ୍ରଭୃତି କରି ଲକ୍ଷ ଲକ୍ଷ ଟଂକା ଆୟ କରାଯାଇପାରେ । ମଇଁଷ ଓ ଗୋରୁ ହାଡ଼ରେ ତିଆରି ସ୍ୱଳ୍ପ ମୂଲ୍ୟର ବୋତାମ, ଛୁରୀ ବେଣ୍ଟ ଓ ଅନ୍ୟାନ୍ୟ ସୌଖିନ ଜିନିଷର ବ୍ୟବହାର କିଛି ନୂଆ ନୁହେଁ । ମଦ୍ୟ ପ୍ରସ୍ତୁତି ପାଇଁ ମହୁଲର ଯଥେଷ୍ଟ ଚାହିଦା ରହିଛି । ମହୁଲ ଫୁଲ ମଧ୍ୟରେ ସଞ୍ଚିତ ଥିବା ସର୍କରା ଜାତୀୟ ଖାଦ୍ୟକୁ ସଢ଼ାଇ ସରକାର ମଦ ତିଆରି କରି ଲକ୍ଷ ଲକ୍ଷ ଟଂକା ଆଦାୟ କରୁଛନ୍ତି । ସାଧାରଣତଃ ଆଦିବାସୀମାନେ ଗଛରୁ ଝଡ଼ି ପଡୁଥିବା ଏହି ଫୁଲକୁ ଖରାରେ ସୁଖାଇ ବିକ୍ରୟ କରନ୍ତି । ବୈଦିକ ଯୁଗରୁ ବନ୍ୟ ଜାତ ଝୁଣା ଏକ ବିଶେଷ ବିଶୋଧକ ଭାବେ ବ୍ୟବହୃତ ହେଉଛି । ବନଜାତ ଦ୍ରବ୍ୟ ମଧ୍ୟରେ କେନ୍ଦୁପତ୍ର ଅନ୍ୟତମ । କେନ୍ଦୁ ପତ୍ରରୁ ବିଡ଼ି ତିଆରି ହୋଇ ଥାଏ । ଶାଳ ମଞ୍ଜିରୁ ବାହାରୁଥିବା ତେଲ ଏବେ ସାବୁନ ତିଆରିରେ ଲଗିଲଣି । ଶାଳ ମଞ୍ଜିରୁ ମଧ୍ୟ ଚକୋଲେଟ ମିଠାଇ କରାଯାଉଛି । ଏଥିପାଇଁ ରାଇରଂଗପୁରଠାରେ ଏକ କାରଖାନା ବସିଛି । ଏହା ବ୍ୟତୀତ କୁସୁମ, କରଞ୍ଜ, ମହୁଲ, ନିମ୍ବ ମଞ୍ଜିରୁ ତେଲ ବାହାର କରା ଯାଇ ସାବୁନ ଦୀପ ଜାଳିବା, ଖାଦ୍ୟ ତିଆରି ପ୍ରଭୃତିରେ ବ୍ୟବହୃତ ହୁଏ । ଶିଆଳି ପତ୍ର ଓ ଶାଳ ପତ୍ର ପ୍ରଭୃତି ପୁଡ଼ିଆ ବାନ୍ଧିବା ଓ ଖାଦ୍ୟ ପାଇଁ ବାସନ ରୂପେ ବ୍ୟବହୃତ ହୁଏ । ଶିଆଳି ଲଟାର ଲମ୍ବ ଛାଲି, ହେମ୍ପ ଗଛର ଛାଲି, ସବାଇ ଘାସ ଆଦିରୁ ଉତ୍କୃଷ୍ଟ ଦଉଡ଼ି ତିଆରି ହୋଇଥାଏ। ମହୁ ଓ ପାଳୁଅ ବଣରୁ ମିଳିଥାଏ । ଶେଯ ଓ ତକିଆ ପାଇଁ ଶିମିଳି ତୁଳା ସର୍ବତ୍ର ଆଦରଣୀୟ । ରଂଗ [illegible] ବିଶିଷ୍ଟ କମଳା ଗୁଣ୍ଡି, ଗାଲିଆ ଫଳରୁ ରଂଗ ମିଳେ । ବଣର ଚେର ମୂଳ ଦ୍ୱାରା ବହୁ ଅସାଧ୍ୟ ରୋଗ ଭଲ ହେଉଛି । ବାଇସୀ ମୂଳୀ, ତାଳ ମୂଳ, ଭୁଇଁ କଖାରୁ, ଅନନ୍ତ ମୂଳ ଆଦି ଧାତୁ ରୋଗର ଅବ୍ୟର୍ଥ ଔଷଧ । ନିମ, କରଞ୍ଜ, ଧାତୁରା ମଞ୍ଜି, ଚର୍ମ ରୋଗ ପାଇଁ, ଚିରେଇତା ଦୂଷିତ ରକ୍ତ ପାଇଁ ବ୍ୟବହୃତ । ତେଣୁ ଏହା ଅତି ଦରକାର ।

ଏତ ଗଲା ନିର୍ଜୀବ ପଦାର୍ଥର କଥା । ସଜୀବ ପ୍ରାଣୀଠାରୁ ଆମେ ଢେର ଉପକାର ପାଉ । କଥାରେ ଅଛି—ହାତୀ ବଞ୍ଚିଲେ ଲକ୍ଷେ ଟଂକା, ମଲେ ଲକ୍ଷେ ଟଂକା । ଏହାର ଦାନ୍ତ ଓ ହାଡ଼ରୁ ବହୁ ସୌଖୀନ ପଦାର୍ଥ ତିଆରି ହୁଏ । ସାପର ମଣି ବହୁ ମୂଲ୍ୟବାନ । ମୟୂର ପୁଚ୍ଛରେ ପଂଖା ଓ ଖେଳନା ତିଆରି ହୁଏ । ଜୀବନ୍ତ ଶୁଆ, ଶାରୀ, ମୟୂର, ମିରିଗ, କୁକୁଡ଼ା, ନେଉଳ ଆଦିର ମୂଲ୍ୟ ବହୁତ ବେଶୀ । ବାଘ ଛାଲ ମୁନିଙ୍କର ଭୂଷଣ । ମିରିଗ, ଗୋଧି ଚମଡ଼ାର ଯୋତା ବହୁତ ମଜଭୁତ୍ । ମେଣ୍ଢା ଲୋମର କମ୍ବଳ ମଧ୍ୟ ମୂଲ୍ୟବାନ । ଏଣ୍ଡିପୋକ ଗୁଡ଼ିରେ ରେଶମ ଲୁଗା ତିଆରି ହୋଇଥାଏ । ବିଭିନ୍ନ ଖାଦ୍ୟ ପଦାର୍ଥ ଆମେ ବଣରୁ ପାଇଥାଉଁ । ଭିନ୍ନ ଭିନ୍ନ ଜୀବ ଜନ୍ତୁର ମାଂସ, ଫଳ ମୂଳ କୋଳି ଆଦି ବଣରୁ ସଂଗ୍ରହ କରି ଆଣି ବିକିବା କେତେକ ଲୋକଙ୍କର ମୁଖ୍ୟ ପେଶା ।

ପଅରୂପଶ୍ରୀ ସଂପଦଭରା ବନ ଭୂମି ଆମର ପ୍ରକୃତି ଦତ୍ତ ଲକ୍ଷ୍ମୀ ପସରା । ଏଠାରେ ଧନର ଅଭାବ ନାହିଁ । ଅଭାବ କେବଳ ସେ ସବୁର ବିନିଯୋଗ କରିବାର ଉଦ୍ୟମ । ଆମେ ଏହି ସଂପଦକୁ କାର୍ଯ୍ୟରେ ଲଗାଇ ପାରିଲେ, ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି ହେବ । ଆମ ଜୀବିକାର ନୂଆ ରାସ୍ତା ଖୋଲିଯିବ । ବେକାରୀ ଦୂର ହେବ । କେହି ଭୋକିଲା ଆଉ ଢୋକିଲା ରହିବେ ନାହିଁ । ଆମ ଆର୍ଥିକ ଉନ୍ନତି ସମ୍ଭବ ହେବ । ସବୁ ଅଭାବର ଦୂରୀକରଣ ଲାଗି ବନ୍ୟ ସଂପଦକୁ ସୁରକ୍ଷା କରି ଏହାରି ମାଧ୍ୟମରେ କୁଟୀର ଶିଳ୍ପର ବ୍ୟାପକ ପ୍ରସାର ସମ୍ଭବ ହୋଇ ପାରିବ।

●




ହୁଁ—ମନ ଖୁସିରେ ଫଟୋ ଉଠାଅ ନା—ଏଠି ତୁମେ ବନ୍ଧୁକ ଫୁଟାଇ ପାରିବ ନାହିଁ— ଧନଶର ମାରି ପାରିବ ନାହିଁ । ଏଇ ଘଞ୍ଚ ଅରଣ୍ୟ—ପ୍ରକୃତି ମାତାର ଅଭୟ ଆଶ୍ରୟ ଭୂମି । ଲକ୍ଷ ଲକ୍ଷ ନିରୀହ ବଣ୍ୟ ପ୍ରାଣୀମାନଙ୍କ ପାଇଁ—ଓଡ଼ିଶା ସରକାର ଛାଡ଼ିଛନ୍ତି ଏହି ଅଭୟାରଣ୍ୟ ।




କୃଷ୍ଣକାୟ ଚିତାବାଘ




ପକ୍ଷୀ ଜଗତର ମହାଶିକାରୀ—ବାଜପକ୍ଷୀ



ଅତି ସୁକୁମାର ପରିଛନ୍ନ ପକ୍ଷୀ ସେମାନେ ଗରୁଡପକ୍ଷୀ




ଘଡ଼ିଆଳ କୁମ୍ଭୀର




ଉଲୁକ ଦିନେ ବୃଥା ଦାନେ—ସେଥି ଦାଡ଼ିମ୍ବ ସତ୍ରୁକାନେ ।

ରାତିର ଅନ୍ଧାର ଭିତରେ ତା'ର ବୃହତ୍ ସୁଗୋଲ ଆଖିର ତାରକା ଜଳି ଉଠେ । ଜଣେ ଜ୍ଞାନୀ ବ୍ୟକ୍ତିର ଦୃଷ୍ଟି ଭଳି ତାର ଚାହାଣି । ରାତିର ନିର୍ଜନତାକୁ ଅହୁରି ଭୀଷଣ ଓ ଗାଢ଼ତର କରେ ତାର ରବ । ସେ ପୁଣି କୁଆଡ଼େ ମା' ଲକ୍ଷ୍ମୀଙ୍କର ବାହନ ।



ଘନ ଅରଣ୍ୟ ବେଷ୍ଟିତ ପାହାଡ଼ର ଘାଟି ରାସ୍ତାରେ ମଟରରେ ଉଠିବା ଓ ଗଡ଼ିବା କେଡ଼େ ଚମତ୍କାର ।



—ବଜ୍ରକାପ୍ତା—

ମାଛର କାତିଠାରୁ ଅତିଶକ୍ତ କାତିରେ ଆବୃତ ତାର ଶରୀର । ସେ କଣ ବଜ୍ରସେନ୍ଦ୍ରା ?

# ରେଶମ କୀଟ ପାଳନ ଏକ ଲାଭଜନକ ବୃତ୍ତି

ଶ୍ରୀ ଜ୍ଞାନରଞ୍ଜନ ପ୍ରଧାନ

ଓଡ଼ିଶାରେ ରେଶମ ଚାଷ ବା ରେଶମ କୀଟ ପାଳନ ଗୋଟିଏ ସୁଚିନ୍ତିତ ଯୋଜନା । ରେଶମ କୀଟ ପାଳନ ବେକାରୀ ସମସ୍ୟାର ସମାଧାନ ଦିଗରେ ବହୁଳ ମାତ୍ରାରେ ସହାୟକ ହେବ ଏହା ନିଃସନ୍ଦେହ । ଆମ ରାଜ୍ୟର ଅନେକ ବେକାର ବ୍ୟକ୍ତି ରେଶମ କୀଟ ପାଳନ କରି ନିଜକୁ ଲାଭବାନ କରିବା ସଂଗେ ସଂଗେ ରାଜ୍ୟର ତଥା ଦେଶର କଞ୍ଚାମାଲର ଚାହିଦା ପୂରଣ କରିବା ଆବଶ୍ୟକ । ସରକାରଙ୍କ ପରିକଳ୍ପିତ ଗ୍ରାମାଭିମୁଖୀ ଶିଳ୍ପ ବିକାଶ ଯୋଜନା ଅନୁଯାୟୀ ରେଶମ ଜାତୀୟ କଞ୍ଚାମାଲ ହସ୍ତତନ୍ତର ଆବଶ୍ୟକତା ମଧ୍ୟ ପୂରଣ କରି ପାରିବ ।

ରାଜ୍ୟ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ଅଧୀନରେ ରେଶମ ବିଭାଗଟି ଅତି କ୍ଷୁଦ୍ର ଅବସ୍ଥାରେ ଅଳ୍ପ କେତେକ ବୈଷୟିକ ଜ୍ଞାନପ୍ରାପ୍ତ ଯୁବକଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି । ଏହା ଗୋଟିଏ ସୁଚିନ୍ତିତ ଯୋଜନା ଯାହାଦ୍ୱାରା ଶିକ୍ଷିତ, ଅଶିକ୍ଷିତ, ମହିଳା, ବୃଦ୍ଧ, ଯୁବକ, ନିଯୁକ୍ତି ଲାଭ କରି ପାରିବେ । ଛାତ୍ରମାନେ ମଧ୍ୟ ଅଧ୍ୟୟନ କରିବା ସଂଗେ ସଂଗେ ରେଶମ କୀଟ ପାଳନ କରି ନିଜକୁ ରୋଜଗାରକ୍ଷମ କରିବା ଆବଶ୍ୟକ ।

ରେଶମ ମଧ୍ୟରେ ଟସର (Tasar), ପାଟ (Malbery) ଏଣ୍ଡି (Eri) ଇତ୍ୟାଦି ଅନ୍ତର୍ଭୁକ୍ତ । ଗଡ଼ଜାତର ଆଦିବାସୀ ବହୁଳ ଅଞ୍ଚଳରେ ଟସର କୀଟ ପାଳନ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଏହା ମଧ୍ୟ ଗୋଟିଏ ଲାଭଜନକ ବ୍ୟବସାୟ, ଯାହାଦ୍ୱାରା ବେକାର ନିଯୁକ୍ତି ସାଂଗକୁ ଆଦିବାସୀମାନଙ୍କର ଅର୍ଥନୈତିକ ବିକାଶରେ ବିଶେଷ ସହାୟକ ହୋଇଛି । ଗୋଟିଏ ଋତୁରେ ଚାଷ କରି ଜଣେ ଚାଷୀ ପ୍ରାୟ ଏକ ହଜାରରୁ ଦେଢ଼ ହଜାର ଟଂକା ଅତିରିକ୍ତ ରୋଜଗାର କରିଥାଏ । ଟସର ଚାଷରେ ଅତ୍ୟଧିକ ଉତ୍ପାଦନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ବିହନ ଯୋଗାଣ କେନ୍ଦ୍ର ଜରିଆରେ ଚାଷୀମାନଙ୍କୁ ନିରୋଗ ବିହନ ଯୋଗାଇ ଦିଆଯାଉଛି । ଟସର ବିହନ ଯୋଗାଣ କେନ୍ଦ୍ରଗୁଡ଼ିକ ମୟୂରଭଞ୍ଜର ବାଙ୍ଗିରିପୋଷି, କାପଟିପଦା, ଠାକୁରମୁଣ୍ଡା ଏବଂ କେନ୍ଦୁଝରର ହରିଚନ୍ଦନ

ପୁରରେ ସ୍ଥାପିତ ହୋଇଛି । ଟସର ଚାଷୀମାନେ ବର୍ଷକରେ ଥରେ ଚାଷ କରିବା ପରିବର୍ତ୍ତେ ବର୍ଷକୁ ୩ ଥର ଚାଷ କରିବା ମଧ୍ୟ ସମ୍ଭବପର ହେବ ବୋଲି ରାଜ୍ୟ ଟସର ଗବେଷଣା କେନ୍ଦ୍ରରୁ ଜଣା ପଡ଼ିଛି । ଏହା ଚାଷୀମାନଙ୍କ ମଧ୍ୟରେ ଆଦୃତ ହୋଇ ପାରିଲେ ଆହୁରି କେତେକାଂଶରେ ବେକାରୀ ସମାଧାନ, କଞ୍ଚାମାଲର ଚାହିଦା ପୂରଣ ହେବା ସଂଗେ ସଂଗେ ଆଦିବାସୀମାନଙ୍କର ଅର୍ଥନୈତିକ ବିକାଶ ସାଧିତ ହୋଇପାରିବ ।

ପାଟ (Malbery) ଉତ୍ପାଦନ ନିମନ୍ତେ କୀଟ ପାଳନ କରିବା ଟସରକୀଟ ପାଳନଠାରୁ ସହଜ ଏବଂ ଲାଭଜନକ ହେଲେ ମଧ୍ୟ ଓଡ଼ିଶାର ଅଧିବାସୀମାନଙ୍କ ମଧ୍ୟରେ ଏହା ଆଦୃତ ହୋଇ ପାରି ନାହିଁ । ରାଜ୍ୟ ସରକାରଙ୍କ ସୀମିତ ସମ୍ବଳ ଦୃଷ୍ଟିରୁ ବୈଷୟିକ ତାଲିମ୍ ପ୍ରାପ୍ତ କର୍ମଚାରୀ ନିଯୁକ୍ତ କରି ଏହାର ସଂପ୍ରସାରଣ କରିବା ସମ୍ଭବ ହୋଇ ପାରି ନ ଥିଲା । ସରକାରଙ୍କ ତରଫରୁ ଏହାର ସଂପ୍ରସାରଣ ନିମନ୍ତେ ପଦକ୍ଷେପ ନିଆଯାଉଛି । ଏହା ଗଡ଼ଜାତ ଏବଂ ସମତଳ ଅଞ୍ଚଳର ପ୍ରତ୍ୟେକ ଅଧିବାସୀ ପାଳନ କରି ପାରିବେ । ପାଟ ସର୍ବୋପରି ଗୋଟିଏ ମୂଲ୍ୟବାନ ଦ୍ରବ୍ୟ ହୋଇଥିବାରୁ ଚାଷୀମାନେ ନିଶ୍ଚିତ ଭାବରେ ଅତ୍ୟଧିକ ଲାଭବାନ ହୋଇପାରିବେ । କୋରାପୁଟ ଜିଲ୍ଲାରେ ଏହି ଚାଷ ସଫଳତା ଲାଭ କରି ପାରିଛି ।

ଏଣ୍ଡି (Eri) ଚାଷ ପାଇଁ ରାଜ୍ୟ ସରକାରଙ୍କର ତରଫରୁ ପୁରୀଜିଲ୍ଲାର ଖୋର୍ଦ୍ଧା ଠାରେ ଏଣ୍ଡି ବିହନ ଯୋଗାଣ କେନ୍ଦ୍ର ଖୋଲା ଯାଇଛି । ଜଗତସିଂହପୁରଠାରେ ମଧ୍ୟ ଏହାର ଉପ କେନ୍ଦ୍ର ରହିଛି । ଏହି ପୋକ ପାଳି ଗ୍ରାମ୍ୟ ବେକାର ସମସ୍ୟାକୁ ବିନିଯୋଗ କରିବା ସଂଗେ ସଂଗେ ନିଜକୁ ଲାଭବାନ କରିବା ନିମନ୍ତେ ଗ୍ରାମାଞ୍ଚଳର ଲୋକେ ବିଶେଷ ଆଗ୍ରହ ପ୍ରକାଶ କରିବା ଉଚିତ ।

ରେଶମ ନିଶ୍ଚିତ ଭାବରେ ଗୋଟିଏ ମୂଲ୍ୟବାନ ଦ୍ରବ୍ୟ। ଏହାର ବହୁଳ ଉତ୍ପାଦନ ହେଲେ ରାଜ୍ୟର ଅର୍ଥନୈତିକ ବିକାଶ ସାଧିତ ହୋଇ ପାରିବ । ହସ୍ତତନ୍ତ, ବନ୍ଧଚାରୁ ମାଧ୍ୟମରେ ରେଶମ ବସ୍ତ୍ର ପ୍ରସ୍ତୁତ କରି ଅଧିକରୁ ବୈଦେଶିକ ମୁଦ୍ରା ଲାଭ ହୋଇପାରିବ । ସମବାୟ ସମିତି ଜରିଆରେ ବୁଣାକାରମାନଙ୍କୁ ଏବଂ ରେଶମ ଚାଷୀମାନଙ୍କୁ ଅର୍ଥ ସାହାଯ୍ୟ ମଧ୍ୟ ଦିଆ ଯାଉଛି । ଏହି ସାହାଯ୍ୟ ଲାଭ କରି ନିଜକୁ ଆର୍ଥିକ ସଂକଟରୁ ରକ୍ଷା କରିବା ସଂଗେ ସଂଗେ ଦେଶରୁ ଦାରିଦ୍ର୍ୟ ଏବଂ ବେକାରୀ ସଂକଟ ଦୂର କରିବା ଆବଶ୍ୟକ । ଭୂମିହୀନ ଅଧିବାସୀ ଅନ୍ୟ ଉପରେ ନିର୍ଭର ନ କରି ରେଶମ କୀଟ ପାଳନ କରି ନିଜକୁ ଉପାର୍ଜନକ୍ଷମ କରି ଗଢ଼ିବା ଉଚିତ ।

## ରାଉରକେଲାରେ କୋଲ୍ଡ ରୋଲ୍ଡ ଗ୍ରେନ୍ ଓରିଏଣ୍ଟେଡ୍ ସିଟ୍ ପ୍ଲାଣ୍ଟ

କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଉରକେଲାଠାରେ ସୂଚନା ଦେଇଛନ୍ତି ଯେ ସେଠାରେ ନିକଟରେ ଗୋଟିଏ କୋଲ୍ଡ ରୋଲ୍ଡ ଗ୍ରେନ୍ ଓରିଏଣ୍ଟେଡ୍ ସିଟ୍ ପ୍ଲାଣ୍ଟ ବସାଇବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ପ୍ରାୟ ୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହା ଫଳରେ ଦେଶ ପ୍ରାୟ ୩୫ କୋଟି ଟଙ୍କାର ବୈଦେଶିକ ମୁଦ୍ରା ବଞ୍ଚାଇ ପାରିବ ।

ଶ୍ରୀ ବିଜୁ ପଟ୍ଟନାୟକ ବିଭିନ୍ନ ଇସ୍ପାତ କାରଖାନାର ମୁଖ୍ୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇ କହିଛନ୍ତି–ଇସ୍ପାତ କାରଖାନାମାନଙ୍କରେ ନଷ୍ଟ ହେଉଥିବା ବିଭିନ୍ନ ଜନିଷକୁ କାମରେ ଲଗାଇ ଉତ୍ପାଦନ ଖର୍ଚ୍ଚ କମାଇବା ଉଚିତ । କାରଣ ବର୍ତ୍ତମାନ ସରକାରଙ୍କ ନୀତିହେଲା–ନ୍ୟୁନତମ ଅର୍ଥଲଗାଣରେ ସର୍ବୋଚ୍ଚ ଉନ୍ନତି ଲକ୍ଷ୍ୟ ଦେଇ କାର୍ଯ୍ୟ କରିବା ।

# ବନ୍ୟଜନ୍ତୁ ସଂରକ୍ଷଣର ଆଭିମୁଖ୍ୟ

ଶ୍ରୀ ଗୌରମୋହନ ଦାଶ

ପୁଣ୍ୟଭୂମି ଆମର ଏହି ଭାରତବର୍ଷ । ଯୁଗେ ଯୁଗେ ତାର ଦର୍ଶନର ଭାବଧାରା ସତ୍ୟ, ଅହିଂସା, ଜୀବେଦୟା ପ୍ରତିଷ୍ଠିତ ହୋଇ ଆସିଛି ଏବଂ ବିଶ୍ୱରେ ଆଦର୍ଶର ଚରମ ସ୍ଥାନ ଅଧିକାର କରିଛି । ଆମ ଦେଶକୁ ସୁଜଳା ଓ ଶସ୍ୟଶ୍ୟାମଳା କରିବାକୁ ହେଲେ ଅରଣ୍ୟ ଓ ତହିଁରେ ବଢୁଥିବା ଅଗଣିତ ଜୀବଜନ୍ତୁମାନଙ୍କର ବିକାଶପ୍ରତି ଧ୍ୟାନ ଦେବାକୁ ହେବ । କାରଣ ବନ୍ୟଜନ୍ତୁ ଆମର ଦ୍ୱିତୀୟ ଜାତୀୟ ସଂପଦ ଓ ଆମର ସାହିତ୍ୟ ମଧ୍ୟରେ ଯେଉଁ ମହାନୁଭବତା, ଆଦର୍ଶ ଓ ବୌଦ୍ଧିକତା ରହି ଆସିଛି, ତାହା ସହିତ ଏହାର ଏକ ନିବିଡ଼ ସଂପର୍କ ଅଛି ।

ଦୈନନ୍ଦିନ ଜୀବନରେ ବନ୍ୟପ୍ରାଣୀ ଯଥେଷ୍ଟ କିଛି ପ୍ରଭାବ ପକାଇଥାଏ । ଆମର ଅଭୟାରଣ୍ୟ, ନନ୍ଦନକାନନ ଏବଂ ... ଦେଖିବାକୁ ଆସୁଥିବା ଅଗଣିତ ପର୍ଯ୍ୟଟକମାନଙ୍କୁ ଦେଖିଲେ ଏହାର ସତ୍ୟତା ଉପଲବ୍ଧି କରିହୁଏ । ... ପରିବେଶରେ ନିଆଯାଇଥିବା ଜୀବଜନ୍ତୁମାନଙ୍କର ଆଲୋକଚିତ୍ର ଦେଖିଲେ ଯେଉଁ ଅପାର ଆନନ୍ଦ ମିଳେ ତାହା ବର୍ଣ୍ଣନା କରି ନ ପାରେ । ଅନେକ ଧରଣର ମାଙ୍କଡ଼ ଓ ମୂଷାଙ୍କୁ ନେଇ ଔଷଧ ପ୍ରୟୋଗ ସମ୍ବନ୍ଧରେ ଗବେଷଣା ହୁଏ । ସେହିପରି ଶିଙ୍ଗ, ହାତୀଦାନ୍ତ, କସ୍ତୁରୀ ଏବଂ ପର ଇତ୍ୟାଦି ଅନେକଗୁଡ଼ିଏ ପ୍ରାଣୀଜ ପଦାର୍ଥକୁ ବାଣିଜ୍ୟର ମୂଲ୍ୟବାନ ପଣ୍ୟବସ୍ତୁ ବୋଲି ଧରାଯାଏ । ବିଭିନ୍ନ ପଶୁର ସୁନ୍ଦର ସୁନ୍ଦର ଚମଡ଼ା, ... ବିଭିନ୍ନ ଜାତୀୟ ପକ୍ଷୀର ଚିତ୍ରିତ ପର ଆମକୁ ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ସାହାଯ୍ୟ କରେ । ... ପ୍ରତିବର୍ଷ ଅନେକ ଶାରୀ ଏବଂ ମାଙ୍କଡ ବିଦେଶକୁ ରପ୍ତାନୀ ହୋଇ ବୈଦେଶିକ ମୁଦ୍ରା ଅର୍ଜନ ସାହାଯ୍ୟ କରିଥାଆନ୍ତି । ଗୋଟିଏ ଶାରୀ ପ୍ରାୟ ପଚିଶ ଟଙ୍କା ଏବଂ ମାଙ୍କଡ଼ ପଚିଶ ଟଙ୍କାରେ ... ବିକ୍ରିହୋଇ ଥାଆନ୍ତି । ଅଭୟାରଣ୍ୟ ଏବଂ ଜନ୍ତୁସୁରକ୍ଷିତ ସ୍ଥାନମାନଙ୍କୁ ଦେଖିବା ଉଦ୍ଦେଶ୍ୟରେ ... ପର୍ଯ୍ୟଟକ ବିଦେଶରୁ ଆମଦେଶକୁ ଆସିଥାଆନ୍ତି ଏବଂ ତଦ୍ୱାରା ଆମେମାନେ ବୈଦେଶିକ ମୁଦ୍ରା ଅର୍ଜନ ... ହୋଇଥାଉ ।

ବନ୍ୟଜନ୍ତୁ ପରାଗ ସଙ୍ଗମ, ବୀଜବିକ୍ଷେପ ଇତ୍ୟାଦି କାର୍ଯ୍ୟରେ ସାହାଯ୍ୟକରି ଅରଣ୍ୟ ଓ ଜଙ୍ଗଲର ସଂପ୍ରସାରଣ ଘଟାଇଥାଆନ୍ତି । ବନ୍ୟଜନ୍ତୁ ନିଜର ଖୁରା, ଦାନ୍ତ ଓ ଶିଙ୍ଗ ସାହାଯ୍ୟରେ ମାଟି ତାଡ଼ିବା ଫଳରେ ଏବଂ ମଳମୂତ୍ର ତ୍ୟାଗକରିବା ଯୋଗୁଁ ମୃତ୍ତିକାର ଉର୍ବରାଶକ୍ତି ବୃଦ୍ଧିପାଏ । ମଣିଷ ଜୀବନର ବିକାଶରେ ପ୍ରତ୍ୟେକ ଜୀବଜନ୍ତୁର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି । ଏହି ସହନଶୀଳତା ଏବଂ ନିର୍ଭରଶୀଳତା ବଳରେ ମଣିଷ ଜୀବନର ବିକାଶ ଘଟିଥାଏ ଏବଂ ପ୍ରକୃତିରେ ରହେ ଭାରସାମ୍ୟ ଓ ସମନ୍ୱୟ । ଏ ସମସ୍ତ ଉପଲବ୍ଧି କରି ପୂର୍ବକାଳର ମୁନିଋଷିମାନେ ବେଦ ପୁରାଣ ଓ ଧର୍ମଗ୍ରନ୍ଥ ମାଧ୍ୟମରେ ଜୀବଦୟା ଉପରେ ଅନେକ ମୂଲ୍ୟବାନ ଉପଦେଶାବଳି ଲେଖିଯାଇଛନ୍ତି ।

ବହୁ ପୁରାତନକାଳରୁ ବନ୍ୟଜନ୍ତୁଙ୍କର ଉପକାରିତାକୁ ଉପଲବ୍ଧି କରାଯାଇ ଏ ଦେଶର ମୁନିଋଷି ଓ ଶାସକମାନେ ଯେଉଁଳି ସମ୍ମାନ ପ୍ରଦର୍ଶନ କରି ଆସିଛନ୍ତି ତହିଁରେ ଆମ ଦେଶର ଇତିହାସ ମହାନ୍ ଏବଂ ଗୌରବୋଜ୍ଜ୍ୱଳ ହୋଇ-ଉଠିଛି । ଆମଦେଶର ଗିରିଗୁମ୍ଫା, ଅସଂଖ୍ୟ ଅନୁଶାସନ ଏବଂ ପୁରାତନ ଦେବାଳୟ ଗାତ୍ରହିଁ ତାର ଜୀବନ୍ତ ସ୍ୱାକ୍ଷର । ଖ୍ରୀ : ପୂ : ୨୪୨ ରେ ମହାମହିମ୍ ସମ୍ରାଟ ଅଶୋକ ଆଇନ-କାନୁନ ପ୍ରଣୟନକରି ବନ୍ୟଜୀବ ସଂରକ୍ଷଣ କ୍ଷେତ୍ରରେ ନିଅନ୍ତି ବଳିଷ୍ଠ ପଦକ୍ଷେପ । ତାଙ୍କର ଅହିଂସା ରଂଜିତ ଅନୁଶାସନ ବଜ୍ରନିର୍ଘୋଷ କଣ୍ଠରେ ବାରଣକରେ—“ବନ୍ୟଜୀବଜନ୍ତୁଙ୍କର ପ୍ରାଣ ନିଅନାହିଁ” । ତାପରେ ମୋଗଲ ଶାସକବର୍ଗଙ୍କର ପ୍ରକୃତି ପ୍ରତି ଶ୍ରଦ୍ଧାବୋଧ ଇତିହାସର ଏକ ଅମ୍ଳାନ ସ୍ୱରଲିପି ହୋଇ ରହିଯାଏ । ମାତ୍ର ପରବର୍ତ୍ତୀ ଇତିହାସ ସେଇ ଦୁର୍ବାର ଦୁର୍ଦ୍ଧର୍ଷ ବ୍ରିଟିଶ୍ ଏକଛତ୍ରବାଦରେ ବନ୍ୟପଶୁ ପକ୍ଷୀଙ୍କର ଗଣହତ୍ୟାରେ କଳଙ୍କିତ ହୋଇ ଉଠିଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଉତ୍କଟ ଖାଦ୍ୟାଭାବ ଦୂର କରିବାକୁ ଯାଇ ଫସଲ ସୁରକ୍ଷା ନାମରେ ଅସଂଖ୍ୟ ବନ୍ଧୁକ ଲାଇସେନ୍ସ୍ ଦିଆଗଲା । ଅମାନୁଷିକ ଭାବରେ ଧ୍ୱଂସ କରାଗଲା ନିରୀହ ବନ୍ୟପ୍ରାଣୀଙ୍କୁ । ଅନେକେ ଶିକାରକୁ ନିଜର ଜୀବିକା କରିନେଲେ । ଫଳରେ ଆମ ବଣ ଅରଣ୍ୟର ଏହି ଫସଲଟି ସଂପୂର୍ଣ୍ଣ ପଦା ହୋଇ ଆସିଲା । ଦିନେ ଯେଉଁ ଭୂମିରେ ପ୍ରାକୃତିକ ସୌନ୍ଦର୍ଯ୍ୟ ପୂରି ରହିଥିଲା, ଯାହାର କ୍ରୋଡ଼ ଅଗଣିତ ବନ୍ୟ ଜୀବନର କ୍ରୀଡାଭୂମିରେ ପରିଣତ ହୋଇଥିଲା, ତାହା ଶ୍ମଶାନ ତୁଲ୍ୟ ଜୀବହୀନ ହୋଇଗଲା ।

ଆମ ଓଡ଼ିଶା ମଧ୍ୟ ଅତୀତରେ ଅରଣ୍ୟ ସଂପଦ ଓ ବନ୍ୟଜନ୍ତୁରେ ପରିପୂର୍ଣ୍ଣ ଥିଲା । ଉପକୂଳବର୍ତ୍ତୀ ଜିଲ୍ଲା-ମାନଙ୍କରେଥିବା ଘଞ୍ଚ ଅରଣ୍ୟରେ ଅସଂଖ୍ୟ ହିଂସ୍ରଜନ୍ତୁ ସ୍ୱଚ୍ଛନ୍ଦରେ ବିଚରଣ କରୁଥିଲେ । ୧୮୦୬ ମସିହାରେ ଜଣେ ବିଦେଶୀ ପରିବ୍ରାଜକ ଏହିଭଳି ହିଂସ୍ରଜନ୍ତୁ ଦ୍ୱାରା ଆକ୍ରାନ୍ତ ହୋଇଥିବାର କତିପୟ ଦୃଷ୍ଟାନ୍ତ ବିରଳ ନୁହେଁ । ବାଲେଶ୍ୱର ଜିଲ୍ଲାରେ ଆଜି ଅରଣ୍ୟ ନାହିଁ । ମାତ୍ର ୧୮୪୦ ମସିହା ପର୍ଯ୍ୟନ୍ତ ଏ ଜିଲ୍ଲାରେ ଥିବା ଘଞ୍ଚ ଅରଣ୍ୟରେ ବାଘ, ଚିତାବାଘ ଏବଂ ହାତୀ ପ୍ରଭୃତି ବହୁ ବନ୍ୟଜୀବ ଥିବାର ଜଣାଯାଏ । ଆଜି ଆମ ଓଡ଼ିଶାରେ ସମତଳ ଅଞ୍ଚଳ ସବୁଜ ଶସ୍ୟକ୍ଷେତ୍ରରେ ପରିପୂର୍ଣ୍ଣ । ଦିନଥିଲା ଏ ଅଞ୍ଚଳ ଘଞ୍ଚ ଜଙ୍ଗଲ ଥିଲା ଓ ତହିଁରେ ଅଗଣିତ କୃଷ୍ଣସାର, ହରିଣ ନୀଳଗାଈ ପରିପୂର୍ଣ୍ଣ ଥିଲେ । ଆଜି ସେସବୁ ସ୍ୱପ୍ନ ।

ଜନସଂଖ୍ୟା ବୃଦ୍ଧି ସହିତ ବସତିସ୍ଥାପନ, ସହର ନଗର ନିର୍ମାଣ, ନଦୀବନ୍ଧ ଯୋଜନା ଏବଂ ଶିଳ୍ପ ସମ୍ପ୍ରସାରଣ ଫଳରେ ବହୁପରିମାଣରେ ଅରଣ୍ୟ ସଂପଦ କ୍ଷୟପ୍ରାପ୍ତ ହୋଇଯାଉଛି । ତା ବ୍ୟତୀତ ଯେଉଁ ଅରଣ୍ୟବି ରହିଛି ତହିଁରେ ବାସ କରୁଥିବା ନିରୀହ ପଶୁପକ୍ଷୀଗୁଡ଼ିକୁ ଫାନ୍ଦ ବସାଇ ଅଥବା ବନ୍ଧୁକ ଧନୁଶର ଦ୍ୱାରା ନିର୍ମମ ଭାବରେ ହତ୍ୟା କରାଯାଉଛି । ଅନେକ ସ୍ଥଳରେ ଦେଖାଯାଉଛି ବନ୍ୟଜନ୍ତୁର ଖାଦ୍ୟପଦାର୍ଥ, ପିଇବାପାଣି ଜାଗାରେ ନାନାପ୍ରକାରର କୀଟନାଶକ ବିଷାକ୍ତ ପଦାର୍ଥ-ମିଶାଯାଇ ସେମାନଙ୍କୁ ହତ୍ୟା କରାଯାଉଛି । ସେଥିଯୋଗୁଁ ବହୁପ୍ରକାରର ପ୍ରାଣୀ ସଂପୂର୍ଣ୍ଣ ଲୋପହୋଇ ଯାଇଛନ୍ତି ଓ କେତେକ ଲୋପପାଇଯିବା ଉପରେ । ବର୍ତ୍ତମାନଠାରୁ ଏ ସମ୍ବନ୍ଧରେ ଗଭୀର ଚିନ୍ତାକରି ବନ୍ୟଜନ୍ତୁମାନଙ୍କର ସୁରକ୍ଷା ଲାଗି ଦୃଷ୍ଟି ଦିଆ ନ ଗଲେ ଆମେ ଚିରଦିନପାଇଁ ଏହି ସୁନ୍ଦର, ଉପକାରୀ ଓ ମୂଲ୍ୟବାନ ପ୍ରାଣୀଗୁଡ଼ିକୁ ହରାଇ ବସିବା ।

ଆଜି ଓଡ଼ିଶାର ବଣ ଅରଣ୍ୟରେ ବହୁ ସଂଖ୍ୟାରେ ହାତୀ, ବାଘ, କଲରାପତ୍ରି ଆବାଘ, ସମ୍ବର, ଗୟଳ, ଚିତାଳ, ନୀଳଗାଈ, ବାରହା, ଭାଲୁ, ବଣମଇଁଷି, କୃଷ୍ଣସାର, ଚଉଶିଙ୍ଗା, ବହୁଜାତିର ହରିଣ, କୁମ୍ଭୀର, ସାପ ଏବଂ ଜାତିବିଜାତିର ପକ୍ଷୀ ଦେଖାଯାଉଛନ୍ତି । ଆମରାଜ୍ୟରେ ଥିବା ଅଭୟାରଣ୍ୟ, ପ୍ରସ୍ତାବିତ ଜାତୀୟ ଉଦ୍ୟାନମାନଙ୍କରେ ଜୀବଜନ୍ତୁମାନେ ସୁରକ୍ଷିତ ଅବସ୍ଥାରେ ରହିଛନ୍ତି । ଆମ ରାଜ୍ୟରେ ଦେବ୍ରିଗଡ଼, ରାୟଗଡ଼ା, ଚନ୍ଦକା, ବାଲୁଖଣ୍ଡ, ଉଷାକୋଠୀ, ଖଲସୁଣୀ, ମହାନଦୀ, ବାଇଶିପାଲି ଓ ପଦ୍ମତୋଳା ଅଭୟାରଣ୍ୟ ବ୍ୟତୀତ ଟିକରପଡ଼ା ଓ ଭିତର କନିକାର କୁମ୍ଭୀର ଅଭୟାରଣ୍ୟ ଏବଂ ଚିଲିକା ବିହଙ୍ଗ ବିହାର ଅନ୍ୟତମ ଅଭୟାରଣ୍ୟ ଅଟେ ।

ସ୍ୱାଧୀନତା ପୂର୍ବ ପର୍ଯ୍ୟନ୍ତ ଆମ ରାଜ୍ୟରେ ଏହି କେତେକ ଆଇନକାନୁନ ଯଥା ୧୮୭୯ ହାତୀ ସଂରକ୍ଷଣ ଆଇନ ଏବଂ ୧୯୦୭ର ସଂରକ୍ଷିତ ଅରଣ୍ୟର ଶିକାର ନିୟମ ଚଳିଆସିଥିଲା । ୧୯୩୦ ମସିହା ପରେ ଅଭୟାରଣ୍ୟ

ନେଇ ଓ ତହିଁରେ ବନ୍ୟଜନ୍ତୁ ସୁରକ୍ଷାଲାଗି କିଛିଟା ପଦକ୍ଷେପ ନିଆଗଲା । କେନ୍ଦ୍ରସରକାର ୧୯୫୨ ମସିହାରେ ବନଜୀବନ ସଂରକ୍ଷଣ, ଧାରାବାହିକ ପରିଚାଳନା ଓ ଉନ୍ନତିକୁ ଉଦ୍ଦେଶ୍ୟରେ ଉପଦେଶ ଦେବାକୁ ଗୋଟିଏ ବୋର୍ଡ ଗଠନକଲେ ଏବଂ ସେହି ଢାଞ୍ଚାରେ ବିଭିନ୍ନ ରାଜ୍ୟ ସରକାର 'ରାଜ୍ୟ ବନଜୀବନ' ବୋର୍ଡ ଗଠନ କଲେ । ସମସ୍ତରାଜ୍ୟରେ ଏତାଦୃଶ ଏକବୋର୍ଡ ଆଞ୍ଚଳିକ ପରିସ୍ଥିତିକୁ ଲକ୍ଷ୍ୟକରି ବନଜୀବନ ସଂରକ୍ଷଣ ଲାଗି ଯାହା ବ୍ୟବସ୍ଥା କରିବାର କଥା ତାହା ରାଜ୍ୟସରକାରଙ୍କୁ ଉପଦେଶ ଦେଉଛନ୍ତି ।


ବନ୍ୟଜନ୍ତୁ ରକ୍ଷା କରିବାଲାଗି ୧୯୭୨ ମସିହାରୁ ବନ୍ୟପଶୁପକ୍ଷୀ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯାଇଛି । କୃଷ୍ଣସାର, ବଣ୍ୟମହିଷ, ଚଉଶିଙ୍ଗା, କୁମ୍ଭୀର, ମୟୂର, ବାଘ ଇତ୍ୟାଦିର ଶିକାରକୁ ସଂପୂର୍ଣ୍ଣରୂପେ ବାରଣ କରାଯାଇଛି । ତାହା ବ୍ୟତୀତ ବନ୍ୟପଶୁପକ୍ଷୀମାନଙ୍କର ଶିକାର, ମାଂସ ଓ ଚମଡ଼ାର ବ୍ୟବହାର ଉପରେ ବହୁ କଟକଣା ଜାରି କରାଯାଇଛି । ଏସବୁ ସତ୍ତ୍ୱେ ସର୍ବସାଧାରଣଙ୍କ ମନରେ ଚେତନା ଓ ସ୍ୱୟଂସ୍ଫୂର୍ତ୍ତ ପ୍ରୋତ୍ସାହନ ବିନା ଆମର ଏହି ଜାତୀୟ ସଂପଦର ସୁରକ୍ଷା ଫଳବତୀ ହେବା ସନ୍ଦେହଜନକ ।

ମଣିଷର ସୌନ୍ଦର୍ଯ୍ୟବୋଧ ତାକୁ ବନ୍ୟ ପଶୁପକ୍ଷୀମାନଙ୍କର ସରଳ ନିରଳସ ଜୀବନ, ସ୍ନେହ, ସୌହାର୍ଦ୍ଦ୍ୟ, ନିରୀହ ଆହାର , ବିହାର ଓ ମିଳନ ଆଡ଼କୁ ଯୁଗଯୁଗଧରି ଟାଣି ଆଣିଛି । ସେମାନଙ୍କର ସ୍ୱଚ୍ଛନ୍ଦ ଜୀବନଧାରା, ସୁମଧୁର କଳଗାନ ଓ ଛନ୍ଦମୟ ନୃତ୍ୟ, ବିତାନ କବି, ଦାର୍ଶନିକ, ଭାବୁକ ପ୍ରତ୍ୟେକଙ୍କର ଜୀବନକୁ କରିଛି ଉଦ୍ଭାସିତ । ତେଣୁ ଆଜି ସହର ନଗରର ଜଟିଳକାମନା-ବାସନାସଂଜାତ କୁଟିଳ ପ୍ରତିଦ୍ୱନ୍ଦିତାର ହିଂସ୍ର ପରିବେଶକୁ ପଛରେ ପକାଇ ଦେଇ ଅଗଣିତ ନରନାରୀ ପ୍ରାକୃତିକ ପରିବେଶରେ ଏହି ସରଳ ସୁନ୍ଦର ଜୀବଗୁଡ଼ିକୁ ଉପଭୋଗ କରିବାକୁ ପାଗଳପରି ଦୌଡ଼ି ଆସୁଛନ୍ତି । ଆମଦେଶର ଅଭୟାରଣ୍ୟକୁ ଯେଉଁଭଳି ବର୍ଷକୁ ବର୍ଷ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି ତାହା ତାର ଏକ ପ୍ରତ୍ୟକ୍ଷ ଉଦାହରଣ ଅନେକ ସମୟରେ ପ୍ରଶ୍ନ ଉଠେ—ଆମେ ବନ୍ୟଜନ୍ତୁ ସଂରକ୍ଷଣ କରିବା କାହିଁକି ? ପ୍ରଶ୍ନଟି ଅତି ସାଧାରଣ ହେଲେ ସୁଦ୍ଧା ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ପୂର୍ବରୁ ଆଲୋଚନା କରାଯାଇଛି, ବନ୍ୟଜନ୍ତୁ ଆମର ଅନେକ ଉପକାର କରିବା ବ୍ୟତୀତ ମଣିଷ ଜୀବନର ବିକାଶ ଦିଗରେ ଏହାର ଯଥେଷ୍ଟ ଅବଦାନ ରହିଛି ଏବଂ ଅରଣ୍ୟର ଏହି ଉପାଦେୟ ଜୀବଗୋଷ୍ଠୀ ଯଦି ଧ୍ୱଂସ ପାଇଯାଏ, ତା'ହେଲେ ପ୍ରକୃତିର ଭାରସାମ୍ୟରେ ବ୍ୟାହତ ଘଟେ । ଉଦାହରଣ ସ୍ୱରୂପ ଅତିମାତ୍ରାରେ ମୂଷାର ବଂଶବୃଦ୍ଧି ଘଟିଲେ ଆମର ଖାଦ୍ୟଶସ୍ୟ ଉତ୍ପାଦନ ଓ ସଂରକ୍ଷଣରେ ଯଥେଷ୍ଟ କ୍ଷତି ଘଟିଥାଏ । ପ୍ରକୃତିକୋଳରେ ବାସ କରୁଥିବା ନାନା ଜାତିର ପକ୍ଷୀ ଓ ସାପ ମୂଷାକୁ ଖାଦ୍ୟରୂପେ ବ୍ୟବହାର କରି ସେମାନଙ୍କର ସଂଖ୍ୟାକୁ ସୀମିତ ରଖନ୍ତି । ପକ୍ଷୀ ଏବଂ ସାପ ଏ ଦୁଇଟି ଲୋପ ହୋଇଗଲେ ମୂଷା ଦୌରାତ୍ମ୍ୟରୁ ଖାଦ୍ୟଶସ୍ୟକୁ ସୁରକ୍ଷିତ ରଖିବା ଏକ କଷ୍ଟକର ବ୍ୟାପାର । ସେହିପରି ବଣ ଅରଣ୍ୟରେ ହରିଣ ଜାତୀୟ ପଶୁ ନିରୀହ ଅଥଚ ବିଭିନ୍ନ ପ୍ରକାର ଉଦ୍ଭିଦ ଖାଇ ବଞ୍ଚିଥାନ୍ତି । ଏମାନଙ୍କର ବଂଶବୃଦ୍ଧିକୁ ସଂଯତ ନକରିଲେ କ୍ରମଶଃ ଏମାନେ ଗାଁ ଗୋଠରେ ଶସ୍ୟକ୍ଷେତ୍ରରେ ପ୍ରବେଶ କରି ମନଇଚ୍ଛା ଫସଲ ନଷ୍ଟ କରିଦିଅନ୍ତି । ବ୍ୟାଘ୍ର, ସିଂହ ଏବଂ ଅନ୍ୟାନ୍ୟ ମାଂସାଶୀ ପଶୁ ଏମାନଙ୍କ ମାଂସରେ ନିଜର ପ୍ରତିପୋଷଣ କରନ୍ତି । ହରିଣ ଜାତୀୟ ପଶୁ ସଂଖ୍ୟା ଯେତେବେଳେ ଆଶାତୀତ ଭାବରେ କମିଯାଏ, ବାଘ, ସିଂହ ପ୍ରଭୃତି ପ୍ରାଣୀମାନେ ଗୃହପାଳିତ ପଶୁଙ୍କୁ ଏବଂ ଶେଷରେ ମଣିଷ ମାରି ଖାଇଥାନ୍ତି । ଅପର ପକ୍ଷରେ ପ୍ରକୃତିର ଅଭିନବ ପ୍ରକ୍ରିୟା ଫଳରେ ବାଘ ଓ ସିଂହ ଇତ୍ୟାଦି ଜନ୍ତୁ ହରିଣ ଜାତୀୟ ପଶୁମାନଙ୍କ ବଂଶବୃଦ୍ଧିକୁ ସଂଯତ କରିଥାନ୍ତି ଏବଂ ବଳିଆ କୁକୁର ଦ୍ୱାରା ସେମାନଙ୍କର ନିଜ ବଂଶବୃଦ୍ଧି ସୀମିତ ହୋଇରହେ ।

ପୂର୍ବ ଆଲୋଚନାରୁ ବନ୍ୟଜନ୍ତୁ ସଂରକ୍ଷଣର ତାତ୍ପର୍ଯ୍ୟ ସହଜରେ ହୃଦୟଙ୍ଗମ କରିହୁଏ । କେବଳ ଆଇନକାନୁନ ବଳରେ ବନ୍ୟଜନ୍ତୁ ସୁରକ୍ଷା ସଂପୂର୍ଣ୍ଣରୂପେ ସମ୍ଭବପର ନୁହେଁ । ଅପର ପକ୍ଷରେ ସଂଗଠିତ ଉଦ୍ୟମ, ଜନ ସହଯୋଗ, ସହାନୁଭୂତି ଓ ଦୃଢ଼ ସଂକଳ୍ପବଳରେ ଏହି ଅମୂଲ୍ୟ ସଂପଦର ସୁରକ୍ଷା କରାଯାଇପାରିବ । ବନ୍ଧୁକରେ ଏହି ନିରୀହ ଜୀବଗୁଡ଼ିକୁ ଶିକାର ନ କରି ଯଦି କ୍ୟାମେରା ସାହାଯ୍ୟରେ ଶିକାର କରାଯାଏ, ତହିଁରୁ ଲାଭକରି ହେବ ସ୍ୱର୍ଗୀୟ ଆନନ୍ଦ ଏବଂ ଶ୍ମଶାନତୁଲ୍ୟ ନୀରବ ନିସ୍ତବ୍ଧ ଓ ନିଃସଙ୍ଗ ଆଜିର ବନଭୂମିରେ ଅବତରଣ କରିବ ଚିର ଶାଶ୍ୱତ ଉଦାର ଶାନ୍ତି ଓ ସୁଷମା । ଜୀବନକୁ ସରସ ସୁନ୍ଦର କରୁଥିବା ମୂକ, ନିରୀହ ଅଥଚ ଉପକାରୀ ଏହି ବନ୍ୟଜନ୍ତୁମାନଙ୍କୁ ଧ୍ୱଂସମୁଖରୁ ଉଦ୍ଧାର କରିବା ଦେଶର ପ୍ରତ୍ୟେକ ସ୍ୱାଧୀନ ନାଗରିକର ଆଜିର ଶପଥ ହେବା ଦରକାର—



କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୭୭ ସେପ୍ଟେମ୍ବର ୨୪ ତାରିଖ ଦିନ ରାଉରକେଲାଠାରେ ସ୍ଲାଗ୍ ଗ୍ରାନୁଲେସନ ପ୍ଲାଣ୍ଟ ଉଦ୍‌ଘାଟନ କରୁଛନ୍ତି ।



ଗତ ସେପ୍ଟେମ୍ବର ୨୩ ତାରିଖ ଦିନ କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଉରକେଲାଠାରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ "ଇସ୍ପାତ୍ ଶିଳ୍ପ ପାଇଁ ଶକ୍ତି" ଆଲୋଚନାଚକ୍ର ଉଦ୍‌ଘାଟନ କରି ଭାଷଣ ଦେଉଛନ୍ତି ।

# ଶସ୍ୟଦେବୀ ଦୁର୍ଗା

ଗଣେଶ ପ୍ରସାଦ ପରିଜା

ଓଡ଼ିଶାରେ ଦୁର୍ଗାପୂଜା ଅତି ପ୍ରାଚୀନ । ସମ୍ଭବତଃ ଓଡ଼ିଶାରୁ ହିଁ ଦୁର୍ଗାପୂଜା ଆରମ୍ଭ । ଭାରତୀୟ ଆର୍ଯ୍ୟ ମଧ୍ୟରେ ବୈଦିକ ଯୁଗରେ ବର୍ତ୍ତମାନ ଭଳି ଦୁର୍ଗାପୂଜା ନ ଥିଲେ ମଧ୍ୟ ଦୁର୍ଗା ଯେ ଅନ୍ୟ ଭାବେ ପୂଜିତ ... ଏହା ବେଦରୁ ଜଣାଯାଏ । ପ୍ରାଗ୍ ବୈଦିକ ମାତୃପୂଜା କାଳକ୍ରମେ ଦୁର୍ଗାପୂଜାରେ ପରିଣତ ହୋଇଛି । ... ବୈଦିକ ସଭ୍ୟତା ମହେଞ୍ଜୋଦାରରେ ବହୁ ମାତୃ ମୂର୍ତ୍ତି ଅଙ୍କିତ ହୋଇଛନ୍ତି । ଅଣଭାରତୀୟ, ଭାରତୀୟ ... ସହିତ ପଣ୍ଡିତ ନୀଳକଣ୍ଠ ଦାସ କହିଛନ୍ତି ପ୍ରାଗ୍‌ବୈଦିକ ଯୁଗରେ ଲିଙ୍ଗପୂଜା ଓ ମାତୃପୂଜା ମୁଖ୍ୟତଃ ... । ମହେଞ୍ଜୋଦାରର ସଭ୍ୟତାର ମାତୃ ମୂର୍ତ୍ତିଙ୍କ ମଧ୍ୟରେ ଏକ ମାତୃମୂର୍ତ୍ତିଙ୍କୁ ଦେଖିବାକୁ ପାଉ, ... ଗର୍ଭଦେଶରୁ ଏକ ଲତା ବହିର୍ଗତ ହୋଇଛି । ତାହା ହିଁ ବେଦର ପୃଥିବୀ ଦେବୀ । ଶସ୍ୟଶାଳିନୀ ପୃଥିବୀ ବହୁରୂପେ ବହୁଭାବେ ତାର ସନ୍ତାନମାନଙ୍କୁ ପାଳନ କରି ଆସିଛି । ବୈଦିକ ଋଷିମାନେ ପ୍ରାଣ ... ଅନ୍ନଦାୟିନୀ, ସ୍ତନ୍ୟଦାୟିନୀ ମାତାରୂପେ ପୃଥିବୀକୁ ସ୍ତବ କରିବା ଦେଖିବାକୁ ମିଳେ । ହୃଦୟ ... କଣ୍ଠରେ ସେମାନେ ଗାଇଛନ୍ତି 'ମାତା ପୃଥିବୀ ମହୀୟଂ'—ବିସ୍ତିର୍ଣ୍ଣା ପୃଥିବୀ ଆମର ମା । ବହୁ ... ଦେଖିବାକୁ ମିଳେ ଆର୍ଯ୍ୟଋଷି ପିତା ଦୌ ସହିତ ପୃଥିବୀକୁ ସ୍ତୁତି କରି କହିଛନ୍ତି, ପୃଥିବୀ ମାତା ଯେପରି ତାର ... ପ୍ରଚୁର ଶସ୍ୟ ଦାନ କରନ୍ତି, ପ୍ରଚୁର ଅନ୍ନ ଏବଂ ଧନ ଦାନ କରନ୍ତି । କେବଳ ଶସ୍ୟ, ଅନ୍ନାଦି ... ଶାନ୍ତି, ଐଶ୍ୱର୍ଯ୍ୟ, ଶୌର୍ଯ୍ୟ, ବୀର୍ଯ୍ୟାଦି ପୃଥିବୀ ମାତାଠାରୁ ପାଇବା ପାଇଁ ଆର୍ଯ୍ୟଋଷି ଶତମୁଖରେ ପ୍ରାର୍ଥନା ... ସନ୍ତାନର ଦୋଷ ଦୁର୍ବଳତାକୁ 'ମା' ଯେପରି କ୍ଷମା ଦିଏ ସେହିଭଳି ସମସ୍ତ ଦୋଷରୁ କ୍ଷମା ଦେଇ ... ସ୍ନେହ ଭାବେ ଗ୍ରହଣ କରିବାକୁ ଆର୍ଯ୍ୟଋଷିଙ୍କର ବ୍ୟାକୁଳତା ବେଦରୁ ଦେଖିବାକୁ ମିଳେ ।

ଶକ୍ତିର ପ୍ରଧାନ ଗ୍ରନ୍ଥ ଚଣ୍ଡୀ ଯେଉଁଭଳି ଦେବୀ ଦୁର୍ଗାଙ୍କର ସନ୍ତାନ ବାତ୍ସଲ୍ୟ, ସୁକୋମଳ ସ୍ନେହ ଚିରର ଔଦାର୍ଯ୍ୟ, ଅସୀମ କ୍ଷମାଗୁଣ ବର୍ଣ୍ଣନା କରିଛି ସେହିଭଳି ବେଦମଧ୍ୟ ପୃଥିବୀକୁ ସେହି ଗୁଣରେ ଭୂଷିତ କରିବାକୁ ଭୁଲିନାହିଁ । ପ୍ରାଗ ବୈଦିକ ଯୁଗର କୌଣସି ଗ୍ରନ୍ଥ ଦୃଷ୍ଟିଗୋଚର ନ ହେଲେ ମଧ୍ୟ ଯେଉଁ ସଂସ୍କୃତି ଦୃଷ୍ଟିଗୋଚର ହୁଏ, ସେହି ସଂସ୍କୃତିର ବାର୍ତ୍ତାବହ ବୈଦିକ ସାହିତ୍ୟ ଏହା ନିଃସନ୍ଦେହ । ସେହି ବୈଦିକ ସାହିତ୍ୟ ପରେ ପୁରାଣ ସାହିତ୍ୟ ଯେତେ-ବେଳେ ଆତ୍ମପ୍ରକାଶ କଲା ସେତେବେଳେ ବୈଦିକ ଏବଂ ତନ୍ତ୍ର ସାହିତ୍ୟର ସରବତା ଗଙ୍ଗାଭିମୁଖୀ ହୋଇ ପ୍ରକାଶ ହେଲା । ମହାଭାରତ ଅଂଶ ବିଶେଷ. ଗୀତା ଯେଉଁଭଳି ଭାବେ ଆତ୍ମପ୍ରକାଶ କଲା ସେହିଭଳି ଭାବେ ମାର୍କଣ୍ଡେୟ ପୁରାଣର ଅଂଶ ବିଶେଷ ଚଣ୍ଡୀ ପ୍ରକାଶ ପାଇଲା । ଫଳରେ ଯେଉଁମାନେ ଭାରତୀୟ ଧର୍ମଧାରା ବିଷୟରେ ଜ୍ଞାନ ଆହରଣ କରିବାକୁ ଇଚ୍ଛାକଲେ ସେମାନେ ବେଦ ଏବଂ ତନ୍ତ୍ରଶାସ୍ତ୍ର ଅଧ୍ୟୟନ କରିବାକୁ ଆଗେଇ ଆସିଲେ । ବେଦ ଏବଂ ତନ୍ତ୍ରର ବିଷୟ ବସ୍ତୁରେ କୌଣସି ବିରୋଧତା ନାହିଁ । କେବଳ ବେଦର ବ୍ରହ୍ମ 'ପୁରୁଷ' ତନ୍ତ୍ରର ମହାଶକ୍ତି 'ନାରୀ' । ସେହି ନାରୀ ଜଗଜ୍ଜନନୀ ସଚରାଚର ବିଶ୍ୱର ଏକମାତ୍ର ତ୍ରାଣକର୍ତ୍ତ୍ରୀ ।

ବେଦର ପିତା 'ଦୌ' ତନ୍ତ୍ରରେ ଶିବ ଭାବେ ଗୃହୀତ ହେଲେ ମଧ୍ୟ ମହାଶକ୍ତିଙ୍କ ଉପରେ ନିର୍ଭରଶୀଳ । ଯେଉଁଠି ଶିବଙ୍କର ଶୌର୍ଯ୍ୟ ପ୍ରକାଶ ପାଇଛି, ସେଠାରେ ମହାଶକ୍ତିଙ୍କର ଶକ୍ତି ତାଙ୍କ ମଧ୍ୟରେ ଜାଗ୍ରତ ହୋଇଛି ବୋଲି ତନ୍ତ୍ର ଶାସ୍ତ୍ରରେ ଉଲ୍ଲେଖ ଅଛି । ବେଦ ଯେଉଁ-ଭଳି ବୈଦିକ ଜାତିକୁ ପିତୃକେନ୍ଦ୍ରିକ କରିବାପାଇଁ ଚେଷ୍ଟା କରିଛି, ସେହିଭଳି ତନ୍ତ୍ର ଜାତିକୁ ମାତୃ କେନ୍ଦ୍ରିକ କରିଛି । ବେଦର ମାତା ପୃଥିବୀର ସ୍ମୃତି ଦୃଷ୍ଟିଗୋଚର ଯେଉଁଠାରେ ହୋଇଛି, ସେଠାରେ ମାତା ପୃଥିବୀ ସହିତ 'ଦୌ'କୁ ସଂଯୁକ୍ତ କରାଯାଇଛି । ମାତ୍ର ତନ୍ତ୍ରରେ ସେହିଭଳି କଥା ଦୃଷ୍ଟିଗୋଚର ହୁଏ ନାହିଁ । କିନ୍ତୁ ଏହା ସତ୍ୟ ଯେ, ପ୍ରାଗ୍ ବୈଦିକ ସଂସ୍କୃତିର ବାର୍ତ୍ତା ଯେଉଁଭଳି ବେଦରେ ଦୃଷ୍ଟିଗୋଚର ହୁଏ, ସେହିଭଳି ମଧ୍ୟ ତନ୍ତ୍ରରେ ଉଲ୍ଲେଖ ହୋଇଛି । ମାତୃଭୂମି ମାତୃଭାଷାଦି ବାକ୍ୟମାନଙ୍କରୁ ସ୍ପଷ୍ଟ ଅନୁମିତ ହୁଏ ଭାରତ ମାତୃକେନ୍ଦ୍ରିକ । ସେହି ମାତା ବୈଦିକ ଶସ୍ୟଶାଳିନୀ ଦେବୀ ପୃଥିବୀ ଜଗଜ୍ଜନନୀ ଦୁର୍ଗା ରୂପେ ପରବର୍ତ୍ତୀ କାଳରେ ଆରାଧିତ ହେଲେ । ନିଜେ ଦେବୀ ଦୁର୍ଗା ଚଣ୍ଡୀରେ କହିଛନ୍ତି, ଅନାବୃଷ୍ଟି ସମୟରେ ସେ ଶାକମ୍ଭରୀ ଭାବେ ନାମିତ ହୋଇ ବିଶ୍ୱପାଳନ କରିବେ ।

ତତୋଽହ ମଖିଳଂ ଲୋକମାତ୍ ଦେହସମୁଦ୍ଭବୈଃ
ଭରିଷ୍ୟାମି ସୁରାଂ ଶାକୈରାବୃଷ୍ଟେଃ ପ୍ରାଣଧାରକୈଃ ।
ଶାକମ୍ଭରୀତି ବିଖ୍ୟାତିଂ ତଦା ଯାସ୍ୟାମ୍ୟହଂ ଭୁବି
ତତ୍ରୈବ ଚ ବଧିଷ୍ୟାମି ଦୁର୍ଗମାଖ୍ୟଂ ମହାସୁରମ୍ ।
ଦୁର୍ଗା ଦେବୀତି ବଖ୍ୟାତଂ ତନ୍ମେ ନାମ ଭବିଷ୍ୟତି ।
ଚଣ୍ଡୀ-୧୧-୪୮।୪୯

ହେ ଦେବଗଣ ! ଅନନ୍ତର ମୁଁ ଆତ୍ମ-ଦେହଜାତ ପ୍ରାଣଧାରଣକାରୀ ଶାକସମୂହଦ୍ୱାରା ଯେତେଦିନ ପର୍ଯ୍ୟନ୍ତ ବୃଷ୍ଟି ନ ହେବ, ସେତେଦିନ ପର୍ଯ୍ୟନ୍ତ ସମସ୍ତ ଜୀବମାନଙ୍କୁ ପାଳନ କରିବି । ସେତେବେଳେ ବିଶ୍ୱରେ ମୁଁ ଶାକମ୍ଭରୀ ନାମେ ନାମିତ ହେବି । ପୁନର୍ବାର ସେହି ସମୟରେ ଦୁର୍ଗମ ନାମକ ରାକ୍ଷସକୁ ବଧ କରିବା ହେତୁ ମୁଁ ଦୁର୍ଗା ନାମରେ ଖ୍ୟାତ ହେବି ।

କେବଳ ଚଣ୍ଡୀ ନୁହେଁ ଦେବୀ ଦୁର୍ଗାଙ୍କ ପୂଜାକୁ ଲକ୍ଷ୍ୟ କଲେ ଦୁର୍ଗା ଯେ ଶସ୍ୟ ଅଧିଷ୍ଠାତ୍ରୀ ଦେବୀ ଏହା ସହଜରେ ଜଣାଯାଏ । ରକ୍ଷଣଶୀଳ ଜାତି ହିନ୍ଦୁ ପ୍ରତିମା ଗଠନ କରି ଦେବୀ ଦୁର୍ଗାଙ୍କ ପୂଜା କଲେ ମଧ୍ୟ ଏହି ପୂଜା ସମୟରେ ନବପତ୍ରିକା ପ୍ରଚଳନ କରାଯାଇଥାଏ । ତାହା ଶସ୍ୟ ଦେବୀଙ୍କ ପ୍ରକୃତ ପୂଜା । ମୂର୍ତ୍ତି ଗଠନ ପୂର୍ବରୁ ନବ ଦୁର୍ଗାଙ୍କ ପ୍ରତୀକ ରୂପେ ନଅଟି ବୃକ୍ଷର ଶାଖାକୁ ଦେବୀ ଦୁର୍ଗାଭାବେ କଳ୍ପନା କରି ଆରାଧନା କରା-ଯାଉଥିଲା । ଏହି ନବ ବୃକ୍ଷ ସମଷ୍ଟିଗତଭାବେ ଦେବୀ ଦୁର୍ଗାଙ୍କ ପ୍ରତିନିଧି । ଶାରଳା ପ୍ରଭୃତି ପୀଠଦେବୀମାନଙ୍କ ନିକଟରେ ଯେଉଁଠାରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମହାପୂଜା ଅନୁଷ୍ଠିତ ହୋଇଥାଏ, ସେଠାରେ ନବ ଦିନ ବା ଶୁକ୍ଳ ପ୍ରତିପଦ ଦିନ ନବ ପତ୍ରିକା ପ୍ରଚଳନ କରାଯାଇଥାଏ । ମୃଣ୍ମୟୀ ମୂର୍ତ୍ତି ଗଠନ କରାଯାଇ ଯେଉଁସ୍ଥାନମାନଙ୍କରେ ଆଶ୍ୱିନ ଶୁକ୍ଳ ଷଷ୍ଠୀଠାରୁ ପୂଜା ଆରମ୍ଭ ହୁଏ ସେଠାରେ ପ୍ରଥମେ ବୋଧନ କାର୍ଯ୍ୟ ହୋଇ ନବ ପତ୍ରିକା ପୂଜା ପରେ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିର ପୂଜା ହୋଇଥାଏ । ଉଭୟ ଭାବରେ ନବଦିନ ବ୍ୟାପି ମହାଳୟା ଅମାବାସ୍ୟା ରାତିଠାରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇ ନବମୀ ପର୍ଯ୍ୟନ୍ତ ମହାପୂଜା ଅନୁଷ୍ଠିତ ହୁଏ । ସବୁଠାରେ ନବପତ୍ରିକା ପ୍ରଚଳନ ବିଧି ଅଛି ।

ବଙ୍ଗଦେଶରେ ଓ ଓଡିଶାରେ ଯେଉଁଠାରେ ମୂର୍ତ୍ତି ଗଠନ କରି ପୂଜା ହୁଏ, ସେଠାରେ ଦୁର୍ଗ ପୂଜାର ଷଷ୍ଠୀଦିନ ନବମୀ ବୋଧନ ଶେଷ କରି ବିଲ୍ୱ ବୃକ୍ଷାଦିର ପୂଜା ହୋଇଥାଏ । ଷଷ୍ଠୀର ବୋଧନ ପ୍ରୟୋଗ ... ଦେଖାଯାଏ ସାୟଂକୃତ୍ୟ ଶେଷକରି ବିଲ୍ୱବୃକ୍ଷ ସମ୍ମୁଖରେ ଉଭରାସ୍ୟ ହୋଇ ସ୍ୱସ୍ତିବାଚନ କରାଯାଏ । ... ଶୋପଗ୍ରର ପୂଜା ପରେ 'ଓଁ ବିଲ୍ୱବୃକ୍ଷାୟ ନମଃ' ମନ୍ତ୍ରରେ ବିଲ୍ୱବୃକ୍ଷ ପୂଜା ବିଧି ଅଛି । ତତ୍ପରେ ଦେବୀଙ୍କ ବୋଧନ ପାଇଁ ଓଁ ରାବଣସ୍ୟ ବଧାର୍ଥାୟ ରାମସ୍ୟାନୁ-ଗ୍ରହାୟ ଚ । ଅକାଳେ ବୋଧନା ଦେବୀ ......... ଦେବୀ

ଚଣ୍ଡାତ୍ମିକେ ଚଣ୍ଡୀ ଚଣ୍ଡବିଗ୍ରହକାରିଣୀ । ବିଲ୍ୱଶାଖାଂ ସମାଶ୍ରିତ୍ୟ ତିଷ୍ଠଦେବୀ ଯଥାସୁଖମ୍' । ମଣ୍ଡପରେ ବିଲ୍ୱଶାଖା ଛେଦନ ମନ୍ତ୍ର ପାଠ କରାଯାଇ ଶାଖା ଛେଦନ କରାଯାଏ ।

ନବପତ୍ରିକା କହିଲେ କଦଳୀ, ସାରୁ, ହରିଦ୍ରା, (ହରିଡ଼ା) ଜୟନ୍ତୀ, ବେଲ, ଡ଼ାଳିମ୍ବ, ଅଶୋକ, ମହଣ, ଧାନ ଶାଖାକୁ ବୁଝାଏ ।

ରମ୍ଭା କଚ୍ଚୀ ହରିଦ୍ରା ଚ ଜୟନ୍ତୀ ବିଲ୍ୱଦାଡିମୌ,
ଅଶୋକୋ ମାନକଶ୍ଚୈବ ଧାନ୍ୟଞ୍ଚ ନବପତ୍ରିକା ।

ପ୍ରତି ବୃକ୍ଷ ଏକ ଏକ ଦେବୀ ରୂପେ କଳ୍ପିତ । ଏହି ନବଦେବୀ ଦେବୀ ଦୁର୍ଗାଙ୍କଠାରୁ ଯେ ଭିନ୍ନ ଏହା ନୁହେଁ, ଚଣ୍ଡୀ ଗ୍ରନ୍ଥର ଦେବୀ କବଚରେ ଯେଉଁ ନବଦୁର୍ଗାଙ୍କ ବିଷୟ ଦେଖିବାକୁ ମିଳେ, ନବ ପତ୍ରିକାର ନବଦେବୀଙ୍କ ନାମ ତାହା ନୁହେଁ । ଦେବୀ କବଚର ନବ ଦେବୀ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । କିନ୍ତୁ ଏଠାରେ ନବଦେବୀ କହିଲେ, ବ୍ରହ୍ମାଣୀ, ରକ୍ତଦନ୍ତିକା, ଲକ୍ଷ୍ମୀ, ଦୁର୍ଗା, ଚାମୁଣ୍ଡା, କାଳିକା, ଶିବା, ଶୋକ ରହିତା ଓ କାର୍ତ୍ତିକୀ ଦେବୀ ମାନଙ୍କୁ ବୁଝାଏ । ଶାସ୍ତ୍ରରେ ଉଲ୍ଲେଖ ଅଛି —

ବ୍ରହ୍ମାଣୀ କଦଳୀକାଣ୍ଡେ ଦାଡିମେ ରକ୍ତଦନ୍ତିକା,
ଧାନ୍ୟେ ଲକ୍ଷ୍ମୀ ହରିଦ୍ରାୟାଂ ଦୁର୍ଗାମାନବ ପତ୍ରକେ ।

ଚାମୁଣ୍ଡା, କାଳିକା କଚ୍ଚ୍ୟାଂ, ଶିବା ବିଲ୍ୱେ ପ୍ରତିଷ୍ଠିତା,
ଅଶୋକେ ଶୋକରହିତା ଜୟନ୍ତ୍ୟାଂ କାର୍ତ୍ତୀକୀଂସ୍ମୃତା ।

ଗୋଟିଏ ବୀଜରେ ପୃଥକ୍ ପୃଥକ୍ ମନ୍ତ୍ରରେ ଏମାନଙ୍କୁ ଭିନ୍ନ ଭିନ୍ନ ଭାବେ ଅର୍ଚ୍ଚନା କରିବାକୁ ହୁଏ । ରମ୍ଭାଧିଷ୍ଠାତ୍ରୀ ବ୍ରାହ୍ମଣୀଙ୍କୁ କୁହା ହୋଇଛି —

'ଦେବୀ ! ତୁମେ କଦଳୀ ବୃକ୍ଷରେ ଅଧିଷ୍ଠିତ । ପ୍ରଥମେ ତୁମେ ବିଷ୍ଣୁବକ୍ଷୋ—ବିଳାସିନୀ' ବିଷ୍ଣୁ ପାଳନୀ ଶକ୍ତିର ମୂଳ । ବିଷ୍ଣୁ ବକ୍ଷରେ ଯେଉଁ ପାଳନୀ ଶକ୍ତି ସେହି ଶକ୍ତି ରହିଛି କଦଳୀ ବୃକ୍ଷରେ । ତୁମେ ନବ ପତ୍ରିକା ରୂପରେ ବିରାଜମାନ । ତୁମେ ଚଣ୍ଡ ନାୟିକା, ତୁମେ ଦୁର୍ଗାଦେବୀ । ତୁମେ ପୂଜା ସମୀପସ୍ଥ ହୁଅ । 'ରମ୍ଭା —ରୂପେଣ ସର୍ବତ୍ର ଶାନ୍ତି କୁରୁ —ନମୋସ୍ତୁତେ' । କଦଳୀ ରୂପେ ସର୍ବତ୍ର ଶାନ୍ତି ବିଧାନ କର ।

ସାରୁବୃକ୍ଷ ଅଧିଷ୍ଠା ଦେବୀ କାଳିକାଙ୍କୁ କୁହାଯାଏ, —ଦେବୀ କାଳିକେ, ତୁମେ ସର୍ବସିଦ୍ଧି ପ୍ରଦାୟିନୀ ଉଦ୍ଭିଦ ରୂପେ ସ୍ଥିତା । ତୁମେ ସ୍ନାନଦ୍ୱାରା ନିର୍ମଳ ହୁଅ । ଦୁର୍ଗାରୂପେ ତୁମେ ସର୍ବତ୍ର ବିଜୟ କର । ମହିଷାସୁର ସହିତ ଯୁଦ୍ଧସମୟରେ ତୁମେ ସାରୁହୋଇ ସାହାଯ୍ୟ କରିଛ (ମହିଷାସୁର ଯୁଦ୍ଧେ କଚ୍ଚୀଭୂତାସି ସୁବ୍ରତେ !) ଆଜି ତୁମେ ଆସିଛ ହେ ହରପ୍ରିୟେ (ମମ ଚାନୁଗ୍ରହାର୍ଥାୟ ଆଗତ ହରପ୍ରିୟେ) ଅନୁଗ୍ରହ ପ୍ରକାଶ କରି ଆସିଛ ।

ହରିଦ୍ରା (ହରିଡ଼ା) ବୃକ୍ଷର ଅଧିଷ୍ଠାତ୍ରୀ ଦେବୀ ଦୁର୍ଗା । ତାଙ୍କୁ ଭକ୍ତ ସ୍ତବ କରି କହିଛି, ହେ ହରିଦ୍ରେ, ତୁମେ ଶଙ୍କର ପ୍ରିୟେ । ତୁମେ ରୁଦ୍ରରୂପେ, ଶ୍ରୀରୂପେ 'ସର୍ବଶାନ୍ତିଂ ପ୍ରଯଚ୍ଛମେ' ସର୍ବବିଧ ଶାନ୍ତି ଦିଅ । ତୁମେ ଦେବୀ ହରରୂପା, ଉମାରୂପା — ଏହି ପୂଜା ଗ୍ରହଣ କର, ଆମ୍ଭମାନଙ୍କର 'ବିଘ୍ନବିନାଶାୟ ପୂଜାଂ ଗୃହାଣ' ବିଘ୍ନ ବିନାଶ କରି ପୂଜା ଗ୍ରହଣ କର ।

ଏହିଭଳି ନବ ବୃକ୍ଷର ଶାଖା ଆଣି ଶ୍ୱେତ ଅପରାଜିତା ଲତା ଓ ହରିଦ୍ରା ଡୋର ଦ୍ୱାରା ଏହି ନବ ଦେବୀଙ୍କ ପ୍ରତୀକ ଶାଖାକୁ ବେଷ୍ଟନ କରି ପୂଜା ମଣ୍ଡପରେ ସ୍ଥାପନ କରାଯାଏ । ଉକ୍ତ ନବପତ୍ରିକାର ଅପର ଏକନାମ 'କୁଳବୃକ୍ଷ' । ଶାକ୍ତାନନ୍ଦ ତରଙ୍ଗିଣୀରେ କୁହା ହୋଇଛି, "ତିଷ୍ଠନ୍ତି କୁଳଯୋଗିନ୍ୟଃ ସର୍ବେଷ୍ୱେତେଷୁ ସର୍ବଦା", ଅର୍ଥାତ୍ 'ଯୋଗିନୀମାନେ ଏହି କୁଳବୃକ୍ଷରେ ସର୍ବଦା ବାସ କରନ୍ତି । କଦଳୀ, ଡ଼ାଳିମ୍ବ, ଧାନ, ହରିଡ଼ା, ମହଣ, ସାରୁ, ବେଲ, ଅଶୋକ, ଜୟନ୍ତି, ଏକ ଏକ ଶସ୍ୟରୂପେ ପରିଗଣିତ । ପ୍ରଥମେ ଶସ୍ୟ ଦେବୀ ଦୁର୍ଗାଭାବେ ପୂଜା ପାଉଥିଲେ । କ୍ରମ ବିକାଶ ଫଳରେ ସେହି ଶସ୍ୟଦେବୀ ମହିଷମର୍ଦ୍ଦିନୀ ରୂପେ ଦଣ୍ଡାୟମାନ ହୋଇଛନ୍ତି । କହିବା ନିଷ୍ପ୍ରୟୋଜନ ମାନବର ଜୀବନ ଧାରଣ ନିମିତ୍ତ ଏହି ଶସ୍ୟ ଏକାନ୍ତ ପ୍ରୟୋଜନ ।

ଆଦିମ ଅଧିବାସୀମାନଙ୍କର ସମାଜରେ ବୃକ୍ଷପୂଜାହିଁ ପ୍ରଧାନ । କୌଣସି ବୃକ୍ଷର ଫଳ ଖାଇବା ପୂର୍ବରୁ ସେମାନେ ସେହି ବୃକ୍ଷକୁ ପୂଜା କରିଥାନ୍ତି । ଏହିପ୍ରଥା ଓଡିଶାର ସମସ୍ତ ଆଦିବାସୀଙ୍କ ମଧ୍ୟରେ କେଉଁ ଆଦିମ କାଳରୁ ରହି ଆସିଛି । ବୃକ୍ଷପୂଜାରୁ କାଳକ୍ରମେ ବୈଦିକ ଜାତି 'ଯୂପ' ର ପ୍ରଚଳନ କରାଇଲେ । ବୌଦ୍ଧମାନେ ଯୂପରୁ ସ୍ତୂପ କଳ୍ପନା କରି ସ୍ତୂପ ପ୍ରସ୍ତୁତ କଲେ । କେବଳ ଭାରତ କାହିଁକି ପୃଥିବୀର ବହୁ ଦେଶରେ ବୃକ୍ଷର ପୂଜା ପ୍ରଚଳିତ । ଇଜିପ୍ଟରେ ଏହି ଯୂପର ନାମ ଟାଉଟ ( Tout ) ଏହି ଟାଉଟକୁ ଓସାଇରିସଙ୍କ (Osiries) ଶରୀର ବୋଲି କୁହା ହେଉଛି । ହିବ୍ରୁ-ମାନଙ୍କର ସେହିଭଳି ଯୂପର ନାମ 'ଆସେରା' (Ashera)। ଏହି ଆସେରା ମଧ୍ୟ ବୃକ୍ଷ । ଏହି ପବିତ୍ର ଆସେରା ବୃକ୍ଷକୁ ଏଲ, ଏଲମ୍, ଏଲମ, ପ୍ରଭୃତି ନାମରେ ମଧ୍ୟ ଅଭିହିତ କରାଯାଏ । କୌଣସି କୌଣସି ସ୍ଥାନରେ ଆସେରାକୁ ଦେବୀ (a Goddess') ମଧ୍ୟ କୁହା ହୋଇଛି ।

ଦେବୀ ଦୁର୍ଗାଙ୍କର ଅପର ନାମ ମହାଲକ୍ଷ୍ମୀ । ଚଣ୍ଡୀ ଗ୍ରନ୍ଥରେ ତିନୋଟି ଚରିତ ଦୃଷ୍ଟିଗୋଚର ହୁଏ । ମଧ୍ୟମ ଚରିତର ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀ । ଲକ୍ଷ୍ମୀହିଁ ଶସ୍ୟ ଦେବୀରୂପେ ଭାରତରେ ଆରାଧିତା । ସାଧାରଣତଃ ଶସ୍ୟର ବର୍ଣ୍ଣ ହରିତ୍ ଯୋଗୁଁ ଦେବୀ ଦୁର୍ଗାଙ୍କ ବର୍ଣ୍ଣ ସୁବର୍ଣ୍ଣ । ଦେବୀଙ୍କର ବାହନ ସିଂହ । ସିଂହ ସୂର୍ଯ୍ୟଙ୍କ ପ୍ରତୀକ ମୁଖଂ ପ୍ରତୀକମ୍ (ଶତପ୍ଥ ୧୪-୪-୩୭) ଶସ୍ୟ ପାଇଁ ସୂର୍ଯ୍ୟକିରଣ ଏକାନ୍ତ ଆବଶ୍ୟକ । ସୂର୍ଯ୍ୟ କିରଣ ଯେଉଁଭଳି ଆବଶ୍ୟକ ସେହିଭଳି ବର୍ଷାର ଆବଶ୍ୟକ । ସେଥିପାଇଁ ଦେବୀଙ୍କ ହାତରେ ପାଶ ରୂପେ ସର୍ପ ଧାରଣ କରିଛନ୍ତି । ବ୍ରାହ୍ମଣ ସାହିତ୍ୟରେ ଅହି ଅଥବା ନାଗକୁ ପର୍ଜନ୍ୟ ଏବଂ ବୃଷ୍ଟି ବୋଲି କୁହାଯାଇଛି, ପର୍ଜନ୍ୟ (ସଂବତ୍ସରସ୍ୟ) ବତ୍ ସୋର୍ଧାରା' (ତୈ: ବ୍ରା ୩-୧୧-୧୦-୩) । ଏହାଛଡ଼ା ଅହି ଅଥବା ପର୍ଜନ୍ୟ ବିଦ୍ୟୁତ୍ ମଧ୍ୟ । ଏହି ବିଦ୍ୟୁତ୍ ଜଳ ବା ବୃଷ୍ଟିର ଜ୍ୟୋତି, ବିଦ୍ୟୁତ୍ ଦ୍ଵାହ ଅପାଂ ଜ୍ୟୋତି (ଯେଳୁ ୧୩-୫୩-୩ ଶତପ୍ଥ ୭-୫-୨-୪୯) । ଦେବୀ ଦୁର୍ଗାଙ୍କ ହସ୍ତସ୍ଥିତ ଖଡ୍ଗ ଶସ୍ୟ କର୍ତ୍ତନ ଅସ୍ତ୍ର ଦାଆ ବାଇଲ ଭଳି । ସେହିଭଳି ଶସ୍ୟ ଶତ୍ରୁ ବିନାଶ ପାଇଁ ନାନାବିଧ ଅସ୍ତ୍ର ମହାଦେବୀଙ୍କ ହାତରେ ଶୋଭିତ ।

ପ୍ରାଗ୍ ବୈଦିକ ସଂସ୍କୃତି ମହେଞ୍ଜୋଦାର ସଭ୍ୟତାରେ ଯେଉଁ ଶସ୍ୟ ଦେବୀ ଦୃଷ୍ଟି ଗୋଚର ହୁଅନ୍ତି, ଯାହାଙ୍କ ଜନନ ଇନ୍ଦ୍ରିୟରୁ ଲତା ବହିର୍ଗତ ହୋଇଥିବା ପରିଦୃଷ୍ଟ ହୁଏ, ସେହି ଶସ୍ୟ ଦେବୀ କ୍ରମବିକାଶ ମଧ୍ୟଦେଇ ଦେବୀ ଦୁର୍ଗା ଭାବେ ପୂଜିତା । ଚିକିଏ ପୂର୍ବରୁ କୁହାହୋଇଛି ଚଣ୍ଡୀରେ ମହାଲକ୍ଷ୍ମୀ ମହିଷାସୁରକୁ ବଧ କରିଛନ୍ତି । ପ୍ରଥମ ଚରିତର ଅଧିଷ୍ଠାତ୍ରୀ ଦେବୀ କାଳିକା, ମଧ୍ୟମର ମହାଲକ୍ଷ୍ମୀ ଏବଂ ଉତ୍ତର ଚରିତର ଦେବୀ ସରସ୍ୱତୀ । ପ୍ରଥମ ଚରିତରେ ମଧୁ କୈଟଭ ବଧ, ଦ୍ୱିତୀୟରେ ମହିଷାସୁର ବଧ ଏବଂ ଉତ୍ତର ଚରିତରେ ଶୁମ୍ଭ ନିଶୁମ୍ଭଙ୍କର ବଧ ସଂଘଟିତ ହୋଇଛି ଓଡ଼ିଶାରେ ଆଶ୍ୱିନ କୃଷ୍ଣାଷ୍ଟମୀ ବା ମୂଳାଷ୍ଟମୀଠାରୁ ଶୁକ୍ଳ ଦଶମୀ ବା ଦଶହରା ପର୍ଯ୍ୟନ୍ତ ଦୁର୍ଗାପୂଜା ହୋଇଥାଏ । ଆଶ୍ୱିନ ପୂର୍ଣ୍ଣମୀ ବା କୁମାର ପୂର୍ଣ୍ଣମୀ ଦିନ ମହାଲକ୍ଷ୍ମୀଙ୍କ ପୂଜା ଦୁର୍ଗତିରୁ ଉଦ୍ଧାର ପାଇଁ ଦେବୀଙ୍କୁ ଦୁର୍ଗା ନାମରେ ଅଭିହିତ କରାଯାଏ । ଶବ୍ଦ କଳ୍ପ ଦ୍ରୁମରେ କୁହାହୋଇଛି–

ଦୁର୍ଗୋ ଦୈତ୍ୟେ ମହାବିଘ୍ନେ ଭବବନ୍ଧେ କୁକର୍ମାଣି
ଶୋକେ ଦୁଃଖେଚ ନରକେ ଯମଦଣ୍ଡେ ଚ ଜନ୍ମନି ।
ମହାଭୟେ୍ତିରୋଗେ ଚାପ୍ୟାଶବ୍ଦୋ ହନ୍ତୃବାଚକଃ
ଏତାନ୍ ହନ୍ତ୍ୟେବ ଯା ଦେବୀ ସା ଦୁର୍ଗା ପରିକୀର୍ତ୍ତିତା"

ଦୁର୍ଗ ଶବ୍ଦର ବାଚ୍ୟ ଦୁର୍ଗ ନାମକ ଦୈତ୍ୟ, ମହାବିଘ୍ନ, ଭବବନ୍ଧ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ଜନ୍ମ, ମହାଭୟ ଏବଂ ଅତିରୋଗ, ଆ ଶବ୍ଦହେଲା ହନ୍ତ ବାଚକ । ଏହି ସବୁକୁ ଯେ ନାଶ କରନ୍ତି ସେ ଦୁର୍ଗା ନାମରେ ପରିକୀର୍ତ୍ତିତା

ଓଡ଼ିଶାର ବହୁସ୍ଥାନରେ ବହୁ ଦୁର୍ଗା ମୂର୍ତ୍ତି ପୂଜାପାଉଅଛନ୍ତି । ସାଧାରଣତଃ ମହିଷମର୍ଦ୍ଦିନୀ ରୂପକୁ ଦୁର୍ଗା କୁହାଯାଏ । ଦ୍ୱିଭୁଜ ଠାରୁ ଦ୍ୱାଦଶ ଭୁଜ ପର୍ଯ୍ୟନ୍ତ ଶତାଧିକ ଦୁର୍ଗା, ପୀଠ ଦେବୀରୂପେ ପୂଜା ପାଉଛନ୍ତି । ମହାଲକ୍ଷ୍ମୀ ଏବଂ ଦୁର୍ଗାଙ୍କ ମଧ୍ୟରେ କୌଣସି ପ୍ରଭେଦ ନଥିଲେ ମଧ୍ୟ ରୂପରେ ପ୍ରଭେଦ ଅଛି । ଓଡ଼ିଶାର ଶ୍ରୀକ୍ଷେତ୍ରରେ ମହାଲକ୍ଷ୍ମୀଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ଅଛି । ଲକ୍ଷ୍ମୀହିଁ ସେଠାରେ ଶସ୍ୟର ଅଧିଷ୍ଠାତ୍ରୀ ଦେବୀ । ତନ୍ତ୍ରର ଦଶମହାବିଦ୍ୟାରେ ଲକ୍ଷ୍ମୀ ଶେଷ ମହାବିଦ୍ୟା । ଦଶ ମହାବିଦ୍ୟାରେ ଥିବା ଲକ୍ଷ୍ମୀଙ୍କ ଧ୍ୟାନାନୁଯାୟୀ ତାଙ୍କର ସ୍ୱରୂପ । ଷୋଡ଼ଶ ଶତାବ୍ଦୀର କବି ବଳରାମଦାସ ଲକ୍ଷ୍ମୀପୁରାଣରେ କହିଛନ୍ତି ସ୍ୱୟଂ ଜଗନ୍ନାଥ ତାଙ୍କ ସ୍ୱାମୀ ହୋଇମଧ୍ୟ ଲକ୍ଷ୍ମୀଙ୍କ ଦୟାଉପରେ ନିର୍ଭର କରନ୍ତି । ଏହି ମତହିଁ ତନ୍ତ୍ରର ଏବଂ ତନ୍ତ୍ରରେ ଜଗନ୍ନାଥ ଭୈରବ ଭାବେ ଗୃହୀତ । ଶ୍ରୀ ଜଗନ୍ନାଥଙ୍କୁ ଭୈରବ ବ୍ୟତୀତ ନାରାୟଣ ନାମରେ ମଧ୍ୟ ଅଭିହିତ କରାଯାଏ । ଚଣ୍ଡୀ ଗ୍ରନ୍ଥରେ ଏକାଦଶ ଅଧ୍ୟାୟରେ ଦେବୀ ଦୁର୍ଗାଙ୍କୁ ନାରାୟଣୀ ବୋଲି ସମ୍ବୋଧନ କରାଯାଇଛି ; ନାରାୟଣଙ୍କର ଶକ୍ତି ନାରାୟଣୀ ।

ଓଡ଼ିଶାରେ ଆଶ୍ୱିନ ମାସଠାରୁ ଶସ୍ୟ ଆମଦାନୀ ହୁଏ । ମାଣ୍ଡିଆଠାରୁ ଆରମ୍ଭ କରି ଧାନ ପର୍ଯ୍ୟନ୍ତ ପ୍ରାୟ ଏହି ସମୟରୁ ଆମଦାନୀ ଆରମ୍ଭ । 'ଦୁର୍ଗାପୂଜା', ଲକ୍ଷ୍ମୀପୂଜା, କାଳୀପୂଜା ବହୁ ଶସ୍ୟ ଦେବୀଙ୍କ ଆରାଧନା ଏହି ଶରତ ଋତୁରେ ହୋଇଥାଏ । କଥିତ ଅଛି ଦଶହରା ସମୟରେ ଦଶ ପ୍ରକାର ଧାନ ବାହାରିଥାଏ । ଓଡ଼ିଆ ସଂସ୍କୃତିରେ ପ୍ରକୃତିର ଆରାଧନା ସ୍ୱତନ୍ତ୍ର । ବର୍ଷର ତିନୋଟି ମାସରେ ଶସ୍ୟାଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କ ଆରାଧନା ହୁଏ । ଆଶ୍ୱିନରେ ମହାଲକ୍ଷ୍ମୀଙ୍କ ଅନ୍ୟରୂପ ଦୁର୍ଗା, ମାର୍ଗଶୀରରେ ଲକ୍ଷ୍ମୀ ଏବଂ ମାଘମାସରେ ଲକ୍ଷ୍ମୀପୂଜା ଓଡ଼ିଆ ଘରେ ହୋଇଥାଏ । ସେଥିପାଇଁ ଶସ୍ୟ ଦେବୀ ଭିନ୍ନ ଭିନ୍ନ ନାମ ରୂପରେ ଆରାଧିତା ।

ଶରତ୍କାଳ କ୍ଷିତି ତତ୍ତ୍ୱର ଅର୍ଥାତ୍ ଜଡ଼ତ୍ୱର ପୂର୍ଣ୍ଣ ଅଭିବ୍ୟକ୍ତିର ସମୟ । ସେଥିପାଇଁ ଇନ୍ଦ୍ରିୟାଧିଷ୍ଠିତ ଚୈତନ୍ୟରୂପୀ ଦେବତାମାନେ ପ୍ରାକୃତିକ ନିୟମରେ ଜଡ଼ତ୍ୱ ମୋହରେ ସମ୍ୟକ୍ ଆଚ୍ଛନ୍ନ । ଦେବ ଶକ୍ତି ସମୂହ ନିଦ୍ରିତ । ଏହାକୁହିଁ ପୁରାଣ କହେ ମହିଷା ଦେବତାଙ୍କୁ ଆକ୍ରମଣକରି ତାଙ୍କର ସମସ୍ତ ଶକ୍ତିକୁ ପରାଭୂତ କରିଛି । ସେମାନେ ସମସ୍ତେ ଏକତ୍ରିତ ହୋଇ ମହି–ଅର୍ଥାତ୍ ଜଡ଼ତ୍ୱରୁ ରକ୍ଷା ପାଇବା ପାଇଁ ପ୍ରଯତ୍ନ । ଏକକ ଶକ୍ତିରେ ମହି ବା ଜଡ଼ତ୍ୱ କେବେ ପରାଭୂତ ଅଥବା ଅପସାରିତ ହେବନାହିଁ–ସେଥିପାଇଁ ପୁଞ୍ଜିଭୂତ ଶକ୍ତି ଲୋଡ଼ା । ସେହି ପୁଞ୍ଜିଭୂତ ଶକ୍ତିର ଅନ୍ୟରୂପ ଦେବୀ ଦୁର୍ଗା । ଜଡ଼ତ୍ୱର ଅପସାରଣ ପାଇଁ ତାଙ୍କର ଆବିର୍ଭାବ ନିତାନ୍ତ ଆବଶ୍ୟକ । ସେଥିପାଇଁ ଗଗନ ପବନ ମୁଖରିତ କରି ସେହି ଦେବୀ ଦୁର୍ଗାଙ୍କ ସ୍ତୁତି ଗାନ ପୂର୍ବକ ତାଙ୍କର ଶରଣାପନ୍ନ ହେବାକୁ ପୂର୍ବରୁ ଜ୍ଞାନୀମାନେ ନିର୍ଦ୍ଧାରଣ

କରିପାରୁଛନ୍ତି । ଏ ମନ ଏ ଦେହ ମଧ୍ୟରେ ତାଙ୍କର ଆବିର୍ଭାବ ଘଟିଲେ ସମସ୍ତ ଜଡ଼ତା ଅପସାରିତ ହେବ— ମୃତ୍ୟୁ ହେବ ମହିଷାର ।

ହେ ମା ତମେ ଲକ୍ଷ୍ମୀ, ଲଜା, ବ୍ରହ୍ମବିଦ୍ୟା, ଶ୍ରଦ୍ଧା, ପୁଷ୍ଟି ଓ ସ୍ୱଧାରୂପିଣୀ (ମନ୍ତ୍ରରୂପିଣୀ) । ତୁମେ ନିତ୍ୟ (ସନାତନୀ) ମହାପ୍ରଳୟ ରୂପା ରାତ୍ରି ଓ ମହା ମୋହରୂପା ଅବିଦ୍ୟା । ହେ ନାରାୟଣୀ ତୁମକୁ ପ୍ରଣାମ ।

ଲକ୍ଷ୍ମି ଲଜେ ମହାବିଦ୍ୟେ ଶ୍ରଦ୍ଧେ ପୁଷ୍ଟି ସ୍ୱଧେ ଧ୍ରୁବେ ।
ମହାରାତ୍ରି ମହାମାୟେ ନାରାୟଣି ନମୋଽସ୍ତୁତେ । (୧୧-୨୨)


# THE INDUSTRIAL DEVELOPMENT CORPORATION OF ORISSA LIMITED

(DIVISION-I)


(A GOVERNMENT OF ORISSA UNDERTAKING)

POST BOX No. 78


**BHUBANESWAR**

1. Hira Cement Works, BARGARH ..
2. Ferro Chrome Plant, JAJPUR ROAD
3. Tile Factory, CHOUDWAR ..
4. EAST COAST SALT & CHEMICAL INDUSTRIES LTD., S U M A N D I-GANJAM.

1. Konarak Jute Ltd. 50-A, Kharvel Nagar, Bhubaneswar.
2. M/s. Orichem Ltd., Jhunjhunwala Garden Bhubaneswar.
3. East Coast Breweries & Distilleries Ltd. 12, Cantonment Road, Cuttack.



୧୯୭୭ ସେପ୍ଟେମ୍ବର ୧୦ ତାରିଖ ଦିନ ବିଭିନ୍ନ ଅନୁଷ୍ଠାନ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ପକ୍ଷରୁ ବାଘାଯତୀନଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।



ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର ଝଷକେତନ ସାହୁ ୧୯୭୭ ଅଗଷ୍ଟ ୧୯ ତାରିଖ ଦିନ ରଉରକେଲା ଏନ୍. ଏ. ସି. ହଲରେ ନାରୀ ସେବାସଂଘ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ପରମର୍ଶ କେନ୍ଦ୍ର ଉଦ୍‌ଘାଟନ କରିସାରିବା ପରେ ଜଣେ ରୋଗୀଙ୍କୁ ପରୀକ୍ଷା କରି ଦେଖୁଛନ୍ତି ।


# ଜନ ଜୀବନରେ ଗାନ୍ଧୀ ଦର୍ଶନ

ଶ୍ରୀ ସୌରୀବନ୍ଧୁ କର

ଗାନ୍ଧୀ ଦର୍ଶନ କ'ଣ ? ଏ ପ୍ରଶ୍ନର ଉତ୍ତର ଦେବା ଯେତିକି ସହଜ ସେତିକି କଷ୍ଟସାଧ୍ୟ । ଆଧୁନିକ ...ରେ ବସବାସ କରୁଥିବା ବ୍ୟକ୍ତିମାନଙ୍କର ସମସ୍ୟା ବହୁତ । କେତେକ ହୁଏତ ସାମାଜିକ ବା ଅନ୍ୟ ...କେ ମାନସିକ । ସ୍ୱାଧୀନତା ସଂଗ୍ରାମର ସାରଥୀ, ମହାନ୍ ବିପ୍ଳବୀ ଗାନ୍ଧିଜୀ ଇତିହାସର ଛିନ୍ନ ପୃଷ୍ଠା ମଧ୍ୟରେ ... । ମଣିଷ ଆଉ ସେହି ପରମ ପ୍ରିୟ ବ୍ୟକ୍ତିଟିକୁ ଖୋଜେନା । ତେଣୁ ସେ ଆଜି ହତାଶ ଓ ଦିଗହରା । ... ଯୁବକର ଚିନ୍ତାଧାରା ବିପର୍ଯ୍ୟସ୍ତ । ଗାନ୍ଧୀ ଦର୍ଶନ ଏ ସମସ୍ୟାକୁ ସମାଧାନ କରିପାରେ ଯେ ହେତୁ ତାଙ୍କର ...ନ ହିଁ ଦର୍ଶନ । ସେହି ଦର୍ଶନ ଆଧୁନିକ ସମସ୍ୟା ପ୍ରତି ପୂର୍ଣ୍ଣ ସଚେତନ । ବର୍ତ୍ତମାନ ପରିପ୍ରେକ୍ଷୀରେ ସେ ...କୁ ଠିକ୍ ଭାବରେ କାର୍ଯ୍ୟକାରୀ କଲେ, ମଣିଷ ବୁଝିବ ଗାନ୍ଧୀଙ୍କ ମାହାତ୍ମ୍ୟ । ଗାନ୍ଧୀ ନିଜର ଜୀବନକାଳ ...ରେ ତାକୁ ପରୀକ୍ଷା ନିରୀକ୍ଷା କରି ଦେଖିଛନ୍ତି । ଯାହା ଚିରନ୍ତନ ସତ୍ୟ ତାହାହିଁ ସୁନ୍ଦର । ସେ ସତ୍ୟର ...ନ୍ଧାନ କରିବାକୁ ହେଲେ ନିଜକୁ ହିଁ ଦେଖିବାକୁ ହେବ । ନିଜର ମନକୁ ଅନୁଶୀଳନ କଲେ ଗାନ୍ଧୀଜୀଙ୍କର ...ର୍ଶକୁ ଉପଲବ୍ଧି କରିହେବ ।

ପାଶ୍ଚାତ୍ୟ ଢାଞ୍ଚାର ଚାଲିଚଳଣ ଓ ସଂସ୍କୃତିକୁ ଗ୍ରହଣ କରି ଭାରତୀୟମାନଙ୍କର ଜୀବନ କଳୁଷିତ ହେବାରେ ...ଛି । ଜୀବନର ଏକତ୍ରୀକରଣରେ ବା ପ୍ରଗତି କେବଳ ଅର୍ଥନୈତିକ ପ୍ରଗତି ଉପରେ ପର୍ଯ୍ୟବସିତ ...ହେଁ । ହଜାର ହଜାର ବର୍ଷ ପୂର୍ବେ ଉପନିଷଦରେ କୁହା ଯାଇଛି—"ନ ବିତ୍ତେନ ତର୍ପଣୀୟୋଃ ମନୁଷ୍ୟ" । ...ଧି କେବଳ ମନୁଷ୍ୟକୁ ପରିତୃପ୍ତ କରି ପାରେ ନା । ଇଂରାଜୀ କବି ଗୋଲଡ୍‌ସ୍ମିଥ୍ କହିଥିଲେ ଧନସଂପତ୍ତିର ...ଦ୍ଧି ମଧ୍ୟରେ ମନୁଷ୍ୟର ପତନ ଆରମ୍ଭ ହୁଏ । ଆଧୁନିକ ଯୁଗର ବିଶିଷ୍ଟ ଲେଖକ ରୋମାଁ ରୋଲାଁ କହିଛନ୍ତି,

"The more I have, the less I am". ଏଥିରୁ ବୁଝାପଡ଼େ ଅର୍ଥ ସବୁ ଅନର୍ଥର ମୂଳ । ପଣ୍ଡିତ ନେହେରୁ କହିଥିଲେ ଆଧୁନିକ ବିଜ୍ଞାନର ସହାୟତାରେ ଆମେ କୃଷି ଓ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ବଢ଼ାଇବାକୁ ଚେଷ୍ଟିତ ହେବା ଉଚତ୍ । ଏହା କରିବା ସମୟରେ ବ୍ୟକ୍ତିର ବ୍ୟକ୍ତିତ୍ୱ ତଥା ଏହା ମୂଳରେ ଥିବା ଲକ୍ଷ୍ୟ ପ୍ରତି ସଚେତନ ରହିବା ଆମର ପ୍ରଥମ କର୍ତ୍ତବ୍ୟ । ବିଜ୍ଞାନକୁ ସମାଜର ଅର୍ଥନୈତିକ ଉନ୍ନତି ପାଇଁ ଲଗାଇବା ସମୟରେ ଆଧ୍ୟାତ୍ମିକ ଚେତନାକୁ ନୈତିକ ପରିବର୍ତ୍ତନ ପାଇଁ ବ୍ୟବହାର କରିବା ଉଚିତ୍ । ତାଙ୍କର ଜୀବନ ଥିଲା ଠିକ୍ ଏହିପରି ନିରାଡ଼ମ୍ବର ଓ ତା' ମୂଳରେ ବିଦ୍ୟମାନ ଥିଲା ଉଚ୍ଚତର ଚିନ୍ତାଧାରା । ବ୍ୟକ୍ତିର ବ୍ୟକ୍ତିତ୍ୱ ବୃଦ୍ଧି ହେବ ତାର ପ୍ରତ୍ୟେକ ଗୁଣଗୁଡିକର ଅଭିବୃଦ୍ଧିରେ, ସେଥିପାଇଁ ସେ ଦେଇଥିଲେ ଗୁରୁତ୍ୱ ।



ଧର୍ମ କହିଲେ ସେ ବୁଝୁଥିଲେ ମାନବ ଧର୍ମ । ଭାରତର ଗଣତନ୍ତ୍ରକୁ ସୁଷ୍ଠୁରୂପେ ଚଳାଇବାକୁ ହେଲେ ସର୍ବ ଧର୍ମ ପାଳନ ହିଁ ସବୁଠାରୁ ବଡ଼ ଧର୍ମ । ଏ ବିଶ୍ୱ ହେଉଛି, ଗୋଟିଏ ପରିବାର ଓ ପ୍ରତ୍ୟେକ ବ୍ୟକ୍ତି ଏହାର ସଦସ୍ୟ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପୁରୋଧାଭାବ ଗ୍ରହଣ କରି ସେ ଖୋଲିଛନ୍ତି ଏକ ନୂତନ ଦିଗଦର୍ଶନ, ଅଭିବୃଦ୍ଧି କରିବ ଆନ୍ତର୍ଜାତୀୟ ବନ୍ଧୁତ୍ୱ ଓ ଭ୍ରାତୃତ୍ୱ ।

ଋକ୍‌ବେଦରେ କୁହାଯାଇଅଛି, "ଆନୋ ଭଦ୍ରା କ୍ରତବୋୟନ୍ତୁ ବିଶେଷତଃ ।" ବିଭିନ୍ନ ସ୍ଥାନରୁ ଉନ୍ନତ ଚିନ୍ତାଧାରା ଆମ ପାଖକୁ ଚାଲିଆସୁ । ମଣିଷ ଭୁଲିଯିବ ହିଂସା, ଦ୍ୱେଷ ଓ ଅହଙ୍କାର । ସେ ସମାଜରେ ଭଲରେ ବାସ କରିବାକୁ ଶିଖିବ । ତେଣୁ ଗାନ୍ଧୀଜୀ ... କରିଛନ୍ତି ଅହିଂସାର ମହାମନ୍ତ୍ର । ଏ ମନ୍ତ୍ରରେ ... ହେଲେ ବ୍ୟକ୍ତି ମନରେ ଥିବା ଅହମିକା ଦୂର ... ବର୍ତ୍ତମାନର ଯୁବ ସମ୍ପ୍ରଦାୟ ବିପଥଗାମୀ-ଉଚ୍ଛୃଙ୍ଖଳ ... ମନକୁ ଏକେନ୍ଦ୍ରୀଭୂତ କରିବା ପାଇଁ ସତ୍ୟାଗ୍ରହ ବା ଅ... ଯୋଗ ଅପରିହାର୍ଯ୍ୟ । ସେ ଅସହଯୋଗ କରିବ ... ଇଚ୍ଛାରୂପୀ ଦାନବ ସହିତ । ବିଶ୍ୱର କରିବ ତାର ... ସଚେତନ ହେବ ସମାଜ ପ୍ରତି । ଆମେ ଯାହା ... ଭୁଲ କରୁ, ଦୋଷ ଲଦି ଦେଉ ଅନ୍ୟ ଉପରେ, ନିଜକୁ ... ପ୍ରଶଂସାର ଅଧିକାରୀ । ଏ ଚିନ୍ତାକୁ ପରିହାର କରିବ... ହେବ । ଦୂରଦୃଷ୍ଟି ତଥା ଆତ୍ମଶ୍ଳାଘାରୁ ଏ ପ୍ର... ଚିନ୍ତା ମନରେ ଜନ୍ମେ । ଏହାକୁ ତ୍ୟାଗ କରି ଦୋଷ... ସ୍ୱୀକାର କରିବାକୁ ହେବ । ତେବେ ଚରିତ୍ରର ମହାନ... କ୍ରମଶଃ ବଢି ଉଠିବ ।

ଗାନ୍ଧୀଜୀଙ୍କ ଚିନ୍ତାଧାରାର ଅନ୍ୟ ଏକ ଦିଗ ସମାଜ... ଦୁର୍ବଳ ଶ୍ରେଣୀର ଉନ୍ନତି । ସମାଜର ଦୁର୍ବଳଶ୍ରେ... ଆଦିବାସୀ ଓ ହରିଜନମାନଙ୍କର ଉନ୍ନତି, ଅସ୍ପୃଶ୍ୟ... ନିବାରଣ ନିମିତ୍ତ ବର୍ତ୍ତମାନ କେତେ ନିୟମ ଶାସ୍ତ୍... ସବୁଠାରେ ସେହି ଗୋଟିଏ ସ୍ୱର – ଏକ ଦିଗ... ସମାଜବାଦର ଚିନ୍ତାଧାରା ନୂତନ ନୁହେଁ । ... ଶ୍ରୀରାମଚନ୍ଦ୍ର ନିଜରାଜ୍ୟରେ ସମାଜବାଦର ପ୍ର... କରିପାରିଥିଲେ । ଭାରତବର୍ଷରେ ସମାଜବାଦ ... ଯେତେବେଳେ ବିଭିନ୍ନ ଶ୍ରେଣୀ ଓ ସଂପ୍ରଦାୟ ମଧ୍ୟ... ଥିବା ପାର୍ଥକ୍ୟ ଦୂରୀଭୂତ ହେବ । ମାର୍କ୍ସବାଦ... ଶ୍ରେଣୀହୀନ ସମାଜ ବ୍ୟବସ୍ଥା ଭାରତରେ ସମ୍ଭବ ... ଯଦି ସଂପ୍ରଦାୟ ମଧ୍ୟରେ ପ୍ରଭେଦ ନ ରହେ । ... କଥା ନୂଆ ନୁହେଁ । ଗାନ୍ଧୀଜୀ ବାରମ୍ବାର କହି... ଓ କାର୍ଯ୍ୟରେ କରିଛନ୍ତି । ଅସପୃଶ୍ୟତା ନିବାରଣ ନି... ସେ କରିନ୍ତି ଅନଶନ । ଓ୍ୱାର୍ଦ୍ଧାଠାରେ ପ୍ର... ଯେତେବେଳେ ସାବରମତୀ ଆଶ୍ରମ ପ୍ରତିଷ୍ଠା ... ଗାନ୍ଧୀଜୀ ହରିଜନମାନଙ୍କ ଉନ୍ନତି ପ୍ରତି ଦୃଷ୍ଟି... ବାରିକ ଦ୍ୱାରା କ୍ଷୌର ହେବାକୁ ମନା କରିଥିଲେ, ... ହେତୁ ସେ ବାରିକ ହରିଜନମାନଙ୍କୁ କ୍ଷୌର କରି... ପଶ୍ଚାତ୍‌ପଦ ଥିଲା । ଆଜୀବନ ଉପବାସ ବ୍ରତ ଅବଲମ୍ବ... ଇଂରେଜ ଜାତି ହୋଇଥିଲା ସ୍ୱୀକୃତ ଓ ପୃଥକ ହରି... ଶ୍ରେଣୀ ଭୋଟ ପ୍ରଥା ବ୍ୟବସ୍ଥାର ପ୍ରଚଳନ ... ପରାଭୂତ ।

ଯେ ପର୍ଯ୍ୟନ୍ତ ନିମ୍ନତମ ଶ୍ରେଣୀର ଲୋକମାନଙ୍କ... ଉନ୍ନତି ନ ହୋଇଛି, ସେ ପର୍ଯ୍ୟନ୍ତ ସମାଜର ଉନ୍ନ... ଅସମ୍ଭବ । ଭଗବାନ ମଧ୍ୟ ଗରିବ ଓ ଦରିଦ୍ର ଲୋକ... ସମ୍ମୁଖୀନ ହେବାକୁ ସାହସ କରିବେନି, ସେ ... ମୂଠିଏର ଛଦ୍ମବେଶ ଧାରଣ କରି ପ୍ରବେଶ କରିବେ ।

ତେଣୁ ଯଥାର୍ଥ ସମାଜବାଦ ପ୍ରତିଷ୍ଠା ହେବ ସତ୍ୟାଗ୍ରହ ଓ ଅହିଂସା ମାଧ୍ୟମରେ । ବିଜ୍ଞାନ କହିଲେ ଆମେ ଯେପରି ପରୀକ୍ଷା ନିରୀକ୍ଷାକୁ ବୁଝୁ, ସତ୍ୟାଗ୍ରହ ଓ ଅହିଂସା ଠିକ୍ ସେହିପରି । ବ୍ୟକ୍ତିପ୍ରତି ଓ ତା ନିମିର ଅନ୍ୟ ମଣିଷର ଶ୍ରଦ୍ଧା ଓ ସମ୍ମାନ ହେବା ଉଚିତ । ଫଳରେ ଶ୍ରେଣୀ ସଂଘର୍ଷକୁ ଏଡ଼ାଇ ଦିଆଯାଇ ପାରିବ । ଆଲଡ଼ସ ହକ୍ସଲେ କହିଛନ୍ତି, "No economic reform, however intrisically desirable, can lead to desirable changes in individuals and the society they constitute, unless it is carried through in a desirable context and by desirable methods".

ଆମେ ସମାଜବାଦର ଧ୍ୱନି ଦେଉଛୁ, ବେକାର ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରୁଛୁ, ଶ୍ରେଣୀହୀନ ସମାଜ ପାଇଁ ଚେଷ୍ଟା କରୁଛୁ । ମଣିଷ ଭଲରେ ଖାଇ, ପିନ୍ଧି ରହିଲେ ସବୁ ସମସ୍ୟାର ସମାଧାନ ହୋଇଯିବ । କୌଣସି ସମାଜ-ବ୍ୟବସ୍ଥାର ପରିବର୍ତ୍ତନ ଖୁବ୍ ଅଳ୍ପ ସମୟ ମଧ୍ୟରେ କରାଯାଇ ପାରେନା । ଏଥିପାଇଁ ଦୀର୍ଘ ସମୟ ଆବଶ୍ୟକ । ଆମେ ସବୁବେଳେ ତାତ୍କାଳିକ ସୁଖ ପାଇବା ପାଇଁ ବ୍ୟଗ୍ର । ନୂତନ ରାଷ୍ଟ୍ର ବା ସମାଜରେ ତାତ୍କାଳିକ ସୁଖର ପ୍ରଶ୍ନ ଉଠେ ନା । ବାସ୍ତବ ପଟ୍ଟଭୂମି ଉପରେ ଠିଆ ହୋଇ ଅର୍ଥନୈତିକ ଉନ୍ନତି ପାଇଁ ଚେଷ୍ଟା କରିବାକୁ ହେବ । ମଣିଷ ସମାଜର ପ୍ରାରମ୍ଭ କାଳରୁ ସଂଘର୍ଷ ଚାଲିଛି ଓ ଚାଲିବ । ତେଣୁ ଭାରତବର୍ଷରେ ସମାଜବାଦ ବା ଏକ ନୂତନ ଅର୍ଥନୈତିକ ବ୍ୟବସ୍ଥାର ପ୍ରଚଳନ କରି ସମସ୍ତ ଜନତାର ଉନ୍ନତି କରିବାକୁ ହେଲେ ଆମକୁ ଗାନ୍ଧୀ ଓ ମାର୍କସବାଦର ତତ୍ତ୍ୱକୁ ଉତ୍ତମରୂପେ ହୃଦୟଙ୍ଗମ କରିବାକୁ ହେବ । ମାୟାବାଦ ଓ ଅଦ୍ୱୈତବାଦକୁ ପଢ଼ିବାକୁ ହେବ । ତେବେ ଯାଇଁ ବୈଜ୍ଞାନିକ ଅଦ୍ୱୈତବାଦକୁ ବୁଝିବାକୁ ସକ୍ଷମ ହେବ । ବାସ୍ତବିକତା ପ୍ରତି ଦୃଷ୍ଟି ପଡ଼ିବ । ତେଣୁ ଗାନ୍ଧୀଜୀ ଜନଶକ୍ତି ପ୍ରତି ଦୃଷ୍ଟି ଦେଇ ପଞ୍ଚାୟତ ସୃଷ୍ଟି ପ୍ରତି ଗୁରୁତ୍ୱ ଦେଇଥିଲେ । ତାହାହେଲେ ଲୋକମାନେ ବାସ୍ତବିକତା ପ୍ରତି ଅଧିକ ଦୃଷ୍ଟି ଦେବାକୁ ସକ୍ଷମ ହେବେ ଓ ନୂତନ ରାଷ୍ଟ୍ର ଗଠନର ଦାୟିତ୍ୱବୋଧତା ଉପଲବ୍ଧି କରିପାରିବେ ।



# ଗିପ୍ସମୁଣ୍ଡେଁ ସ୍ପୃ

ଶ୍ରୀ ଚକୈଳାସ ଚନ୍ଦ୍

ଗତ ଅପ୍ରେଲ ୧୯ ତାରିଖ ସକାଳ ୯ଟା । ହଠାତ୍ ଖବର ଆସିଲା ରସାନନ୍ଦ ବାବୁ ଗ୍ରସିଗ
ମହାନ୍ତି ଶିକ୍ଷା ବିଭାଗରେ ସହକାରୀ ଆର୍ଥିକ ପରାମର୍ଶଦାତା ଥିଲେ । ଅସୁସ୍ଥତା ଯୋଗୁଁ କିଛି ଦିନ ଛୁ
ଛୁଟିରୁ ଫେରି କାର୍ଯ୍ୟରେ ଯୋଗ ଦେବାର ଦ୍ୱିତୀୟ ଦିନ ହୃଦରୋଗ ଯୋଗୁଁ ହଠାତ୍ ତାଙ୍କର ମହାପ୍ରୟା
ମାତ୍ର ୫୨ ବର୍ଷ ହୋଇଥିଲା । ଅତ୍ୟନ୍ତ ଅପରିପକ୍ୱ ବୟସରେ ୫ଟି ସନ୍ତାନ ଓ ବିଧବା ପତ୍ନୀଙ୍କୁ ଶୋକସା
ଦେଇ ରସାନନ୍ଦ ବାବୁ ଇହଲୀଳା ସମ୍ବରଣ କଲେ ।

କୁଳମଣି ଜେନା ଫାଇନାନ୍ସ୍ ଡ଼ିପାର୍ଟମେଣ୍ଟର ଜଣେ ଡ଼ାଏରିଷ୍ଟ । ବୟସ ମାତ୍ର ୫୫ ବର୍ଷ । ନି
ଆସନ୍ତି । ହଠାତ୍ ଦିନେ ଦେଖାଗଲା ସେ କାର୍ଯ୍ୟକୁ ଆସି ନାହାନ୍ତି । ସେଦିନ ଅପରାହ୍ନରେ ଖବର ଅ
ଯାଇଛନ୍ତି । ତାଙ୍କର ଶବ ତାଙ୍କ ଗ୍ରାମକୁ ନେଇ ସତ୍କାର କରାଗଲା । ୪।୫ଟି ଅପ୍ରାପ୍ତ ବୟସ୍କ ପିଲ
ଶୋକ ସାଗରରେ ବୁଡ଼ାଇ ଦେଇ ସେ ସବୁଦିନ ପାଇଁ ଆଖି ବୁଜିଲେ ।

କେ. ଜେ. ଏସ୍. ଡ଼େଭିଡ୍ ଗଞ୍ଜାମଜିଲ୍ଲା ଜଗନ୍ନାଥପୁର ବ୍ଲକ୍‌ରେ ଜଣେ ଏକ୍ସ୍‌ଟେସନ ଅଫିସର ।
ମୁନରେ ମୁନେ ନାହିଁ । ଅନ୍ୟ ସଂପତ୍ତିତ ଦୂରର କଥା, ସ୍ତ୍ରୀ ଆଗରୁ ଗ୍ଲିଯାଇଥିଲେ । ଅତି ଦୁଃଖରେ
ଏକା ଏକା ବହନ କରୁଥିଲେ । ବିଧିର କି ବିଡ଼ମ୍ବନା । ତାଙ୍କର ମହାପ୍ରୟାଣ ହୋଇଗଲା । ୯ଟି
ହୋଇଗଲେ ।

ଧୋବେଇ ସେନାପତି ଭୁବନେଶ୍ୱରର ଶ୍ରମ ଡ଼ିପାର୍ଟମେଣ୍ଟରେ ଜଣେ ଅଡ଼ିଟ ସୁପରିନ୍‌ଟେଣ୍
୪୫ ବର୍ଷ । ଦିନେ ରାତି ୧୦ଟା ବେଳେ ସ୍କୁଟରରେ ଗ୍ରାମରୁ ଭୁବନେଶ୍ୱର ଆସୁଥିଲେ । ଦୁର୍ଭାଗ୍ୟବଶତଃ
ସାଇକଲ ଚାଳକୀ ସହ । ତାକୁ ରକ୍ଷା କରିବାକୁ ଯାଇ ଧୋବେଇ ବାବୁ ସ୍କୁଟର ସହିତ ଛିଟିକି ପଡ଼ି
ସେଥିରେ ତାଙ୍କର ମୃତ୍ୟୁ ହେଲା । ୪।୫ଟି ପିଲା, ପିତାମାତା ଓ ବିଧବା ପତ୍ନୀଙ୍କୁ ଶୋକ ସାଗ
ଧୋବେଇବାବୁ ଆରପାରିକୁ ଗ୍ଲିଗଲେ ସବୁଦିନ ପାଇଁ ।

ସୁଧାକର ଘଡ଼େଇ ରାଜ୍ୟ ହାଉସିଂ ବୋର୍ଡର ଥିଲେ ଆକାଉଣ୍ଟସ୍ ଅଫିସର । ଯକୃତ ରୋଗ ଯୋଗୁଁ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଶେଷରେ ସେହି ରୋଗରେ ତାଙ୍କର ମୃତ୍ୟୁ ଘଟିଲା । ୬ଟି ସନ୍ତାନ ଓ ବିଧବା ପତ୍ନୀ ଅସହାୟ ଅବସ୍ଥାରେ ରହିଲେ ।

ସରକାରୀ ଚାକିରି କ୍ଷେତ୍ରରେ ଅପରିପକ୍ୱ ବୟସରେ ମରିଯାଉଥିବାର ଦୃଷ୍ଟାନ୍ତ ଅନେକ । ଲେଖି ବସିଲେ ମହାଭାରତ ହେବ, ପଢିଲେ ଆଖିରୁ ଲୁହ ବହିବ, ଦେହ ଶୀତେଇ ଉଠିବ । ଜୀବନ ନପରୁ ଭରସା ତୁଟିଯିବ ।

ଯେଉଁ ସରକାରୀ କର୍ମଚାରୀ ମରିଯାଉଛନ୍ତି ସେମାନଙ୍କ ପରିବାରର କ୍ଷତି ଜୀବନବ୍ୟାପୀ ଅପୂରଣୀୟ । କେଉଁଠି ବିଧବା ପତ୍ନୀ ନୀରବରେ ଅଶ୍ରୁ ଢାଳୁଛି । ଅର୍ଥନୈତିକ ରୂପରେ ପରିବାର ଭାଙ୍ଗି ପଡୁଛି । କେଉଁଠି ପାଠ ପଢିବା ପିଲା ପଇସା ଅଭାବରୁ ପାଠପଢ଼ା ବନ୍ଦ କରି ଦେଉଛି ତ କେଉଁଠି ଅଭିଆଡ଼ି ଝିଅ ବିଭା ହୋଇ ପାରୁନାହିଁ । ସରକାରୀ ଚାକିରି ଯୋଗେ ଦୂରରେ ରହିବାରୁ ବହୁତ କ୍ଷେତ୍ରରେ ମୃତ କର୍ମଚାରୀଙ୍କ ପରିବାର ମଫସଲଠାରୁ ବିଚ୍ଛିନ୍ନ ହୋଇ ପଡ଼ନ୍ତି ଓ ପୈତୃକ ସଂପତ୍ତିରୁ କୌଣସି ଆୟ ପାଆନ୍ତି ନାହିଁ । ସୁତରାଂ ହତାଶ ଓ ନିରାଶରେ ଜୀବନ ଅତିବାହିତ କରନ୍ତି । ଏହି ହତାଶ ଅନ୍ଧକାର ପରିପ୍ରେକ୍ଷୀରେ ସମୂହ ବୀମା ଯୋଜନା ଜାଳି ଦେଇଛି ଏକ କ୍ଷୀଣ ଆଲୋକ ଶିଖା । ଉଦ୍‌ବେଳିତ ଶୋକସାଗର ଲଂଘନ କରିବାକୁ ଯୋଗାଇଛି ଏକ ଛୋଟ ଆହୁଲା !

ଉପରୋକ୍ତ ପ୍ରତ୍ୟେକ କ୍ଷେତ୍ରରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମିଳିଛି ଆର୍ଥିକ ସାହାଯ୍ୟ । ଏହା ଯଥେଷ୍ଟ ନ ହେଲେ ମଧ୍ୟ ସେମାନଙ୍କର ଅଭାବ ସେ କିଛିତ ପୂରଣ କରିଛି, ଏହା ନିଃସନ୍ଦେହରେ କୁହାଯାଇପାରେ । ସମୂହ ବୀମା ଯୋଜନାରୁ ରସାନନ୍ଦ ସାହୁଙ୍କ ପରିବାରକୁ ମିଳିଛି ଟ ୧୭,୫୦୦/- । ରୁକ୍ମଣି ଜେନାଙ୍କ ପରିବାରକୁ ମିଳିଛି ଟ ୭,୫୦୦/- । ଧୋବେଇ ସେନାପତିଙ୍କ ପରିବାରକୁ ମିଳିଛି ଟ ୧୨,୫୦୦/- । ଜେ. ଜେ. ଏସ୍. ଡେଭିଡ଼ଙ୍କ ପରିବାରକୁ ଟ ୭,୫୦୦/- । ସୁଧାକର ଘଡ଼େଇଙ୍କ ପରିବାର ପାଇଛନ୍ତି ଟ ୧୨,୫୦୦/- ଓ ସେଥିରେ ଆଉ କିଛି ଟଙ୍କା ମିଶାଇ ଭୁବନେଶ୍ୱରରେ ଗୋଟିଏ ଛୋଟ ଘର କିଣି ଯଥାତଥା ଥଇଥାନ ହୋଇଯାଇଛନ୍ତି ।

ସରକାରୀ କର୍ମଚାରୀଙ୍କର ସମୂହ ବୀମା ଯୋଜନା ଆରମ୍ଭ ହେଲା ୧୯୭୯ ମସିହା ଅପ୍ରେଲ ପହିଲଠାରୁ ଏହି ଯୋଜନା ଅନୁସାରେ ପ୍ରତ୍ୟେକ କର୍ମଚାରୀ ଏକ ମୁଠରେ ନିର୍ଦ୍ଦିଷ୍ଟ ପରିମାଣର ଜମା ଦେଇଥାନ୍ତି । ଚାକିରି କାଳରେ କର୍ମଚାରୀଙ୍କର ମୃତ୍ୟୁ ନ ଘଟିଲେ ସେ ଉକ୍ତ ଜମା ବିନା ସୁଧରେ ଚାକିରି ଶେଷହେଲାପରେ ଫେରସ୍ତ ପାଆନ୍ତି । ଯଦି ଚାକିରି କାଳରେ କୌଣସି କର୍ମଚାରୀଙ୍କ ମୃତ୍ୟୁ ହୁଏ, ତେବେ ତାଙ୍କ ପରିବାର ଉକ୍ତ ଜମା ଇନ୍‌ସୁରାନ୍‌ସ୍ ଟଙ୍କା ଓ ତା' ଉପରେ ଶୁଦ୍ଧି କ୍ରିୟା ପାଇଁ ଆର୍ଥିକ ସାହାଯ୍ୟ ପାଆନ୍ତି ।

ଏହି ଯୋଜନାରେ ସରକାରୀ କର୍ମଚାରୀଙ୍କୁ ୩ ଶ୍ରେଣୀରେ ବିଭକ୍ତ କରାଯାଇଛି । ଯେଉଁମାନଙ୍କର ଦରମା ମାସିକ ଟ ୪୫୦/- ପର୍ଯ୍ୟନ୍ତ, ସେମାନେ ମୋଟରେ ଟ ୨୨୫/- ଜମା ଦିଅନ୍ତି । ମରିଗଲେ ସେମାନଙ୍କର ପରିବାର ଇନ୍‌ସୁରାନ୍‌ସ୍ ବାବଦକୁ ଟ ୭,୫୦୦/- ପାଆନ୍ତି । ଏହା ବ୍ୟତୀତ ଶୁଦ୍ଧିକ୍ରିୟା ବାବଦକୁ ଟ ୭୫୦/- ଓ ଜମା ଟଙ୍କା ଟ ୨୨୫/- ମଧ୍ୟ ଫେରସ୍ତ ପାଆନ୍ତି । ମୋଟରେ ଏହିପରି ଟ ୮,୪୭୫/- ସେମାନଙ୍କର ପରିବାର ପାଆନ୍ତି । ଯେଉଁମାନଙ୍କର ଦରମା ଟ ୪୫୦/-ଠାରୁ ବେଶୀ ଓ ଟ ୯୪୦/- ପର୍ଯ୍ୟନ୍ତ, ସେମାନେ ଜମା ଦିଅନ୍ତି ଟ ୪୫୦/- । ମରିଗଲେ ତାଙ୍କ ପରିବାର ପାଆନ୍ତି ଇନ୍‌ସୁରାନ୍‌ସ୍ ବାବଦକୁ ଟ୧୨,୫୦୦/-, ଶୁଦ୍ଧିକ୍ରିୟା ବାବଦକୁ ଟ୧,୨୫୦/- ଓ ଜମା ଟଙ୍କା ଟ୪୫୦/- ଏହିପରି ମୋଟ ଟ୧୪,୨୦୦/- । ଯେଉଁମାନଙ୍କର ଦରମା ଟ୯୪୦/-ଠାରୁ ବେଶୀ, ସେମାନେ ଜମା ଦିଅନ୍ତି ଟ୯୦୦/- । ମରିଗଲେ ତାଙ୍କ ପରିବାର ପାଆନ୍ତି ଇନ୍‌ସୁରାନ୍‌ସ୍ ବାବଦକୁ ଟ୧୭,୫୦୦/-, ଶୁଦ୍ଧିକ୍ରିୟା ବାବଦକୁ ଟ୧,୭୫୦/- ଓ ଜମା ଟଙ୍କା ଟ୯୦୦/-, ଏହିପରି ମୋଟ ଟ୨୦,୧୫୦/- ।

ମାତ୍ର ଏକ ବର୍ଷ ହେଲା ଏହି ସମୂହ ବୀମା ଯୋଜନା କାର୍ଯ୍ୟକାରୀ ହୋଇଥିଲେ ହେଁ ଏହି ଅଳ୍ପ ସମୟ ମଧ୍ୟରେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଏହା ବେଶ୍ ଲୋକପ୍ରିୟ ହୋଇ ପାରିଛି । କାରଣ ହେଉଛି ଜଣେ କର୍ମଚାରୀ ମରିଗଲେ ମାତ୍ର ୭।୮ ଦିନ ଭିତରେ ଏହି ବାବଦ ସବୁ ଟଙ୍କା ତାଙ୍କ ଘର ପାଖରେ ମିଳିଯାଉଛି । ଅତି ଅଭାବ ଓ ହତାଶ ସମୟରେ ଏହି ଅର୍ଥ ତାଙ୍କ ପରିବାରର କାର୍ଯ୍ୟରେ ଲାଗୁଛି । ଏହା ଜଣା ଶୁଣା କଥା ଯେ କର୍ମଚାରୀ ଜଣେ ମରିଗଲେ ତାଙ୍କ ପେନ୍‌ସନ୍, ଗ୍ରାଚୁଇଟି ଓ ପ୍ରୋଭିଡେଣ୍ଟ ଫଣ୍ଡ ଇତ୍ୟାଦି ଇତ୍ୟାଦି ତାଙ୍କର ବିଭିନ୍ନ ସରକାରୀ ପାଉଣା ପାଇବା ସମୟସାପେକ୍ଷ । ଅବଶ୍ୟ ବର୍ତ୍ତମାନ ଭାରତ ସରକାର ଓ ଓଡ଼ିଶା ସରକାର ଏଦିଗରେ ନିୟମ ସରଳ କରିବା ପାଇଁ ବହୁତ ପଦକ୍ଷେପ ନେଲେଣି । ଅତିଶୀଘ୍ର ମୃତ କର୍ମଚାରୀଙ୍କ ପାଉଣା ତାଙ୍କ ପରିବାରକୁ ଦେବାଲାଗି ଗୁରୁତ୍ୱ ଆରୋପ କରାଯାଉଛି । ତଥାପି ସବୁ ପାଉଣା ମିଳିବା ଲାଗି ୩।୪ମାସ ସମୟ ଲାଗିବା ସ୍ୱାଭାବିକ । ମାତ୍ର ସମୂହ

ବୀମା ଯୋଜନାରେ ଟଙ୍କା ମିଳିବା ପାଇଁ ଆଦୌ ବିଳମ୍ବ ହେଉ ନାହିଁ । କର୍ମଚାରୀ ଜଣେ ମରିଗଲେ ତାଙ୍କ ମୃତ୍ୟୁ ସମ୍ବାଦ ତାଙ୍କ ଅଫିସର ମୁଖ୍ୟ ଭୁବନେଶ୍ୱରରେ ଅବସ୍ଥିତ ଗ୍ରୁପ୍ ଇନ୍ସୁରାନ୍ସର ବ୍ରାଞ୍ଚ-ମ୍ୟାନେଜରଙ୍କୁ ଜଣାଇଦେଲେ ଓ ଗୋଟିଏ ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରି ପଠାଇ ଦେଲେ ମାତ୍ର ୭/୮ ଦିନ ଭିତରେ ଟଙ୍କା ମିଳିଯାଏ । କର୍ମଚାରୀଙ୍କ ମୃତ୍ୟୁ ବିଷୟରେ ଅଫିସର ମୁଖ୍ୟଙ୍କ ହୃଦବୋଧ ହେଲେ ଡାକ୍ତରୀ ସାର୍ଟିଫିକେଟର ଆବଶ୍ୟକତା ହୁଏ ନାହିଁ । ଇନ୍ସୁରାନ୍ସ୍ କଲବେଳେ ଡାକ୍ତରୀ ସାର୍ଟିଫିକେଟର ଆବଶ୍ୟକତା ନଥିଲା ଓ ବୟସର ତାରତମ୍ୟ ଯୋଗୁଁ ଅଧିକ ଟଙ୍କା ଦେବାର ପ୍ରଶ୍ନ ନଥିଲା । ଇନ୍ସୁରାନ୍ସ୍ ଟଙ୍କା ଯାହା-ନାମରେ ଲେଖାଯାଇଛି ତାଙ୍କୁ ବା ମୃତ ବ୍ୟକ୍ତିଙ୍କ ପରିବାରର ଯେ କୌଣସି ଲୋକଙ୍କୁ ଦିଆଯାଇପାରେ । ଯଦି ଏ ବିଷୟରେ ବିବାଦ ଉପୁଜେ, ତେବେ ଆଇନ ଅନୁସାରେ ଟଙ୍କା ଦିଆଯାଏ । ସବୁ ପ୍ରକାର ମୃତ୍ୟୁ ପାଇଁ ଏ ସାହାଯ୍ୟ ମିଳେ । ସ୍ୱାଭାବିକ ମୃତ୍ୟୁ ହେଉ ବା ଆତ୍ମହତ୍ୟା ପରି ଅସ୍ୱାଭାବିକ ମୃତ୍ୟୁ ହେଉ । ମୋଟ ଉପରେ ମୃତ କର୍ମଚାରୀଙ୍କ ହତଭାଗ୍ୟ ପରିବାରକୁ ସାହାଯ୍ୟ କରିବାକୁ ଯେପରି ଏ ଯୋଜନା ସର୍ବଦା ଇଚ୍ଛୁକ ଓ ଓ ଆଗ୍ରହୀ । ସରକାରୀ ଅଫିସର ନାଲିଫିତାଠାରୁ ଉପରେ ରହି ଅତି ସହଜ ଓ ସରଳ ପ୍ରଣାଳୀରେ ଅତି ଅଳ୍ପ ସମୟ ମଧ୍ୟରେ ଦାବୀଗୁଡ଼ିକ ଫଇସଲ କରା-ଯାଉଛି । ଡେରିହେଲେ ଅର୍ଥ ବିଭାଗକୁ ଲେଖିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରାଯାଏ । ଗତ ଏକ ବର୍ଷ ମଧ୍ୟରେ ମୋଟରେ ୪୩୫ ଜଣ ମୃତ କର୍ମଚାରୀଙ୍କୁ ମୋଟରେ ପ୍ରାୟ ଚାଳିଶ ଲକ୍ଷ ଟଙ୍କା ସାହାଯ୍ୟ ଏ ଯୋଜନାରୁ ମିଳି ସାରିଲାଣି । ଏହି ମାପକାଠି ଏ ଯୋଜନାର ଲୋକପ୍ରିୟତାର ପରିଚାୟକ ।

ଏହି ଯୋଜନାର ଲୋକପ୍ରିୟତାର ଅନ୍ୟ ଏକ କାରଣ ହେଉଛି ଇନ୍ସୁରାନ୍ସ୍ ପାଇଁ ଜମା ନେବାର ସଙ୍କେତ ସ୍ୱରୂପ ପ୍ରତ୍ୟେକ କର୍ମଚାରୀଙ୍କୁ ଖଣ୍ଡିଏ ପାଶ୍ ବୁକ୍ ମିଳେ । ମୋଟରେ ଦୁଇଲକ୍ଷ ସରକାରୀ କର୍ମଚାରୀ, ୩,୨୦୦ ଅଫିସରେ ରାଜ୍ୟବ୍ୟାପୀ ରହିଛନ୍ତି । ଏହି ସମସ୍ତ କର୍ମଚାରୀଙ୍କୁ ପାଶ୍ ବହି ମିଳି ଗଲାଣି । କୌଣସି କର୍ମଚାରୀ ମରିଗଲେ ତାଙ୍କ ପରିବାର ଉକ୍ତ ପାଶ୍ ବହି ଖଣ୍ଡିକ ଇନ୍ସୁରାନ୍ସ୍‌ର ନିଦର୍ଶନରୂପେ ବ୍ୟବହାର କରି ଦାବୀ ଉପସ୍ଥାପିତ କଲେ ଉପରୋକ୍ତ ପ୍ରଣାଳୀରେ ଟଙ୍କା ମିଳି ପାରିବ ।

ସମୂହ ବୀମା ଯୋଜନାରେ କେବଳ ଆମ ରାଜ୍ୟରେ ନୁହେଁ, ଭାରତର ଅନ୍ୟ କେତେକ ରାଜ୍ୟରେ ସରକାରୀ କର୍ମଚାରୀ ଓ ଅନ୍ୟ କର୍ମଚାରୀଙ୍କ ପାଇଁ ପ୍ରବର୍ତ୍ତନ
ଯାଇଛି । ନିକଟରେ କେନ୍ଦ୍ର ସରକାର
କର୍ମଚାରୀମାନଙ୍କ ପାଇଁ ଅନୁରୂପ ଯୋଜନା ପ୍ର
କରିଛନ୍ତି । ଏହାଛଡ଼ା ଉତ୍ତର ପ୍ରଦେଶ, ତାମିଲ
ମହାରାଷ୍ଟ୍ର ଓ ଗୁଜରାଟ ପରି ଅନେକ ରାଜ୍ୟ ସେମାନ
କର୍ମଚାରୀଙ୍କ ପାଇଁ ଉକ୍ତ ଯୋଜନା କାର୍ଯ୍ୟକାରୀ କରି
ପ୍ରତ୍ୟେକ ଯୋଜନା ଅନ୍ୟଠାରୁ ପ୍ରଣାଳୀରେ
ଯଦିଚ ସମସ୍ତଙ୍କର ଉଦ୍ଦେଶ୍ୟ ଏକ । ମୃତ କର୍ମ
ପରିବାରକୁ ଆର୍ଥିକ ସାହାଯ୍ୟ ଦେବା । ଏହି
ଯୋଜନା ତୁଳନାରେ ଆମ ରାଜ୍ୟର ସମୂହ
ଯୋଜନା କୌଣସି ଗୁଣରେ ନ୍ୟୁନ ନୁହେଁ ।

ଏହି ନୂତନ ଯୋଜନାଟିକୁ ଆହୁରି ଲୋକ
ସକ୍ରିୟ କରିବା ପାଇଁ ସମସ୍ତ କର୍ମଚାରୀମାନ
ବିଶେଷତଃ ଅଫିସର ମୁଖ୍ୟମାନଙ୍କୁ ଗୋଟିଏ ନିବେ
ଯେତେବେଳେ କୌଣସି କର୍ମଚାରୀ ଦୁର୍ଭାଗ
ମରିଯାଉଛନ୍ତି, ଅତିଶୀଘ୍ର ନିର୍ଦ୍ଦିଷ୍ଟ ଫର୍ମରେ
ପୂରଣ କରି ଭୁବନେଶ୍ୱରରେ ଅବସ୍ଥିତ ଗ୍ରୁ
ରାନ୍ସ୍‌ର ବ୍ରାଞ୍ଚମ୍ୟାନେଜରଙ୍କ ପାଖକୁ ପତ୍
ଅଫିସର ମୁଖ୍ୟ ହେଉଛନ୍ତି ସେହି ଅଫିସର
ମାନଙ୍କର ଅଭିଭାବକସଦୃଶ । ସେମାନଙ୍କର
ଦାୟିତ୍ୱ ହେଲା ମୃତ କର୍ମଚାରୀଙ୍କ ପରିବାର
ତୁରନ୍ତ ଏହି ଯୋଜନା ଅନୁସାରେ ଅର୍ଥ
ପାଆନ୍ତି । ବହୁତ କ୍ଷେତ୍ରରେ ଦେଖା ଯାଉଛି,
ଜଣେ ମରିଗଲେ ତାଙ୍କ ପରିବାର ତାଙ୍କ
ଅନ୍ୟ ସ୍ଥାନକୁ ଚାଲିଯାଆନ୍ତି, ପୂର୍ବ ସ୍ଥାନରେ ରହ
ତେଣୁ ସେମାନଙ୍କ ଠାରୁ ସମସ୍ତ ତଥ୍ୟ ସଂଗ୍ରହ
କଷ୍ଟକର ଓ ସମୟସାପେକ୍ଷ । ଅଫିସର ମୁଖ୍
ଆଗ୍ରହ ପ୍ରକାଶ କରି କୌଣସି ପ୍ରକାରେ ଫ
କରି ପଠାଇ ଦେଲେ ଟଙ୍କା ପାଇବା ପାଇଁ
ଅବକାଶ ରହିବ ନାହିଁ । ବୀମା ଅଫିସରେ
ହେଲେ ଅର୍ଥ ବିଭାଗକୁ ଲେଖନ୍ତୁ । ମାତ୍ର ନିଜ
ବିଳମ୍ବ ହେଲେ ସେମାନେ ନିଜେ ହିଁ ଦାୟୀ
ମୃତ୍ୟୁ ସମ୍ବାଦ ନିର୍ଭୁଲ ହୋଇଥାଏ ଓ ପରି
ଟଙ୍କା ଦେବାରେ ନମିନେଶନ ଥାଏ ତା
ବାଦ ବିସମ୍ବାଦ ନ ଥାଏ, ତେବେ ସୁପାରିଶ
କରିବାରେ କୌଣସି ଅସୁବିଧା ନାହିଁ । ନି
ମୃତ କର୍ମଚାରୀଙ୍କ ପରିବାର ପ୍ରତି ଏହି ଗ୍ରୁ
ଦାୟିତ୍ୱ ଆଗ୍ରହ ସହକାରେ ତୁଲାଇଲେ ସେ
କର୍ମଚାରୀମାନଙ୍କ ମଧ୍ୟରେ ଅଧିକ ଲୋକପ୍ରି
ପାରିବେ ଓ ତା ଦ୍ୱାରା ତାଙ୍କର କାର୍ଯ୍ୟଦ
ପାରିବ ।

# ଶୁଷ୍କାଞ୍ଚଳ ଚାଷରେ ଚିଚଲି ଗ୍ରାମର ସାଫଲ୍ୟ

ଶ୍ରୀ ନରେନ୍ଦ୍ରନାଥ ଚୌଧୁରୀ

ଗତ ତା ୩୦-୮-୧୯୭୭ ରିଖ ଦିନ ଶ୍ରୀ କୀର୍ତ୍ତନ ପ୍ରଧାନ ବି. ଡି. ଓ. ଶ୍ରୀ ବିଶ୍ୱନାଥ ପାଢ଼ୀ, କୃଷି ସଂପ୍ରସାରଣ ଅଧିକାରୀ ଶ୍ରୀ ବିଦ୍ୟାଧର ବିହାରୀ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସହ ଚିଚଲି ଗ୍ରାମ ପରିଦର୍ଶନ କରିଥିଲି ।

କେସିଙ୍ଗା ଭବାନୀପାଟଣା ରୋଡ଼ରେ କେସିଙ୍ଗା ଠାରୁ ୭ କି. ମି. ଦୂରରେ ଗୋଟିଏ ପାହାଡ଼ ତଳେ ଏହି ଗ୍ରାମଟି ଅବସ୍ଥିତ । ଗ୍ରାମର ମୋଟ ଚାଷଜମି ୩୪୫ ହେକ୍ଟର ମଧ୍ୟରୁ ଡିପଜମି ୧୭୦ ହେକ୍ଟର । ଗ୍ରାମଟିରେ ୧୬୬ ଗୋଟି ଚାଷୀ ପରିବାର ବାସ କରନ୍ତି । ଆଦିବାସୀ ଓ ହରିଜନଙ୍କର ସଂଖ୍ୟା ମିଶି ୫୪ । ସମୁଦାୟ ଚାଷୀ ପରିବାର ମଧ୍ୟରୁ କ୍ଷୁଦ୍ର ଓ ଅତିକ୍ଷୁଦ୍ର ପରିବାର ସଂଖ୍ୟା ୯୩ ।

ଏହି ଗ୍ରାମର ହାରାହାରି ବୃଷ୍ଟିପାତ ପରିମାଣ ପ୍ରାୟ ୩୫ ଇଞ୍ଚ । ସେଚକୂପ (Dugwell) ହିଁ ଜଳସେଚନର ଏକମାତ୍ର ପନ୍ଥା । ଏଣୁ ଅଣଜଳସେଚିତ ଚାଷହିଁ ଚାଷୀର ଏକମାତ୍ର ସମ୍ବଳ । ଧାନ, ଗୁରୁଜି, ସୁଆଁ ଓ କୋଳଥକୁ ଛାଡ଼ିଦେଲେ ଅନ୍ୟ ଫସଲ ଚାଷ ସେମାନଙ୍କ ପାଇଁ ବିଡ଼ମ୍ବନା ଥିଲା । ଚାଷରୁ ଗୁଜୁରାଣ ମେଣ୍ଟାଇ ନ ପାରି ଡେଲୁବାଲି ଇତ୍ୟାଦିରେ କାମ କରି ଗୁଜୁରାଣ ମେଣ୍ଟାଇବା ପାଇଁ ଅନେକ ବ୍ୟାକୁଳ ହୋଇ ଧାଉଁଥିଲେ ।

ଆଜି ସେ ଗାଁର ମନୋବୃତ୍ତି ବଦଳିଛି । ଶୁଷ୍କାଞ୍ଚଳ ଯୋଜନାର ନିର୍ଦ୍ଦେଶକ, କଳାହାଣ୍ଡି ଜିଲ୍ଲା କୃଷି ଅଧିକାରୀ, ସ୍ଥିଥାଳ ଚାଷୀମାନଙ୍କ ସହ ଯୋଗାଯୋଗ ରକ୍ଷା କରି ତାଙ୍କୁ ଠିକ୍ ସମୟରେ ଉପଯୁକ୍ତ ପରାମର୍ଶ ଦେଉଛନ୍ତି । ଚାଷୀମାନେ ମଧ୍ୟ ତାଙ୍କ ପରାମର୍ଶ ଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଉଛି ।

ଆଜିକାଲି ଡିପ ଜମିରେ ଗୁରୁଜି ଚାଷ ଛାଡ଼ି ବ୍ୟାପକ ଭାବରେ ଅଧିକ ଲାଭଜନକ ମାଣ୍ଡିଆ ଚାଷ କରିବା ଦେଖାଯାଉଛି । ଆଉ ଏକ ଉଲ୍ଲେଖନୀୟ ଚାଷ ହେଉଛି ଚିନାବାଦାମ ଓ ହରଡ଼ ଚାଷ । ଜଣାଗଲା ଚାଷୀମାନେ ବୈଜ୍ଞାନିକ କୌଶଳକୁ ତାଙ୍କ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଐକ୍ୟବଦ୍ଧ । ୧୦ ଜଣ ଚାଷୀ ଏକର ପିଛା ୫୦୦ ଟଙ୍କା

ଲେଖାଏଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କେସିଙ୍ଗାରୁ ଋଣ ଆଣି ଚିନାବାଦାମ ଓ ହରଡ଼ ଚାଷ କରିଛନ୍ତି । ସେମାନେ ସେହି ଋଣରେ ଏକର ପିଛା ଟ ୨୨୫ ଙ୍କାର ବିହନ, ଟ ୧୩୦ ଙ୍କାର ସାର ଓ ଟ ୪୫ ଙ୍କାର କୀଟନାଶକ ଔଷଧ ଏବଂ ଅନ୍ତଃଚାଷ ପାଇଁ ଟ ୧୦୦ ଙ୍କା କରି ଋଣ ନେଇଛନ୍ତି । କ୍ଷେତ୍ରମଣି ମହଲା ନାମକ ଜଣେ ଚାଷୀଙ୍କ ସହ ଦେଖା ହେଲା । ବାସ୍ତବରେ ଫସଲର ଅବସ୍ଥା ଦେଖି ଚାଷୀ ମନରେ କି ଆନନ୍ଦ ।

ଉପର ମାଟିର ଉର୍ବର ମୃତ୍ତିକା ଅଂଶ ସ୍ଥାନାନ୍ତରିତ ହେବ ନାହିଁ । ଯାହାକି ଶୀତ ଦିନରେ ବାୟୁମଣ୍ଡଳରେ ଧୂଳିକଣା ପରିମାଣ ବୃଦ୍ଧି କରି ଏକ କ୍ରମବର୍ଦ୍ଧମାନ ପ୍ରଦୂଷଣର ସୃଷ୍ଟି କରିଥାଏ । ଅବଶ୍ୟ ଏହିଭଳି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଶୁଷ୍କାଞ୍ଚଳ ଯୋଜନା ଆନୁକୂଲ୍ୟରେ ଗ୍ରାମ ନିକଟରେ ୧୩ ଏକର ଜମିବିଶିଷ୍ଟ ଏକ ପାହାଡ଼ ଉପରେ ଜଙ୍ଗଲ ବିଭାଗ ଦ୍ୱାରା ବୃକ୍ଷ ରୋପଣ କରାଯାଉଛି । ଗ୍ରାମରେ



ଚାଷୀମାନେ କୁହନ୍ତି "ଅର୍ଥ ଲଗାଣକାରୀ ବ୍ୟାଙ୍କ୍‌ମାନେ ଏପରି ଋଣ ଠିକ ସମୟରେ ଦେଲେ ଆମ୍ଭମାନଙ୍କର ଆଉ ଅଭାବ ରହିବ ନାହିଁ ।

ବଡ଼କଥା ହେଲା ଗୋଟିଏ ଜମିରେ ଡ଼ାଲି ଓ ତୈଳବୀଜ ଫସଲର ଏକ ସମୟରେ ଚାଷ ଏବଂ ମିଶ୍ରିତ ଫସଲ ଦ୍ୱୟ ମଧ୍ୟରେ ସ୍ଥାନ ପାଇଁ ପ୍ରତିଯୋଗିତାବିହିନ କୌଶଳକୁ ପ୍ରୟୋଗ କରି ଅବଲମ୍ବନ କରାଯାଇଥିବା ଚାଷ ପ୍ରଣାଳୀ । କୃଷି ସଂପ୍ରସାରଣ ଅଧିକାରୀ ଶ୍ରୀ ପାଢ଼ୀ କହିଲେ ଶୀତଦିନ ପୂର୍ବରୁ ହରଡ଼ ଗଛ ମାଟିକୁ ଘୋଡ଼ାଇଲା ଭଳି ବଢ଼ିପାରିବ ନାହିଁ ଏବଂ ହରଡ଼ ଗଛ ଛାଇ କଲାଭଳି ବଢ଼ିବା ପୂର୍ବରୁ ଚିନାବାଦାମ ଅମଳ ସରିଥିବ । ଏଣୁ ପ୍ରତି ୫ ଧାଡ଼ିରୁ ପ୍ରଥମ ଧାଡ଼ିରେ ହରଡ଼, ଏବଂ ତା ପର ୩ ଧାଡ଼ିରେ ଚିନାବାଦାମ ଏବଂ ପଞ୍ଚମ ଧାଡ଼ିରେ ଆଉଥରେ ହରଡ଼ ଚାଷ କରାଯାଇଛି । ଧାଡ଼ି ଧାଡ଼ି ମଧ୍ୟରେ ଦୂରତା ଦିଆଯାଇଛି ୯ ଇଞ୍ଚ ।

ଏଭଳି ଚାଷଦ୍ୱାରା ଯେ କେବଳ ଚାଷୀର ଅଧିକ ଲାଭ ହେବ ତାହା ନୁହେଁ, ତା ସଙ୍ଗେ ସଙ୍ଗେ ଅଧିକ ଦିନ ଜମିକୁ ଫସଲ ଆବୃତ କରି ରଖିବାକୁ ଶୁଷ୍କାଞ୍ଚଳରେ ପ୍ରଖର ବାୟୁ ପ୍ରବାହ ଏବଂ ସିଧା ସଳଖ ବୃଷ୍ଟିପାତ ପ୍ରଭାବରୁ ଜମିକୁ ମୁକ୍ତ ରହିବା ଫଳରେ ମୃତ୍ତିକା କ୍ଷୟ ମଧ୍ୟ କମିଯିବ । ଫଳରେ

ଆସନ୍ତା ବର୍ଷ ୨୦ ଏକରରେ ଚାରାରୁ ଆମ୍ବ ବଗିଚା ଗାର୍ଡେନ (Mango in site plantation) ହାତକୁ ନିଆଯିବ ।

ପାରମ୍ପରିକ ଗୁଲ୍ଲି, କୋଳଥ ଚାଷ କରିବା ପାଇଁ ଚାଷୀର ବୈରାଗ୍ୟ ଏବଂ ଉନ୍ନତ ପ୍ରଣାଳୀ ଅବଲମ୍ବନରେ ଚାଷ କରାଯାଇଥିବା ମାଣ୍ଡିଆ, ଚିନାବାଦାମ ଓ ହରଡ଼, ମୁଗ ବୈଶାଖି ମୁଗ, ଟି–୯ ନମ୍ବର ବିରି, ସି: ଆର: ଏମ୍ ଧାନ, ଉନ୍ନତ ମକା ଓ ପନିପରିବା ଚାଷ ବାସ୍ତବରେ ଉତ୍ସାହପ୍ରଦ । କେବଳ ସେତିକି ନୁହେଁ, ମାଲ୍ ଜମିରେ ଧାଡ଼ିରେ ଅଳ୍ପ ଅମଳକ୍ଷମ ଧାନଚାଷ, ଏବଂ ୨ ଧାଡ଼ିଆ ପ୍ରଣାଳୀରେ ଉନ୍ନତ ଆଖୁଚାଷ ଦେଖି ଅଧିକ ଖୁସି ଲାଗିଲା ।

ବିଭିନ୍ନ ଫସଲ ଚାଷ ସଙ୍ଗେ ସଙ୍ଗେ ଉନ୍ନତ କୁକୁଡ଼ା ପାଳନ ପାଇଁ ମଧ୍ୟ ଶୁଷ୍କାଞ୍ଚଳ ଯୋଜନା ଚାଷୀଙ୍କୁ ଉତ୍ସାହିତ କରିଥିବା ଦେଖିଲି । ଗରିବ ଆଦିବାସୀ ଓ ହରିଜନ ମାନଙ୍କୁ ପ୍ରତ୍ୟେକ ପ୍ରାୟ ୪୫ ଗୋଟି ଉନ୍ନତ ଗଞ୍ଜା ମାଗଣାରେ ଯୋଗାଇ ଦିଆଯାଇଥିଲା । ଚଳିତ ବର୍ଷ ସେହି ଗାଁରେ ଅନେକ ଗୁଡ଼ିଏ ଉନ୍ନତ କୁକୁଡ଼ା ଛୁଆ ବୁଲୁଥିବା ଦେଖାଗଲା । ସେ ମାନଙ୍କ ସଂଖ୍ୟା କୁଆଡ଼େ ଚାରିଶହରୁ ବେଶୀ ହେବ ।

# ଆଲୁମିନିୟମ୍ ଶିଳ୍ପ ଏବଂ ଓଡ଼ିଶା

ଶ୍ରୀ ଅକ୍ଷୟ କୁମାର ନନ୍ଦ ✻ ଶ୍ରୀ ଯୁଗଳ କିଶୋର ଦାଶ

ଆଲୁମିନିୟମ ଧାତୁର ବ୍ୟବହାର ପ୍ରାୟ ସମସ୍ତଙ୍କୁ ଜଣାଥିବ କାରଣ ଏହା କେତୋଟି ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁରେ ଲାଗେ । ଇସ୍ପାତ ଶିଳ୍ପକୁ ବାଦ୍ ଦେଲେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ । ଗତ କେତେ ବର୍ଷ ମଧ୍ୟରେ ପୃଥିବୀର ଏ ଶିଳ୍ପର ବହୁତ ପ୍ରସାର ହୋଇଛି ଏବଂ ଆମ ଦେଶରେ ମଧ୍ୟ ତଦନୁରୂପ ପ୍ରସାର ଘଟିଛି । ତେବେ ଅନ୍ୟାନ୍ୟ ଉନ୍ନତ ରାଷ୍ଟ୍ରର ଉତ୍ପାଦନ ଅନୁସାରେ ଆମ ଦେଶର ଉତ୍ପାଦନ ବହୁତ କମ୍ ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ଓ ସୁଇଜରଲ୍ୟାଣ୍ଡର ମୁଣ୍ଡପିଛା ଖର୍ଚ୍ଚ (Per Capita Consumption ) ୧୭ କେ: ଜି ଓ ୧୨ କେ: ଜି ଥିଲାବେଳେ ଆମ ଦେଶରେ ମାତ୍ର ୦.୨୩ କେଜି । ଏହି ଧାତୁଟି ଖୁବ୍ ହାଲୁକା ଏବଂ ସହଜରେ ଲଗାଯାଇ ପାରିବା ହେତୁ (Fabricated) ଏହାକୁ ଅନେକଗୁଡ଼ିଏ କାର୍ଯ୍ୟରେ ବ୍ୟବହାର କରାଯାଇ ଥାଏ । ଯଥା—ଆଲୁମିନିୟମ ତାର ଆଲୁମିନିୟମ ଗୁଦର ( Sheets ) ବିଭିନ୍ନ ଯାନ୍ତ୍ରିକ ଉପକରଣ ( Engineering Tools ) ଉଡ଼ା-ଜାହାଜ ନିର୍ମାଣ ଇତ୍ୟାଦି । ଆମର ନିତ୍ୟ ବ୍ୟବହୃତ ଗୃହ ଉପକରଣ ମଧ୍ୟ ଏହି ଧାତୁରୁ ତିଆରି ହୁଏ । ଯଥା—ରୋଷେଇ ବାସନ, ଝରକା ଏବଂ କବାଟରେ ଲଗୁଥିବା ସଟର ( Shutter ) ଇତ୍ୟାଦି । ଆଲୁମିନିୟମ ଧାତୁର ସବୁଠାରୁ ବେଶୀ ଚାହିଦା ହେଉଛି ବିଦ୍ୟୁତ୍ ଶିଳ୍ପରେ । ଶତକଡ଼ା ପାୟ ୫୦ ଭାଗ ଉତ୍ପାଦନ ବିଦ୍ୟୁତ୍ ଶିଳ୍ପରେ ବ୍ୟବହୃତ ହୁଏ । ବିଦ୍ୟୁତ୍ ଯୋଗାଣ ସରବରାହ ନିମିତ୍ତ ଆଲୁମିନିୟମ ତାର ସର୍ବାପେକ୍ଷା ଅଧିକ ବ୍ୟବହାର ହୁଏ । ଏହି କାରଣରୁହିଁ ବିଦ୍ୟୁତ୍ ଶିଳ୍ପ ଅନେକାଂଶରେ ଆଲୁମିନିୟମ ଧାତୁ ଉତ୍ପାଦନ ଉପରେ ନିର୍ଭର କରେ ।

## ଆଲୁମିନିୟମ ଶିଳ୍ପ

ଭାରତରେ ଏହି ଶିଳ୍ପ ପ୍ରଥମେ ଆରମ୍ଭ ହୁଏ ୧୯୪୩ ମସିହାରେ । ଭାରତୀୟ ଆଲୁମିନିୟମ କଂପାନୀ (INDALCO) ଓ ଆଲୁମିନିୟମ କର୍ପୋରେସନ (ଭାରତ) ଏହିପରି ଦୁଇଟି ସଂସ୍ଥା ପ୍ରଥମ କାରଖାନା ସ୍ଥାପନ କଲେ । ୧୯୪୩ ଠାରୁ ୧୯୫୦ ମସିହା ମଧ୍ୟରେ ଏହି ଦୁଇ ସଂସ୍ଥାର ବାର୍ଷିକ ଧାତୁ ଉତ୍ପାଦନ ୧,୬୭୨ ଟନରୁ ୩,୪୯୪ ଟନକୁ ବୃଦ୍ଧି

ପାଇଥିଲ । ବର୍ତ୍ତମାନ ଭାରତରେ ୭ଟି ଆଲୁମିନିୟମ କାରଖାନା ଅଛି, ଯାହାରତି ବାର୍ଷିକ ଉତ୍ପାଦନ କ୍ଷମତା ହାରାହାରି ୩ ଲକ୍ଷ ଟନ୍ । ଭାରତୀୟ ଆଲୁମିନିୟମ କଂପାନୀ ଏକ ରାଷ୍ଟ୍ରାୟତ୍ତ ସଂସ୍ଥା । ଏହାର ଉତ୍ପାଦନ କ୍ଷମତା ଅନ୍ୟାନ୍ୟ କାରଖାନାଠାରୁ ବେଶୀ । ନିମ୍ନରେ ବିଭିନ୍ନ କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ଦିଆଗଲା:—

ବେସରକାରୀ ସଂସ୍ଥା:—( Private Sector )

| | | |
|---|---|---|
| INDALCO ହୀରାକୁଦ— | ୨୦.୩୨୦ | ଟନ୍ |
| ଆଲୱେ— | ୧୫.୮୫୦ | ଟନ୍ |
| ବେଲ ଗାଓଁ— | ୬୦,୦୦୦ | ଟନ୍ |
| ହିନ୍ଦୁସ୍ଥାନ ଆଲୁମିନିୟମ କର୍ପୋରେସନ— ରେନୁକୋଟ୍ ( U. P. ) | ୯୫,୦୦୦ | ଟନ୍ |
| ମାଡ୍ରାଜ ଆଲୁମିନିୟମ କଂପାନୀ— ମେଟୁର | ୨୫,୦୦୦ | ଟନ୍ |
| ଆଲୁମିନିୟମ କର୍ପୋରେସନ— ଆସାନସୋଲ | ୯,୦୦୦ | ଟନ୍ |

ରାଷ୍ଟ୍ରାୟତ୍ତ ଶିଳ୍ପ—

| | | |
|---|---|---|
| ୧ । ଭାରତ ଆଲୁମିନିୟମ କଂପାନୀ— | ୫୦,୦୦୦ | ଟନ୍ |
| କୋରବା | ୫୦,୦୦୦ | (ପ୍ରସ୍ତାବିତ) |

୧୯୭୬ ମସିହାରେ ଏହି ଧାତୁର ଉତ୍ପାଦନ ୨'୧୦ ଲକ୍ଷ ଟନ ହୋଇଥିଲ ଏବଂ ଏହା ୧୯୭୫ ମସିହା ଉତ୍ପାଦନ ତୁଳନାରେ ଶତକଡ଼ା ୨୬ ଭାଗ ବେଶୀ । ଭାରତରେ ଆଲୁମିନିୟମ ଶିଳ୍ପର ବିକାଶ ନିମିତ୍ତ ଏକ ସୁଚିନ୍ତିତ ପରିକଳ୍ପନା କରାଯାଇଛି । ଏହି ଶିଳ୍ପଟି ଅଧିକ ମାତ୍ରାରେ ବିଦ୍ୟୁତ ଶକ୍ତି ଉପରେ ନିର୍ଭର କରୁଥିବାରୁ ଏହାର ଅଭିବୃଦ୍ଧି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସହିତ ସଂପୂର୍ଣ୍ଣ ଭାବରେ ଜଡ଼ିତ । ବିଦ୍ୟୁତ୍ ଶକ୍ତିର ହାର (Tarif) ଉପରେ ଆଲୁମିନିୟମ ଧାତୁର ଉତ୍ପାଦନ ଖର୍ଚ୍ଚ (Production Cost) ପୂରାମାତ୍ରାରେ ନିର୍ଭର କରେ କାରଣ ଏକ ଟନ ଆଲୁମିନିୟମ ଧାତୁ ଉତ୍ପାଦନ ନିମିତ୍ତ ୧୬,୦୦୦ K. W. H. ବିଦ୍ୟୁତ ଶକ୍ତି ଦରକାର ହୋଇଥାଏ । ଏହି କାରଣରୁ ଆଲୁମିନିୟମ ଶିଳ୍ପ ନିମିତ୍ତ ବିଦ୍ୟୁତ ଶକ୍ତି ଯୋଗାଇବା ପାଇଁ ଏକ ଜାତୀୟ ନୀତି ପ୍ରସ୍ତୁତ କରାଯାଉଛି । ଏହି ଶିଳ୍ପକୁ ନିଜର ବ୍ୟବହାର ଲାଗି ବିଦ୍ୟୁତ ଉତ୍ପାଦନ (Captive Power Plant) କରିବା ନିମିତ୍ତ କ୍ଷମତା ଦିଆଯିବା ବିଷୟଟି ବିଚାର କରାଯାଉଛି । ଏହି କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତ୍ତି ହେଲେ ଆଲୁମିନିୟମ ଶିଳ୍ପର ବିକାଶ ସହଜରେ ହୋଇପାରିବ ।

## କଞ୍ଚାମାଲ-Raw Material

ଆଲୁମିନିୟମର ଉତ୍ପାଦନରେ ଯେଉଁଗୁଡ଼ିକ କଞ୍ଚାମାଲ ବ୍ୟବହୃତ ହୁଏ, ତନ୍ମଧ୍ୟରୁ ବକ୍ସାଇଟ୍, କଷ୍ଟିକ ସୋଡ଼ା ଏବଂ କୋଇଲା ପ୍ରଧାନ ଅଟେ । ଆଲୁମିନିୟମ ଧାତୁ ବକ୍ସାଇଟ ନାମକ ଏକ ଖଣିଜ ଦ୍ରବ୍ୟରେ ନିହିତଥାଏ । ବକ୍ସାଇଟ୍ ଖଣିଜ ଦେଖିବାକୁ ମାଙ୍କଡ଼ାପଥର ( Laterite ) ଭଳି ଏବଂ ଏଥିରେ ଆଲୁମିନିୟମ ଧାତୁର ବହୁଳତା +40% $Al_2O_3$) ଅଛି । ଏପର୍ଯ୍ୟନ୍ତ ମିଳିଥିବା ବିଭିନ୍ନ ଖଣିଜ ଦ୍ରବ୍ୟ ମଧ୍ୟରୁ ବକ୍ସାଇଟ୍ ଏକମାତ୍ର ଖଣିଜ ଯେଉଁଥିରୁ ବାଣିଜ୍ୟିକ ଭିତ୍ତିରେ ଆଲୁମିନିୟମ ଉତ୍ପାଦନ କରାଯାଏ । ୧୮୨୧ ମସିହାରେ ଏହି ପଥରର ପ୍ରଥମ ଆବିଷ୍କାର ହୁଏ ଫ୍ରାନସ୍‌ର 'ବସ୍' ନାମକ ଏକ ଗାମରୁ । ବର୍ଥିଏର ନାମକ ବୈଜ୍ଞାନିକ ପ୍ରଥମେ ଏହାର ଉପଯୋଗୀ ସମ୍ବନ୍ଧରେ ପ୍ରଥମ ତଥ୍ୟ ଦିଅନ୍ତି । ବର୍ତ୍ତମାନ ଏହି ନାମଟି ଆଲୁମିନିୟମ ବହୁଳତା ପଥର ( Aluminous Laterite ) ର ସଂଜ୍ଞା ଅଟେ । ଏହି ଖଣିଜରେ ଆଲୁମିନିୟମ ବ୍ୟତୀତ, କାଚପଥର (Quartz) ଲୁହା (Iron) (୨୦-୨୫) ଭାଗ ଥାଏ । ଭାରତର ଏହି ଖଣିଜ ସମ୍ବନ୍ଧରେ ପ୍ରଥମ ତଥ୍ୟ ମିଳେ ୧୯୨୩ ମସିହାରେ । ଏହାର ଅନେକ ପୂର୍ବରୁ ଭାରତୀୟ ଭୂତାତ୍ତ୍ୱିକ ସର୍ଭେର ଭୂତତ୍ତ୍ୱବିତ୍‌ମାନେ ଭାରତରେ ଏ ପ୍ରକାର ଖଣିଜ ମିଳୁଥିବା ବିଷୟଟି ଲୋକଲୋଚନକୁ ଆଣିଥିଲେ । ଯାହାହେଉ ବିଗତ ୨୦ ବର୍ଷ ମଧ୍ୟରେ ଏ ଖଣିଜର ଉପଯୁକ୍ତ ଅନୁସନ୍ଧାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ ଭାରତରେ ମିଳୁଥିବା ଏହି ଖଣିଜର ପରିମାଣ ଓ ଗୁଣାବଳୀ ସମ୍ବନ୍ଧୀୟ ତଥ୍ୟ ମିଳିପାରିଛି । ଭାରତର ଏହି ଖଣିଜ ଅନେକଗୁଡ଼ିଏ ରାଜ୍ୟରୁ ମିଳିଥାଏ । ଓଡ଼ିଶାରେ ଏହି ଖଣିଜର ଅବସ୍ଥିତି ଅନେକ ବର୍ଷ ଧରି ଜଣା ଥିଲେସୁଦ୍ଧା ଏହାର ପ୍ରାଥମିକ ଅନୁସନ୍ଧାନ କାର୍ଯ୍ୟ ୧୯୪୮-୪୯ ମସିହାରେ ଭୂତାତ୍ତ୍ୱିକ ସର୍ଭେ ତରଫରୁ ଆରମ୍ଭ ହୋଇଥିଲ । କଳାହାଣ୍ଡି ଜିଲ୍ଲାରେ ଥିବା କେତୋଟି ମାଳ ( Plateau ) ବା ଉଚ୍ଚ ପାହାଡ଼ରେ ଏହି ଖଣିଜ ବିଦ୍ୟମାନ ଥିବା ଜଣା ପଡ଼ିଥିଲ । ଏହାର କେତେକ ବର୍ଷପରେ (୧୯୫୯-୬୦) ରେ ରାଜ୍ୟ ଖଣି ନିର୍ଦ୍ଦେଶାଳୟ ତରଫରୁ ଏକ ପ୍ରାଥମିକ ଅନୁସନ୍ଧାନ କାର୍ଯ୍ୟକ୍ରମ କୋରାପୁଟ, କଳାହାଣ୍ଡି ଅଞ୍ଚଳରେ ଥିବା ମାଳ ଅଞ୍ଚଳ ( Plateau ) ରେ ଆରମ୍ଭ କରାଯାଇ । ଯାତାୟତର ଅସୁବିଧା, ଖଣିଜ ଦ୍ରବ୍ୟର ଭୌଗୋଳିକ ଅବସ୍ଥାନ, ଏବଂ ଜଙ୍ଗଲ ପରିପୂର୍ଣ୍ଣ ପରିବେଷ୍ଟନୀ ମଧ୍ୟରେ ଅନୁସନ୍ଧାନ କରିବା

ଏକ କଷ୍ଟକର ସମସ୍ୟା । ଏଣୁ ଖଣି ନିର୍ଦ୍ଦେଶାଳୟର ଭୂତତ୍ତ୍ୱବିତ୍‌ମାନେ ବହୁ କଷ୍ଟ ସ୍ୱୀକାର କରି ଏହି କାର୍ଯ୍ୟକ୍ରମ ହାତକୁ ନେଲେ ଏବଂ ଏହି ଅନୁସନ୍ଧାନ ଫଳରେ ଅନେକ ଗୁଡ଼ିଏ ପାହାଡ଼ରେ ଏହି ଖଣିଜ ଦ୍ରବ୍ୟ ଥିବା ଜଣା ପଡ଼ିଲା । ସାଧାରଣତଃ ୩୦୦୦ ଫୁଟ ଉଚ୍ଚ ପାହାଡ଼ରେ ଏହି ଖଣିଜ ମିଳିଥାଏ । ଏହି ପାହାଡ଼ ଗୁଡ଼ିକୁ (High Level Plateau) କହନ୍ତି । ଏହି ପାହାଡ଼ ଉପରକୁ ଯାନବାହାନ ତଥା ଭାରୀ ଯନ୍ତ୍ରପାତି ନେବା ଏକ କଷ୍ଟକର ବ୍ୟାପାର । ରାସ୍ତା ନିର୍ମାଣ କରିବା ଏକ ବ୍ୟୟସାପେକ୍ଷ ଏବଂ କଷ୍ଟକର ବ୍ୟାପାର । ତେବେ ଯାହାହେଉ ୧୯୬୬-୬୭ ମସିହା ବେଳକୁ ଆମ ରାଜ୍ୟର କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ଥିବା ୨୬ଟି ପାହାଡ଼ (Plateau) ରେ ଏହି ଖଣିଜ ଥିବା ଜଣାପଡ଼ିଲା । ଏହାର ଗୁଣାବଳୀ ( Quality ) ଓ ପରିମାଣ ନିର୍ଣ୍ଣୟ କରାଗଲା । ଆମ ରାଜ୍ୟରେ ମିଳୁଥିବା ଏହି ଖଣିଜ ଉତ୍କୃଷ୍ଟ ଧରଣର କାରଣ ଆଲୁମିନିୟମ ବ୍ୟତୀତ, ସିଲିକାର ( $SiO_2$ ) ପରିମାଣ ଖୁବ୍ କମ୍ । ଯାତାୟତ ଓ ପରିବହନର ଅସୁବିଧା ହେତୁ ଏହି ଅଞ୍ଚଳରେ କୌଣସି ବ୍ୟବହାରିକ ଶିଳ୍ପ ଗଢିବା କଷ୍ଟହେଲା । ୧୯୬୮-୬୯ ମସିହାରେ ଜୟପୁରଠାରେ ଆଲୁମିନିୟମ କର୍ପୋରେସନ ତରଫରୁ ଏକ ଆଲୁମିନିୟମ ଶିଳ୍ପ ସ୍ଥାପନ ନିମିତ୍ତ କାର୍ଯ୍ୟକ୍ରମ ହାତକୁ ନିଆଗଲା ଏବଂ ଏଥି ନିମିତ୍ତ ବଲାଙ୍ଗୀର ଗନ୍ଧମାର୍ଦ୍ଦନଠାରୁ ମିଳୁଥିବା ବକ୍‌ସାଇଟ୍ ଖଣିଜର ବିସ୍ତୃତ ଅନୁସନ୍ଧାନ ୧୯୬୮-୬୯ ମସିହାରେ ଏକ ବେସରକାରୀ ସଂସ୍ଥା ତରଫରୁ କରାଗଲା ।

୧୯୭୪ ମସିହା ବେଳକୁ ଆନ୍ତର୍ଜାତିକ କ୍ଷେତ୍ରରେ ଆଲୁମିନିୟମ ଧାତୁର ଚାହିଦା ବଢିବାରୁ ଭାରତରେ ରପ୍ତାନି ଭିତ୍ତିକ ଆଲୁମିନା (Alumina) କାରଖାନା ବସାଇବା ନିମିତ୍ତ ଚିନ୍ତା କରାଗଲା ।

ଏଥିନିମିତ୍ତ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରେ ବ୍ୟାପକ ଅନୁସନ୍ଧାନ କାର୍ଯ୍ୟକ୍ରମ ହାତକୁ ନିଆଗଲା । ଭାରତୀୟ ଭୂତାତ୍ତ୍ୱିକ ସମୀକ୍ଷା, ଖଣି ଅନୁସନ୍ଧାନ କରପୋରେସନ ଓ ଖଣି ନିର୍ଦ୍ଦେଶାଳୟ ତରଫରୁ ଏକ ବିସ୍ତୃତ ଅନୁସନ୍ଧାନ ୧୯୭୫ ମସିହାରେ ଆରମ୍ଭ କରାଗଲା । ଏହି ଅନୁସନ୍ଧାନ ଫଳରେ କୋରାପୁଟର ପଞ୍ଚାଙ୍ଗୀ ଓ ପଞ୍ଚପଟମାଳି ପାହାଡ଼ ଏବଂ ବଲାଙ୍ଗୀର ଓ ସମ୍ବଲପୁରର ଗନ୍ଧମାର୍ଦ୍ଦନ ଠାରେ ବିପୁଳ ଧରଣର ଏହି ଖଣିଜ ଦ୍ରବ୍ୟ ଥିବା ଜଣାପଡ଼ିଛି । ଏହାର ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି । ଏ ପର୍ଯ୍ୟନ୍ତ କରାଯାଇଥିବା ଚିକିନିଖି ହିସାବରୁ ଜଣାଯାଏ ଯେ ଏହାର ପରିମାଣ ପ୍ରାୟ ୧୦୦୦ ନିୟୁତ ଟନ । ଏଗୁଡ଼ିକ ଆଲୁମିନିୟମ ଧାତୁ ଉତ୍ପାଦନ ନିମିତ୍ତ ଉପଯୋଗୀ ।

ଏହି ବିପୁଳ ଖଣିଜ ଦ୍ରବ୍ୟର ଆବିଷ୍କାର ଫଳରେ ଓଡ଼ିଶା ଆନ୍ତର୍ଜାତିକ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରିଛି । ନିକଟ ଅତୀତରେ ଅନେକ ବୈଦେଶିକ ବୈଷୟିକ ଦଳ ( Foreign Technical Delegatian ) ଏହି ଖଣିଜ ଅଞ୍ଚଳରେ ସର୍ଭେ କାର୍ଯ୍ୟ ଦେଖିବା ନିମିତ୍ତ ଆସିଛନ୍ତି । ସେମାନଙ୍କ ମତରେ ଓଡ଼ିଶାରେ ଥିବା ଖଣିଜ ଅଞ୍ଚଳ ପୃଥିବୀରେ ହୁଏତ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପାରେ । ତେବେ ଯାହା ହେଉ—କାର୍ଯ୍ୟକ୍ରମ ସଂପୂର୍ଣ୍ଣ ହେଲେ ଏ ବିଷୟରେ ସଠିକ୍ ତଥ୍ୟ ମିଳିବ ।

### ଓଡ଼ିଶାରେ ଆଲୁମିନିୟମ ଶିଳ୍ପ

ଓଡ଼ିଶାରେ ଏପର୍ଯ୍ୟନ୍ତ ଏ ଶିଳ୍ପର ଆରମ୍ଭ ହୋଇନାହିଁ କହିଲେ ଚଳେ, ହୀରାକୁଦ ଠାରେ ଥିବା ଆଲୁମିନିୟମ ତରଳ କାରଖାନା (Aluminium Smelter) ଏକ ପୂର୍ଣ୍ଣାଙ୍ଗ ଆଲୁମିନିୟମ ଶିଳ୍ପ ନୁହେଁ । କାରଣ ଏହା ବିହାରର ମୁରୀ ଠାରୁ ଆଲୁମିନା ଆଣି ଏଠାରେ କେବଳ ବିଦ୍ୟୁତ-କରଣ କାର୍ଯ୍ୟ କରେ । ଏକ ବେସରକାରୀ ସଂସ୍ଥା ଦ୍ୱାରା ବକ୍‌ସାଇଟ୍‌କୁ ଭିତ୍ତି କରି ଏକ ଆଲୁମିନିୟମ ଶିଳ୍ପ ପ୍ରତିଷ୍ଠା ନିମିତ୍ତ ଉଦ୍ୟମ ହୋଇଥିଲା ; କିନ୍ତୁ ତାହା କୌଣସି କାରଣ-ବଶତଃ କାର୍ଯ୍ୟକାରୀ ହୋଇ ପାରିଲାନାହିଁ । ଏବେ ଭାରତ ସରକାରଙ୍କ ତରଫରୁ ଓଡ଼ିଶାରେ ଏକ ବୃହତ ଆଲୁମିନା ଶିଳ୍ପ ପ୍ରତିଷ୍ଠା ପାଇଁ ନୀତିଗତ ଭାବେ ସ୍ଥିର ହୋଇଛି ଏବଂ ଆନୁଷଙ୍ଗିକ କାର୍ଯ୍ୟ ହାତକୁ ନିଆ ଯାଉଛି । ବକ୍‌ସାଇଟ୍ ଖଣିଜ ଅନୁସନ୍ଧାନ କାର୍ଯ୍ୟକ୍ରମ ଏହି ପରିକଳ୍ପନାକୁ ରୂପାୟନ ଦେଉଛି । ଓଡ଼ିଶାରେ ମିଳୁଥିବା ବକ୍‌ସାଇଟ୍ ଖଣିଜକୁ ଭିତ୍ତିକରି ତିନୋଟି ବୃହତ ଆଲୁମିନିୟମ ଶିଳ୍ପ ପ୍ରତିଷ୍ଠା କରାଯାଇ ପାରେ ; କିନ୍ତୁ ବିଦ୍ୟୁତ ଶକ୍ତିର ଅଭାବ ଏବଂ ଦେଶରେ ଏହି ଧାତୁର ଚାହିଦାର ଅଭାବ ହେତୁ ଏକମାତ୍ର ପରିକଳ୍ପନାକୁ ହାତକୁ ନିଆଯାଇପାରେ । ଉଭୟ ରପ୍ତାନି ଭିତ୍ତିକ ଏବଂ ଆଭ୍ୟନ୍ତରୀଣ ଚାହିଦାକୁ ଲକ୍ଷ୍ୟରଖି ଏ ଯୋଜନାର ପ୍ରକୃତ ରୂପରେଖ ଦିଆଯାଉଛି । ବାର୍ଷିକ ୬ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନା କାରଖାନା ପ୍ରତିଷ୍ଠା କରିବା ଏବଂ ତନ୍ମଧ୍ୟରୁ ୪ ଲକ୍ଷ ଟନ ବିଦେଶକୁ ରପ୍ତାନି କରି ଅବଶିଷ୍ଟ ୨ ଲକ୍ଷ ଟନ ଆଲୁମିନାରୁ ଆଲୁମିନିୟମ ଧାତୁ ତିଆରି ପାଇଁ ଯୋଜନାରେ ପ୍ରସ୍ତାବ ରହିଛି । ଏହି କାରଖାନା ପାଇଁ ପ୍ରାୟ ୩୦୦ ମେଗା ଓ୍ୱାଟ୍ ବିଦ୍ୟୁତ ଶକ୍ତି ଲାଗିବ ଏବଂ ଯାହାକି କୋଲାବ ଜଳବିଦ୍ୟୁତ ପରିକଳ୍ପନା ବା ଇନ୍ଦ୍ରାବତୀ ପରିକଳ୍ପନାରୁ ମିଳିପାରିବ । ଆଲୁମିନା ତିଆରି ନିମିତ୍ତ କଷ୍ଟିକ ସୋଡ଼ାର ଦରକାର ଅଧିକ । ବାର୍ଷିକ ହାରାହାରି ଏକ ଲକ୍ଷ ଟନ୍ କଷ୍ଟିକ ସୋଡ଼ା ଦରକାର ହେବ । ଏଥି ନିମିତ୍ତ ଏକ କଷ୍ଟିକ ସୋଡ଼ା ତିଆରି କାରଖାନା ହାତକୁ ନେବାର ମଧ୍ୟ ଚିନ୍ତା କରାଯାଉଛି । ଆଲୁମିନା ତିଆରି ନିମିତ୍ତ ଆବଶ୍ୟକ କୋଇଲା ଓଡ଼ିଶାର ଇବ୍ ନଦୀ ଉପତ୍ୟକାରୁ ମିଳିପାରିବ ।

ବର୍ତ୍ତମାନ କେତେକ ବିଦେଶୀ ରାଷ୍ଟ୍ର ସହିତ ଆଲୁମିନା ରପ୍ତାନୀ ସଂକ୍ରାନ୍ତରେ କଥାବାର୍ତ୍ତା ଚାଲିଛି । ଆଶା କରାଯାଏ

ନିକଟ ଭବିଷ୍ୟତରେ ଏ ସମ୍ବନ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆହେବ । ସୋଭିଏତ୍ ଋଷ ଏବଂ ଇରାନ୍‌ରେ ଆଲୁମିନିୟମ ଶିଳ୍ପର ଉତ୍ପାଦନ ବଢ଼ାଇବା ନିମିତ୍ତ କାରଖାନା ସ୍ଥାପନ ହେଉଛି ଏବଂ ସେ ଗୁଡ଼ିକ ବିଦେଶୀ ଆଲୁମିନା ଉପରେ ନିର୍ଭର କରିବ । ଏଣୁ ଓଡ଼ିଶାରେ ପ୍ରସ୍ତାବିତ ଆଲୁମିନା କାରଖାନା ଉତ୍ପାଦନ ବିଦେଶୀ ଚାହିଦା ମେଣ୍ଟାଇବ । ଏ କାରଖାନା ସ୍ଥାପନ ନିମିତ୍ତ ଯାବତୀୟ ଆନୁଷଙ୍ଗିକ କାର୍ଯ୍ୟ ବାଲ୍‌କୋ ( BALCO ) ତରଫରୁ ଆରମ୍ଭ କରାଯାଇଛି । ଏ କାରଖାନାରେ ମୋଟ ୪୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାଥମିକ ଅଟକଳ କରାଯାଇଛି ଏବଂ ଏଥିରେ ପ୍ରାୟ ୫୦୦୦ ହଜାର ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ କର୍ମ ଯୋଗାଇ ଦିଆ ଯାଇ ପାରିବ ।

ସରକାର ଆଲୁମିନିୟମ ଶିଳ୍ପର ବିକାଶକୁ ଅଗ୍ରାଧିକାର ଦେଉଛନ୍ତି ଏବଂ ସ୍ୱଦେଶୀ ବୈଷୟିକ ଜ୍ଞାନ ( Domestic Technology ) ଦ୍ୱାରା ଏ ଶିଳ୍ପରେ ସ୍ଥାପନ ନିମିତ୍ତ ପଦକ୍ଷେପ ନିଆ ହୋଇଛି । ଏହି ଶିଳ୍ପର ଆବଶ୍ୟକ ଗବେଷଣାଦି କାର୍ଯ୍ୟକ୍ରମ (Research & Development) କୁ ହାତକୁ ନିଆଯାଇଛି । ଓଡ଼ିଶାରେ ଏ ଶିଳ୍ପର ବିକାଶ ନିମିତ୍ତ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ରହିଛି, ଯଥା—କଞ୍ଚାମାଲର ବହୁଳତା, ବିଦ୍ୟୁତ ଶକ୍ତିର ପ୍ରାଚୁର୍ଯ୍ୟ ଇତ୍ୟାଦି । ଏହି କାରଖାନା ଯଥା ଶୀଘ୍ର ସ୍ଥାପନ ହେଲେ, ଆଲୁମିନିୟମ ଶିଳ୍ପରେ ଓଡ଼ିଶା ଅଗ୍ରାଧିକାର ସାଙ୍ଗ କରିବା ସଙ୍ଗେ ସଙ୍ଗେ ଦେଶର ବିଭିନ୍ନ ଦିଗରୁ ପ୍ରଭୂତ ଉପକାର ସାଧିତ ହେବ ।

## ଓଡ଼ିଶାର ଅରଣ୍ୟ ସଂପଦ

ଆମ ରାଜ୍ୟରେ ସର୍ବମୋଟ ସତଷଠି ହଜାର ନଅଶହ ପଚିଶ ବର୍ଗ କିଲୋମିଟର୍ ଅଞ୍ଚଳରେ ଜଙ୍ଗଲ ପରିବ୍ୟାପ୍ତ ହୋଇ ରହିଛି । ଏହା ହେଉଛି ସମଗ୍ର ରାଜ୍ୟ-ଆୟତନର ତେୟାଳିଶ-ଶତାଂଶ । ଅବଶ୍ୟ ସମୁଦ୍ରୋପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ଜଙ୍ଗଲର ପରିମାଣ କେବଳ ଦଶ-ଶତାଂଶ, ବଣ । ଜଙ୍ଗଲ ଏତେ ବିସ୍ତୃତ ହୋଇଥିଲେ ମଧ୍ୟ କେବଳ ଏହାର ଅର୍ଦ୍ଧେକ ଉତ୍ପାଦନକ୍ଷମ । ଏହି ସମସ୍ତ ଜଙ୍ଗଲ ମଧ୍ୟରୁ ଅଠର ହଜାର ବର୍ଗ କିଲୋମିଟର୍ ହେଉଛି ଶାଳ ଜଙ୍ଗଲ, ସତର ହଜାର ବର୍ଗ କିଲୋମିଟର୍ ହେଉଛି ବାଉଁଶ ଜଙ୍ଗଲ ଏବଂ ଷୋଳ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ବୃକ୍ଷ ରୋପଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି ।

ଏ ସମସ୍ତ ଜଙ୍ଗଲରୁ ଆମେ ବର୍ଷକୁ ପ୍ରାୟ ଛଅ ଲକ୍ଷ ଘନ ମିଟର୍ ଗଡ଼ି କାଠ, ଆଠ ଲକ୍ଷ ଘନ ମିଟର୍ ଜାଳେଣୀ କାଠ, ତିନିଲକ୍ଷ ଟନ୍ ବାଉଁଶ ଏବଂ ଚାଳିଶ ହଜାର ଟନ୍ କେନ୍ଦୁପତ୍ର ପାଇ ଥାଉଁ । ଗତ ଆର୍ଥିକ ବର୍ଷରେ ଜଙ୍ଗଲ-ରାଜସ୍ୱ ମିଳିଥିଲା ୧୪ କୋଟି ୯ ଲକ୍ଷ ଟଙ୍କା । କେବଳ ଲଘୁ ବନ ଜାତ ଦ୍ରବ୍ୟରୁହିଁ ମିଳିଥିଲା ପ୍ରାୟ ଛଅ କୋଟି ଟଙ୍କା । ଚଳିତ ବର୍ଷ ଏହି ଜଙ୍ଗଲ-ରାଜସ୍ୱର ପରିମାଣ ସତରକୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । ମୁଖ୍ୟ ଜଙ୍ଗଲ ଜାତ ପଦାର୍ଥ ଗୁଡ଼ିକର ଜାତୀୟକରଣ ହୋଇଗଲେ ଜଙ୍ଗଲ-ରାଜସ୍ୱ ଆଶାତୀତ ଭାବରେ ବଢ଼ିଯିବ ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ଶେଷ ସୁଦ୍ଧା ଜଙ୍ଗଲବିକାଶ ଦିଗରେ ଆମ ରାଜ୍ୟରେ ଖର୍ଚ୍ଚ ହେବାକୁ ଥିବା ପୁଞ୍ଜିର ପରିମାଣ ତେରଶହ ତେର ଲକ୍ଷ ଟଙ୍କା । ଆବଶ୍ୟକତା ଅନୁଯାୟୀ ପୁଞ୍ଜି ବିନିଯୋଗ କରିପାରିଲେ ଜଙ୍ଗଲ-ରାଜସ୍ୱ ପରିମାଣ ଯଥେଷ୍ଟ ବୃଦ୍ଧିପାଇବ, ଏଥିରେ ସନ୍ଦେହ ନାହିଁ ।

ବନ୍ୟଜନ୍ତୁ ଆମ ଜଙ୍ଗଲର ଅନ୍ୟ ଏକ ପ୍ରଧାନ ସଂପଦ । ଜୀବନ୍ତ ପଶୁପକ୍ଷୀ, ସେମାନଙ୍କର ଚମଡ଼ା, ହାଡ଼, ଦାନ୍ତ, ଶିଙ୍ଗ, ପର ଏବଂ ଅନ୍ୟାନ୍ୟ ଦେହାବଶେଷ ରପ୍ତାନିରୁ ଯଥେଷ୍ଟ ରାଜସ୍ୱ ମିଳିଥାଏ । ଆମ ରାଜ୍ୟର ପଶୁପକ୍ଷୀଙ୍କ ଦ୍ୱାରା ଆକୃଷ୍ଟ ହୋଇ ବହୁ ବିଦେଶୀ ପର୍ଯ୍ୟଟକ ଆମ ରାଜ୍ୟକୁ ଆସନ୍ତି । ଫଳରେ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିବାର ପଥ ସୁଗମ ହୋଇଛି । ତେଣୁ ଆମକୁ ଅରଣ୍ୟ ଉପରେ ଆହୁରି ଅଧିକ ଦୃଷ୍ଟି ଦେବାକୁ ପଡ଼ିବ ।

# ବ୍ୟାଙ୍କ କାର୍ଯ୍ୟକ୍ରମର ଗ୍ରାମ୍ୟ ଆଭିମୁଖ୍ୟ

କେ. ରଙ୍ଗାଚାରୀ

ଗ୍ରାମାଞ୍ଚଳ ଉନ୍ନୟନକୁ ଅଗ୍ରାଧିକାର ଦେବା କଥା ଜନତା ସରକାର ସ୍ଥିର କଲାପରଠାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଜାତୀୟକରଣ କରାଯାଇଥିବା ବ୍ୟାଙ୍କ୍‌ଗୁଡ଼ିକର ଋଣ ଦାନ ନୀତିକୁ କିଭଳିଭାବେ ପରିବର୍ତ୍ତିତ କଲେ ତାହାର ପ୍ରଭାବ ଗ୍ରାମାଞ୍ଚଳ ଉପରେ ପଡ଼ିବ ସେକଥା ପରୀକ୍ଷା ନିରୀକ୍ଷା କରି ଦେଖୁଛନ୍ତି । ନିକଟରେ ଉଚ୍ଚରାଷ୍ଟ୍ରୀୟ ପରାମର୍ଶଦାତା କମିଟି ସହ ସେ ଯେଉଁ ଆଲୋଚନା କଲେ ତାହା ଏହି ପରୀକ୍ଷା ନିରୀକ୍ଷାର ପ୍ରଥମ ପର୍ଯ୍ୟାୟ ।

ଦୁଇମାସ ତଳେ ରିଜର୍ଭ ବ୍ୟାଙ୍କ୍ ଗୋଟିଏ କମିଟି ଗଠନ କରିଛନ୍ତି । ଏହି କମିଟିର କାମହେଲା ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ର କାର୍ଯ୍ୟକଳାପ ବିଶେଷ କରି ନୂଆ ନୂଆ ଶାଖା ଖୋଲିବା ଏବଂ ଅଗ୍ରାଧିକାର ଓ ଦୁର୍ବଳ କ୍ଷେତ୍ରକୁ ଋଣ ଯୋଗାଣ ସଂପର୍କୀୟ ସେମାନଙ୍କର ନୀତିକୁ ଅନୁଧ୍ୟାନ କରିବା । ଏହି କମିଟିର ମତାମତ ଚୂଡ଼ାନ୍ତ ନୀତି ପ୍ରଣୟନ କରିବା ଦିଗରେ ସହାୟକ ହେବ ।

୧୯୬୯ ମସିହାରେ ଦେଶର ୧୪ ଟି ବ୍ୟାଙ୍କ୍‌କୁ ଜାତୀୟକରଣ କରାଗଲା ବେଳେ ଯେଉଁ ପରିମାଣର କୃଷି ଓ ଅନ୍ୟାନ୍ୟ ଋଣ କାରବାର ଚାଲୁଥିଲା ଆଜି ତାହା ଛ'ଗୁଣ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ସେସବୁ ଋଣ ଶତକଡ଼ା ୧୫ରୁ ୨୫ ଭାଗକୁ ବଢ଼ିଛି । କିନ୍ତୁ ତା' ସତ୍ତ୍ୱେ ପୂର୍ବତନ କଂଗ୍ରେସ ସରକାର ଏଥିରେ ସନ୍ତୁଷ୍ଟ ନହୋଇଥିବା ମନେ ହେଉଥିଲା । ମହାରାଷ୍ଟ୍ର ଓ ଗୁଜରାଟରେ ଏଭଳି କେତେକ ମୁଖ୍ୟ ବ୍ୟାଙ୍କ୍‌ର କାର୍ଯ୍ୟ ସଂପର୍କରେ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଏକ ମୂଲ୍ୟାୟନ କରାଯାଇ ଦେଖାଯାଇଛି ଯେ ଏହି ଦୁଇଟି ରାଜ୍ୟର ଜିଲ୍ଲାମାନଙ୍କର ଦାୟିତ୍ୱରେ ରହିଥିବା ବ୍ୟାଙ୍କ୍‌ମାନେ ଯଥେଷ୍ଟ ନେତୃତ୍ୱ ପ୍ରଦର୍ଶନ କରି ନାହାନ୍ତି । ଏସବୁ ଜିଲ୍ଲାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏବଂ ଶସ୍ୟହାନିର ଆଶଙ୍କା ଥିବା ଅଞ୍ଚଳ, ଶସ୍ୟ ଅଣଜଳସେଚିତ ଓ ବର୍ଷା ଉପରେ ନିର୍ଭର କରୁଥିବା ଅଞ୍ଚଳର ଚାଷୀମାନଙ୍କୁ ଯଥେଷ୍ଟ ସାହାଯ୍ୟ ଦିଆଯାଉନାହିଁ ।

ଉତ୍ପାଦନ ଉତ୍ସ ଛଡ଼ା ଅନ୍ୟସମୟରେ ଅଣ-ପଶୁପାଳନ ଆଦି ଭଳି ଅନ୍ୟାନ୍ୟ ସହଯୋଗୀ ଗ୍ରାମଭିତ୍ତିକ ଧନ୍ଦାର ଉନ୍ନତି ଲାଗି ମଧ୍ୟ ସେମାନଙ୍କୁ ସାହାଯ୍ୟ ମିଳିନାହିଁ । ବ୍ୟାଙ୍କ୍‌ମାନଙ୍କର ଏହି ବିଫଳତା ମୂଳରେ ଅବଶ୍ୟ କେତେକ କାରଣ ରହିଛି ।

## ସାଙ୍ଗଠନିକ

ତିନିବର୍ଷ ପୂର୍ବେ ପୂର୍ବତନ ସରକାର ଗ୍ରାମ୍ୟ ବ୍ୟାଙ୍କ୍ ପ୍ରତିଷ୍ଠା କରିବା ପାଇଁ ଯେଉଁ ନିଷ୍ପତ୍ତି କଲେ ସେଥିରୁ କୃଷି ଏବଂ ଗ୍ରାମାଞ୍ଚଳ ଉନ୍ନୟନ କ୍ଷେତ୍ରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଏବଂ ୧୯୬୯ ମସିହାର ବ୍ୟାଙ୍କ୍ ଜାତୀୟକରଣ ନୀତିର ବିଫଳତା ସୂଚିତ ହେଉଛି । ବ୍ୟାଙ୍କ୍‌ଗୁଡ଼ିକର ସାଙ୍ଗଠନିକ ତ୍ରୁଟୀ ଏହି ବିଫଳତାର କାରଣ ବୋଲି କୁହାଯାଉଛି । ଏହି ତ୍ରୁଟୀ ଯୋଗୁଁ ବ୍ୟବସାୟିକ ବ୍ୟାଙ୍କ୍‌ର ଗ୍ରାମାଞ୍ଚଳକୁ ଋଣ ଯୋଗାଣ ବ୍ୟବସ୍ଥା ବ୍ୟୟବହୁଳ ହୋଇଛି ।

ଗ୍ରାମ୍ୟ ବ୍ୟାଙ୍କ୍ କାର୍ଯ୍ୟକ୍ରମର ପରିସର ବୃଦ୍ଧି କରାଯିବ ନା ତାକୁ ଉଠାଇ ଦିଆଯିବ ସେ ବିଷୟରେ ଏକ ଶେଷ ସିଦ୍ଧାନ୍ତ ନେବା ଲାଗି ବର୍ତ୍ତମାନ ଏହି ବ୍ୟାଙ୍କ୍‌ଗୁଡ଼ିକର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି । ଗ୍ରାମାଞ୍ଚଳ ଉନ୍ନୟନ ଏବଂ ସେଠାରେ ବ୍ୟାପକ କର୍ମସଂସ୍ଥାନର ବ୍ୟବସ୍ଥା କରିବା କ୍ଷେତ୍ରରେ ବ୍ୟାଙ୍କ୍‌ର ଭୂମିକା କେତେ ଜଟିଳ, ତାହା ଏଥିରୁ ଅନୁମିତ ହେବ ।

ବର୍ତ୍ତମାନ ଦେଶରେ ଦରଦାମ ପରିସ୍ଥିତି ଯେମିତି ଉତ୍କଟ ହୋଇଛି, ଏବଂ ସେଥିଲାଗି ଅଣ ଉତ୍ପାଦନ କାର୍ଯ୍ୟକ୍ରମ ଓ ଫଟକା ବଜାରରେ ଋଣ ବିନିଯୋଗ ଉପରେ ବିଶେଷ କଟକଣା ଆବଶ୍ୟକ ହେଉଥିବାରୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଗ୍ରାମାଞ୍ଚଳକୁ କେତେ ପରିମାଣର ଋଣ ଯୋଗାଇବା ଉଚିତ ହେବ ଏବଂ ସୁଧର ହାର କଅଣ ହେବ ଅର୍ଥାତ୍ ଏହି ବ୍ୟାଙ୍କ୍‌ମାନେ ନିରାପଦଭାବେ କେତେଦୂର ଋଣ ଯୋଗାଣ କାର୍ଯ୍ୟର ସଂପ୍ରସାରଣ କରିପାରିବେ ତାହା ହେଲା ଏକ ବଡ଼ ପ୍ରଶ୍ନ ।

ବ୍ୟାଙ୍କ୍ ନଥିବା ଗ୍ରାମାଞ୍ଚଳରେ ଧାରାବାହିକଭାବେ ବ୍ୟାଙ୍କ୍ ଶାଖା ସଂପ୍ରସାରଣ କରିବା ଅର୍ଥାତ୍ ଅନ୍ତତଃ ପ୍ରତ୍ୟେକ ଗୋଷ୍ଠୀ ଉନ୍ନୟନ ବ୍ଲକ୍‌ରେ ଗୋଟିଏ କରି ଶାଖା ଖୋଲିବା ଉପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ପଟେଲ ଗୁରୁତ୍ୱ ଆରୋପ କରିଛନ୍ତି । ଆଜି ଦେଶରେ ମୋଟ ୨୪ ହଜାର ଶାଖା ବ୍ୟାଙ୍କ୍ ରହିଛି । ଏଥିମଧ୍ୟରୁ ଗ୍ରାମାଞ୍ଚଳରେ ୮ ହଜାର ଓ ଗ୍ରାମ ପାଖାପାଖି ଅର୍ଦ୍ଧ ସହରାଞ୍ଚଳରେ ୭ ହଜାର ଶାଖା ବ୍ୟାଙ୍କ୍ ରହିଛି ; କିନ୍ତୁ ୧୯୬୯ ମସିହାରେ ଦେଶର ମୋଟ ଶାଖା ବ୍ୟାଙ୍କ୍‌ର ସଂଖ୍ୟା ଥିଲା ୮ ହଜାର । ଅବଶ୍ୟ ଶାଖା ବ୍ୟାଙ୍କ ଖୋଲିଲେ ଏଥିଲାଗି କର୍ମଚାରୀଙ୍କ ଦରମା ବ୍ୟାଙ୍କ୍ ଗୃହ ନିର୍ମାଣ ଲାଗି ଖର୍ଚ୍ଚ ହେବ । ତେବେ ସେ ଖର୍ଚ୍ଚର ଯଥାର୍ଥତା ବ୍ୟାଙ୍କ୍ କାରବାର ଯଥା ଜମା ଓ ଋଣ ଯୋଗାଣ ଜରିଆରେ ପ୍ରମାଣିତ ହେବା ଆବଶ୍ୟକ । ଶାଖା ବ୍ୟାଙ୍କ୍‌ର ଅଭିବୃଦ୍ଧି ସମୟସାପେକ୍ଷ । ତାହା ହେଲେ ସୁଦ୍ଧା ଚାରି ବା ପାଞ୍ଚ ବର୍ଷ ଭିତରେ ବ୍ୟାଙ୍କ୍‌ର ପରିଚାଳନା ଖର୍ଚ୍ଚ ଉଠିବା ଆବଶ୍ୟକ । ତେବେ ଯାଇ ବ୍ୟାଙ୍କ୍ ନଥିବା ଅଞ୍ଚଳରେ ନୂଆ ନୂଆ ଶାଖା ବ୍ୟାଙ୍କ୍ ଖୋଲିବା ସୁବିଧା ହେବ ଏବଂ ଏତକ ହେଲେ ବ୍ୟାଙ୍କ୍ ନଥିବା ଅଞ୍ଚଳରେ ଶାଖା ବ୍ୟାଙ୍କ୍‌ର ସଂପ୍ରସାରଣ ସହଜସାଧ୍ୟ ହେବ । କିନ୍ତୁ ରିଜର୍ଭ ବ୍ୟାଙ୍କ୍‌ର ଗତ ବାର୍ଷିକ ରିପୋର୍ଟରୁ ଜଣାଯାଏ ଯେ ଦେଶର ମୋଟ ବ୍ୟାଙ୍କ୍ ସଂଖ୍ୟାର ଏକ ତୃତୀୟାଂଶ ଗ୍ରାମାଞ୍ଚଳରେ ରହିଥିବା ସ୍ଥଳେ ୧୯୭୫ ଜୁନ ମାସ ସୁଦ୍ଧା ସେଗୁଡ଼ିକ ମୋଟ ଜମାର ଶତକଡ଼ା ୮ ଭାଗ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ସେହିପରି ବ୍ୟାଙ୍କ୍ ଜରିଆରେ ଦିଆଯାଇଥିବା ମୋଟ ଋଣର ଶତକଡ଼ା ୬ ଭାଗ ଏହି ଗ୍ରାମାଞ୍ଚଳସ୍ଥ ଶାଖା ବ୍ୟାଙ୍କ୍‌ଗୁଡ଼ିକ ଯୋଗାଇ ପାରିଥିଲେ ।

## କୃଷି ପ୍ରତି ଅବହେଳା

ରିଜର୍ଭ ବ୍ୟାଙ୍କ୍‌ର ଏହି ରିପୋର୍ଟରୁ ଆହୁରି ଜଣାଯାଏ ଯେ ଗ୍ରାମ୍ୟ ବ୍ୟାଙ୍କ୍‌ରୁ ଦିଆଯାଇଥିବା ମୋଟ ଋଣର ଶତକଡ଼ା ମାତ୍ର ୩୫ ଭାଗ କୃଷି ଲାଗି ଦିଆଯାଇଥିଲା । ଏଥିରୁ ଅନୁମାନ କରାଯାଇପାରେ ଯେ ଜମିରେ ଫସଲ ବାବଦ ଋଣ (Crop loan) ଜଳଯୋଗାଣ ଅପେକ୍ଷା ଅଣକୃଷିଭିତ୍ତିକ ଯୋଜନାର ମୂଲ୍ୟାୟନ କରିବା ବ୍ୟାଙ୍କ୍ ଅଫିସରମାନଙ୍କ ପକ୍ଷରେ ସହଜ ଥିଲା । ପୁଣି ଆଉ ଏକ ଅଦ୍‌ଭୁତ ଘଟଣା ହେଉଛି ଖୋଦ୍ ଗ୍ରାମାଞ୍ଚଳ ତୁଳନାରେ ଅର୍ଦ୍ଧ—ସହରାଞ୍ଚଳ କେନ୍ଦ୍ରରେ ଅବସ୍ଥିତ ବ୍ୟାଙ୍କ୍‌ମାନେ ଅଧିକ ପରିମାଣର କୃଷି ଋଣ ଯୋଗାଇଥିଲେ । ଏଥିରୁ ଅନୁମାନ କରାଯାଇପାରେ ଯେ ବଡ଼ ବଡ଼ ଜମି ମାଲିକମାନେ ଏହି ବ୍ୟାଙ୍କ୍‌ମାନଙ୍କ ସହ ସୁସଂପର୍କ ପ୍ରତିଷ୍ଠା କରି ଏବଂ ଆବଶ୍ୟକ ଅମାନତ ଜମା ରଖି ଋଣ ନେବାରେ ସକ୍ଷମ ହୋଇଥିଲେ ।

ଏସବୁ ଦୃଷ୍ଟିରୁ ନିକଟ ଅତୀତର ଅଭିଜ୍ଞତାକୁ ଆଖି ଆଗରେ ରଖି ବ୍ୟାଙ୍କ୍ ଶାଖା ସଂପ୍ରସାରଣ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ଓ ଏଥିଲାଗି ନୂତନ କାର୍ଯ୍ୟପନ୍ଥା ସ୍ଥିର କରିବାର ତାତ୍ପର୍ଯ୍ୟ ଉପଲବ୍ଧି କରାଯାଇପାରେ । ନିକଟରେ ଏକ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା କି ଏଣିକି ଶାଖା ବ୍ୟାଙ୍କ୍ ଖୋଲିବା ସ୍ଥାନ ସଂପର୍କରେ ସଂପୃକ୍ତ ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କରାଯିବା ଉଚିତ । ଏହି ପ୍ରସ୍ତାବ ଫଳର ବ୍ୟାପକ କର୍ତ୍ତୃପକ୍ଷଙ୍କ ମତାନୁଯାୟୀ ଯେଉଁ ସ୍ଥାନରେ ବ୍ୟାଙ୍କ୍ କାରବାରରେ ଉଜ୍ଜ୍ୱଳ ସମ୍ଭାବନା ନଥିବ ସେ ଅଞ୍ଚଳର ମାତ୍ର କେତେଜଣ ମୁଷ୍ଟିମେୟ ପ୍ରଭାବଶାଳୀ

ଲୋକଙ୍କୁ ଖୁସି କରିବା ଲାଗି ବ୍ୟାଙ୍କ୍ ଖୋଲାଯିବ ନାହିଁ ବୋଲି ଆଶା କରାଯାଇପାରେ । ଶାଖା ବ୍ୟାଙ୍କ୍ ଖୋଲିବା ଲାଗି ଉପଯୁକ୍ତ ମାନଦଣ୍ଡ ସ୍ଥିର ହେବା ଆବଶ୍ୟକ ।

ଯେଉଁ ସବୁ ଅଞ୍ଚଳରେ ଜଳସେଚନର ସୁବିଧା ରହିଛି ସେଠାରେ ଥିବା ବ୍ୟାଙ୍କ୍‌ରେ ଟଙ୍କା ଜମା ରଖିବା ଏକ ମୂଳ ଲକ୍ଷ୍ୟ ହେବା ଉଚିତ । କାରଣ ସେଠାରେ ଚାଷୀମାନେ ଧାନ, ଗହମ, ଆଖୁ ଓ କପା ଆଦି ଉତ୍ପନ୍ନ କରି ବିଶେଷ ଲାଭବାନ ହୋଇଥାଆନ୍ତି । ଅନ୍ୟପକ୍ଷରେ ଯେଉଁସବୁ ଅଞ୍ଚଳ ବା ଜିଲ୍ଲା ବିଶେଷ ଉନ୍ନତ ନୁହେଁ ସେଠାରେ ଋଣ ଯୋଗାଇ ଦେଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ତା' ଛଡା ସୁଧର ହାର ଅଧିକ ହେଲେ ସ୍ୱଚ୍ଛଳ ଚାଷୀମାନେ ଋଣ ନେଇ ନିଜ ସମ୍ବଳ ସାହାଯ୍ୟରେ ଶସ୍ୟ ଉତ୍ପନ୍ନ କରିଥାଆନ୍ତି ।

ଗ୍ରାମ୍ୟ ବ୍ୟାଙ୍କ୍‌ଗୁଡ଼ିକର କାରବାରରେ ଏଭଳି ତାରତମ୍ୟ ରହୁଥିବା ଯୋଗୁଁ ଏହିସବୁ ବ୍ୟାଙ୍କ୍ ଲାଗି କୌଣସି କଡାକଡି ଋଣ ଜମା ଅନୁପାତ ଲାଗୁ କରାଯାଇପାରେ ! ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଅବସ୍ଥାକୁ ବିଚାର କରି ବ୍ୟାଙ୍କର ହାରାହାରି ଋଣ ଜମା ଅନୁପାତ ସ୍ଥିର କରିବାକୁ ପଡିବ । ଅବଶ୍ୟ ଯେଉଁ ସବୁ ଅଞ୍ଚଳରେ ବଳକା ଶସ୍ୟ ସଂଗ୍ରହ କରିବା ଆଦି ଚାଲୁରହିଛି, ସେଠାରେ ନିଃସନ୍ଦେହରେ ଜମା ସଂଗ୍ରହ ଅଭିଯାନ ପ୍ରଖରଭାବେ ଚାଲୁ କରାଯିବା ଦରକାର । ଏହି ଅଞ୍ଚଳରୁ ସଂଗୃହୀତ ଅଧିକ ସମ୍ବଳ ପୁନଶ୍ଚ ସେହି ଅଞ୍ଚଳର ଦୁର୍ବଳ ଚାଷୀ ତଥା ଅନ୍ୟାନ୍ୟ ଦରିଦ୍ର ଶ୍ରେଣୀ ଲୋକଙ୍କ ସାହାଯ୍ୟରେ ଲାଗି ପାରିବ । ଏହାଦ୍ୱାରା ବର୍ଦ୍ଧିତ ଗ୍ରାମ୍ୟ ଋଣ ଯୋଗାଣଜନିତ ମୁଦ୍ରାସ୍ଫୀତିର ପ୍ରଭାବ ହ୍ରାସପାଇବ ।

## ଉପଯୁକ୍ତ କର୍ମଚାରୀ ନିର୍ବାଚନ

ଗ୍ରାମ୍ୟ ବ୍ୟାଙ୍କ୍‌ଗୁଡ଼ିକର ଏହିସବୁ କାର୍ଯ୍ୟ ଲାଗି ଏଭଳି ଉପଯୁକ୍ତ ତାଲିମପ୍ରାପ୍ତ କର୍ମଚାରୀ ଆବଶ୍ୟକ ଯେଉଁମାନେ ସ୍ଥାନୀୟ ସମସ୍ୟାର ଗୁରୁତ୍ୱ ଉପଲବ୍ଧିକରି ଉପଯୁକ୍ତ ପରାମର୍ଶ ଦେବାକୁ ସକ୍ଷମ ହେବେ । ଅବଶ୍ୟ ପ୍ରତ୍ୟେକ ଶାଖା ବ୍ୟାଙ୍କ୍‌ରେ ଯେ ଉଚ୍ଚ ମେଧାସଂପନ୍ନ ଅଭିଜ୍ଞ କର୍ମଚାରୀ ରହିଥିବେ ତାହା ଆଶା କରାଯାଇନପାରେ । ତେବେ ପ୍ରତ୍ୟେକ ଜିଲ୍ଲା କିମ୍ବା ଆଞ୍ଚଳିକ ସ୍ତରରେ ଥିବା ମୁଖ୍ୟ ବ୍ୟାଙ୍କ୍‌ରେ କୃଷି ଓ ବୈଷୟିକ ଜ୍ଞାନ ଲାଭ କରିଥିବା ବ୍ୟକ୍ତି ରହିବା ଆବଶ୍ୟକ । ଏଭଳି ବ୍ୟକ୍ତି ନିକଟବର୍ତ୍ତି ଦୁଇ ବା ତିନିଟି ଜିଲ୍ଲାର ସମସ୍ୟା ଉପଲବ୍ଧି କରିବାକୁ ସକ୍ଷମ ହେଉଥିବେ ।

ରାଜ୍ୟ ସରକାରମାନେ ମଧ୍ୟ ଏ ସଂପର୍କରେ ଏପର୍ଯ୍ୟନ୍ତ ଯେତେଗୁଡ଼ିଏ ଯୋଜନା ପ୍ରଣୟନ କରିଛନ୍ତି ବର୍ତ୍ତମାନ ତା' ଠାରୁ କିଛି ଅଧିକା ପଦକ୍ଷେପ ଗ୍ରହଣ କରିବାକୁ ପଡିବ । ଏବେ ନିକଟରେ ଅନୁଷ୍ଠିତ ପରାମର୍ଶ ଦାତା କମିଟି ବୈଠକରେ ଏ ସଂକ୍ରାନ୍ତୀୟ କାର୍ଯ୍ୟବିଧିର ସରଳୀକରଣ ଲାଗି ପ୍ରସ୍ତାବ ଦିଆଯାଇଥିଲା ; କିନ୍ତୁ ମୂଳ ସମସ୍ୟା ହେଉଛି ଏକ ଦୃଢ଼ ଋଣ ଦାନ ଯୋଜନା ପ୍ରସ୍ତୁତ କରିବା ଓ ସେ ସଂକ୍ରାନ୍ତୀୟ ପ୍ରସ୍ତାବନାର ତୁରନ୍ତ ମୂଲ୍ୟାୟନ କରିବା ।

ଯୋଗାଣ ଓ ତାହାର ଆଦାୟ କାର୍ଯ୍ୟ ଯେପରି ବ୍ୟାଙ୍କ୍‌ମାନେ ସୁରୁଖୁରୁରେ କରିପାରିବେ, ସେଥିଲାଗି ମଧ୍ୟ ରାଜ୍ୟ ସରକାରଙ୍କ ସହଯୋଗ ଆବଶ୍ୟକ । ରାଜ୍ୟ ସରକାରଙ୍କ ଯୋଜନା ପ୍ରଣୟନକାରୀ କର୍ତ୍ତୃପକ୍ଷମାନେ ବେଳେ ବେଳେ ବିଭିନ୍ନ ଅଞ୍ଚଳର ବୈଷୟିକ ଓ ଅର୍ଥନୈତିକ ଅନୁଧ୍ୟାନ କରି ବ୍ୟାଙ୍କ୍‌ମାନଙ୍କୁ ନିଜର ସଂପ୍ରସାରଣ ଓ ବିଶେଷଜ୍ଞ ପରାମର୍ଶଦାତାଙ୍କ ସହଯୋଗ ପ୍ରଦାନ କରିବା ଉଚିତ । ଏଭଳି ସହଯୋଗ ଅଭାବରେ କେବଳ ବ୍ୟାଙ୍କ୍‌ମାନଙ୍କ ଉପରେ ସବୁ ଦୋଷ ଲଦି ଦେବା ଠିକ୍ ହେବ ନାହିଁ । ଅବଶ୍ୟ ବ୍ୟାଙ୍କ୍‌ମାନେ ନିଜ ନିଜ ଅଞ୍ଚଳରେ ଯଥାସମ୍ଭବ ଉଦ୍ୟମ ଅବ୍ୟାହତ ରଖିଛନ୍ତି ଏବଂ କ୍ଷୁଦ୍ର, ସଡକ ପରିବହନ ଯୋଜନା, ଦୁଗ୍ଧ ଉତ୍ପାଦନ ଓ ମେଷପାଳନ ଏବଂ ଫଳ ଚାଷ ଆଦି ପ୍ରତି ମଧ୍ୟ ଅବହିତ ରହିଛନ୍ତି ।

## ସମବାୟ ଭୂମିକା

ବେଳେବେଳେ ସମବାୟ ସମିତିଗୁଡ଼ିକୁ ପରସ୍ପର ବିରୋଧୀ ପରାମର୍ଶର ସମ୍ମୁଖୀନ ହେବାକୁ ପଡିଥାଏ । ଏକ ପକ୍ଷରେ ମୁଦ୍ରାସ୍ଫୀତି ରୋକିବା ଲାଗି ଋଣ ବଣ୍ଟନ ସୀମିତ କରିବାକୁ ଏବଂ ଅନ୍ୟ ପକ୍ଷରେ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଉଦ୍ୟୋଗକୁ ଋଣ ଯୋଗାଣ ବୃଦ୍ଧି କରିବାକୁ କୁହାଯାଇଥାଏ । ଏଭଳି ବ୍ୟବସ୍ଥା ଉପଯୋଗୀ ହେଲେ ମଧ୍ୟ ଦୁର୍ବଳ ୟୁନିଟ୍‌ମାନଙ୍କୁ ଦିଆଯାଇଥିବା ଋଣ ଏବଂ କୌଣସି ବର୍ଷ ଶସ୍ୟହାନି ଘଟିଲେ ଏଭଳି ଋଣ ଆଦାୟ କଷ୍ଟକର ହୋଇଥାଏ । ଅଧିକନ୍ତୁ କୃଷି, ଚିନି ଓ କପା ଭଳି କୃଷିଭିତ୍ତିକ ଶିଳ୍ପ ଲାଗି ସମବାୟ ପ୍ରାୟ ଅଧାଅଧି ଋଣ ତଥା ଅନ୍ୟାନ୍ୟ ସମ୍ବଳ ଯୋଗାଇ ଦେଉଥାଏ ; କିନ୍ତୁ ବ୍ୟବସାୟୀ ବ୍ୟାଙ୍କ୍ ଉପରେ ଅତ୍ୟଧିକ ଚାପ ପଡିବା ସଙ୍ଗେ ସଙ୍ଗେ ସମବାୟ ସମିତିର ଭୂମିକାକୁ ସାଧାରଣତଃ ଉପେକ୍ଷା କରାଯାଇଛି । ବାସ୍ତବରେ ସମବାୟହିଁ ଗ୍ରାମାଞ୍ଚଳର ସମସ୍ୟା ବୁଝିବା ଲାଗି ଅଧିକ କ୍ଷମ । କେବଳ ନୂଆ ଖୋଲାଯାଇଥିବା ଶାଖା ବ୍ୟାଙ୍କ୍‌ମାନଙ୍କ ଋଣ ବଣ୍ଟନ କାର୍ଯ୍ୟର ହିସାବ ଦର୍ଶାଇବା ଉଦ୍ଦେଶ୍ୟରେ ଏ ପର୍ଯ୍ୟନ୍ତ ସମବାୟର ଏହିସବୁ ଭୂମିକାକୁ ଏଡାଇ ଦିଆଯାଇଛି । ବର୍ତ୍ତମାନର ସରକାର ଗ୍ରାମାଞ୍ଚଳ ଉନ୍ନୟନ ଲାଗି ବ୍ୟାଙ୍କ୍‌ମାନଙ୍କର ଏକ ନୂତନ ଅଭିମୁଖ୍ୟ ନିମନ୍ତେ ସୁସମନ୍ୱିତ ପନ୍ଥା ସ୍ଥିର କରିପାରିବେ ବୋଲି ଆଶା ।

# ଯୋଜନା କାର୍ଯ୍ୟକ୍ରମକୁ ଅଧିକ ଗ୍ରାମାଭିମୁଖୀ କରିବାକୁ ଉଦ୍ୟମ

ଓଡ଼ିଶା ସରକାର ଯୋଜନା କାର୍ଯ୍ୟକ୍ରମକୁ ଅଧିକ ଗ୍ରାମାଭିମୁଖୀ କରିବା ଉଦ୍ଦେଶ୍ୟରେ ୧୯୭୭-୭୮ ମସିହାର ବାର୍ଷିକ ଯୋଜନା ବ୍ୟୟ ଅଟକଳରେ କେତେକ ବିଭାଗର ବ୍ୟୟ ବରାଦ ଅବଶ୍ୟ ବଢ଼ାଇ କରିଛନ୍ତି । କର୍ମନିଯୁକ୍ତି କ୍ଷେତ୍ରର ସଂପ୍ରସାରଣ ପ୍ରତି ଦୃଷ୍ଟି ରଖି ଉପଯୁକ୍ତ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି ।

ରାଜ୍ୟର ଚଳିତ ବର୍ଷର ବାର୍ଷିକ ବ୍ୟୟ ଅଟକଳ ୧୫୦ କୋଟି ଟଙ୍କାରେ ଧାର୍ଯ୍ୟ ହୋଇଛି । ଏହି ଅର୍ଥ ବରାଦ ଅପରିବର୍ତ୍ତିତ ରହିଥିଲେ ମଧ୍ୟ କ୍ଷୁଦ୍ରଜଳସେଚନ ଯୋଜନା, ଉଠାଜଳସେଚନ ଯୋଜନା, ଗ୍ରାମ୍ୟ ରାସ୍ତା, ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଓ କୁଟୀର ଶିଳ୍ପର ପ୍ରସାର ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ବ୍ୟୟ ଅଟକଳକୁ ବୃଦ୍ଧି କରାଯାଇଛି । ଉଦାହରଣ ସ୍ୱରୂପ କ୍ଷୁଦ୍ର ଜଳସେଚନ ପାଇଁ ପୂର୍ବରୁ ୪୫୦ ଲକ୍ଷ ଟଙ୍କା ବରାଦ ଥିବା ସ୍ଥଳେ ବର୍ତ୍ତମାନ ତାହା ୬୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପର ପ୍ରସାର ପାଇଁ ରହିଥିବା ବ୍ୟୟ ବରାଦ ୯୬ ଲକ୍ଷ ଟଙ୍କାରୁ ୧୨୬ ଲକ୍ଷ ଟଙ୍କାକୁ, ଭୂ-ସଂସ୍କାର ବ୍ୟୟ ବରାଦ ୨୧୧ ଲକ୍ଷ ଟଙ୍କାରୁ ୨୩୧ ଲକ୍ଷ ଟଙ୍କାକୁ, ଚକବନ୍ଦୀ ପାଇଁ ୩୫ ଲକ୍ଷ ଟଙ୍କାରୁ ୭୫ ଲକ୍ଷ ଟଙ୍କାକୁ, ପୂର୍ତ୍ତବିଭାଗ ରାସ୍ତା ପାଇଁ ୩୧୫ ଲକ୍ଷ ଟଙ୍କାରୁ ୩୬୫ ଲକ୍ଷ ଟଙ୍କାକୁ, ଗ୍ରାମ୍ୟ ଇଂଜିନିୟରିଙ୍ଗ ରାସ୍ତା ପାଇଁ ୧୦୦ ଲକ୍ଷ ଟଙ୍କାରୁ ୧୩୫ ଲକ୍ଷ ଟଙ୍କାକୁ, ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୧୫୦ ଲକ୍ଷ ଟଙ୍କାରୁ ୧୬୦ ଲକ୍ଷ ଟଙ୍କାକୁ, ନଳକୂପ ଖନନ ପାଇଁ ୧୦୩ ଲକ୍ଷ ଟଙ୍କାରୁ ୧୬୩ ଲକ୍ଷ ଟଙ୍କାକୁ ଓ ସ୍ୱାସ୍ଥ୍ୟ–ପରିମଳ ବ୍ୟବସ୍ଥା ପାଇଁ ବରାଦ ଥିବା ୨୩୨ ଲକ୍ଷ ଟଙ୍କାରୁ ୩୦୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

୧୫୦ କୋଟି ଟଙ୍କା ବିଶିଷ୍ଟ ୧୯୭୭-୭୮ ବାର୍ଷିକ ଯୋଜନା ପାଇଁ ପୁନଃନିର୍ଦ୍ଧାରିତ ବ୍ୟୟ ଅଟକଳ ନିମ୍ନରେ ପ୍ରଦତ୍ତ ହେଲ:—

| | | |
|---|---|---|
| ୧ । କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ | .. | ୨,୬୧୩ ଲକ୍ଷ ଟଙ୍କା |
| ୨ । ସମବାୟ | .. | ୪୭୪ ଲକ୍ଷ ଟଙ୍କା |
| ୩ । ଜଳ ଓ ବିଦ୍ୟୁତ୍ ବିକାଶ | .. | ୮,୧୦୭ ଲକ୍ଷ ଟଙ୍କା |
| ୪ । ପରିବହନ ଓ ଯୋଗାଯୋଗ | .. | ୯୦୫ ଲକ୍ଷ ଟଙ୍କା |
| ୫ । ଶିଳ୍ପ ଓ ଖଣି | .. | ୪୬୪ ଲକ୍ଷ ଟଙ୍କା |
| ୬ । ସମାଜ ସେବା କାର୍ଯ୍ୟକ୍ରମ | .. | ୨୩୪୫ ଲକ୍ଷ ଟଙ୍କା |
| ୭ । ଅର୍ଥନୀତି ସେବା | .. | ୧୩ ଲକ୍ଷ ଟଙ୍କା |
| ୮ । ବିବିଧ | .. | ୭୮'୬୦ ଲକ୍ଷ ଟଙ୍କା |

# ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଉପଲକ୍ଷେ

## ବନ ବିଭାଗ ମନ୍ତ୍ରୀଙ୍କ ବେତାର ଭାଷଣ

**ଆମ ରାଜ୍ୟ ସମେତ ସମଗ୍ର ଦେଶରେ ଅକ୍ଟୋବର ୧ ତାରିଖଠାରୁ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି । ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହରେ ଏହି ଜାତୀୟ ସମ୍ପଦର ସୁରକ୍ଷା ଦିଗରେ ଲୋକମତ ଯେପରି ଉଦ୍‌ବୁଦ୍ଧ ହେବ, ସେଥି ନିମନ୍ତେ ବନ ବିଭାଗ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବେତାର ଭାଷଣ ଦେଇଛନ୍ତି । ବେତାର ଭାଷଣର ପାଠ ନିମ୍ନରେ ପ୍ରଦତ୍ତ ହେଲା:**

ଚଳିତ ଶତାବ୍ଦୀର ଆରମ୍ଭରେ ଆମ ରାଜ୍ୟରେ ଅସଂଖ୍ୟ ପଶୁପକ୍ଷୀ ଦେଖିବାକୁ ମିଳୁଥିଲେ । ଏପରିକି, ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ମଧ୍ୟ ବନ୍ୟ ମହିଷ, କୃଷ୍ଣସାର, ହରିଣ ଓ ସମ୍ବର ଇତ୍ୟାଦି ଜୀବ ଦଳଦଳ ହୋଇ ବୁଲୁଥିବାର ଲକ୍ଷ୍ୟ କରାଯାଉଥିଲା । ମାତ୍ର କେତେବର୍ଷ ମଧ୍ୟରେ ପରିସ୍ଥିତି ବଦଳିଗଲା । ବନ୍ୟପ୍ରାଣୀମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ହ୍ରାସପାଇବାରେ ଲାଗିଲା । ଏହାର ପ୍ରଧାନ କାରଣ ହେଲା, ଜନସଂଖ୍ୟାର ବୃଦ୍ଧି । ଅଧିକ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅଧିକ ଚାଷ ଜମି ଦରକାର ହେଲା । ବ୍ୟାପକ ଅଞ୍ଚଳରୁ ଜଙ୍ଗଲକାଟି ସଫା କରି ଚାଷଜମି ପ୍ରସ୍ତୁତ କରାଗଲା । ସ୍ୱାଧୀନତା ପ୍ରାପ୍ତି ପରେ ଅନେକଗୁଡ଼ିଏ ବହୁମୁଖୀ ନଦୀବନ୍ଧ ଯୋଜନାକୁ କାର୍ଯ୍ୟକାରୀ କରାଗଲା । ସହରାଞ୍ଚଳ ନିର୍ମାଣ, ଶିଳ୍ପ ବିକାଶ, ରାସ୍ତାଘାଟର ପ୍ରସାର, ଜଳସେଚନ ଯୋଜନା, ବିଦ୍ୟୁତ ସରବରାହ ଇତ୍ୟାଦି ଉନ୍ନୟନମୂଳକ କାର୍ଯ୍ୟକ୍ରମସବୁ ହାତକୁ ନିଆଗଲା । ଏସବୁ କ୍ଷେତ୍ରରେ ଦରକାର ହେଲା ଅଧିକ ଜମି । ତେଣୁ, ବ୍ୟାପକ ଅଞ୍ଚଳରୁ ଜଙ୍ଗଲ ସଫା କରାଗଲା । ଫଳରେ ବନ୍ୟପ୍ରାଣୀମାନଙ୍କର ବାସସ୍ଥଳୀ କ୍ରମଶଃ ଧ୍ୱଂସ ପାଇଲା । ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଲା ବନ୍ୟପ୍ରାଣୀମାନଙ୍କ ଉପରେ । ସେମାନଙ୍କର ସଂଖ୍ୟା ଦ୍ରୁତଗତିରେ କମିବାକୁ ଲାଗିଲା ।

ଅବାରିତ ଏବଂ ଅବିଚାରିତ ଶିକାର ଧ୍ୱଂସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲା । ଜ୍ୱଳନ୍ତ ଅନଳକୁ ଇନ୍ଧନ ଯୋଗାଇଲାଭଳି ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀକାଳୀନ ଅସ୍ତ୍ରଶସ୍ତ୍ର ଏବଂ ଯାନବାହନ ବନ୍ୟଜନ୍ତୁ ଶିକାରରେ ସାହାଯ୍ୟ କଲା । ଶିକାର ନାମରେ ଏକ ପ୍ରକାର ଗଣହତ୍ୟା ଚାଲିଲା । ଅନେକ ଲୋକ ବନ୍ୟପ୍ରାଣୀ ଶିକାରକୁ ପେଶା ହିସାବରେ ଗ୍ରହଣ କରିନେଲେ । ଜଣେ ଜଣେ ଲୋକ ଶତାଧିକ ବାଘ ମାରିଥିବାର ଉଦାହରଣ ବିରଳ ନୁହେଁ । ବ୍ରିଟିଶ ଏକଛତ୍ରବାଦ ଇତିହାସ ଏହାର ସାକ୍ଷର ବହନ କରି ଆସିଛି । କେତେକ ଜୀବଜନ୍ତୁ ଆମଦେଶରୁ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଛନ୍ତି ଏବଂ ଆଉ କେତେକ ଲୋପ ପାଇଯିବା ଉପକ୍ରମରେ ଆସି ଯାଇଛନ୍ତି ।

ସାଧାରଣତଃ ଅର୍ଥନୈତିକ, ସାଂସ୍କୃତିକ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ବନ୍ୟପ୍ରାଣୀଗୁଡ଼ିକଙ୍କର ସଂରକ୍ଷଣ ସର୍ବାଦୌ ଆବଶ୍ୟକ ।

ବନ୍ୟଜନ୍ତୁଗୁଡ଼ିକ ଆମ ଜଙ୍ଗଲର ଅନ୍ୟତମ ପ୍ରଧାନ ସଂପଦ । ଜୀବନ୍ତ ପଶୁପକ୍ଷୀ, ସେମାନଙ୍କର ଚମଡ଼ା, ହାଡ଼, ଦାନ୍ତ, ଶିଙ୍ଗ, ପର ଏବଂ ଅନ୍ୟାନ୍ୟ ଦେହାବଶେଷ ରପ୍ତାନୀରୁ ଯଥେଷ୍ଟ ରାଜସ୍ୱ ମିଳିଥାଏ । ଆମ ରାଜ୍ୟର ପଶୁପକ୍ଷୀଙ୍କ ଦ୍ୱାରା ଆକୃଷ୍ଟ ହୋଇ ବହୁ ବିଦେଶୀ ପର୍ଯ୍ୟଟକ ଆମରାଜ୍ୟକୁ ଆସନ୍ତି । ଫଳରେ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିବାର ପଥ ସୁଗମ ହୋଇଛି ।

ଆମର ସଭ୍ୟତା, ସଂସ୍କୃତି ଏବଂ ଇତିହାସ ସହିତ ଆମ ରାଜ୍ୟର ବନ୍ୟପ୍ରାଣୀଗୁଡ଼ିକ ଘନିଷ୍ଠ ଭାବରେ ଜଡ଼ିତ । ଆମ ସାହିତ୍ୟ ଏବଂ ଦର୍ଶନରେ ବନ୍ୟଜନ୍ତୁମାନଙ୍କର ଜୀବନ ବିଶେଷଭାବରେ ପ୍ରତିଫଳିତ ହୋଇ ଆସିଛି । 'ଜୀବେଦୟା' ଏବଂ ଅହିଂସା ପୁଣ୍ୟଭୂମି ଉତ୍କଳର ଏକ ପୁରାତନ ମତ । ତେଣୁ ଆମର ସାମାଜିକ ଜୀବନରେ ବନ୍ୟଜନ୍ତୁମାନଙ୍କର ବୈଶିଷ୍ଟ୍ୟ ବିଶେଷ ଭାବରେ ପରିଲକ୍ଷିତ

ହୁଏ । ଏପରିକି, ବନ୍ୟଜନ୍ତୁମାନଙ୍କୁ ଆମେ ଶୌର୍ଯ୍ୟ ଓ ବୀର୍ଯ୍ୟର ପ୍ରତୀକ ହିସାବରେ ଗ୍ରହଣ କରିନେଇ ନିଜର ନାମ ସହିତ ସିଂହ, ବାଘ ଓ ହାତୀ ପ୍ରଭୃତି ପରାକ୍ରମୀ ପଶୁମାନଙ୍କର ନାମକୁ ସଂଯୋଗ କରିଥାଉଁ ।

ଆମର ଧର୍ମରେ ବନ୍ୟଜନ୍ତୁମାନଙ୍କର ଅବତାରଣା କରାଯାଇ ବିଷ୍ଣୁଙ୍କ ସହିତ ଗରୁଡ଼କୁ, ଶିବଙ୍କ ସହିତ ସର୍ପକୁ, ରାମଚନ୍ଦ୍ରଙ୍କ ସହିତ ବାନର ଓ ଭାଲୁ ଜକୁ, ଦୁର୍ଗାଙ୍କ ସହିତ ସିଂହକୁ, ସରସ୍ୱତୀଙ୍କ ସହିତ ହଂସକୁ ସଂଯୋଗ କରାଯାଇଛି । ଏହି ପଶୁପକ୍ଷୀଗୁଡ଼ିକ ଆମ ସଂସ୍କୃତିରେ ସୌନ୍ଦର୍ଯ୍ୟ, ତେଜ, ବୀର୍ଯ୍ୟ, ନିରୀହତା, ଏକାଗ୍ରତା ଏବଂ ବିଶ୍ୱାସର ପ୍ରତୀକ ହୋଇ ରହିଛନ୍ତି । ଆମ ରାଜ୍ୟରେ ଅସଂଖ୍ୟ ଦେବାଳୟ ଏବଂ ଗିରିଗହ୍ୱର ବକ୍ଷରେ ପଶୁପକ୍ଷୀମାନଙ୍କର ଯେଉଁସବୁ ଚିତ୍ର ଖୋଦିତ ହୋଇଛି, ସେସବୁକୁ ଦେଖିଲେ ଆମର ଅତୀତ ସଂସ୍କୃତି ଓ ସାମାଜିକ ଜୀବନ ବିଷୟରେ ସ୍ପଷ୍ଟ ଧାରଣା କରିହୁଏ ।

ଶିଳ୍ପୀର କଳ୍ପନାକୁ ରୂପାୟିତ କରି ପ୍ରସ୍ତର ଦେହରେ ଖୋଦିତ ହୋଇଛି ଅସଂଖ୍ୟ ପଶୁପକ୍ଷୀଙ୍କର ଚିତ୍ର । କେଉଁଠି ବନ୍ୟପଶୁ ଶିକାରୀର ଶରବ୍ୟ ଓ ଆଉ କେଉଁଠି ଖେଦା ପ୍ରଣାଳୀରେ ହାତୀ ଧରିବାର ଚିତ୍ର । କେଉଁଠି ପୁଚ୍ଛ ବିସ୍ତାର କରି ମୟୂର ନୃତ୍ୟରତ ଓ ଆଉ କେଉଁଠି ବିଦେଶୀ ପରିବ୍ରାଜକ ମହାରାଜାଙ୍କୁ ଜିରାଫ୍ ପ୍ରଦାନ କରୁଛନ୍ତି । କେବଳ ସେତିକି ନୁହେଁ ସୂକ୍ଷ୍ମ ଶୁଭ୍ରକଳା କାଠ ଖୋଦେଇ ଏବଂ ରଙ୍ଗୀନ ଚିତ୍ର ମାଧ୍ୟମରେ ବନ୍ୟଜନ୍ତୁମାନେ ଜୀବନ୍ତ ହୋଇ ଉଠିଛନ୍ତି । ଧୈର୍ଯ୍ୟ, ନିୟମାନୁବର୍ତ୍ତିତା ସମୟାନୁବର୍ତ୍ତିତା, ନ୍ୟାୟପରାୟଣତା, ବଳ, ବିକ୍ରମ ଓ ସତ୍‌ସାହସ ଭଳି ଅସଂଖ୍ୟ ସଦ୍‌ଗୁଣର ପ୍ରତୀକ ଏଇ ଜୀବଜନ୍ତୁ ଆମର ସାମାଜିକ ଜୀବନକୁ ବିଭିନ୍ନ ଭାବରେ ପ୍ରଭାବିତ କରି ଆସିଛନ୍ତି । ବଣଜଙ୍ଗଲ ଏବଂ ସେଥିରେ ବସବାସ କରୁଥିବା ପଶୁପକ୍ଷୀ ପରସ୍ପରର ପରିପୂରକ । ପ୍ରକୃତି କୋଳରେ ଜୀବଜନ୍ତୁ ଏବଂ ବୃକ୍ଷଲତାମାନଙ୍କ ମଧ୍ୟରେ ଏକ ଜୈବିକ ଭାରସାମ୍ୟ ନରହିଲେ ଭୟାବହ ପରିସ୍ଥିତିର ଉଦ୍‌ଭବ ହୁଏ । ସମଗ୍ର ମାନବ ସମାଜ ପ୍ରତି ତାହା ବିପଦ । ଏହି ଭାରସାମ୍ୟକୁ ରକ୍ଷା କରିବାକୁ ହେଲେ ଯଥେଷ୍ଟ ସଂଖ୍ୟକ ବନ୍ୟପ୍ରାଣୀ ରହିବାକୁ ହେବ । ବିଭିନ୍ନ ପ୍ରକାର ଜୀବଜନ୍ତୁଙ୍କ ଉପରେ ବୈଜ୍ଞାନିକ ଅନୁଧ୍ୟାନ ଏବଂ ଗବେଷଣା ଯେ କୌଣସି ଉନ୍ନତିକାମୀ ରାଷ୍ଟ୍ରର କାମ୍ୟ । ସେ ଦୃଷ୍ଟିରୁ ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣର ଆବଶ୍ୟକତା ରହିଛି ।

ମାତ୍ର ଅତି ପରିତାପର ବିଷୟ ଯେ ଆମ ରାଜ୍ୟର ଏକ ବଳିଷ୍ଠ ପରମ୍ପରା ସତ୍ତ୍ୱେ ଜୀବଜନ୍ତୁଙ୍କର ଗଣହତ୍ୟା ଏବେ ବି ଚାଲିଛି । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଏ ଜାତିର ଏକ ମହାନ୍ ପରମ୍ପରାକୁ ପରାହତ କରି ଆମେ ଏପୁଣ୍ୟ ଭୂମିରୁ ବହୁ ପଶୁପକ୍ଷୀଙ୍କୁ ନିଶ୍ଚିହ୍ନ କରି ଦେବାକୁ ବସିଛୁ । ବାଘ, ବନ୍ୟମହିଷ, କୃଷ୍ଣସାର, ଚୌଶିଙ୍ଗା ପ୍ରଭୃତି ପଶୁ, ବନ୍ଧ୍ରକାଛ, ଘଡ଼ିଆଳ, ମଗର କୁମ୍ଭୀର ଏବଂ ବଉଳା କୁମ୍ଭୀର ପ୍ରଭୃତି ସରୀସୃପ, ଭୃଙ୍ଗରାଜ ଓ କୋଚିଲାଖାଇ ପ୍ରଭୃତି ସୁନ୍ଦର ତଥା ମୂଲ୍ୟବାନ ପକ୍ଷୀ ଲୁପ୍ତପ୍ରାୟ । ଆଜହିଁ ସାବଧାନ ନହେଲେ ସେମାନେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବେ ।

ବଣଜଙ୍ଗଲ ଏବଂ ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ ଲାଗି କେବଳ କେତେକ ଆଇନ୍‌କାନୁନ ଯଥେଷ୍ଟ ନୁହେଁ । ଆମର ସୂକ୍ଷ୍ମ ଦୃଷ୍ଟିକୋଣ, ସଚେତନଶୀଳତା, ଦୂରଦର୍ଶିତା ଏବଂ ପାରସ୍ପରିକ ସହଯୋଗ ଏ ଦିଗରେ ଏକାନ୍ତ ଆବଶ୍ୟକ । ମନୁଷ୍ୟ ସମାଜର ପ୍ରତିଟି ବିକାଶ ଧାରା ପ୍ରାକୃତିକ ସଂପଦର ସୁରକ୍ଷା ତଥା ଉପଯୁକ୍ତ ବିନିଯୋଗ ଉପରେ ହିଁ ନିର୍ଭର କରେ । ମନୁଷ୍ୟ, ପ୍ରକୃତିର ଏକ ଅଙ୍ଗ । ତେଣୁ, ପ୍ରକୃତି ଏବଂ ତା'ର କୋଳରେ ବଢ଼ି ଉଠିଥିବା ସମସ୍ତ ପ୍ରକାର ଜୀବଜନ୍ତୁଙ୍କର ମଙ୍ଗଳ ଲାଗି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ । ଏହାହିଁ ହେଉଛି, ସାମାଜିକ ନିରାପତ୍ତାର ଏକ ଗୋପନ ନୀତି । ଆଜି ପ୍ରତ୍ୟେକ ବ୍ୟକ୍ତି ସମ୍ମୁଖରେ ଏହା ଏକ ସମସ୍ୟା । ଯେଉଁ ପରଂପରାକୁ ନେଇ ଆମେ ଗର୍ବକରୁଁ, ଯାହାଯୋଗୁଁ ଆମର ଜୀବନ ବିକଶିତ ଓ ପରିପୁଷ୍ଟ, ସେଇ ପରମ୍ପରା ପ୍ରତି ଅବହେଳା ପ୍ରଦର୍ଶନ କରିବା ବୁଦ୍ଧିମାନର ପରିଚୟ ନୁହେଁ ।

ବନ୍ୟପ୍ରାଣୀ ସଂରକ୍ଷଣର ଅର୍ଥନୁହେଁ ଯେ ଆମର କ୍ଷତି ସାଧନ କରୁଥିବା ଜୀବଜନ୍ତୁଙ୍କୁ ମଧ୍ୟ ଆମେ ସଂରକ୍ଷଣ କରିବୁ । କ୍ଷତିକାରକ ଏବଂ ହିଂସ୍ର ଜୀବଜନ୍ତୁଙ୍କୁ ନିୟନ୍ତ୍ରଣ କରାଯିବ । ଦରକାର ହେଲେ ସେମାନଙ୍କୁ ମାରି ଦିଆଯିବ । ବନ୍ୟପ୍ରାଣୀ ସଂରକ୍ଷଣର ଉଦ୍ଦେଶ୍ୟ ହେଉଛି, ସେମାନଙ୍କୁ ବ୍ୟାପକ ଧ୍ୱଂସ ମୁଖରୁ ରକ୍ଷା କରିବା ଏବଂ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଦୁଷ୍ପ୍ରାପ୍ୟ ଜୀବଜନ୍ତୁଙ୍କୁ ବଂଶ ବିସ୍ତାରରେ ସହାୟତା କରିବା ।

ସୁଖର କଥା, ଜାତିର ପିତା ମହାତ୍ମାଗାନ୍ଧୀଙ୍କର ପବିତ୍ର ଜନ୍ମ ମାସର ଚଳିତ ସପ୍ତାହରେ ସାରା ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି । ଗାନ୍ଧିଜୀଥିଲେ ସତ୍ୟ ଏବଂ ଅହିଂସାର ପ୍ରତୀକ । ଏଇ ଅବସରରେ ଓଡ଼ିଶାବାସୀ ଭାଇ ଭଉଣୀମାନଙ୍କୁ ମୋର ନିବେଦନ ସେମାନେ ଏ ସପ୍ତାହଟିର ଗୁରୁତ୍ୱ ଉପଲବ୍ଧି କରନ୍ତୁ । ବନ୍ୟପ୍ରାଣୀମାନଙ୍କ ପ୍ରତି ଏକ ସହାନୁଭୂତିଶୀଳ ମନୋଭାବ ପୋଷଣ କରି ଏଦିଗରେ ସରକାରଙ୍କର ସମସ୍ତ ଉଦ୍ୟମକୁ ସାଫଲ୍ୟମଣ୍ଡିତ କରିବାରେ ସହଯୋଗ କରନ୍ତୁ ।

—ଜୟହିନ୍ଦ.

( କଟକ ଆକାଶବାଣୀ ସୌଜନ୍ୟରୁ )



## ଓଡ଼ିଶାର ନୂତନ ରାଜ୍ୟପାଳ

ଜଣେ ଦକ୍ଷ ପ୍ରଶାସକ ଓ ପ୍ରବୀଣ ରାଜନୀତିଜ୍ଞ ଭାବରେ ସୁପରିଚିତ, ଶ୍ରୀ ଭଗବତ ଦୟାଲ ଶର୍ମା ୧୯୭୭ ସେପ୍ଟେମ୍ବର ୨୩ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ହରିୟାନା ରାଜ୍ୟର ରୋହତକ ଜିଲ୍ଲାର ବେରୀ ଗ୍ରାମରେ ୧୯୧୮ ମସିହା ଜାନୁଆରୀ ୨୨ ତାରିଖରେ ତାଙ୍କର ଜନ୍ମ । ତାଙ୍କ ତାଙ୍କ ପିନାମ ପଣ୍ଡିତ ମୁରଲୀ ଲାଲ୍ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ସେ ଏମ୍. ଏ. ପାଶ୍ କରିଥିଲେ । ତାଙ୍କର ପତ୍ନୀ ଶ୍ରୀମତୀ ସାବିତ୍ରୀ ଦେବୀ ଓ ସେ,ତିନୋଟି ପୁତ୍ର ଓ ତିନୋଟି କନ୍ୟାଙ୍କର ଜନକ ।

ଶ୍ରୀ ଶର୍ମା ଜଣେ ଟ୍ରେଡ୍-ୟୁନିଅନିଷ୍ଟ ଭାବେ ସୁପରିଚିତ । ସେ ପଞ୍ଜାବ, ହିମାଚଳ ପ୍ରଦେଶ ଏବଂ ଜାମ୍ମୁ ଓ କାଶ୍ମୀରକୁ ନେଇ ଗଠିତ ହୋଇଥିବା ଆଞ୍ଚଳିକ "ଭାରତୀୟ ଜାତୀୟ ଟ୍ରେଡ୍ ୟୁନିଅନ୍ କଂଗ୍ରେସ"ର (I. N. T. U. C.) ସାଧାରଣ ସମ୍ପାଦକ ଥିଲେ । ୧୯୫୯ ମସିହାରୁ ୧୯୬୨ ମସିହା ପର୍ଯ୍ୟନ୍ତ ସେ ମଧ୍ୟ ଏହାର ସଭାପତି ଥିଲେ । ୧୯୫୯ରେ ସେ ଭାରତୀୟ ଜାତୀୟ ଟ୍ରେଡ୍ ୟୁନିଅନ୍ କଂଗ୍ରେସର କାର୍ଯ୍ୟକାରୀ କମିଟି

(ୱାର୍କିଂ କମିଟି) ର ସଦସ୍ୟ ଏବଂ ୧୯୬୧ରେ ତାହାର ଅର୍ଗାନାଇଜିଂ ସେକ୍ରେଟେରୀ ହୋଇଥିଲେ । ସେ ସୁଇ-ଜରଲାଣ୍ଡସ୍ଥିତ ଜେନେଭାଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଶ୍ରମିକ ସଂଗଠନରେ ଭାରତୀୟ ଶ୍ରମିକମାନ-ଙ୍କର ପ୍ରତିନିଧିତ୍ୱ କରିଥିଲେ । ୧୯୬୩-୬୪ରେ ଇଂଲଣ୍ଡ ଯାଇଥିବା ଟ୍ରେଡ୍ ୟୁନିଅନ୍ ପ୍ରତିନିଧିମାନଙ୍କ ମଧ୍ୟରେ ସେ ଅନ୍ୟତମ । ୧୯୬୩ ମସିହାରୁ ୧୯୬୬ ମସିହା ପର୍ଯ୍ୟନ୍ତ ସେ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟିର ସଭା-ପତି ଥିଲେ । ହରିୟାନା ପ୍ରଦେଶ କଂଗ୍ରେସ କମିଟି ଗଠିତ ହେବାପରେ ୧୯୬୬ ମସିହାରେ ସେ ଏହାର ପ୍ରଥମ ସଭାପତି ଭାବରେ ଆସୀନ ହୋଇଥିଲେ । ଭାରତୀୟ ଜାତୀୟ କଂଗ୍ରେସ ଭାଗ ଭାଗ ହୋଇଯିବାରେ ସେ ସଂଗଠନ କଂଗ୍ରେସରେ ରହିବାକୁ ପସନ୍ଦ କରିଥିଲେ ଏବଂ ୧୯୭୦ ମସିହାରେ ସଂଗଠନ କଂଗ୍ରେସର କାର୍ଯ୍ୟକାରୀ କମିଟି (ୱାର୍କିଂ କମିଟି)ର ସଦସ୍ୟ ହୋଇଥିଲେ । ୧୯୬୨ରୁ ୧୯୬୬ ମଧ୍ୟରେ ସେ ପଞ୍ଜାବ ବିଧାନ ସଭାର ସଦସ୍ୟ ଥିଲେ ଏବଂ ଏହି ସମୟ ମଧ୍ୟରେ ପଞ୍ଜାବ ସରକାରରେ ଶ୍ରମ ଓ ସମବାୟ ରାଷ୍ଟ୍ରମନ୍ତ୍ରୀ ହୋଇ-ଥିଲେ । ୧୯୬୬-୬୭ରେ ସେ ହରିୟାନାର ପ୍ରଥମ ବିଧାନସଭାର ସଦସ୍ୟ ଥିଲେ । ଅଳ୍ପ ସମୟ ପାଇଁ ୧୯୬୬ରୁ ୧୯୬୭ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ସେ ହରିୟାନାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ଏହି ସମୟ ମଧ୍ୟରେ ରାଜ୍ୟର ସମୃଦ୍ଧି ଓ ଅଗ୍ରଗତିର ମୂଳଦୁଆ ପକାଇବାରେ ସହାୟକ ହୋଇଥିଲେ । କଂଗ୍ରେସ ମନ୍ତ୍ରୀମଣ୍ଡଳର ପତନ ପରେ ୧୯୬୮ରେ ସେ ସଂଯୁକ୍ତ ସାମ୍ମୁଖ୍ୟ (ୟୁନାଇଟେଡ୍ ଫ୍ରଣ୍ଟ)ର ନେତୃତ୍ୱ ନେଇଥିଲେ । ୧୯୬୮ରୁ ୧୯୭୪ ପର୍ଯ୍ୟନ୍ତ ସେ ରାଜ୍ୟସଭାର ସଦସ୍ୟ ଭାବରେ ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ ।

ହରିୟାନା ରାଜ୍ୟରେ ଶାସକ ଦଳର ଅତ୍ୟାଚାର ଓ ଏକଚ୍ଛତ୍ରବାଦ ମନୋଭାବ ବିରୁଦ୍ଧରେ ସେ ସଦାସର୍ବଦା ସ୍ୱର ଉତ୍ତୋଳନ କରିଥିଲେ ଏବଂ ଗଣତାନ୍ତ୍ରିକ ପରମ୍ପରା ପୁନଃପ୍ରତିଷ୍ଠା ଦିଗରେ ସଂଗ୍ରାମ କରି ଜରୁରୀ ପରିସ୍ଥିତି ସମୟରେ କାରାବରଣ କରିଥିଲେ । ୧୩-୭-୧୯୭୫ ରେ ଅନୁଷ୍ଠିତ ହେବାକୁ ଥିବା ତାଙ୍କ ବଡ଼ ଝିଅର ବିବାହ ନେଇ ସେ ବ୍ୟସ୍ତ ଥିବାବେଳେ, ୧୧-୭-୧୯୭୫ରେ ତାଙ୍କୁ ଗିରଫ କରାଗଲା । ଏଭଳି ଅମାନୁଷିକ ବ୍ୟବହାର ଫଳରେ ନିଜ ଝିଅର ବିବାହରେ ପିତା ଭାବରେ ତାଙ୍କର ଯେଉଁ କର୍ତ୍ତବ୍ୟ ସଂପାଦନ କରିବାର କଥା, ସେଥିରୁ ତାଙ୍କୁ ବଞ୍ଚିତ କରାଯାଇଥିଲା । ସବୁଠାରୁ ବେଶୀ ନିଷ୍ଠୁର କଥା ହେଲା ଯେ ଉକ୍ତ ବିବାହ ଉତ୍ସବ ଦେଖିବା ନିମନ୍ତେ ମଧ୍ୟ ତାଙ୍କୁ ସୁଯୋଗ ଦିଆଯାଇ ନ ଥିଲା । ଚଳିତ ବର୍ଷର ବିଗତ ଲୋକସଭା ନିର୍ବାଚନରେ ସେ କର୍ଣ୍ଣାଲ୍ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଜନତା ଦଳର ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ରାଜ୍ୟରେ ସବୁଠାରୁ ଅଧିକ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ । ତାଙ୍କର ସରଳ ଓ ସଚ୍ଚୋଟ ବ୍ୟବହାର ହେତୁ ସେ ତାଙ୍କର ନିର୍ବାଚନମଣ୍ଡଳୀରେ କିପରି ଆଦୃତ ତାହା ଜଣାପଡ଼େ ଏହି କଥାରୁ ଯେ ତାଙ୍କ ବିପକ୍ଷରେ ନିର୍ବାଚନ ଲଢ଼ୁ-ଥିବା ଅନ୍ୟ ସବୁ ପ୍ରାର୍ଥୀ ସେମାନଙ୍କର ଅମାନତ ହରାଇଥିଲେ । ଲୋକମାନଙ୍କର ନେତୃତ୍ୱ ନେଇଥିବା ଲୋକ-ସଭା ସଦସ୍ୟ, ବିଧାନସଭା ସଦସ୍ୟ ଏବଂ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ବିଚାର ନିମନ୍ତେ ହାଇକୋର୍ଟ ତଥା ସୁପ୍ରିମକୋର୍ଟଙ୍କ ପରିସର ବାହାରେ ଲୋକ-ଅଦାଲତ କରିବା ସପକ୍ଷରେ ସେ ସର୍ବଦା ଯୁକ୍ତି ବାଢ଼ି ଆସିଛନ୍ତି । ସେ ଇଂଲଣ୍ଡ, ସୁଇଜରଲାଣ୍ଡ, ଫ୍ରାନ୍ସ ଓ ରୁଷିଆ ପ୍ରଭୃତି ଦେଶ ପରିଭ୍ରମଣ କରିଛନ୍ତି । ତାଙ୍କର କର୍ମବ୍ୟସ୍ତତା ମଧ୍ୟରେ ମଧ୍ୟ ସେ ବହିପତ୍ର ପଢ଼ିବାରେ ଅଥବା ଚେସ୍ ଖେଳିବାରେ ସମୟ କଟାଇଥାନ୍ତି ।



OGP MP-VI [Home (P.R.) 47—15,000—14-10-1977



ଥିଥିବା ରାଜ୍ୟପାଳ ତଥା ବନ୍ୟା କମିଶନ ଅଧ୍ୟକ୍ଷ ଶ୍ରୀ ଜୟସୁଖଲାଲ ହାତୀ (ବାମରୁ
ତୀୟ) ଏବଂ କେନ୍ଦ୍ର ଜାହାଜ ଚଳାଚଳ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂଦସମଙ୍କୁ ୧୯୭୭
ସେପ୍ଟେମ୍ବର ୨ ତାରିଖ ଦିନ ଭୁବନେଶ୍ୱର ବିମାନଘାଟିଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ
ଶ୍ରୀ ନୀଳମଣି ରାଉତରାୟ ଓ ଅନ୍ୟାନ୍ୟ ସଦସ୍ୟମାନେ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି ।



ର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୭ ଅଗଷ୍ଟ
ତାରିଖ ଦିନ ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ
ଶ୍ୱର ଏନ୍. ଏ. ସି. ହସ୍ପିଟାଲର ରୋଗୀମାନଙ୍କୁ ଫଳ
ବିତରଣ କରୁଛନ୍ତି ।

Vol. XXXIV No. 3 UTKAL PRASANGA Regd. No. O-247
Licence No. C. R. N. P. 5—Licensed to post without Pre-Payment

ସତେ! ଏକ ଇସ୍ପାତ କାରଖାନାରୁ! ସୋନା ସାର

ଦେଶର ସର୍ବାଧିକ ଲୋକପ୍ରିୟ ସାର



ଅତ୍ୟାଧୁନିକ ବେଢ଼ବା ଓ ଗୋଲକାର ଇସ୍ପାତଜାତ ସାମଗ୍ରୀ ପ୍ରସ୍ତୁତ କରିବାରେ ଅଗ୍ରଗଣ୍ୟ ରାଉରକେଲା ଇସ୍ପାତ କାରଖାନା ଏହାର ସଂଲଗ୍ନ ସାର କାରଖାନାରୁ ଉତ୍ପାଦନ କରିଥାଏ ସୋନା କାଲସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (୨୫% ନାଇଟ୍ରୋଜେନ୍) ସାର ।

ଦାନା ଆକାରରେ ମିଳୁଥିବା ଏହି, ସୋନା ସାର ପ୍ରୟୋଗ ନିମନ୍ତେ ସୁବିଧାଜନକ ଓ ଅଧିକ ଉତ୍ପାଦନ ତଥା ଉତ୍ତମ ଫସଲ ନିମନ୍ତେ ଏକାନ୍ତ ଆବଶ୍ୟକ ହୋଇଥିବା ଉର୍ବର ମାଟି ପାଇଁ ପ୍ରଚୁର କାଲସିୟମ୍ ଓ ନାଇଟ୍ରୋଜେନ୍ ଯୋଗାଇ ଦିଏ ।

ଯେଉଁ ସବୁ ଫସଲ ନିମନ୍ତେ ସୋନା ସାର ବିଶେଷ ଉପଯୋଗୀ ସେଗୁଡ଼ିକ ହେଲ ।

ଆଳୁ • ଧାନ • ଜଡ଼ା • ଗହମ • ଯୋଗାଁ• ମକା • ଚଣା • ଲଙ୍କାମରିଚ • ଘ • ଚୂନଗଛ ।

ଏଥି ବ୍ୟତୀତ, ରାଉରକେଲା ଆମୋନିୟମ୍ ସଲଫେଟ୍ ସ୍ୱଳ୍ପ ସାର (୨୦.୬% ନାଇଟ୍ରୋଜେନ୍) ଉତ୍ପାଦନ କରିଥାଏ । ଏହାର କାର୍ବୋନାଇଜେସନ କାରଖାନାରେ ଆଲକାତରା ଏବଂ ବେଞ୍ଜୋଲ ଜାତୀୟ ରାସାୟନିକ ପଦାର୍ଥ ପ୍ରସ୍ତୁତ କରାଯାଏ ।

ଦେଶ ଅଧିକ ଶିଳ୍ପରେ ସ୍ୱାବଲମ୍ବୀ ହେବା ଦିଗରେ ରାଉରକେଲାର ଖାଦ୍ୟ ଉତ୍ପାଦନ ନିମନ୍ତେ ଉଦ୍ୟମ ।

SONA
ସୋନା
ଆଦର୍ଶ କୃଷକର ସାଥୀ

ରାଉରକେଲା ଇସ୍ପାତ କାରଖାନା
ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବା ନିମନ୍ତେ ଉତ୍ସର୍ଗୀକୃତ

Printed at Orissa Govt. Press, Cuttack-10

